# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଫେବୃୟାରୀ ୯/୨୦୨୦ (୨୦ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, February 9/2020 | ★★★★★★

୪୬ଶ ଭାଗ ୭୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




### ‘ଶିକାରା’ ଦେଖି କାନ୍ଦି ପକାଇଲେ ଆଡ଼ଭାନୀ

କଶ୍ମୀର ପଣ୍ଡିତଙ୍କ କାହାଣୀକୁ ନେଇ ତିଆରି ହୋଇଥିବା ବଲିଉଡ୍ ଫିଲ୍ମ ‘ଶିକାରା’ ଦେଖି ବରିଷ୍ଠ ଭାଜପା ନେତା ଲାଲ୍ କୃଷ୍ଣ ଆଡ଼ଭାନୀ ସିନେମା ହଲ୍‌ରେ କାନ୍ଦି ପକାଇଥିଲେ।

୧୪

୧୮

### ଭାରତକୁ ଜିତାଇଲେ ମନ୍ଧାନା

ସ୍ମୃତି ମନ୍ଧାନାଙ୍କ ଅର୍ଦ୍ଧଶତକ ସହାୟତାରେ ଭାରତ ମହିଳା ଟି୨୦ ତ୍ରିରାଷ୍ଟ୍ରୀୟ ସିରିଜରେ ଶନିବାର ଅଷ୍ଟ୍ରେଲିଆକୁ ପରାସ୍ତ କରିଛି।



# ପୁଣି କେଜ୍‌ରିୱାଲ ସରକାର

ନୂଆଦିଲ୍ଲୀ,୮।୨

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ପୁଣିଥରେ କ୍ଷମତାସୀନ ହେବେ। ତାଙ୍କ ନେତୃତ୍ୱାଧୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ୫୬ ଆସନ ଦଖଲ କରି ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ସହ ଦିଲ୍ଲୀ ଦରବାରକୁ ପୁଣି ଅକ୍ତିଆର କରିବ। ଭାଜପାକୁ ୧୪ ଆସନରେ ସଫଳତା ମିଳିବାକୁ ଥିବାବେଳେ କଂଗ୍ରେସ ଏଥର ବି ଖାତା ଖୋଲିବାରେ ସକ୍ଷମ ହୋଇ ନ ପାରେ ବୋଲି ଅଧିକାଂଶ ଜନମତ ସଂଗ୍ରହକାରୀ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ଶନିବାର ସନ୍ଧ୍ୟାରେ ଭବିଷ୍ୟବାଣୀ କରାଯାଇଛି।

ଦିଲ୍ଲୀ ବିଧାନସଭାର ୭୦ ଆସନରେ ଶାନ୍ତିପୂର୍ଣ୍ଣ ଭାବେ ମତଦାନ ଶେଷ ହୋଇଛି। ଭୋଟ ସରିବା ଯାଏ ଏକ୍‌ଜିଟ୍ ପୋଲ୍ (ବୁଥ୍ ଫେରନ୍ତା ମତ) ଆକଳନ ପ୍ରକାଶ ନ କରିବା ପାଇଁ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଉପରେ ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ କଟକଣା ଜାରି କରାଯାଇଥିଲା। ଭୋଟଗ୍ରହଣ ଶେଷ ହେବା ପରେ ବିଭିନ୍ନ ଜନମତ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ସମ୍ଭାବ୍ୟ ଆସନ ସଂଖ୍ୟା ଆକଳନ କରାଯାଇଛି । ସନ୍ଧ୍ୟା ୬ଟା ୩୦ରେ ପ୍ରକାଶିତ ଆକଳନ ଅନୁସାରେ ଶାସକ ଏଏପି ଏଥର ମଧ୍ୟ କ୍ଷମତା ଦଖଲ କରିବ। କିନ୍ତୁ ପୂର୍ବାପେକ୍ଷା ୨୦୨୦ ବିଧାନସଭା ନିର୍ବାଚନରେ କେଜ୍‌ରିୱାଲଙ୍କ ଦଳ ଦୁର୍ବଳ ହେବ ବୋଲି ଅଧିକାଂଶ ଏକ୍‌ଜିଟ୍ ପୋଲ୍ ସଂସ୍ଥା ଅନୁମାନ କରିଛନ୍ତି। ସଂଖ୍ୟାଗରିଷ୍ଠତା ପାଇଁ ୩୬ ଆସନ ଆବଶ୍ୟକ ଥିବାବେଳେ ଏଏପି ୪୮ରୁ ୬୧ ନିର୍ବାଚନମଣ୍ଡଳୀରେ ସଫଳତା ପାଇବ ବୋଲି ରିପବ୍ଲିକ୍-ଜନ୍ କୀ ବାତ୍ ପକ୍ଷରୁ ଆକଳନ କରାଯାଇଛି। ଏହି ସଂସ୍ଥା ଅନୁସାରେ ଭାଜପା ୯-୨୧ ଏବଂ କଂଗ୍ରେସ ୦-୧ ପାଇବେ। ନ୍ୟୁଜ୍ ଏକ୍ସ-ପୋଲ୍‌ଷ୍ଟାର୍ଟରେ ଆକଳନ ହେଉଛି ଏଏପି ହାତରେ ୫୦-୫୬ ଓ ଭାଜପାକୁ ୧୦-୧୪ ଆସନ ମିଳିବ। ସୁଦର୍ଶନ ନ୍ୟୁଜ୍‌ର ରିପୋର୍ଟ ଅନୁସାରେ ଏଏପି ୪୦ରୁ ୪୫ ଆସନ ଦଖଲ କରିବ। ଭାଜପା ୨୪-୨୮ ଏବଂ କଂଗ୍ରେସ ୨-୩ ଆସନରେ ସଫଳତା ପାଇବେ। ଟାଇମ୍ସ ନାଓ-ଆଇପିଏସ୍‌ଓଏସ୍ ଭବିଷ୍ୟବାଣୀ କରିଛନ୍ତି ଯେ, ଏଏପିକୁ ୪୭ ଓ ଭାଜପାକୁ ୨୩ ଆସନ ମିଳିବ। ଟିଭି ୯ ଭାରତବର୍ଷ-ସିସେରୋ ପକ୍ଷରୁ କରାଯାଇଥିବା ସର୍ଭେରେ ଏଏପିକୁ ସର୍ବାଧିକ ୫୨ରୁ ୬୪ ଆସନ ମିଳିବା ନେଇ ଅନୁମାନ କରାଯାଇଛି। ଭାଜପା ୬-୧୬ ଆସନରେ ସନ୍ତୁଷ୍ଟ ହେବ ଓ କଂଗ୍ରେସ ୦-୨ ସିଟ୍ ଦଖଲ କରି ସମ୍ମାନ ବଞ୍ଚାଇବ ବୋଲି ଏହାର ରିପୋର୍ଟରେ ଦର୍ଶାଯାଇଛି। ଇଣ୍ଡିଆ ନ୍ୟୁଜ୍-

☞ପୃଷ୍ଠା-୪





### ଦିଲ୍ଲୀ ବିଧାନସଭା

ଆସନ ସଂଖ୍ୟା: ୭୦

କୁହୁକ ସଂଖ୍ୟା: ୩୬

| ସର୍ବେକ୍ଷଣ ସଂସ୍ଥା | AAP | ଭାଜପା | କଂଗ୍ରେସ |
|---|---|---|---|
| ରିପବ୍ଲିକ୍-ଜନ୍ କୀ ବାତ୍ | ୪୮-୬୧ | ୯-୨୧ | ୦-୧ |
| ନ୍ୟୁଜ୍ ଏକ୍ସ-ପୋଲ୍‌ଷ୍ଟାର୍ଟ | ୫୦-୫୬ | ୧୦-୧୪ | ୦ |
| ଇଣ୍ଡିଆ ଟୁଡେ-ଆକ୍ସିସ୍ ମାଇଁ ଇଣ୍ଡିଆ | ୫୯-୬୮ | ୨-୧୧ | ୦ |
| ଟାଇମ୍ସ ନାଓ-ଆଇପିଏସ୍‌ଓଏସ୍ | ୪୭ | ୨୩ | ୦ |
| ଏବିପି ନ୍ୟୁଜ୍-ସି ଭୋଟର | ୪୯-୬୩ | ୫-୯ | ୦-୪ |
| ଟିଭି ୯ ଭାରତବର୍ଷ-ସିସେରୋ | ୫୨-୬୪ | ୬-୧୬ | ୦-୨ |
| ଇଣ୍ଡିଆ ନ୍ୟୁଜ୍-ନେତା | ୫୩-୫୭ | ୧୧-୧୭ | ୦-୨ |
| ପୋଲ୍ ଅଫ୍ ଦି ଏକ୍‌ଜିଟ୍ ପୋଲ୍ସ | ୫୬(-୧୧) | ୧୪(+୧୧) | ୦ |

### ଏକ୍‌ଜିଟ୍ ପୋଲ୍ ଭବିଷ୍ୟବାଣୀ

- ଏଏପି ୫୬ ଆସନ ଦଖଲ କରି ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିବ, କିନ୍ତୁ ପୂର୍ବାପେକ୍ଷା ସ୍ଥିତି ଦୁର୍ବଳ ହେବ
- ଭାଜପା ୧୪ ଆସନରେ ସଫଳତା ସହ ୧୧ ସିଟ୍ ଲାଭବାନ ହେବ
- କଂଗ୍ରେସ ଏଥର ବି ଖୋଲି ନ ପାରେ ଖାତା
- ଭାଜପାର ଜାତୀୟତାବାଦୀ କାର୍ଯ୍ୟସୂଚୀ ଅପେକ୍ଷା ଏଏପିର ବିକାଶମୂଳକ କାର୍ଯ୍ୟକୁ ଭୋଟରଙ୍କ ପସନ୍ଦ

# ବିଶ୍ୱ ଚାମ୍ପିୟନକୁ ହରାଇଲା ଭାରତ

ଭୁବନେଶ୍ୱର, ୮।୨ (କ୍ରୀଡ଼ା ପ୍ରତିନିଧି)





ବର୍ଷା, ପ୍ରତିକୂଳ ପାଗ, ପ୍ରତିଦ୍ୱନ୍ଦ୍ୱୀ ବିଶ୍ୱର ନମ୍ବର ୱାନ ତଥା ବିଶ୍ୱ ଚାମ୍ପିୟନ ବେଲଜିୟମ ଥିଲେ ହେଁ ଚଳିତ ଏଫଆଇଏଚ୍ ହକି ପ୍ରୋ ଲିଗ୍‌ରେ ଭାରତୀୟ ହକି ଦଳର ଜୟ ଯାତ୍ରା ଅବ୍ୟାହତ ରହିଛି। ଶନିବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ବର୍ଷାଭିଜା ମ୍ୟାଚରେ ଭାରତ ରେଡ୍ ଲାୟନ୍ସ ବେଲଜିୟମକୁ ୨-୧ ଗୋଲରେ ପରାସ୍ତ କରିଛି। ଚମତ୍କାର ପ୍ରଦର୍ଶନ ପାଇଁ ଭାରତ ଗୋଲକିପର କ୍ରିଷ୍ଣନ ବାହାଦୁର ପାଠକ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫଆଇଏଚ୍) ସଭାପତି ନରିନ୍ଦର ବାତ୍ରା ଅତିଥିଭାବେ ଯୋଗଦେଇ ମ୍ୟାଚର ଶୁଭାରମ୍ଭ କରିଥିଲେ ଏବଂ ଶେଷରେ ପୁରସ୍କାର ପ୍ରଦାନ କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ଗତ ଜାନୁୟାରୀରେ ନେଦରଲାଣ୍ଡ୍ସକୁ ହରାଇ ଅଭିଯାନ ଆରମ୍ଭ କରିଥିଲା ଭାରତ। ଅନ୍ୟ ପକ୍ଷରେ ଗତ ୨ ମୁକାବିଲାରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡକୁ ହରାଇଥିବା ବେଲଜିୟମର ବିଜୟରେ ପ୍ରଥମଥର ପାଇଁ ବ୍ରେକ୍ ଲଗାଇଛି ମନପ୍ରୀତ ସିଂ ବାହିନୀ। ଦୁଇ ଦଳ ମଧ୍ୟରେ ଦ୍ୱିତୀୟ ମ୍ୟାଚ ରବିବାର କଳିଙ୍ଗରେ ଅନୁଷ୍ଠିତ ହେବ।

ଝିପିଝିପି ବର୍ଷା ସତ୍ତ୍ୱେ ଘରୋଇ ପରିବେଶ ଏବଂ ଦର୍ଶକ ସମର୍ଥନରେ ଉତ୍ସାହୀ ପ୍ରଦର୍ଶନ କରିଥିଲା ଭାରତ। ଦ୍ୱିତୀୟ ମିନିଟରେ ମନଦୀପ ସିଂ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚରେ ଉଷ୍ମତା ଭରିଥିଲେ। ଏହାପରେ ପ୍ରତ୍ୟାବର୍ତ୍ତନ କରିବାକୁ ଆକ୍ରମଣକୁ ଜୋରଦାର କରିଥିଲା ବେଲଜିୟମ। ପ୍ରଥମାର୍ଦ୍ଧର ଅଧିକାଂଶ ସମୟ ବଲ୍ ଭାରତ ହାଫ୍‌ରେ ରଖି ସୁଯୋଗ ସୃଷ୍ଟି ପାଇଁ ଉଦ୍ୟମ କରିଥିଲା ଏହି ଦଳ। ମାତ୍ର ଭାରତର ଦୁଇ ଗୋଲକିପର ପି.ଆର. ଶ୍ରୀଜେଶ ଓ ପାଠକ ଚମତ୍କାର ସେଭ୍ କରି ପ୍ରତିପକ୍ଷ ଦଳକୁ ଲକ୍ଷ୍ୟ ପଥରେ ଆଗେଇବାରେ ପ୍ରତିବନ୍ଧକ ସାଜିଥିଲେ। ୪ର୍ଥ ମିନିଟରେ କ୍ରମାଗତ ୪ଟି

☞ପୃଷ୍ଠା-୪

**ଗୋଲ ସ୍କୋରର**

ମନଦୀପ ସିଂ (ଭାରତ): ୨ୟ ମିନିଟ

ଗାଥିର ବୋକାର୍ଡ (ବେଲଜିୟମ): ୩୩ତମ ମିନିଟ

ରମଣଦୀପ ସିଂ (ଭାରତ): ୪୭ତମ ମିନିଟ

### ଆଜିର ସମ୍ପାଦକୀୟ

**ନ୍ୟାୟ ମିଳୁଛି କି**

### ଆଜିର ମନ୍ତବ୍ୟ

“ଶ୍ରୀଲଙ୍କା ତାମିଲମାନଙ୍କ ଆକାଂକ୍ଷା ପୂରଣ କରିବ ବୋଲି ଭାରତ ଆଶାବାଦୀ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**ଯୁକ୍ତ୨ ପରୀକ୍ଷା କେନ୍ଦ୍ର ବିଭ୍ରାଟରେ ଭିଜିଲାନ୍ସ ତଦନ୍ତ ଦାବି**

୪

# ଚିଲିକା ମଝିରେ ଅଟକିଲା ଭସାପୋଲ

କୃଷ୍ଣପ୍ରସାଦ/ ବ୍ରହ୍ମଗିରି,୮।୨ (ଡି.ଏନ.ଏ.)



### ୨ଘଣ୍ଟା ଧରି ୧୦୦ ଯାତ୍ରୀ ଜଳବନ୍ଦୀ

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଜହ୍ନିକୁଦା-ସାତପଡା ଚିଲିକା ମଝିରେ ଶନିବାର ଏକ ଯାତ୍ରୀବାହୀ ଭେସେଲ (ଭସାପୋଲ) ୨ ଘଣ୍ଟା ଧରି ଅଟକି ରହିଥିଲା। ଫଳରେ ଭେସେଲରେ ଥିବା ୧୦୦ ଯାତ୍ରୀ ଜଳବନ୍ଦୀ ହୋଇ ଆତଙ୍କିତ ଅବସ୍ଥାରେ ସମୟ କଟାଇଥିଲେ।

କୃଷ୍ଣପ୍ରସାଦ ବ୍ଲକ ଜହ୍ନିକୁଦାଠାରୁ ସାତପଡା ପର୍ଯ୍ୟନ୍ତ ଚିଲିକାରେ ଯାତାୟାତ କରୁଛି ଯାତ୍ରୀବାହୀ ଭେସେଲ। ତୀର୍ଥକ୍ଷେତ୍ର ପୁରୀକୁ ଏହା ହେଉଛି ଏକ ପ୍ରମୁଖ ପଥ। ଏହି ପଥଦେଇ ପ୍ରତିଦିନ କୃଷ୍ଣପ୍ରସାଦ ବ୍ଲକ ସମେତ ଗଞ୍ଜାମ ଜିଲା ତଥା ଦକ୍ଷିଣ ଓଡିଶାର ପର୍ଯ୍ୟଟକ ଯାତାୟାତ କରିଥାନ୍ତି। ଭେସେଲରେ ଯାତ୍ରୀଙ୍କ ସହ ବଡ ବଡ ଯାନବାହନକୁ ମଧ୍ୟ ଲୋକେ ନେବାଆଣିବା କରନ୍ତି। ଏହାବ୍ୟତୀତ ଶହ ଶହ ଯାତ୍ରୀ ଡଙ୍ଗାରେ ଯାତାୟାତ କରିଥାନ୍ତି। ଶନିବାର ଅପରାହ୍ନ ୨ଟା ୩୦ମିନିଟ ସମୟରେ ଭେସେଲଟି ଏକ ଯାତ୍ରୀବାହୀ ବସ୍, ୨ କାର୍, ୨ ଅଟୋ, ୨୦ ମୋଟରସାଇକେଲ ସହ ୧୦୦ ଜଣ ଯାତ୍ରୀଙ୍କୁ ନେଇ ଜହ୍ନିକୁଦାରୁ ସାତପଡା ଅଭିମୁଖେ ବାହାରିଥିଲା । ଯାତ୍ରା ଆରମ୍ଭ କରିବାର ୨୦ ମିନିଟ ପରେ ହଠାତ୍ ଚିଲିକାର ଏକ ଢିପରେ ତାହା ଅଟକି ରହିଥିଲା। ଯାତ୍ରୀମାନେ ଝିପିଝିପି ବର୍ଷା, କୋହଲା ପବନରେ ଥରି ଥରି ଆତଙ୍କିତ ଅବସ୍ଥାରେ ସମୟ କାଟିଥିଲେ। ଏହିଭଳି ୨ ଘଣ୍ଟା ବିତିବା ପରେ ସାତପଡାଠାରୁ ଅନ୍ୟ ଏକ ଭସାପୋଲରେ ଡ୍ରୋଜର ଆସି ଅଟକିଥିବା ଭେସେଲକୁ ଟାଣି ବାହାର କରିଥିଲା। ପରେ ଭେସେଲଟି ଯାତ୍ରୀଙ୍କୁ ନେଇ ଅପରାହ୍ନ ୩ଟା ପରିବର୍ତ୍ତେ ୫ଟାରେ ସାତପଡାଠାରେ ପହଞ୍ଚିଥିଲା। ଭସାପୋଲ ଯାତାୟାତ କରୁଥିବା ଚିଲିକାର ଚ୍ୟାନେଲକୁ ୧୦ବର୍ଷ ଧରି ଖୋଳାଯାଇ ନାହିଁ। ଏହି କାରଣରୁ ବିଭିନ୍ନ ସମୟରେ ଯାତ୍ରୀମାନେ ଏଭଳି ଅସୁବିଧାର ସମ୍ମୁଖୀନ ହେଉଥିବା କୁହାଯାଉଛି। ଏ ନେଇ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ ନନ୍ଦଙ୍କୁ ପଚାରିବାରୁ ସେ କହିଥିଲେ, ଚିଲିକାର ଚ୍ୟାନେଲ ପୋତିହେବାରେ ଲାଗିଛି। ଏହାକୁ ଖୋଳିବା ପାଇଁ ଇନ୍‌ଲାଣ୍ଡ ୱାଟର ବିଭାଗକୁ ଜଣାଇଛୁ। ସେମାନେ କେନ୍ଦ୍ର ସରକାରଙ୍କ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ସେଠାରୁ ଅନୁମତି ମିଳିଲେ ଖୋଳାଯିବ।






Vencobb Fresh Chicken — Taste the difference!

08.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 59 | 105 | 115 |
| DKL | 62 | 109 | 119 |
| BDK | 62 | 109 | 119 |
| BLS | 63 | 110 | 120 |
| ANG | 64 | 111 | 121 |
| BHM | 58 | 103 | 113 |

*Conditions Apply

Issued in the Interest of Consumers


# ଆଉ ୨୪ ଘଣ୍ଟା ବର୍ଷା

ଭୁବନେଶ୍ୱର, ୮।୨ (ବ୍ୟୁରୋ)

- ବର୍ଷା, କୋହଲା ପବନ ଥରାଇଲା
- ପଶ୍ଚିମ, ଆଭ୍ୟନ୍ତରୀଣ ଓଡ଼ିଶାରେ କୁହୁଡ଼ି, ଶୀତଲହରି
- ୧୦ରୁ ବଢ଼ିବ ଶୀତ

କୋହଲା ପାଗ ସାଙ୍ଗକୁ ଝିପିଝିପି ବର୍ଷା ଦେହ ମୁଣ୍ଡ ଥରେଇ ଦେଉଛି। ଦିନରେ ମଧ୍ୟ ଶୀତରୁ ତ୍ରାହି ମିଳୁ ନାହିଁ। ବର୍ଷା ସହିତ ଥଣ୍ଡା ପବନ ବାଜିବା ମାତ୍ରେ ଦେହ ମୁଣ୍ଡ କାଲୁଆ ହୋଇଯାଉଛି। ଉପକୂଳ ଠାରୁ ଆରମ୍ଭ କରି ଆଭ୍ୟନ୍ତରୀଣ ସବୁଠି ବର୍ଷା ସାଙ୍ଗକୁ ଦେହଥରା ଶୀତ ଜାରି ରହିଛି। ଗତ ଦୁଇ ତିନିଦିନ ହେବ ରାଜ୍ୟରେ କୋହଲା ପାଗ ସାଙ୍ଗକୁ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଛି।

ଦକ୍ଷିଣ ତାମିଲନାଡୁରୁ ଛତିଶଗଡ଼ ଓ ବିଦର୍ଭ ମଧ୍ୟରେ ଏକ ଟ୍ରଫ୍ ଲାଇନ ସୃଷ୍ଟି ହୋଇଛି। ଏଥିସହିତ ବିହାର ଏବଂ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ରହିଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ଯାଏ ରାଜ୍ୟରେ ବର୍ଷା ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୧୦ ତାରିଖ ଯାଏ ରାଜ୍ୟରେ ବିଭିନ୍ନ ଭାଗରେ ବର୍ଷା ସାଙ୍ଗକୁ ଥଣ୍ଡା ବାୟୁ ପ୍ରବାହ ହେବ ବୋଲି ସତର୍କ କରାଯାଇଛି । ନୟାଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା, ଗଞ୍ଜାମ, ପୁରୀ ଏବଂ କନ୍ଧମାଳ ଜିଲାରେ ବର୍ଷା ହେବା ସହ ୩୦ରୁ ୪୦ କି.ମି ବେଗରେ ପବନ ବହିବା ସମ୍ଭାବନା ରହିଛି।

☞ପୃଷ୍ଠା-୪






ପିଡିପିର ବରିଷ୍ଠ ନେତା ନଇମ୍ ଅଖତରଙ୍କ ବିରୋଧରେ ଜମ୍ମୁ-କଶ୍ମୀର ପ୍ରଶାସନ ସାଧାରଣ ନିରାପତ୍ତା ଆଇନ (ପିଏସ୍ଏ)ରେ ମାମଲା ରୁଜୁ କରିଛି। ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ପିଏସ୍ଏରେ ମାମଲା ରୁଜୁ ହେବାରେ ଅଖତର ହେଉଛନ୍ତି କଶ୍ମୀରର ଷଷ୍ଠ ନେତା। ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍ଦୁଲ୍ଲା, ଓମାର ଅବ୍ଦୁଲ୍ଲା, ମେହବୁବା ମୁଫ୍ତି, ଏନ୍‌ସି ନେତା ଅଲି ମହମ୍ମଦ ସାଗର ଏବଂ ପିଡିପି ନେତା ସାରା ମଦାନିଙ୍କ ବିରୋଧରେ ପିଏସ୍ଏରେ ମାମଲା ରୁଜୁ ହୋଇଥିଲା।

## ଭୋଟ ଦେଲେ



ଦିଲ୍ଲୀରେ ମତଦାନ ପରେ ଅଙ୍ଗୁଳିର କାଳି ଚିହ୍ନ ଦେଖାଉଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ।



ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସହ ଧର୍ମପତ୍ନୀ ସବିତା କୋବିନ୍ଦ।



ବରିଷ୍ଠ ଭାଜପା ନେତା ଲାଲକୃଷ୍ଣ ଆଡଭାନୀଙ୍କ ସହ ଝିଅ ପ୍ରତିଭା।



କଂଗ୍ରେସ ନେତା ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ପୁଅ ରେହାନ (ନୂଆ ଭୋଟର) ଓ ସ୍ୱାମୀ ରବର୍ଟ ଭଦ୍ରା।



ଭୋଟ ଦେବାପରେ ବିଜୟ ସଂକେତ ଦେଖାଉଛନ୍ତି ଉପମୁଖ୍ୟମନ୍ତ୍ରୀ ମନିଷ୍ଠ ସିସୋଡିଆ। ସାଙ୍ଗରେ ସ୍ତ୍ରୀ ସୀମା ।

# ଇଭିଏମ୍‌ରେ ଭାଗ୍ୟ, ୧୧କୁ ଅପେକ୍ଷା

## ଦିଲ୍ଲୀରେ ୬୧.୪୬% ମତଦାନ

ନୂଆଦିଲ୍ଲୀ,୮।୨

କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଦିଲ୍ଲୀ ବିଧାନସଭାର ୭୦ ଆସନରେ ନିର୍ବାଚନ ଶେଷ ହୋଇଛି। ଶନିବାର ସକାଳ ୮ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟଗ୍ରହଣ କରାଯାଇଥିବାବେଳେ ୧.୪୭ କୋଟି ଭୋଟରଙ୍କ ମଧ୍ୟରୁ ୬୧.୪୬% ସେମାନଙ୍କ ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିଛନ୍ତି। ଏଥିସହ ସହ ୬୭୨ ପ୍ରାର୍ଥୀଙ୍କ ଭାଗ୍ୟ ଇଲେକ୍ଟ୍ରୋନିକ୍ସ ଭୋଟିଂ ମେଶିନ (ଇଭିଏମ୍)ରେ ସିଲ୍ ହୋଇଯାଇଛି, ଯାହାକି ୧୧ ତାରିଖରେ ଫିଟିବ। ୨୦୧୫ରେ ଅନୁଷ୍ଠିତ ଦିଲ୍ଲୀ ବିଧାନସଭା ନିର୍ବାଚନରେ ୬୭.୫% ମତଦାନ ହୋଇଥିଲା। ଆମ୍ ଆଦ୍‌ମୀ ପାର୍ଟି (ଏଏପି)କୁ ୫୪.୩% ଭୋଟ ମିଳିଥିବାବେଳେ ଭାଜପା ୩୨% ଓ କଂଗ୍ରେସ ମାତ୍ର ୯.୭% ଭୋଟ ପାଇଥିଲେ। ଏଏପି ୬୭ ଆସନ ଦଖଲ କରି ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା। ଭାଜପାକୁ ମାତ୍ର ୩ ଆସନରେ ସଫଳତା ମିଳିଥିବାବେଳେ କଂଗ୍ରେସ ଖାତା ଖୋଲିପାରି ନ ଥିଲା। ଏଥର ୧୧ଟି ଜିଲାର ୭୦ ଆସନରେ ୧,୪୭, ୮୬,୩୮୨ ଭୋଟରଙ୍କ ମଧ୍ୟରୁ ୬୧.୪୬% ମତଦାତା ଭୋଟ ଦେଇଛନ୍ତି। ମଇଦାନରେ ୬୭୨ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିଲେ। ସୁରୁଖୁରୁରେ ଭୋଟଗ୍ରହଣ କରାଇବା ପାଇଁ ୧୩,୭୫୦ ପୋଲିଂ ବୁଥ୍‌ର ବ୍ୟବସ୍ଥା କରାଯାଇଥିଲା। ଏହାବାଦ୍ ୨,୬୮୯ ସ୍ଥାନରେ ଅତିରିକ୍ତ ମତଦାନ କେନ୍ଦ୍ର କରାଯାଇଛି। ପ୍ରତ୍ୟେକ ଜିଲାର ଗୋଟିଏ ଲେଖାଏ ନିର୍ବାଚନ ମଣ୍ଡଳୀରେ ଅତ୍ୟାଧୁନିକ ଟେକ୍ନୋଲୋଜି ବ୍ୟବସ୍ଥା କରାଯାଇଥିଲା।

## ଶାହିନବାଗ୍‌ରେ ପାଳିକରି ଭୋଟ ଦେଲେ




ସିଏଏ ବିରୋଧରେ ବିକ୍ଷୋଭ କରୁଥିବା ମହିଳା ମତଦାତାମାନେ ଭୋଟ ଦେବା ପରେ ଅଙ୍ଗୁଳିର କାଳିଚିହ୍ନ ଦେଖାଉଛନ୍ତି।

ମତଦାନ ପାଇଁ ଶାହିନବାଗରେ ଦେଢ଼ମାସ ହେଲା ଚାଲିଥିବା ସିଏଏ ବିରୋଧୀ ଆନ୍ଦୋଳନ ପ୍ରଭାବିତ ହୋଇନାହିଁ। ଶନିବାର ମହିଳା ବିକ୍ଷୋଭକାରୀମାନେ ପାଳିକରି ଯାଇ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଥିଲେ। କେତେଜଣ ସକାଳେ ଯାଇ ଭୋଟ ଦେଇଥିବାବେଳେ ଅନ୍ୟମାନେ ଅପରାହ୍ନରେ ଓ ଅବଶିଷ୍ଟ ସନ୍ଧ୍ୟାରେ ମତଦାନ କରିଥିଲେ। ଆନ୍ଦୋଳନ ଯେପରି ପ୍ରଭାବିତ ନ ହେବ ସେଥିପାଇଁ ସେମାନେ ପାଳିରେ ଯାଇ ଭୋଟ ଦେବାକୁ ନିଷ୍ପତ୍ତି ନେଇଥିଲେ ବୋଲି ଜାହିଦା ଖାନ୍ ନାମ୍ନୀ ବିକ୍ଷୋଭକାରୀ କହିଛନ୍ତି।

## କେଜ୍‌ରିୱାଲ-ଇରାନୀ କଥା କଟାକଟି



ମତଦାନକୁ ନେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କ ମଧ୍ୟରେ ଟୁଇଟର୍‌ରେ କଥା କଟାକଟି ହୋଇଛି। ମହିଳା ଭୋଟରମାନେ ଠିକ୍ ପ୍ରାର୍ଥୀ ଚୟନ ଲାଗି ପୁରୁଷମାନଙ୍କ ସହ ଆଲୋଚନା କରିବା ଲାଗି ଏଏପି ନେତା କେଜ୍‌ରିୱାଲ ଟୁଇଟର୍‌ରେ ଅନୁରୋଧ କରିବା ପରେ ଭାଜପା ନେତ୍ରୀ ଇରାନୀ ଏହାର ପ୍ରତିବାଦ କରିଥିଲେ। ମହିଳା ଭୋଟର ନିଜ ଭୋଟ ସମ୍ପର୍କରେ ନିଷ୍ପତ୍ତି ନେବାକୁ ସକ୍ଷମ ବୋଲି ଇରାନୀ ଟୁଇଟ୍ କରିଛନ୍ତି। ମତଦାନ ଆରମ୍ଭ ହେବା ପୂର୍ବରୁ ମହିଳା ଭୋଟରମାନଙ୍କୁ ଭୋଟଦେବା ପାଇଁ ନିବେଦନ କରିବା ସହ ପରିବାରର ପୁରୁଷମାନଙ୍କୁ ଭୋଟ ଦେବା ଲାଗି ସାଙ୍ଗରେ ନେବାକୁ କହିଥିଲେ। ସେମାନେ ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟଦେବା ପାଇଁ ପୁରୁଷ ଭୋଟରଙ୍କ ସହ ଆଲୋଚନା କରିବା ଆବଶ୍ୟକ ବୋଲି କେଜ୍‌ରିୱାଲ କହିଥିଲେ। ତାଙ୍କର ଏଭଳି ପରାମର୍ଶକୁ ନେଇ ଇରାନୀ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ମହିଳା ବିରୋଧୀ ବୋଲି କହିଛନ୍ତି। ଏହାର ଜବାବରେ କେଜ୍‌ରିୱାଲ କହିଥିଲେ, ଦିଲ୍ଲୀ ମହିଳା ନିଜ ଭୋଟ ସମ୍ପର୍କରେ ନିଷ୍ପତ୍ତି ନେବା ସହ ଏଥର ପରିବାରର ଅନ୍ୟ ସଦସ୍ୟମାନଙ୍କ ଭୋଟ ସମ୍ପର୍କରେ ସ୍ଥିର କରିବେ। ଯାହା ହେଲେ ବି ସେମାନେ ପରିବାର ଚଳାଉଛନ୍ତି ବୋଲି ସେ ଟୁଇଟର୍‌ରେ ଜବାବ ରଖିଥିଲେ।

## ୧୧୧ ବର୍ଷୀୟା ମତଦାତା




ଦିଲ୍ଲୀର ସି.ଆର୍. ପାର୍କ ବୁଥ୍‌ରେ ୧୧୧ ବର୍ଷୀୟା କାଳୀତାରା ମଣ୍ଡଳ ମତଦାନ କରିବା ସହ ଅନ୍ୟମାନଙ୍କୁ ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବାକୁ ଆହ୍ୱାନ ଦେଇଛନ୍ତି। ସେ ଦିଲ୍ଲୀର ସବୁଠୁ ବରିଷ୍ଠ ଭୋଟର। କାଳୀତାରା ତାଙ୍କ ପୁଅ, ନାତି ଓ ପରିବାରର ଅନ୍ୟ ସଦସ୍ୟମାନଙ୍କ ସହ ଭୋଟ ଦେବାକୁ ଆସିଥିଲେ। ଭୋଟ ଦେଇସାରିବା ପରେ ସେ ଫଟୋ ପାଇଁ ପୋଜ୍ ଦେଇଥିଲେ। ଜଣେ ଦାୟିତ୍ୱସମ୍ପନ୍ନ ନାଗରିକ ଭାବେ ସେ ପ୍ରତି ନିର୍ବାଚନରେ ଭୋଟ ଦେଇ ଆସୁଛନ୍ତି। ଏଥିରେ ସେ ବହୁତ ଖୁସି। ସମସ୍ତେ ନିଶ୍ଚୟ ଭୋଟ ଦେବା ଉଚିତ ବୋଲି କାଳୀତାରା କହିଛନ୍ତି। ୧୯୦୮ରେ ବରିଶାଲ (ବର୍ତ୍ତମାନ ବାଂଲାଦେଶରେ)ରେ ତାଙ୍କର ଜନ୍ମ। ଦିଲ୍ଲୀରେ ମୋଟ ୧୩୨ ଜଣ ଶତାୟୁ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରୁ ୬୮ ଜଣ ପୁରୁଷ ଓ ୬୪ ମହିଳା ଭୋଟର।

## ଏଏପି କର୍ମୀଙ୍କୁ ଅଲକା ଲାମ୍ବାଙ୍କ ଚାପୁଡ଼ା

ମତଦାନ ବେଳେ କଂଗ୍ରେସ ପ୍ରାର୍ଥୀ ଅଲକା ଲାମ୍ବା ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ଜଣେ କର୍ମୀଙ୍କୁ ଚାପୁଡ଼ା ମାରିବା ପରେ ଏହାକୁ ନେଇ ଉତ୍ତର ଦିଲ୍ଲୀର ମଜ୍‌ନୁ କା ଟିଲ୍ଲା ବୁଥ୍ ବାହାରେ ଉଭୟ ଦଳର କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଏଏପି କର୍ମୀ କଂଗ୍ରେସ ପ୍ରାର୍ଥୀ ଲାମ୍ବାଙ୍କୁ ଗାଳିଗୁଲଜ କରିଥିଲେ। ଏଥିରେ ରାଗିଯାଇ କଂଗ୍ରେସ ପ୍ରାର୍ଥୀ ତାଙ୍କୁ ଚାପୁଡ଼ା ମାରିବାକୁ ହାତ ଉଠାଇଥିବା ଏକ ମୋବାଇଲ ଭିଡିଓରୁ ଦେଖିବାକୁ ମିଳିଛି। ତେବେ ସେ ପଛକୁ ଘୁଞ୍ଚିଯିବାରୁ ଲାମ୍ବାଙ୍କ ଚାପୁଡ଼ା ମାଡ଼ରୁ ବର୍ତ୍ତିଯାଇଛନ୍ତି। ସେ ଏଏପି ପ୍ରାର୍ଥୀଙ୍କ ପୁଅ ବୋଲି ଜଣାପଡିଛି। ପୋଲିସ ତାଙ୍କୁ ସୁରକ୍ଷା ବଳୟ ମଧ୍ୟରେ ନେଇଯାଉଥିବାବେଳେ କଂଗ୍ରେସ କର୍ମୀମାନେ ଆକ୍ରମଣ ଉଦ୍ୟମ କରିଥିଲେ। ପୂର୍ବରୁ ଏଏପି ବିଧାୟକ ଥିବା ଲାମ୍ବା ଦଳ ଛାଡ଼ି ଗତବର୍ଷ ଅକ୍ଟୋବରରେ କଂଗ୍ରେସରେ ଯୋଗଦେଇଥିଲେ।



## ଏକ୍‌ଜିଟ୍ ପୋଲ୍ ଠିକ୍ ନୁହେଁ: ଭାଜପା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଶନିବାର ରାତିରେ ଡାକିଥିବା ଭାଜପା ବୈଠକରେ ଦିଲ୍ଲୀ ନିର୍ବାଚନ ଓ ଏକ୍‌ଜିଟ୍ ପୋଲ ଫଳାଫଳ ସମ୍ପର୍କରେ ଆଲୋଚନା ହୋଇଥିଲା। ଏକ୍‌ଜିଟ୍ ପୋଲ୍ ଠିକ୍ ନୁହେଁ। ପୂର୍ବରୁ ଅନେକଥର ଏହା ଭୁଲ ପ୍ରମାଣିତ ହୋଇଥିବା ଭାଜପା ନେତ୍ରୀ ମୀନାକ୍ଷୀ ଲେଖି ବୈଠକ ପରେ ଗଣମାଧ୍ୟମକୁ କହିଛନ୍ତି। ଏଥିରେ ଦିଲ୍ଲୀର ୭ ଜଣ ଭାଜପା ଏମ୍‌ପି ଯୋଗ ଦେଇଥିଲେ। ଦଳୀୟ ପ୍ରଦର୍ଶନ ଓ ଏକ୍‌ଜିଟ୍ ପୋଲ୍ ଫଳାଫଳର ସମୀକ୍ଷା କରାଯାଇଥିଲା। ଅରବିନ୍ଦ କେଜ୍‌ରିୱାଲଙ୍କ ନେତୃତ୍ୱରେ ଆମ୍ ଆଦ୍‌ମୀ ପାର୍ଟି ପୁଣି ଥରେ କ୍ଷମତାକୁ ଫେରିବ ବୋଲି ଅଧିକାଂଶ ଏକ୍‌ଜିଟ ପୋଲ୍ ଅନୁମାନ କରିଥିବାବେଳେ ଭାଜପା ଦ୍ୱିତୀୟ ସ୍ଥାନରେ ରହିବ ବୋଲି କହିଛନ୍ତି।

## ବୁଲେଟ ନୁହେଁ ବାଲଟ

### ନିଯୁକ୍ତି ଉପରେ ନୂଆ ଭୋଟରଙ୍କ ପ୍ରାଥମିକତା

ପ୍ରଥମ ଥର ପାଇଁ ଭୋଟ ଦେବାକୁ ଆସି ଧାଡ଼ିରେ ଛିଡ଼ାହୋଇଥିବା ନୂଆ ଭୋଟରମାନେ ବୁଲେଟ ଅପେକ୍ଷା ବାଲଟକୁ ପସନ୍ଦ କରିଛନ୍ତି। ସେହିପରି ଭୋଟରମାନଙ୍କୁ ଆକୃଷ୍ଟ କରିବା ଲାଗି ରାଜନୈତିକ ଦଳ ମାଗଣା ସୁବିଧା ଯୋଗାଇବା ପରିବର୍ତ୍ତେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉପରେ ସେମାନେ ପ୍ରାଥମିକତା ଦେଇଛନ୍ତି। ଶନିବାର ମତଦାନ କରିଥିବା ନୂଆ ଭୋଟରଙ୍କ ମଧ୍ୟରେ ଥିଲେ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ପୁଅ ରେହାନ, ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ପୁଅ ପୁଲକିତ୍, କଂଗ୍ରେସ ନେତା ଅଜୟ ମାକେନ୍‌ଙ୍କ ପୁଅ ଔଜସ୍ୱୀ ପ୍ରମୁଖ। ନୂଆ ଭୋଟରମାନେ ସମାନତା, ବିକାଶ, ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ବିଶୁଦ୍ଧ ବାୟୁ ପାଇଁ ଭୋଟ ଦେବା ଉଚିତ ବୋଲି ୨୧ ବର୍ଷୀୟ ଅକ୍ଷୟ ସିଂ କହିଛନ୍ତି। ପ୍ରବୀଣ ପୁଞ୍ଜ ନାମରେ ଅନ୍ୟଜଣେ ନୂଆ ଭୋଟର କହିଛନ୍ତି, ଯେଉଁମାନେ ଗୁଳି ଚଳାଉଛନ୍ତି ସେମାନଙ୍କୁ ବୁଲେଟ ନୁହେଁ ବାଲଟରେ ଜବାବ ଦିଆଯାଇପାରିବ। ନିଯୁକ୍ତିକୁ ପ୍ରତ୍ୟେକ ଭୋଟର ସର୍ବାଧିକ ପ୍ରାଥମିକତା ଦେବା ଉଚିତ ବୋଲି ଅଧିକାଂଶ ମତ ଦେଇଛନ୍ତି।

## ସଂଖ୍ୟାଲଘୁ ବହୁଳ ଆସନରେ ମତଦାନ ହାର ଅଧିକ

ଦିଲ୍ଲୀର ସଂଖ୍ୟାଲଘୁ ବହୁଳ ତିନୋଟି ଆସନ ମୁସ୍ତାଫାବାଦ, ମାଟିଆ ମହଲ ଏବଂ ସିଲମପୁରରେ ସର୍ବାଧିକ ମତଦାନ ହୋଇଥିବା ଜଣାପଡିଛି। ନିର୍ବାଚନ ଅଧିକାରୀଙ୍କ ତଥ୍ୟ ଅନୁଯାୟୀ ଦକ୍ଷିଣପୂର୍ବ ଦିଲ୍ଲୀର ମୁସ୍ତାଫାବାଦରେ ଅପରାହ୍ନ ୫ଟା ସୁଦ୍ଧା ସର୍ବାଧିକ ୬୬.୨୯ ପ୍ରତିଶତ ମତଦାନ ହୋଇଥିବାବେଳେ ପୁରୁଣା ଦିଲ୍ଲୀର ମାଟିଆ ମହଲା ଆସନରେ ୬୫.୬୨ ପ୍ରତିଶତ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି। ସେହିପରି ଉତ୍ତରପୂର୍ବ ଦିଲ୍ଲୀର ସିଲମପୁର ଆସନରେ ୬୪.୯୨ ପ୍ରତିଶତ ମତଦାନ ହୋଇଥିବା ଜଣାପଡିଛି।



ମତଦାନ ପରେ ବର ଓ ତାଙ୍କ ପରିବାର।

## ୨୦ ଜଣଙ୍କୁ ଗୁଳିକଲେ ସୈନ୍ୟ

### ଥାଇଲାଣ୍ଡରେ ଗଣହତ୍ୟା



ବ୍ୟାଙ୍କକ,୮।୨

ଥାଇଲାଣ୍ଡର ଜଣେ ସୈନ୍ୟ ଶନିବାର ମେଶିନ୍ ଗନ୍‌ରେ ନିରୀହ ଲୋକମାନଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇବା ଫଳରେ ୨୦ ଜଣଙ୍କର ମୃତ୍ୟୁ ଘଟିଛି। ଏଥିରେ ଅନେକ ଆହତ ହୋଇଥିବା ଜଣାପଡିଛି। ଉତ୍ତରପୂର୍ବ ଥାଇଲାଣ୍ଡର ନଖୋନ ରାଟଚାସିମାରେ ଏହି ଗୁଳିକାଣ୍ଡ ଘଟିଥିବା ପୋଲିସ କହିଛି। ଆକ୍ରମଣକାରୀ ଏକ ସପିଙ୍ଗ୍ ମଲ୍ ସମ୍ମୁଖରେ କାର୍‌ରୁ ବାହାରି ଗୁଳି କରୁଥିବା ଓ ଲୋକେ ଭୟରେ ଦୌଡୁଥିବା ଭିଡିଓରେ ଦେଖିବାକୁ ମିଳିଛି। ତାଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି।

ଆକ୍ରମଣକାରୀ ଜାକ୍ରଫନ୍ଥ ଥୋମ୍ମା ସୈନ୍ୟବାହିନୀର ଜଣେ ଜୁନିୟର ଅଫିସର। ସେ କମାଣ୍ଡିଂ ଅଫିସରଙ୍କୁ ଗୁଳି କରିବା ପରେ ସେନା କ୍ୟାମ୍ପରୁ ବନ୍ଧୁକ ଓ ଗୁଳି ଚୋରାଇ ଆଣିଥିଲେ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ପରେ ସେ ବୌଦ୍ଧମନ୍ଦିର ଓ ସପିଙ୍ଗ୍ ମଲ୍ ନିକଟରେ ଗୁଳି ଚଳାଇଥିଲେ। ଆକ୍ରମଣକାରୀ ଜଣକ ନିଜ ଫେସ୍‌ବୁକ୍ ଆକାଉଣ୍ଟରେ ଆକ୍ରମଣ ସମ୍ପର୍କରେ ପୋଷ୍ଟ କରିବା ସହ ସେ ଆତ୍ମସମର୍ପଣ କରିବେ କି ନାହିଁ, ସେନେଇ ମତାମତ ଲୋଡ଼ିଛନ୍ତି। ଏହା ପୂର୍ବରୁ ସେ ଗୋଟିଏ ପିସ୍ତଲ ଓ ୩ ରାଉଣ୍ଡ ଗୁଳିର ଫଟୋ ପୋଷ୍ଟ କରିଥିଲେ। ଏହା ଭାବପ୍ରବଣ ହେବାର ସମୟ ବୋଲି ସେଥିରେ ଲେଖାଯାଇଥିଲା।

## ଶୋଭାଯାତ୍ରା ବେଳେ ବାଣ ବିସ୍ଫୋରଣ

### ୨ ମୃତ, ୯ ଆହତ

ଚଣ୍ଡିଗଡ଼,୮।୨; ପଞ୍ଜାବର ତରନ୍ ତାରନ୍ ଜିଲା ଅନ୍ତର୍ଗତ ପହୱିଦ୍ ଗ୍ରାମରେ ଶନିବାର ଅନୁଷ୍ଠିତ ଏକ ଧାର୍ମିକ ଶୋଭାଯାତ୍ରା ବେଳେ ବାଣ ବିସ୍ଫୋରଣ ହୋଇ ୨ ଜଣ ମୃତ୍ୟୁବରଣ କରିଥିବାବେଳେ ୯ ବ୍ୟକ୍ତି ଆହତ ହୋଇଛନ୍ତି। ନଗର ସଂକୀର୍ତ୍ତନ ବେଳେ ବାଣ ଫୁଟାଯିବାରୁ ଟ୍ରାକ୍ଟର ଟ୍ରଲିରେ ଥିବା ସବୁ ବାଣରେ ନିଆଁ ଲାଗି ଭୟଙ୍କର ବିସ୍ଫୋରଣ ହୋଇଥିଲା। ପ୍ରାଣ ହରାଇଥିବା ଦୁଇ ଯୁବକ ମନପ୍ରୀତ୍ ସିଂ(୧୭) ଓ ଗୁରପ୍ରୀତ୍ ସିଂ(୧୨) ବୋଲି ଏସ୍ଏସ୍‌ପି ଧ୍ରୁବ ଦହ୍ୟା ପ୍ରକାଶ କରିଛନ୍ତି। ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଏହି ଦୁର୍ଘଟଣାର ବିଚାର ବିଭାଗୀୟ ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବା ଲାଗି ଘୋଷଣା କରିଛନ୍ତି।

## ଭୁଶୁଡ଼ିଲା ୩ ମହଲା କୋଠା

ଚଣ୍ଡିଗଡ଼,୮।୨: ପଞ୍ଜାବର ମୋହାଲିସ୍ଥିତ ଖରାର୍-ଲନ୍ଦ୍ରାନ୍ ରୋଡ୍ ନିକଟରେ ଥିବା ଏକ ୩ ମହଲା ବିଲ୍ଡିଂ ଭୁଶୁଡ଼ି ଜଣଙ୍କର ମୃତ୍ୟୁ ହେବା ସହ ଅନେକ ଭଗ୍ନାବଶେଷ ତଳେ ଚାପିହୋଇ ରହିଥିବା ଆଶଙ୍କା କରାଯାଉଛି। ସେମାନଙ୍କୁ ଉଦ୍ଧାର କରିବା ଲାଗି ଘଟଣାସ୍ଥଳରେ ଏନ୍‌ଡିଆର୍‌ଏଫ୍ ଟିମ୍ ପହଞ୍ଚିଛି। ନିକଟରେ ଏକ ଜେସିବି ମେଶିନ୍ ଖୋଳୁଥିବାବେଳେ ଏହି ବିଲ୍ଡିଂଟି ଭୁଶୁଡ଼ି ପଡ଼ିଥିଲା। ଚାପିହୋଇ ରହିଥିବା ୨ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଥିବାବେଳେ ୭ ଜଣ ଭଗ୍ନାବଶେଷ ତଳେ ରହିଥିବା ମୋହାଲି ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍ ହିମାଂଶୁ ଜୈନ କହିଛନ୍ତି।

# ୨୭ ଦେଶକୁ ମାଡ଼ିଲାଣି କରୋନା

- ମୃତ୍ୟୁସଂଖ୍ୟା ୭୨୩କୁ ବୃଦ୍ଧି
- ଚାଇନାରେ ୩୪,୮୦୦ ବ୍ୟକ୍ତି ଆକ୍ରାନ୍ତ
- ଉହାନରେ ଖୋଲିଲା ଦ୍ୱିତୀୟ ହସ୍ପିଟାଲ



ବେଜିଂ, ୮।୨: ଚାଇନାରେ କରୋନା ଭାଇରସ୍ ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଶନିବାର ସୁଦ୍ଧା ଏହି ମୃତ୍ୟୁସଂଖ୍ୟା ୭୨୩ରେ ପହଞ୍ଚିଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ୩୪, ୮୦୦କୁ ବୃଦ୍ଧିପାଇଛି। ଚାଇନାର ହୁବେଇ ପ୍ରଦେଶ ପରିସ୍ଥିତି ସାଂଘାତିକ ହୋଇପଡ଼ିଛି। ଏଠାରେ ଶନିବାର ୮୧ ଜଣଙ୍କ ମୃତ୍ୟୁ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ସାର୍ସ(ସିଭିୟର ଆକ୍ୟୁଟ୍ ରେସ୍ପିରେଟୋରି ସିଣ୍ଡ୍ରୋମ) ଠାରୁ ଏହା ଅଧିକ ଭୟଙ୍କର ହେବାରେ ଲାଗିଛି। ୨୦୦୨-୦୩ରେ ସାର୍ସ ଯୋଗୁ ବିଶ୍ୱବ୍ୟାପୀ ମୋଟ ୭୭୪ ଲୋକ ପ୍ରାଣ ହରାଇଥିଲେ। କିନ୍ତୁ କରୋନା ଭାଇରସ୍ ସଂକ୍ରମଣ ସ୍ଥିତି ଯେଉଁଭଳି ଭାବେ ବଢ଼ିଚାଲିଛି, ତାହା ବିଶ୍ୱବାସୀଙ୍କୁ ଆତଙ୍କିତ କରିପକାଇଛି। ବର୍ତ୍ତମାନ ସୁଦ୍ଧା ୨୭ ଦେଶକୁ କରୋନା ଭାଇରସ୍ ସଂକ୍ରମଣ ହୋଇସାରିଛି।

ଜାପାନର କ୍ରୁଜ୍ ଲାଇନର ଜାହାଜରେ ଥିବା ୩,୭୦୦ ଯାତ୍ରୀଙ୍କୁ କରୋନା ଭାଇରସ୍ ଯୋଗୁ ଅଲଗା ରଖାଯାଇଛି। ଏଥିରେ ଭାରତର ୧୩୮ ଜଣ ଥିବା ଜଣାପଡ଼ିଛି। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ସେମାନଙ୍କ ପ୍ରତି ଦୃଷ୍ଟି ଦିଆଯାଉଥିବା ଜଣାପଡ଼ିଛି। କୋଚିରେ ୧୫ ଛାତ୍ର ଆସି ପହଞ୍ଚିଥିବାବେଳେ ସେମାନଙ୍କୁ ଡାକ୍ତରୀ ପରୀକ୍ଷା କରାଯାଇଛି। ଅନ୍ୟପକ୍ଷରେ ହଂକଂରେ ଜଣେ ଓ ଫିଲିପାଇନ୍ସରେ ଜଣେ ବ୍ୟକ୍ତି ଏଥିରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିବାବେଳେ ଚାଇନାକୁ ଛାଡ଼ି ବିଶ୍ୱବ୍ୟାପୀ ସଂକ୍ରମିତଙ୍କ ସଂଖ୍ୟା ୩୩୨ରେ ପହଞ୍ଚିଛି। ଚାଇନା ପକ୍ଷରୁ ସ୍ଥିତି ସୁଧାରିବା ଲାଗି ଜୋର୍‌ଦାର ପ୍ରୟାସ କରାଯାଉଛି। ଶନିବାର ପୁଣି ୧୫ଶହ ଶଯ୍ୟା ବିଶିଷ୍ଟ ଏକ ହସ୍ପିଟାଲ ଉହାନ୍‌ରେ ଖୋଲାଯାଇଛି। କରୋନାକୁ ରୋକିବା ଲାଗି ଆମେରିକା ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବ ବୋଲି ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି। ପ୍ରକାଶଥାଉ କି, ଏହି ରୋଗରେ ଆକ୍ରାନ୍ତ ୬୦ ବର୍ଷୀୟ ଜଣେ ଆମେରିକୀୟ ମହିଳାଙ୍କ ଗୁରୁବାର ଉହାନ୍‌ରେ ମୃତ୍ୟୁ ହୋଇଥିଲା। ଆମେରିକୀୟ ଦୂତାବାସ ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି। ସେହିଭଳି ଜାପାନର ଜଣେ ବ୍ୟକ୍ତି ମଧ୍ୟ ସନ୍ଦିଗ୍ଧ କରୋନା ଭାଇରସ୍‌ରେ ସଂକ୍ରମିତ ହୋଇ ପ୍ରାଣ ହରାଇଥିବା ଜଣାପଡ଼ିଛି। ଚାଇନାକୁ ଛାଡ଼ି ବର୍ତ୍ତମାନ ସୁଦ୍ଧା ଜାପାନରେ ସର୍ବାଧିକ ୮୯, ସିଙ୍ଗାପୁରରେ ୩୩, ଥାଇଲାଣ୍ଡରେ ୩୨, ଦକ୍ଷିଣ କୋରିଆରେ ୨୪ ରୋଗୀ କରୋନା ଭାଇରସ୍‌ରେ ଆକ୍ରାନ୍ତ ଥିବା ଜଣାପଡ଼ିଛି।

## ଇତିହାସର ଆଇନାରେ — ଫେବୃୟାରୀ ୯ର ପ୍ରମୁଖ ଘଟଣା

୧୯୭୧ ଫେବୃୟାରୀ ୯ରେ ଆମେରିକାର ଗ୍ରେଟର ଲସ୍ ଆଞ୍ଜେଲ୍ସରେ ଭୟଙ୍କର ଭୂକମ୍ପ ଅନୁଭୂତ ହୋଇଥିଲା। ଏଥିରେ ୬୪ ଜଣ ପ୍ରାଣ ହରାଇଥିବାବେଳେ ପ୍ରାୟ ୨ ହଜାର ବ୍ୟକ୍ତି ଆହତ ହୋଇଥିଲେ। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୬.୭ ଥିଲା।

୨୦୧୬ ଫେବୃୟାରୀ ୯ରେ ଜର୍ମାନରେ ଦୁଇ ଯାତ୍ରୀବାହୀ ଟ୍ରେନ୍ ମଧ୍ୟରେ ଧକ୍କା ହେବାରୁ ୧୨ ଜଣଙ୍କ ପ୍ରାଣହାନି ଘଟିଥିଲା। ଏଥିରେ ପ୍ରାୟ ୮୫ ଜଣ ଆହତ ହୋଇଥିଲେ। ୨୪ ଯାତ୍ରୀଙ୍କ ଅବସ୍ଥା ସଂକଟାପନ୍ନ ହୋଇପଡ଼ିଥିଲା। ଦୁଇଟି ଟ୍ରେନ୍‌ରେ ପ୍ରାୟ ୧୫୦ ଯାତ୍ରୀ ଥିଲେ।



ଜମ୍ମୁ-କଶ୍ମୀରର ବଡଗାମ୍‌ରୁ ହିଜ୍‌ବୁଲ ମୁଜାହିଦ୍ଦିନ ଆତଙ୍କବାଦୀ ସଙ୍ଗଠନର ୩ ସହଯୋଗୀଙ୍କୁ ପୋଲିସ ଶନିବାର ଚନ୍ଦୁରା ଓ ପୁଲ୍‌ୱାମା ଅଞ୍ଚଳରୁ ଗିରଫ କରିଛି। ସେମାନେ ହେଲେ ଆମୀର ଶଫି ଦର୍, ଶବିର ଅହମଦ ଗନି ଓ ମୁଦାସିର ଅହମଦ ଖାନ୍। ହାର୍ଡକୋର ଆତଙ୍କବାଦୀଙ୍କୁ ଆଶ୍ରୟ ଓ ସହଯୋଗ କରିଆସୁଥିବା ଏହି ୩ ଜଣଙ୍କଠାରୁ ପୋଲିସ ଅସ୍ତ୍ରଶସ୍ତ୍ର ଜବତ କରିଛି। ଏମାନଙ୍କ ବିରୋଧରେ ଚନ୍ଦୁରା ପୋଲିସ ଷ୍ଟେଶନରେ ମାମଲା ରୁଜୁ ହୋଇଥିବାବେଳେ ଅଧିକ ତଦନ୍ତ ଜାରି ରହିଛି।

**ସଂକ୍ଷେପରେ**

## ଆସନ୍ତା ୩ ବର୍ଷରେ ସମସ୍ତଙ୍କୁ ପକ୍କାଘର

ଭୁବନେଶ୍ୱର,୮।୨ (ବ୍ୟୁରୋ): ଆସନ୍ତା ୩ ବର୍ଷରେ ରାଜ୍ୟର ସବୁ ପଞ୍ଚାୟତରେ ସମସ୍ତଙ୍କୁ ପକ୍କାଘର ମିଳିବ। ବିଜୁ ପକ୍କାଘର ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କାଘର ଯୋଗାଇ ଦିଆଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ନେଇ ଏକ ସ୍କିମ୍ ଖୁବ୍‌ଶୀଘ୍ର ଘୋଷଣା କରିବେ। ଆସନ୍ତା ୩ ବର୍ଷ ମଧ୍ୟରେ ଆଉ ରାଜ୍ୟରେ କଚ୍ଚାଘର ରହିବ ନାହିଁ। ଶୁକ୍ରବାର ଏହି ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା। ଯେଉଁମାନଙ୍କର ଚାଳଘର ଥିବ କିମ୍ବା ଆଦୌ ଘର ନ ଥିବ ସେମାନଙ୍କୁ ଏହି ଯୋଜନାରେ ପକ୍କାଘର ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।




## ପଟ୍ଟନାୟକ ମିନେରାଲ୍ସକୁ ମିଳିଲା ମହୁଲଶୁଖା ଖଣି

ଭୁବନେଶ୍ୱର,୮।୨(ବ୍ୟୁରୋ)

ସୁନ୍ଦରଗଡ ଜିଲା ଲହୁଣୀପଡା ତହସିଲ ଅନ୍ତର୍ଗତ ରଣ୍ଡା,ରନ୍ଧା ଏବଂ ଭୁତୁଡାରେ ଥିବା ଲୁହାପଥର ଏବଂ ମାଙ୍ଗାନିଜ୍ ଖଣିକୁ ପଟ୍ଟନାୟକ ମିନେରାଲ୍ସ ହାତେଇଛି। ଶନିବାର ହୋଇଥିବା ନିଲାମୀ ପ୍ରକ୍ରିୟାରେ ଏହି କମ୍ପାନୀ ଖଣିଜ ବିକ୍ରି ମୂଲ୍ୟର ୯୨.୭ପ୍ରତିଶତର ପ୍ରିମିୟମ୍ ବଦଳରେ ଖଣିଟିକୁ ଲିଜ୍ ଆକାରରେ ପାଇଛି। ଏହାକୁ ହାତେଇବା ପାଇଁ ଟିପି ସାଓ, ଏଲ୍‌ଟିଏ, ଜି.ଭି. ମାଇନ୍ସ, ଫ୍ରିଗ୍ରେଡ୍, ୟାଜଦାନୀ ଏବଂ ଶ୍ୟାମ ଓର୍‌ସ ପ୍ରଭୃତି ନିଲାମ ପ୍ରକ୍ରିୟାରେ ଭାଗ ନେଇଥିଲେ। ଏହି ଖଣିରେ ୩୨.୮୧ ମିଲିୟନ ଟନ୍ ଲୁହାପଥର ଏବଂ ୦.୭୩୧ ମାଙ୍ଗାନିଜ୍ ମହଜୁଦ୍ ରହିଛି। ଆଇପିଓ ବିଡିଂ ପ୍ରକ୍ରିୟାରେ ଟିପି ସାଓ(୭୭), ଏଲ୍‌ଟିଏ(୭୬.୭୦), ଜି.ଭି. ମାଇନ୍ସ(୭୬.୭୦), ଫ୍ରି ଗ୍ରେଡ୍(୭୬.୧୫), ୟାଜଦାନୀ(୫୭.୫୫), ପଟ୍ଟନାୟକ ମିନେରାଲ୍ସ(୫୭)ଏବଂ ଶ୍ୟାମ ଓର୍‌ସ(୫୬) ପ୍ରତିଶତର ପ୍ରିମିୟମ୍ ଦେବା ପାଇଁ ପ୍ରସ୍ତାବ ଦାଖଲ କରିଥିଲେ। ବର୍ତ୍ତମାନ ଏହି ଖଣିଟି ଦ ଆସୋସିଏଟେଡ୍ ସିମେଣ୍ଟ କମ୍ପାନିଜ୍ ଲିଃ(ପ୍ରାଃ) ହାତରେ ରହିଛି। ଆଗାମୀ ମାର୍ଚ୍ଚ ୩୧ରେ ଏହାର ଲିଜ୍ ଅବଧି ସମାପ୍ତ ହେଉଛି।

## ଆଜି ମହାପ୍ରଭୁଙ୍କ ଗଜ ଉଦ୍ଧାରଣ ବେଶ



ପୁରୀ ଅଫିସ, ୮।୨

ପବିତ୍ର ମାଘ ପୂର୍ଣ୍ଣିମା ତିଥିରେ ରବିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହେବ। ଦ୍ୱିପ୍ରହର ଧୂପ ସରିବା ପରେ ପୁଷ୍ପାଳକ ସେବକମାନେ ଦାରୁବିଗ୍ରହଙ୍କୁ ଏହି ବେଶ କରିବେ। ଏହି ବେଶ ଥାଇ ମହାପ୍ରଭୁଙ୍କ ସନ୍ଧ୍ୟା ଆଳତି ଏବଂ ସନ୍ଧ୍ୟାଧୂପ ନୀତି ହେବ। ଏହାପରେ ବେଶ ଓଲାଗି ହୋଇ ଅନ୍ୟାନ୍ୟ ନୀତି କରାଯିବ। ଗଜ ଉଦ୍ଧାରଣ ବେଶରେ ଠାକୁରଙ୍କୁ ଖିରି ଏବଂ ଅମାଲୁ ଭୋଗ ଲାଗିହୋଇଥାଏ।

# ଜାତିଭିତ୍ତିକ ଜନଗଣନାକୁ ଅଠାୱଲେଙ୍କ ସମର୍ଥନ

- ଏସ୍‌ସି/ଏସ୍‌ଟିଙ୍କ ବିରୋଧରେ ହେଉଥିବା ନିର୍ଯାତନାକୁ ନେଇ ଉଦ୍‌ବେଗ
- ସିଏଏ ନାଗରିକତ୍ୱ ଦେବ, ଛଡ଼ାଇବ ନାହିଁ
- ଦଳିତ ନିର୍ଯାତନା ଆଇନକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯିବା ଆବଶ୍ୟକ
- ଆନ୍ତଃ ଜାତି ବିବାହକୁ ପ୍ରୋତ୍ସାହନ ଉପରେ ଗୁରୁତ୍ୱ
- ବାର୍ଷିକ ୧ ଲକ୍ଷରୁ ଊର୍ଦ୍ଧ୍ୱ ଆନ୍ତଃ ବିବାହ ହେଉଛି



ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱଲେ।

ଭୁବନେଶ୍ୱର,୮।୨(ବ୍ୟୁରୋ)

ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ନିର୍ଯାତନା ନିବାରଣ ଆଇନ ୧୯୮୯କୁ କଡ଼ାକଡ଼ି ଲାଗୁ କରାଗଲେ ଦଳିତମାନଙ୍କ ଉପରେ ହେଉଥିବା ଅତ୍ୟାଚାର କମିବ। ଓଡ଼ିଶାରେ ୨୦୧୮ରେ ୨୩୨୦ ଓ ୨୦୧୯ ବର୍ଷରେ ୨୪୬୯ଟି ଦଳିତ ନିର୍ଯାତନା ମାମଲା ରୁଜୁ ହୋଇଛି। ବ୍ୟାପକ ସାମାଜିକ ସଚେତନତା ସତ୍ତ୍ୱେ ଏପରି ମାମଲା ବୃଦ୍ଧି ପାଇବାକୁ ନେଇ ସେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠାୱଲେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଶନିବାର ରାଜ୍ୟ ଅତିଥି ଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ, ସାମାଜିକ ସମତା ଆଣିବା ପାଇଁ ସବର୍ଣ୍ଣ-ଅସବର୍ଣ୍ଣ ବିବାହକୁ ପ୍ରୋତ୍ସାହନ ଦେବା ଆବଶ୍ୟକ । ଆନ୍ତଃ ଜାତି ବିବାହ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅଢ଼େଇ ଲକ୍ଷ ଟଙ୍କାର ସହାୟତା ରାଶି ଯୋଗାଇ ଦିଆଯାଉଥିବା ସ୍ଥଳେ ବିଧିବଦ୍ଧ ଆବେଦନ କରାଗଲେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ଅତିରିକ୍ତ ଅଢ଼େଇ ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦିଆଯିବ। ସାରା ଦେଶରେ ବାର୍ଷିକ ୧ ଲକ୍ଷରୁ ଅଧିକ ଆନ୍ତଃ ଜାତି ବିବାହ ହେଉଛି ବୋଲି ସେ କହିଛନ୍ତି । ତେବେ କେତେକ କ୍ଷେତ୍ରରେ କେବଳ ଅର୍ଥ ହାସଲ କରିବା ଲାଗି ଆନ୍ତଃ ଜାତି ବିବାହ କରାଯାଉଥିବା ଦେଖିବାକୁ ମିଳିଛି। ଏପରି ମାମଲା ପ୍ରତି ରାଜ୍ୟ ସରକାର ବିଶେଷ ଦୃଷ୍ଟି ଦେବା ଆବଶ୍ୟକ ବୋଲି ମନ୍ତ୍ରୀ କହିଥିଲେ। ଆସନ୍ତା ଜନଗଣନା ବେଳେ ଜାତିଭିତ୍ତିକ ଜନଗଣନା ହେବା ଦରକାର । ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ପ୍ରସ୍ତାବ ଦେଇଛନ୍ତି ତାହାକୁ ମୋର ସମର୍ଥନ ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

ଓଡ଼ିଶାରେ ୧ଲକ୍ଷ ୩୯ ହଜାରରୁ ଊର୍ଦ୍ଧ୍ୱ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରୀଛାତ୍ରଙ୍କୁ ପ୍ରାକ୍ ମାଟ୍ରିକ ଛାତ୍ରବୃତ୍ତି ଦିଆଯାଉଥିବା ବେଳେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ଯୋଗାଇ ଦିଆଯାଉଛି। ଅନୁସୂଚିତଜାତି ଓ ଜନଜାତିଙ୍କ କଲ୍ୟାଣ ପାଇଁ ଗତ ଦୁଇଟି ଆର୍ଥିକ ବର୍ଷରେ ୮୩କୋଟି ଟଙ୍କା ଲେଖାଏ ଅନୁଦାନ ଯୋଗାଇ ଦିଆଯାଇଛି। ରାଜ୍ୟରେ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରୀଛାତ୍ରଙ୍କ ପାଇଁ ୬ ହଜାର ଛାତ୍ରାବାସ ନିର୍ମାଣ କରାଯାଇଛି । କେନ୍ଦ୍ର ସରକାର ଦିବ୍ୟାଙ୍ଗ ସଶକ୍ତୀକରଣ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଅଠାୱଲେ କହିଛନ୍ତି। ସରକାର ଦିବ୍ୟାଙ୍ଗଙ୍କ ପାଇଁ ଚାକିରି କ୍ଷେତ୍ରରେ ସଂରକ୍ଷଣକୁ ୩ରୁ ୪% ଏବଂ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣକୁ ୪ରୁ ୫%କୁ ବୃଦ୍ଧି କରିଛନ୍ତି। ଦିବ୍ୟାଙ୍ଗଙ୍କ କଲ୍ୟାଣ ଉଦ୍ଦେଶ୍ୟରେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ସୁଗମ୍ୟ ଭାରତ ଯୋଜନା ଆରମ୍ଭ କରାଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

ନାଗରିକତା ସଂଶୋଧନ ଆଇନ (ସିଏଏ) ନାଗରିକତ୍ୱ ଛଡ଼ାଇବା ପାଇଁ ନୁହେଁ ବରଂ ପ୍ରଦାନ ପାଇଁ ଉଦ୍ଦିଷ୍ଟ । ଏହା ନାଗରିକମାନଙ୍କ ସ୍ୱାର୍ଥ ପାଇଁ ହୋଇଥିଲେ ମଧ୍ୟ କଂଗ୍ରେସ ସମେତ ଅନ୍ୟ କେତେକ ବିରୋଧୀ ଦଳ ଲୋକଙ୍କୁ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରିବା ଯୋଗୁ ଦେଶରେ ହିଂସାତ୍ମକ ପରିସ୍ଥିତି ସୃଷ୍ଟି ହେଉଛି। ଏନଆରସି କିମ୍ବା ଜାତୀୟ ନାଗରିକ ପଞ୍ଜିକା କେବଳ ଆସାମ ପାଇଁ ଉଦ୍ଦିଷ୍ଟ, ଏଥିନେଇ କୌଣସି ଦ୍ୱିମତ ନାହିଁ ବୋଲି ସେ କହିଛନ୍ତି। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ସବ୍‌କା ସାଥ, ସବ୍‌କା ବିକାଶ ଓ ସବ୍‌କା ବିଶ୍ୱାସ ଭାବନା ନେଇ କାମ କରୁଛନ୍ତି। ମୁସଲମାନମାନେ କେନ୍ଦ୍ର ସରକାରଙ୍କ ପ୍ରତି ବିଶ୍ୱାସ ରଖିବା ଦରକାର ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

୨୦୨୨ରେ ଦେଶ ସ୍ୱାଧୀନତାର ୧୫୦ ବର୍ଷ ପୂର୍ତ୍ତି ହେଉଥିବାରୁ ସମସ୍ତଙ୍କୁ ପକ୍କାଘର ଯୋଗାଇବା ଲାଗି କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ। ଅଧିକ ସଂଖ୍ୟକ ପଛୁଆବର୍ଗଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ସବର୍ଣ୍ଣଙ୍କ କଲ୍ୟାଣ ପାଇଁ ମଧ୍ୟ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ। ଆର୍ଥିକ ଦୁର୍ବଳ ଶ୍ରେଣୀର ସାଧାରଣବର୍ଗଙ୍କ ପାଇଁ ମଧ୍ୟ ୧୦% ସଂରକ୍ଷଣ ଘୋଷଣା କରାଯାଇଥିବା କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି।




# ଉତ୍ସବମୁଖର ହେବ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ



ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକରେ ଦଳର ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ ଦାସବର୍ମା ଓ ପ୍ରଣବ ପ୍ରକାଶ ଦାସ (ସଂଗଠନ) ଏବଂ ଛାତ୍ର ବିଜେଡି କର୍ମକର୍ତ୍ତା ।

- ଯୁବ, ଛାତ୍ର ସଙ୍ଗଠନ ପକ୍ଷରୁ ପ୍ରସ୍ତୁତି ବୈଠକ
- ସାମାଜିକ, ସଚେତନତା କାର୍ଯ୍ୟକ୍ରମକୁ ଗୁରୁତ୍ୱ
- ସପ୍ତାହେ ବ୍ୟାପୀ କାର୍ଯ୍ୟକ୍ରମ

ଭୁବନେଶ୍ୱର,୮।୨(ବ୍ୟୁରୋ)

ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ମାର୍ଚ୍ଚ ୫ରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦଳର ୨ ପ୍ରମୁଖ ଛାମୁଆ ସଙ୍ଗଠନ (ଛାତ୍ର ଓ ଯୁବ) କର୍ମକର୍ତ୍ତା ଯୋଗ ଦେଇ ବିଭିନ୍ନ ପ୍ରସ୍ତାବ ଦେଇଛନ୍ତି। ଦଳୀୟ କାର୍ଯ୍ୟାଳୟରେ ଛାତ୍ର ବିଜେଡି ପକ୍ଷରୁ ପ୍ରସ୍ତୁତି ବୈଠକ ହୋଇଥିଲା। ଅନୁରୂପଭାବେ କ୍ୟାପିଟାଲ ହସ୍ପିଟାଲ ନିକଟସ୍ଥ ଯୁବ ଜନତା କାର୍ଯ୍ୟାଳୟରେ ମଧ୍ୟ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯାଜପୁର ବିଧାୟକ ତଥା ବିଜେଡି ସାଧାରଣ ସମ୍ପାଦକ(ସଙ୍ଗଠନ) ପ୍ରଣବ ପ୍ରକାଶ ଦାସ ଓ ଦଳୀୟ ସାଧାରଣ ସମ୍ପାଦକ(ମୁଖ୍ୟାଳୟ) ସଞ୍ଜୟ ଦାସବର୍ମା ଯୋଗ ଦେଇ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରିଥିଲେ।

ଯୁବ ଜନତା କାର୍ଯ୍ୟାଳୟରେ ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ, ମହାସଚିବ ଶିଶିର ପରିଜା, କାର୍ଯ୍ୟକାରୀ ଯୁବ ବିଜେଡି ସଭାପତି ସଞ୍ଜିତ ମହାନ୍ତି, ପୂର୍ବତନ କର୍ପୋରେଟର ଅମରେଶ ଜେନା ପ୍ରମୁଖ ବିଭିନ୍ନ ଗଠନଧର୍ମୀ ପ୍ରସ୍ତାବ ଦେଇଥିଲେ। ଏତଦ୍‌ବ୍ୟତୀତ ବୈଠକକୁ ଆମନ୍ତ୍ରିତ ହୋଇଥିବା ଯୁବ ବିଜେଡି ରାଜ୍ୟ ପରିଷଦର ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ସମସ୍ତ ସାଙ୍ଗଠନିକ ଜିଲା ସଭାପତିମାନେ ବିଭିନ୍ନ ପ୍ରସ୍ତାବ ରଖିଥିଲେ। କିଛିଦିନ ପୂର୍ବରୁ ଦଳର ବରିଷ୍ଠ ନେତାମାନଙ୍କର ମଧ୍ୟ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମାର୍ଚ୍ଚ ୫ରୁ ସପ୍ତାହେ ବ୍ୟାପୀ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ମଧ୍ୟରେ କଟକ ଏବଂ ସମ୍ବଲପୁରରେ ବିରାଟ ଜନସଭା ଆୟୋଜନ କରାଯିବା ନେଇ ଚିନ୍ତା କରାଯାଇଛି। ଖୁବ୍‌ଶୀଘ୍ର ଏନେଇ ଆନୁଷ୍ଠାନିକ ଘୋଷଣା କରାଯିବ ବୋଲି ଜଣାପଡିଛି। ସେହିପରି କେତେକ ଯୁବ କର୍ମୀ ଏହି ଦିନ ସାମାଜିକ କାର୍ଯ୍ୟକ୍ରମ ଯଥା-ରକ୍ତଦାନ ଶିବିର, ବିଜେଡି ଏବଂ ରାଜ୍ୟ ସରକାରଙ୍କ ସଫଳତା ନେଇ ସେମିନାର, ସାଇକେଲ ଶୋଭାଯାତ୍ରା, ପଦଯାତ୍ରା, ଫଟୋ ପ୍ରଦର୍ଶନୀ, ସରକାରୀ ଯୋଜନା ସମ୍ପର୍କିତ ଆଶଙ୍କା ଦୂରୀକରଣ କାର୍ଯ୍ୟକ୍ରମ ହାତକୁ ନେବାକୁ ପ୍ରସ୍ତାବ ରଖିଥିଲେ। ଏହି ସବୁ ପ୍ରସ୍ତାବ ଖୁବ୍‌ଶୀଘ୍ର ଆଲୋଚନା କରାଯାଇ ଦଳର ଶୀର୍ଷ ନେତୃତ୍ୱଙ୍କ ନିକଟକୁ ଅନୁମୋଦନ ପାଇଁ ପଠାଯିବ ବୋଲି ଜଣାପଡିଛି। ସେହିଭଳି ଛାତ୍ର ବିଜେଡି ପକ୍ଷରୁ ମଧ୍ୟ ବିଭିନ୍ନ ପ୍ରସ୍ତାବ ସମ୍ପର୍କରେ ଆଲୋଚନା ହୋଇଯାଇଛି। ସମସ୍ତ ପ୍ରସ୍ତାବକୁ ତର୍ଜମା କରି ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ ପାଇଁ ଏକ କମିଟି ଗଠନ କରାଯାଇଛି। ଏହି କମିଟି ବଛା ଯାଇଥିବା ପ୍ରସ୍ତାବ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇବ ବୋଲି ଜଣାପଡିଛି। ଛାତ୍ର ବିଜେଡି ପକ୍ଷରୁ ହୋଇଥିବା ବୈଠକରେ ଦଳର ୨ ବରିଷ୍ଠ ସମ୍ପାଦକଙ୍କ ସମେତ ସଙ୍ଗଠନ ସଭାପତି ରାଣାପ୍ରତାପ ପାତ୍ର ଏବଂ ଉପଦେଷ୍ଟା ତଥା ଓଏସ୍‌ଆଇସି ଅଧ୍ୟକ୍ଷ ଚିନ୍ମୟ ସାହୁ , ବିଧାୟକ ସୌଭିକ ବିଶ୍ୱାଳ, ଦେବୀ ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ମୂଲ୍ୟବାନ ପ୍ରସ୍ତାବ ଦେଇଥିଲେ। ଜିଲାସ୍ତରରୁ ଏବଂ ଛାତ୍ର ବିଜେଡିର ରାଜ୍ୟ କର୍ମକର୍ତ୍ତା ମଧ୍ୟ ଅନେକ ପ୍ରସ୍ତାବ ଦେଇଥିଲେ। ଆଗାମୀ ଦିନରେ ବିଜେଡି ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ ଏବଂ ତୃଣମୂଳସ୍ତରରେ ବିଭିନ୍ନ ପ୍ରତିଭା,ବର୍ଷୀୟାନ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରିବା ପାଇଁ ଯୋଜନା କରାଯାଉଛି। ସେହିପରି ବିଜୁବାବୁଙ୍କ ପ୍ରସିଦ୍ଧ 'ଡାକୋଟା' ବିମାନ ଫେରାଇ ଆଣିବା ପାଇଁ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି ୨ ପୃଥକ୍ ବୈଠକରେ ରଞ୍ଜିତ ମହାପାତ୍ର, ହରିଶଙ୍କର ରାଉତ, ଦେବାଶିଷ ସିଟ୍, ତନ୍ମୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୯ ଫେବୃୟାରୀ, ୨୦୨୦

**କିଛି ତଥ୍ୟ**
ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୪.୬ ବିଲିୟନ ଡଲାର ବୃଦ୍ଧି ଘଟି ୪୭୧.୩ ବିଲିୟନ ଡଲାର ଛୁଇଁଛି।
– ରିଜର୍ଭ ବ୍ୟାଙ୍କ




**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ..............................



ଚଞ୍ଚଳା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## ବିଶ୍ୱ ଚାମ୍ପିୟନକୁ...

ପେନାଲ୍ଟି କର୍ନର ପାଇଥିଲା ବେଲଜିୟମ। ମାତ୍ର ଭାରତୀୟ ରକ୍ଷଣଭାଗ ଓ ଗୋଲକିପରଙ୍କୁ ଭେଦ କରିବାରେ ସକ୍ଷମ ହୋଇପାରି ନ ଥିଲା। ୮ମ ଓ ୧୫ତମ ମିନିଟରେ ମଧ୍ୟ ଦଳ ୨ଟି ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ମାତ୍ର ଫଳାଫଳ ପୂର୍ବପରି ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ଖେଳ ବେଶ୍ ରୋମାଞ୍ଚକ ହୋଇଥିଲେ ହେଁ ଗୋଲ ହୋଇପାରି ନ ଥିଲା। ୨୦ତମ ମିନିଟରେ ବେଲଜିୟମ ଆଉ ଏକ ପେନାଲ୍ଟି କର୍ନର ପାଇଥିଲେ ହେଁ ଗୋଲ ପରିଶୋଧରେ ଏହା ସହାୟକ ହୋଇପାରି ନ ଥିଲା। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତ ୧-୦ରେ ଆଗୁଆ ରହିଥିଲା।

ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଅର୍ଥାତ୍ ୩୩ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ବେଲଜିୟମର ଗାଥିର ବୋକାର୍ଡ ଗୋଲରେ ପରିଣତ କରି ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ଫଳରେ ବର୍ଷାଯୋଗୁ ଥଣ୍ଡା ବଢ଼ିଥିଲେ ହେଁ ପଡ଼ିଆ ଭିତରେ ଉଷ୍ମତା ବୃଦ୍ଧି ପାଇଥିବା ସ୍ପଷ୍ଟ ବାରି ହୋଇ ପଡ଼ିଥିଲା। ୪୧ତମ ମିନିଟରେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିଲା ମନପ୍ରୀତ ବଲ୍‌କୁ ପ୍ରତିପକ୍ଷ ଗୋଲପୋଷ୍ଟ ଭିତରକୁ ପଠାଇ ଦେଇଥିଲେ ମଧ୍ୟ। ମାତ୍ର ବଲ୍ ଷ୍ଟପ୍ ସମୟରେ ଡି ଏରିଆ ବାହାରକୁ ନ ଆଣି ବଲ୍ ମାରିଥିବାରୁ ଅମ୍ପାୟର ତାହାକୁ ନାକଚ କରି ଦେଇଥିଲେ। ମ୍ୟାଚ ୧-୧ ସ୍ଥିତିରେ ରହିବାରୁ ସ୍ୱାଭାବିକ ଅନ୍ତିମ କ୍ୱାର୍ଟର ସଂଘର୍ଷପୂର୍ଣ୍ଣ ହୋଇଥିଲା। ତେବେ ୪୬ତମ ମିନିଟରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରକୁ ରମଣଦୀପ ସିଂ ଗୋଲରେ ପରିଣତ କରି ପୁଣି ଭାରତକୁ ଅଗ୍ରଣୀ କରାଇଥିଲେ। ବେଲଜିୟମ ୪୭, ୫୮ତମ ମିନିଟରେ ୨ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ଭାରତୀୟ ରକ୍ଷଣଭାଗ ସଫଳତାର ସହିତ ତାହାକୁ ପ୍ରତିହତ କରିଥିଲା। ୫୯ତମ ମିନିଟରେ ଭାରତ ପେନାଲ୍ଟି କର୍ନର ମିସ୍ କରିଥିବାବେଳେ ମ୍ୟାଚ ଶେଷ ହେବାକୁ ୪ ସେକେଣ୍ଡ ଥିବାବେଳେ ବେଲଜିୟମ ପେନାଲ୍ଟି କର୍ନର ପାଇବାରୁ ଭାରତୀୟ ସମର୍ଥକଙ୍କ ଆଶଙ୍କା ବଢ଼ି ଯାଇଥିଲା। ମାତ୍ର ଭାଗ୍ୟଦେବୀ ସହାୟ ହୋଇଥିଲେ ଏବଂ ଗୋଲକିପର ପାଠକ ଏହାକୁ ରୋକିବା ସହ ଭାରତର ବିଜୟ ଉତ୍ସବ ଆରମ୍ଭ ହୋଇ ଯାଇଥିଲା। ମ୍ୟାଚରେ ବେଲଜିୟମ ୧୩ଟି ଏବଂ ଭାରତ ୪ଟି ପେନାଲ୍ଟି କର୍ନର ପାଇଥିଲେ। ଏଥିରୁ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ଏହି ବିଜୟ ସହ ଭାରତ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଭାରତ ୩ ମ୍ୟାଚରୁ ୨ ବିଜୟ ଓ ୧ ଶୁଟ୍ ଆଉଟ ବିଜୟ ସହ ୮ ପଏଣ୍ଟ ପାଇଥିବାବେଳେ ବେଲଜିୟମ ୫ ମ୍ୟାଚରୁ ୧୧ ପଏଣ୍ଟ ପାଇ ଶୀର୍ଷରେ ଅପରିବର୍ତ୍ତିତ ରହିଛି।

## ପୁଣି...

ନେତାର ଅଙ୍କକଷା ହେଲା ଏଏପି ୫୩ରୁ ୫୭ ଏବଂ ଭାଜପା ୧୧ରୁ ୧୭ ଆସନ ଅକ୍ତିଆର କରିବାରେ ସକ୍ଷମ ହେବେ। କଂଗ୍ରେସକୁ ଗୋଟିଏ ହେଲେ ଆସନ ମିଳି ନ ପାରେ। ଯଦି ମିଳିବ ଏହି ଦଳ ସର୍ବାଧିକ ୨ ଆସନରେ ସୀମିତ ରହିବ।

ଅନ୍ୟପକ୍ଷରେ ନ୍ୟୁଜ୍ ଏଜେନ୍ସି ଆଇଏଏନ୍ଏସ୍ ଏବଂ ସିଭୋଟର ପକ୍ଷରୁ ମିଳିତ ଭାବେ କରାଯାଇଥିବା ସର୍ଭେ ଅନୁଯାୟୀ ଏଏପିର 'ଉନ୍ନୟନମୂଳକ କାର୍ଯ୍ୟକ୍ରମ' ଭାଜପାର 'ଜାତୀୟତାବାଦୀ କାର୍ଯ୍ୟସୂଚୀ'କୁ ପରାଜିତ କରିବ। ଏଏପି ୫୦.୬% ଭୋଟ ପାଇଥିବାବେଳେ ଭାଜପା ଉପରେ ୩୬% ମତଦାତା ଭରସା କରିଛନ୍ତି। କଂଗ୍ରେସ ମାତ୍ର ୯% ଭୋଟ ଯୋଗାଡ଼ କରିବାରେ ସକ୍ଷମ ହୋଇଛି। ଏହି ଭୋଟ ହାରକୁ ଆସନରେ ପରିବର୍ତ୍ତିତ କରି ହିସାବ କଲେ ଜଣାପଡୁଛି ଯେ ଏଏପି ସର୍ବନିମ୍ନ ୪୯ ଓ ସର୍ବାଧିକ ୬୩ ଆସନ ଦଖଲ କରିବ, ଯାହାକି ପୂର୍ବ ତୁଳନାରେ ୪ କମ୍। ସେହିପରି ଭାଜପା ୫-୧୯ ଏବଂ କଂଗ୍ରେସ ପ୍ରାର୍ଥୀ ସର୍ବାଧିକ ୪ ଆସନରେ ବିଜୟୀ ହେବେ। ଆଇଏଏନ୍ଏସ୍-ସିଭୋଟର ପକ୍ଷରୁ ଦିଲ୍ଲୀର ୭ ସଂସଦୀୟ ଆସନର ୧୧,୮୩୯ ବୁଥ୍ ଫେରନ୍ତା ମତଦାତାଙ୍କ ମତାମତ ନିଆଯାଇଥିଲା।

ତେବେ ସମସ୍ତ ଏକ୍‌ଜିଟ୍ ପୋଲ୍ ରିପୋର୍ଟକୁ ନେଇ ସାମଗ୍ରିକ ଆକଳନ ହେଲା ଏଏପି ୫୬ ଆସନ ଦଖଲ କରିବ, ଯାହାକି ପୂର୍ବ ନିର୍ବାଚନ ତୁଳନାରେ ୧୧ କମ୍। ସେହିପରି ଭାଜପାର ପ୍ରଦର୍ଶନରେ ଉନ୍ନତି ଆସିବ। ଗୈରିକ ଦଳ ୨୦୧୫ରେ ମାତ୍ର ୩ଟି ଆସନରେ ସନ୍ତୁଷ୍ଟ ହୋଇଥିବାବେଳେ ଏଥର ୧୪ ନିର୍ବାଚନମଣ୍ଡଳୀରେ ସଫଳତା ପାଇବ, ଯାହାକି କୁହୁକ ସଂଖ୍ୟାଠାରୁ ୨୨ କମ୍। ସେହିପରି ପୂର୍ବ ନିର୍ବାଚନରେ ଖାତା ଖୋଲିବାରେ ସକ୍ଷମ ହୋଇ ନ ଥିବା କଂଗ୍ରେସ ଏଥର ମଧ୍ୟ ଗୋଟିଏ ଆସନ ଜିତିବା ନେଇ ଆଶଙ୍କା ରହିଥିବା କୁହାଯାଇଛି। ତେବେ କେଉଁ ସର୍ଭେ ସଂସ୍ଥାର ଆକଳନ କେତେ ନିର୍ଭୁଲ ରହିବ ତାହା ଫେବୃୟାରୀ ୧୧ (ମଙ୍ଗଳବାର) ଭୋଟ ଗଣତି ପରେ ଜଣାପଡ଼ିବ।

## ଆଉ ୨୪...

ଏହି ସମୟରେ ଦିନ ଓ ରାତ୍ରିର ତାପମାତ୍ରାରେ ୫ରୁ ୬ ଡିଗ୍ରୀ ସେଲ୍‌ସିୟସ ହ୍ରାସ ପାଇବା ସମ୍ଭାବନା ରହିଛି। ଏପରି କି କେତେକ ସ୍ଥାନରେ ପ୍ରବଳ ଶୀତଲହରି ହେବ ବୋଲି ସତର୍କ ସୂଚନା ଜାରି କରାଯାଇଛି। ଏଥିସହିତ ଏହି ସମୟ ମଧ୍ୟରେ ସୁନ୍ଦରଗଡ଼, କେନ୍ଦୁଝର, ଝାରସୁଗୁଡ଼ା, ବରଗଡ଼, କଳାହାଣ୍ଡି, ସୋନପୁର ଏବଂ ବଲାଙ୍ଗୀର ଜିଲ୍ଲାରେ ପ୍ରବଳ କୁହୁଡ଼ି ହେବ ବୋଲି ଅନୁମାନ କରାଯାଇଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋଓ୍ୱାର୍ନିଂ ଜାରି କରାଯାଇଛି। ବର୍ଷା ଛାଡ଼ିଯିବା ପରେ ୧୦ ତାରିଖରୁ ଶୀତର ପ୍ରକୋପ ବଢ଼ିବ । ବିଶେଷ କରି ଅନୁଗୋଳ, ସୋନପୁର, କେନ୍ଦୁଝର, ମୟୂରଭଞ୍ଜ ଏବଂ ବାଲେଶ୍ୱର ଜିଲ୍ଲାର କେତେକ ସ୍ଥାନରେ ଶୀତଲହରି ସାଙ୍ଗକୁ ପ୍ରବଳ କୁହୁଡି ହେବ। ପରିସ୍ଥିତି ପ୍ରତି ନଜର ରଖିବାକୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବର୍ଷା ଦାଉରୁ ମୁଗ ବିରି ଓ ପନିପରିବା ଫସଲକୁ କିପରି ସୁରକ୍ଷିତ ରଖାଯାଇ ପାରିବ ସେ ନେଇ ମଧ୍ୟ ପରାମର୍ଶ ଦିଆଯାଇଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ରେଢ଼ାଖୋଲରେ ସର୍ବାଧିକ ୬ ସେଣ୍ଟିମିଟର ବର୍ଷା ହୋଇଥିବା ବେଳେ ବିନିକା ୫, ସମ୍ବଲପୁର ୪, ବିଜେପୁର ୪, ବରଗଡ଼, ଡୁଙ୍ଗୁରିପାଲିରେ ୪ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି ବଲାଙ୍ଗୀରରେ ୩୩ ମିଲିମିଟର ବର୍ଷା ହୋଇଥିବା ବେଳେ ବାଲେଶ୍ୱର ୧୦, ଭୁବନେଶ୍ୱର ୯.୩, ପୁରୀ ୭, ଅନୁଗୋଳ ୬, ଝାରସୁଗୁଡା ୯.୩, କେନ୍ଦୁଝର ୧୬.୩, ସମ୍ବଲପୁର ୨୪, ସୁନ୍ଦରଗଡ଼ ୧୦, ହୀରାକୁଦ ୨୧.୨, ତାଳଚେର ୮, ନୟାଗଡ ୧୫.୨ ଏବଂ ବୌଦ୍ଧରେ ୧୫.୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ଯୁକ୍ତ୨ ପରୀକ୍ଷା କେନ୍ଦ୍ର ବିଭ୍ରାଟର ଭିଜିଲାନ୍ସ ତଦନ୍ତ ଦାବି

- ଆନ୍ଦୋଳନ ଚେତାବନୀ ଦେଲା ଓଡ଼ିଶା ଅଭିଭାବକ ମହାସଂଘ
- ପରିଚାଳନା କମିଟିରୁ ରାଜନୈତିକ ବ୍ୟକ୍ତିଙ୍କୁ ହଟାଯାଉ
- ସ୍ୱଚ୍ଛତା ପାଇଁ ବରିଷ୍ଠ ଶିକ୍ଷାବିତ୍‌ଙ୍କୁ ସାମିଲ କରାଯାଉ

ଭୁବନେଶ୍ୱର, ୮।୨(ବ୍ୟୁରୋ)

ରାଜ୍ୟରେ ଯୁକ୍ତ୨ ପରୀକ୍ଷା କେନ୍ଦ୍ର ବିଭ୍ରାଟକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏହି ପ୍ରସଙ୍ଗ ଉପରେ ବିଭାଗୀୟ ମନ୍ତ୍ରୀ ତୁରନ୍ତ ଉଚ୍ଚସ୍ତରୀୟ ଭିଜିଲାନ୍ସ ତଦନ୍ତର ନିର୍ଦ୍ଦେଶ ଦିଅନ୍ତୁ ବୋଲି ଓଡ଼ିଶା ଅଭିଭାବକ ମହାସଂଘ ଦାବି କରିଛି। ଏଥିସହ ୭ଦିନ ଭିତରେ ତଦନ୍ତ ରିପୋର୍ଟ ପ୍ରଦାନ ଓ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଶନିବାର ମହାସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସରକାରଙ୍କ ନିକଟରେ ଏହି ଦାବି ଉପସ୍ଥାପନା କରାଯାଇଛି। ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ କହିଲେ, ପ୍ରକ୍ରିୟା ଆରମ୍ଭ ନ ହେଉଣୁ ପରୀକ୍ଷା କେନ୍ଦ୍ର ଘୋଷଣାରେ ଦୁର୍ନୀତିର ଗନ୍ଧ ପଦାକୁ ଆସିଲାଣି। ରାଜ୍ୟର ଦୁଇଜଣ ବରିଷ୍ଠ ବିଧାୟକ ଏହି ସମ୍ପର୍କରେ ଅଭିଯୋଗ ଆଣିଛନ୍ତି। ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଏକପ୍ରକାରର ଦ୍ୱନ୍ଦ୍ୱ ଓ ସନ୍ଦିହାନ ଅବସ୍ଥାରେ ଅଛନ୍ତି। ପରୀକ୍ଷା କେନ୍ଦ୍ର ପରିଚାଳନା ଓ ପରୀକ୍ଷା ନିୟନ୍ତ୍ରଣରେ ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଲାଣି। ଯୁକ୍ତ୩ ପରି ଯୁକ୍ତ୨ କଲେଜ ପରିଚାଳନା କମିଟିରୁ ରାଜନୈତିକ ବ୍ୟକ୍ତିଙ୍କୁ ହଟାଯାଉ। ଏପରି କି ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନକୁ ରାଜନୈତିକ ସମ୍ପୃକ୍ତିରୁ ମୁକ୍ତ କରାଯାଉ ବୋଲି ମଧ୍ୟ ମହାସଂଘ ପକ୍ଷରୁ କୁହାଯାଇଛି। ବ୍ୟବସ୍ଥାରେ ସ୍ୱଚ୍ଛତା ପାଇଁ ବରିଷ୍ଠ ଶିକ୍ଷାବିତ୍, ପରୀକ୍ଷା ପରିଚାଳନାରେ ଅଭିଜ୍ଞ ବ୍ୟକ୍ତିବିଶେଷ ଓ ଶିକ୍ଷାନୁଷ୍ଠାନର ବରିଷ୍ଠ ଶିକ୍ଷକ, ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀଙ୍କୁ ନେଇ ପରୀକ୍ଷା ସମ୍ପର୍କିତ କମିଟି ଗଠନ କରାଯାଉ। ଯଦି ରାଜ୍ୟ ସରକାର ଏହି ଘୋଟାଲାରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ତେବେ ଆଗାମୀ ଦିନରେ ବିରାଟ ଜନଆନ୍ଦୋଳନ କରାଯିବ ବୋଲି ମହାସଂଘ ଚେତାବନୀ ଦେଇଛି। ଏହି ସମ୍ମିଳନୀରେ ମହାସଂଘ ସହ-ଅଧ୍ୟକ୍ଷ ପ୍ରସନ୍ନ ବିଷୋୟୀ, ସତ୍ୟବ୍ରତ ପରିଜା ଓ ଶଙ୍କର ସାମନ୍ତରାୟ ଉପସ୍ଥିତ ଥିଲେ।

### ନିନ୍ଦାକଲା କଂଗ୍ରେସ

ଆଗୁଆ ଯୁକ୍ତ୨ ପରୀକ୍ଷା କେନ୍ଦ୍ର ଘୋଷଣା ଓ କେତେକ ଅନିୟମିତତାକୁ ମଧ୍ୟ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ନିନ୍ଦା କରିଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ)ର ଅଧିକାରୀ ଓ କର୍ମଚାରୀମାନେ ଦୁର୍ନୀତିରେ ଲିପ୍ତ ରହି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳୁଛନ୍ତି। ପରୀକ୍ଷା ପରିଚାଳନା ପାଇଁ ଗଠିତ କମିଟିର ନିଷ୍ପତ୍ତିକୁ ଉପେକ୍ଷା କରି କିଛି ଶିକ୍ଷାନୁଷ୍ଠାନକୁ ଅନୁକମ୍ପା ଦେଖାଇ ପରିଷଦ ବେଆଇନ ଭାବେ ପରୀକ୍ଷା କେନ୍ଦ୍ର ଚୟନ କରିଛି। ପରୀକ୍ଷା ପରିଚାଳନା କମିଟିର ସୁପାରିସ ଅନୁସାରେ ପରୀକ୍ଷା କେନ୍ଦ୍ର ନିର୍ଦ୍ଧାରଣ କରିବା ପାଇଁ କଂଗ୍ରେସ ଦୃଢ଼ ଦାବି କରିଛି। ଆସନ୍ତା ସାତଦିନ ମଧ୍ୟରେ ଯଦି ପରିଷଦ ନିଷ୍ପତ୍ତିରେ ପରିବର୍ତ୍ତନ ନ କରେ, ତେବେ ରାଜ୍ୟର ଲକ୍ଷ ଲକ୍ଷ ଛାତ୍ରୀଛାତ୍ରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଓଡ଼ିଶା ଯୁବ କଂଗ୍ରେସ ପକ୍ଷରୁ ପରିଷଦ ବିରୋଧରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ପ୍ରଦେଶ କଂଗ୍ରେସ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଯାଇଛି।

# ପୁରୀ-ଅନୁଗୋଳ ମଧ୍ୟରେ ଦୀର୍ଘତମ ମେମୁ ସେବା

ଭୁବନେଶ୍ୱର,୮।୨




ଅନୁଗୋଳ ଏବଂ ପୁରୀ ମଧ୍ୟରେ ଚଳାଚଳ କରୁଥିବା ପୁରୀ-ଅନୁଗୋଳ-ପୁରୀ ମେମୁ ଟ୍ରେନରେ ଅତିରିକ୍ତ ୪ ବଗି ସଂଯୋଗ କରାଇବାକୁ ସ୍ଥିର କରାଯାଇଛି। ଯାତ୍ରୀଙ୍କ ଚାହିଦାକୁ ଧ୍ୟାନରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଏହା ପୁରୀଠାରୁ ଚଳିତ ମାସ ୧୧ ଏବଂ ଅନୁଗୋଳଠାରୁ ୧୨ ତାରିଖରେ ଗଡିବ। ଏହାର ପୂର୍ବଗଠନ ୧୨ କୋଚ୍ ବଦଳରେ ୧୬ଟି କୋଚ୍‌ରେ ଚଳାଚଳ କରିବାକୁ ନିଷ୍ପତ୍ତି ହୋଇଛି। ଏହା ଓଡ଼ିଶାର ଦୀର୍ଘତମ ମେମୁ ବୋଲି ଜଣାପଡିଛି। ସେହିଭଳି ଚଳିତ ମାସ ୧୨ ତାରିଖଠାରୁ ଭୁବନେଶ୍ୱର ଏବଂ କେନ୍ଦୁଝରଗଡ ମଧ୍ୟରେ କେନ୍ଦୁଝରଗଡ-ଭୁବନେଶ୍ୱର-କେନ୍ଦୁଝରଗଡ ପାସେଞ୍ଜର ଟ୍ରେନ ବଦଳରେ ମେମୁ ଟ୍ରେନ ଚଳାଚଳ କରିବାକୁ ନିଷ୍ପତ୍ତି ହୋଇଛି। ଏହି ମାର୍ଗରେ ମେମୁ ଟ୍ରେନ ଚଳାଚଳ କରିବା ପରେ ପୂର୍ବରୁ ଚଳାଚଳ କରୁଥିବା ପାସେଞ୍ଜର ଟ୍ରେନକୁ ଅପସାରିତ କରାଯିବ। ଏହି ମେମୁ ଟ୍ରେନ କେନ୍ଦୁଝରଗଡ-ଭୁବନେଶ୍ୱର-କେନ୍ଦୁଝରଗଡ ମେମୁ ଭାବେ ଭୁବନେଶ୍ୱରଠାରୁ ଚଳିତ ମାସ ୧୨ ଏବଂ କେନ୍ଦୁଝରଗଡରୁ ୧୩ ତାରିଖରୁ ଚଳାଚଳ କରିବ। ଏହି ମେମୁ ପୂର୍ବ ପାସେଞ୍ଜର ଟ୍ରେନର ସ୍ଥିରୀକୃତ ଷ୍ଟେଶନ ଓ ସମୟ ସାରଣୀ ଅନୁଯାୟୀ ଭୁବନେଶ୍ୱର ଓ କେନ୍ଦୁଝରଗଡ ମଧ୍ୟରେ ଚଳାଚଳ କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।

# ବୈତରଣୀରୁ ୨ ମୃତଦେହ ଉଦ୍ଧାର

ପାଟଣା/ଚମ୍ପୁଆ, ୮।୨ (ସ୍ୱ.ପ୍ର./ଡି.ଏନ.ଏ.)

**ହତ୍ୟା କରି ନଦୀରେ ଫିଙ୍ଗିଦେଇଥିବା ସନ୍ଦେହ**

କେନ୍ଦୁଝର ଜିଲ୍ଲା ବାରିଆ ଥାନା ଅନ୍ତର୍ଗତ ଫୁଲକଅଁଳେଇ ଗ୍ରାମଦେଇ ପ୍ରବାହିତ ବୈତରଣୀ ନଦୀ ଖଲି ଚଉପତି ଘାଟରେ ଅଖାବସ୍ତାରେ ବନ୍ଧା ଅବସ୍ଥାରେ ଦୁଇଟି ଗଳିତ ମୃତଦେହ ଭାସୁଥିବାର ଶୁକ୍ରବାର ଅପରାହ୍ନରେ ସ୍ଥାନୀୟ ଲୋକେ ଦେଖି ବାରିଆ ଥାନାକୁ ଖବର ଦେଇଥିଲେ। ତେବେ ସନ୍ଧ୍ୟା ଓ ମେଘ ହେଉଥିବାରୁ ଗତ ଶୁକ୍ରବାର ମୃତଦେହ ଉଦ୍ଧାର ହୋଇ ପାରି ନ ଥିଲା। ଶନିବାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ପରେ ଜଣାପଡ଼ିଛି ଯେ ଅଖା ମଧ୍ୟରେ ଜଣେ ୪୦ ବର୍ଷୀୟ ପୁରୁଷ ଓ ଜଣେ ୩୫ ବର୍ଷୀୟ ମହିଳାଙ୍କ ମୃତଦେହ ରହିଥିଲା। ତେବେ ଉଭୟଙ୍କ ପରିଚୟ ମିଳିପାରିନାହିଁ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବସ୍ତାଟି ଦୁଇଦିନ ଧରି ସେଠାରେ ଭାସୁଥିବାର ଲୋକେ ଦେଖିଥିଲେ। କେହି ଦୁର୍ବୃତ୍ତ ଦୁହିଁଙ୍କୁ ହତ୍ୟା କରିବା ପରେ ମୃତଦେହ ଦୁଇଟିକୁ ବସ୍ତାରେ ଭର୍ତ୍ତି କରିବା ପରେ ପଥରରେ ବାନ୍ଧି ପାଣିରେ ପକାଇ ଦେଇଥିବା ଜଣାପଡିଛି। ବାରିଆ ଥାନାଧିକାରୀ ସୁଶାନ୍ତମଣି ମହାନ୍ତି ଏ ନେଇ ବାରିଆ ଥାନାରେ ଏକ ହତ୍ୟା ମାମଲା (ନଂ.୧୧/୨୦) ରୁଜୁ କରି ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଏ ନେଇ ଚମ୍ପୁଆ ଏସଡିପିଓ ହରିହର ପାଣିଙ୍କୁ ପଚାରିବାରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ ମୃତଦେହ ଦୁଇଟିର କୌଣସି ପରିଚୟ ମିଳି ପାରିନାହିଁ। ସ୍ଥାନୀୟ ଅଞ୍ଚଳରେ କୌଣସି ନିଖୋଜ ଖବର ନ ଥିବାରୁ ନଦୀ ଆରପାଖ ମୟୂରଭଞ୍ଜ ଜିଲ୍ଲା ପଡୁଥିବାରୁ ଉକ୍ତ ଅଞ୍ଚଳରେ ଏହି ଘଟଣା ଘଟିଥାଇପାରେ ବୋଲି ପୋଲିସ ଅନୁମାନ କରିଛି।

# ଓଡ଼ିଶା-ଜାପାନ ମହୋତ୍ସବ ଉଦ୍‌ଘାଟିତ

- ଆକର୍ଷଣ ସାଜିଲା ଜାପାନ କଳାକାରଙ୍କ ଡ୍ରମ, ବଇଁଶୀ ମୂର୍ଚ୍ଛନା

ପୁରୀ ଅଫିସ, ୮।୨



ଜାପାନର କଳାକାରମାନେ ବଂଶୀବାଦନ ସହ ପାରମ୍ପରିକ ସଂଗୀତ ପରିବେଷଣ କରୁଛନ୍ତି।

ପୁରୀରେ ଆରମ୍ଭ ହୋଇଛି ଦୁଇଦିନିଆ ଓଡ଼ିଶା-ଜାପାନ ମହୋତ୍ସବ। ଶନିବାର ଅପରାହ୍ନରେ ସାନ୍ତନା ହୋଟେଲରେ ଏହି ମହୋତ୍ସବକୁ କୋଲକାତାସ୍ଥିତ ଜାପାନ କନ୍‌ସୁଲ ଜେନେରାଲ ମାସାୟୁକି ତାଗା ଉଦ୍‌ଘାଟନ କରିଛନ୍ତି। ଏଥିରେ ପ୍ରମୁଖ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ପର୍ବ ପରେ ଆରମ୍ଭ ହୋଇଥିଲା ନୃତ୍ୟ, ଗୀତ ଓ ସଙ୍ଗୀତ କାର୍ଯ୍ୟକ୍ରମ। ଜାପାନର କଳାକାରମାନେ ସେମାନଙ୍କ ପାରମ୍ପରିକ, ନୃତ୍ୟ, ଗୀତ ଓ ବାଦ୍ୟର ଯାଦୁ ଦେଖାଇଥିଲେ। ବିଶେଷକରି ଏହି ବିଦେଶୀ କଳାକାରଙ୍କ ଡ୍ରମ୍ ବାଦନ ଏବଂ ବଇଁଶୀର ମୂର୍ଚ୍ଛନା ଖାସ୍ ଆକର୍ଷଣ ସାଜିଥିଲା।

ଜାପାନ-ଇଣ୍ଡିଆ କ୍ଲବ, ଚନ୍ଦ୍ରଶେଖର ଏକାଡେମୀ ଏବଂ ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟର ମିଳିତ ଆନୁକୂଲ୍ୟରେ ଏହି ମହୋତ୍ସବ ପେଣ୍ଠକଟାସ୍ଥିତ ଶ୍ରୀଜଗନ୍ନାଥ ଷ୍ଟାଡିୟମ୍‌ରେ ଆୟୋଜନ କରାଯିବା ଲାଗି ପୂର୍ବରୁ ସ୍ଥିର ହୋଇଥିଲା। ମାତ୍ର ପ୍ରତିକୂଳ ପାଗ ଯୋଗୁ ଶେଷ ମୁହୂର୍ତ୍ତରେ ଏହା ହୋଟେଲ ପରିସରରେ ଆୟୋଜିତ ହୋଇଛି। ହୋଟେଲ ପ୍ରବେଶ ପଥରୁ ହିଁ ଜାପାନର କଳା କାରିଗରିର ନିଦର୍ଶନ ଦେଖିବାକୁ ମିଳୁଛି। ଉଭୟ ପାର୍ଶ୍ୱରେ ଗାଢରଙ୍ଗର କନାରେ ତିଆରି ମାଛର ପ୍ରତିକୃତିଗୁଡ଼ିକ ପବନରେ ତରଙ୍ଗାୟିତ ହେବାର ଦୃଶ୍ୟ ମହୋତ୍ସବକୁ ଆହୁରି ଚିତ୍ତାକର୍ଷକ କରୁଛି। ସେହିପରି ଜାପାନର ପାରମ୍ପରିକ ଲାଇଟ୍ ବି ରହିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜାପାନିଜ ରକ୍ ବ୍ୟାଣ୍ଡ, ମିକ୍ସ ବ୍ୟାଣ୍ଡ, ଡ୍ରମ୍, ଭାଓଲିନ, ବଇଁଶୀ, ଗିଟାର ଆଦି ବାଦ୍ୟର ମୂର୍ଚ୍ଛନା ଶୁଣିବାକୁ ମିଳିଥିଲା। ସେହିପରି ଜାପାନିଜ ନୃତ୍ୟ ପରିବେଷଣ କରାଯାଇଥିବାବେଳେ ସେମାନଙ୍କ କମେଡ଼ି ଓ ସଙ୍ଗୀତ ବି ଶୁଣିବାକୁ ମିଳିଥିଲା।

ସୁଜୁକି ହିରୋନାରି, ତନକା ରାୟ ଓ କାସ୍ତୁନ ୟୋସିକ୍ ଜାପାନିଜ୍ ଡ୍ରମ୍ ବାଦନ କରିଥିଲେ। ବଂଶୀବାଦନ ଟିମ୍‌ରେ ଓହରି ମିକା, ଆକିୟାମ ୟାସୁନାରି, ମିୟାଜୱା ୟୁକି, ଇତୋ ମାରିନା, ମୋମୋ ସାରି, କାୱାକାମୀ ନାଓକୋ, ଓଗୱା ରିସୁକୋ ସାମିଲ ଥିଲେ। ରଗ୍ ଗିଟାରରେ କାକୁ ରେଇକୋ, କାୱାମୁରା ୟୁତା ଓ ମାସୁଦା ତୋମମୀ ଦେଖଣାହାରୀଙ୍କ ମନ ଜିଣିଥିଲେ। ଓଡ଼ିଶା ଓ ଜାପାନ କଳାକାର ମିଳିତ ଭାବେ ପାରମ୍ପରିକ ବାଦ୍ୟଯନ୍ତ୍ର ଧରି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ପାରମ୍ପରିକ ତଥା ଆଧୁନିକ ବାଦ୍ୟଯନ୍ତ୍ରର ମୂର୍ଚ୍ଛନାରେ ମହୋତ୍ସବସ୍ଥଳୀ ମୁଖରିତ ହୋଇଉଠିଥିଲା।

ସେହିପରି ବିଭିନ୍ନ ପ୍ରକାର ଷ୍ଟଲ ମଧ୍ୟ ଖୋଲାଯାଇଥିଲା। ଜାପାନର ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତି ଏଥିରେ ପ୍ରଦର୍ଶନ କରାଯାଇଥିଲା। ଜାପାନ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଷ୍ଟଲ ଖୋଲାଯାଇ ଭାରତୀୟ ପର୍ଯ୍ୟଟକଙ୍କୁ ଲିଫ୍‌ଲେଟ ଓ କାର୍ଡ ଆଦି ପ୍ରଦାନ କରାଯାଇଥିଲା। ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ଏବଂ ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଜାପାନ ପର୍ଯ୍ୟଟକଙ୍କୁ ଓଡ଼ିଶା ତଥା ଭାରତର ପର୍ଯ୍ୟଟନର ବିକାଶ ପାଇଁ ପ୍ରଚାରପତ୍ର ବଣ୍ଟାଯାଇଥିଲା। ଏହାଦ୍ୱାରା ଓଡ଼ିଶା ଏବଂ ଜାପାନ କଳାକାରମାନେ ପରସ୍ପରକୁ ଜାଣିବା ସହିତ ଉଭୟର କଳା, ସଂସ୍କୃତି ଓ ଖାଦ୍ୟପେୟ ସମ୍ପର୍କରେ ଅବଗତ ହୋଇପାରିଛନ୍ତି ବୋଲି ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ ସେଣ୍ଟରର ସଭାପତି କୁନା ଦାଶ କହିଛନ୍ତି।



ଜାପାନୀ ଖାଦ୍ୟ ପ୍ରସ୍ତୁତି ଓ ପ୍ରଦର୍ଶନ କରାଯାଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଚନ୍ଦ୍ର ପୁଷ୍ୟା ନକ୍ଷତ୍ରସ୍ଥ ଚନ୍ଦ୍ର ହେତୁ ସ୍ୱାସ୍ଥ୍ୟ ଭଲ ରହି ନ ପାରେ, କିନ୍ତୁ କୌଣସି କାମ ଅଟକି ରହିବ ନାହିଁ। ସଭାସମିତିରେ ନିଜର ସୀମା ଭିତରେ ରହିବା ଭଲ ନତୁବା ସାଧାରଣ କଥାରେ ମଧ୍ୟ ସମସ୍ୟା ଆସିବ। ମଧ୍ୟାହ୍ନ ପରେ ପରେ ଦେଇଥିବା ଜିନିଷ ଫେରି ପାଇବେ କିମ୍ବା ଆଶା କରିଥିବା ଦିଗରୁ ଅର୍ଥପ୍ରାପ୍ତି ହେବ।

**ବୃଷ**
ବୁଧ ମିତ୍ର ନକ୍ଷତ୍ରରେ ରହିଥିବାରୁ ବିଭିନ୍ନ କ୍ଷେତ୍ରରୁ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ମାଙ୍ଗଳିକ କାମରେ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ମଧ୍ୟାହ୍ନରେ ଟେନସନ୍ ଦୂର ହେବ। କଳା ସାହିତ୍ୟ ଓ ସାମ୍ବାଦିକତା, ଚୁକ୍ତିପତ୍ର କ୍ଷେତ୍ରରୁ ସୁଫଳ ମିଳିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସୁଫଳ ପାଇବେ।

**ମିଥୁନ**
ରାଶି ଓ ଚତୁର୍ଥାଧିପ ନବମସ୍ଥ ଯୋଗୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ କମିପାରେ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ମନକଥା ମନରେ ରଖିପାରିବେ ନାହିଁ, ବନ୍ଧୁଙ୍କ ନିକଟରେ ପ୍ରକାଶ କରିବାକୁ ବାଧ୍ୟ ହେବେ। ବନ୍ଧୁମାନଙ୍କ ପରାମର୍ଶରେ କେତେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**କର୍କଟ**
ସ୍ୱଗୃହୀ ଚନ୍ଦ୍ର ହେତୁ ଦେହ ଭଲ ରହିବ ଏବଂ ଭାବପ୍ରବଣତାରେ ଭାସିଯାଇ ଗୁରୁତ୍ୱପୂର୍ଣ୍ଣ କଥାଟିକୁ ପାସୋରି ଦେବେ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ନିର୍ମାଣ, ଯୋଗାଯୋଗ, ପ୍ରେସ୍, ପବ୍ଲିକେଶନ, ଆଲୋଚନା ଓ ସଭାସମିତିରେ କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବ।

**ସିଂହ**
ଧନକର୍ମାଧିପ ରାଶିକୁ ଅବଲୋକନ କରୁଥିବାରୁ ଆର୍ଥିକ ଉନ୍ନତି ସହ କର୍ମକ୍ଷେତ୍ର ସୁରୁଖୁରୁରେ ଚାଲିବ। କିନ୍ତୁ ଉତ୍ତରାଫାଲଗୁନୀ ନକ୍ଷତ୍ର ସକାଶେ ସମସ୍ତ ପ୍ରକାରର ସୁବିଧା ଥିଲେ ମଧ୍ୟ ସହଯୋଗ ଅଭାବରୁ ତାହା ମଉଳି ଯିବାକୁ ବସିପାରେ।ବ୍ୟବସାୟ, ନିର୍ମାଣ, ଯାତ୍ରା, କଚେରି ମାମଲା ସମ୍ପର୍କୀୟ କ୍ଷେତ୍ରରୁ ଆଶାନୁରୂପ ଫଳ ପାଇବେ।

**କନ୍ୟା**
ଶୁକ୍ରଙ୍କ ଶୁଭଦୃଷ୍ଟି ଅର୍ଥନୈତିକ ଅଭିବୃଦ୍ଧି ସହ ନୂତନ କର୍ମାରମ୍ଭ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ଆପଣ ଅନ୍ୟମନସ୍କ ରହି ନୀରବତା ଅବଲମ୍ବନ କରିବା ଦ୍ୱାରା ଅନ୍ୟମାନେ ବିଭିନ୍ନ ପ୍ରକାରର ଟିକାଟିପଣୀ ଦେଇପାରନ୍ତି। ନିର୍ମାଣ ଓ ବ୍ୟବସାୟିକ କ୍ଷେତ୍ର ବିଭିନ୍ନ ସମସ୍ୟା ମଧ୍ୟରେ ମନ ଅଶାନ୍ତ ରହିବାର ଆଶଙ୍କା ରହିଛି।

**ତୁଳା**
ରାହୁଙ୍କ ପାପଦୃଷ୍ଟିର କୁପ୍ରଭାବରେ ବାରମ୍ବାର ଚେଷ୍ଟା କରି ମଧ୍ୟ କେତେକ ଅପୂରଣୀୟ ଆଶା ମନରେ ଆଲୋଡ଼ନ ସୃଷ୍ଟି କରିବ। କୌଣସି ବିବାଦୀୟ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବାର ଆଶା ରହିଛି। କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ସହକର୍ମୀ ଅବଶ୍ୟ ସାହାଯ୍ୟ କରିବେ।

**ବିଛା**
ଆଜି ଅର୍ଥପାଇବେ ସତ କିନ୍ତୁ କଥାବାର୍ତ୍ତା ଓ ବ୍ୟବହାରରେ କୌଣସି ବ୍ୟତିକ୍ରମ କାର୍ଯ୍ୟକ୍ଷେତ୍ରକୁ ପ୍ରଭାବିତ କରିପାରେ। ଯାହାକୁ ନିଜର ମନେ କରୁଛନ୍ତି ସେହିମାନେ ହିଁ ଆପଣଙ୍କ ପ୍ରଶଂସା ଓ ପ୍ରତିଷ୍ଠାକୁ ସହିପାରିବେ ନାହିଁ। ଅଫିସ୍‌ରେ କେତେକ ବ୍ୟକ୍ତି ମଧ୍ୟ ନିଜର ଭଳି ଅଭିନୟ କରି ପଛରେ ବିଭିନ୍ନ ପ୍ରକାରର କଥା କହିବେ।

**ଧନୁ**
ବାକ୍‌ଭାବାଧିପତି ସ୍ୱଗୃହସ୍ଥ ଯୋଗୁ ରୁକ୍ଷ ଓ କଠୋର ବାକ୍ୟାଳାପରେ ଅନ୍ୟମାନଙ୍କୁ ଚୁପ୍ କରାଇଦେଇପାରନ୍ତି। ଯେତେ ପ୍ରକାରର ସମସ୍ୟା ଆସିଲେ ମଧ୍ୟ ତାହାର ଠିକ୍ ସାମନା କରିବା ପାଇଁ ଦୃଢ଼ତା ଅକ୍ଷୁର୍ଣ୍ଣ ରହିବ। ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। କିନ୍ତୁ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି।

**ମକର**
ଆଜି ଧନାଧିପତି ରାଶିରେ ଅବସ୍ଥାନ କରି ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବା ଆଶାରେ ବନ୍ଧୁଙ୍କୁ ବିଭିନ୍ନ ପ୍ରକାରର କଥା କହିପାରନ୍ତି। ସରକାରୀସ୍ତରରୁ ପ୍ରତୀକ୍ଷା କରିଥିବା କୌଣସି ଖବର ପାଇ ଖୁସି ହେବେ। ଶିଳ୍ପ,ପରିବହନ ଓ ବାଣିଜ୍ୟରେ ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ ବଢ଼ିପାରେ। ନିଜର ପ୍ରତିବେଶୀଙ୍କ ସହ ସମ୍ପର୍କ ଯୋଡ଼ିବା ସକାଶେ ଚେଷ୍ଟା କରିପାରନ୍ତି।

**କୁମ୍ଭ**
ନିଜକୁ ସଂକୁଚିତ ମନେକରି ପରିବାରର ଅକୁହାକଥାକୁ ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। ଅଧସ୍ତନ କର୍ମଚାରୀମାନଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ଆପଣଙ୍କୁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ । ବାଣିଜ୍ୟ ଓ ବ୍ୟବସାୟିକ ସଫଳତା ମିଳିବ। ଶିକ୍ଷା, ପରୀକ୍ଷା,ଆଲୋଚନା, ଲେଖାପଢ଼ା ଓ ରଚନାତ୍ମକ କାମରେ ସଫଳତା ହାସଲ କରିବେ।

**ମୀନ**
କର୍ମକ୍ଷେତ୍ରରେ ଶୁଣାକଥାକୁ ବିଶ୍ୱାସ କରି କୌଣସି କାମ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବେଖାତିର ମନୋଭାବ ଯୋଗୁ ଚିନ୍ତାପ୍ରକଟ କରିବେ। ପାରିବାରିକ କ୍ଷେତ୍ରରେ କିମ୍ବା ସଭାସମିତିରେ ଆଲୋଚନା ଅବସରରେ ଅପ୍ରିୟ ସତକଥା କହିବିରୋଧୀ ହୋଇପାରନ୍ତି। ତଥାପି ନିଜର କାର୍ଯ୍ୟ ଦକ୍ଷତା ହେତୁ ବନ୍ଧୁମାନଙ୍କ ଗହଣରେ ପ୍ରଶଂସିତ ହେବେ।

ଆଜି ମାଘ ପୂର୍ଣ୍ଣିମା ଯୁକ୍ତ ପ୍ରତିପଦା ରବିବାର,ମାଘବ୍ରତ ସମାପନ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଗଜ ଉଦ୍ଧାରଣ ବେଶ, ଫେବୃୟାରୀ ୯ ତାରିଖ, ବିଶ୍ୱ ବିବାହ ଦିବସ,(ଫେବୃୟାରୀ ଦ୍ୱିତୀୟ ରବିବାର), ରାଶି ନକ୍ଷତ୍ର-ଅଶ୍ଳେଷା/କର୍କଟ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମେଷ ରାଶିର ଘାତବାର, ଦିବା ଘ୭।୦୭ମି. ଗତେ ଘ୧୦।୦୮ମି. ମଧ୍ୟେ ଅମୃତବେଳା। ଦିବା ଘ୯।୧୩ମି. ଗତେ, ଘ୧୦।୧୩ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪।୧୪ମି. ଗତେ ଘ୫।୨୮ମି. ମଧ୍ୟେ ମାହେନ୍ଦ୍ର ବେଳା।



ପଶ୍ଚିମ ଆସାମ ଓ ଉତ୍ତର ପଶ୍ଚିମବଙ୍ଗରେ ଶନିବାର ସନ୍ଧ୍ୟାରେ ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୫ ଥିବା ଜଣାପଡ଼ିଛି। ପ୍ରାୟ ୧୦ ସେକେଣ୍ଡ ଧରି ଲୋକମାନେ ଏହାକୁ ଅନୁଭବ କରିଥିଲେ। ଭୟରେ ଲୋକମାନେ ଏଣେତେଣେ ଦୌଡ଼ିବା ସହ ସୁରକ୍ଷିତ ସ୍ଥାନକୁ ପଳାଇଥିଲେ। ତେବେ କୌଣସି ମୃତାହତ ହୋଇ ନ ଥିବା ପ୍ରକାଶ। ଭୁଟାନରେ ମଧ୍ୟ ଭୂକମ୍ପ ଅନୁଭୂତ ହୋଇଥିବା କୁହାଯାଇଛି।

**ସଂକ୍ଷେପରେ**

## ଗାଡ଼ି ମାଲିକଙ୍କୁ ୪୨,୫୦୦ ଟଙ୍କା ଜରିମାନା

ଭଦ୍ରକ ଅଫିସ, ୮।୨: ନୂଆ ମୋଟର ଯାନ ଆଇନ ଲାଗୁ ହେବା ପରେ ବେପରୁଆ ଗାଡ଼ି ଚାଳନା ଉପରେ ରୋକ ଲଗାଯାଇଛି। ହେଲ୍‌ମେଟ ନ ପିନ୍ଧି ବାଇକ୍ ଚଲାଇବା, ଗାଡ଼ି ଚଲାଇବା ବେଳେ ମୋବାଇଲ ବ୍ୟବହାର ଓ ରଙ୍ଗରୁଟ୍‌ରେ ଯିବା ଆଦି ଉପରେ କଟକଣା ରହିଛି। ଡ୍ରାଇଭିଂ ଲାଇସେନ୍ସ କିମ୍ବା ଗାଡ଼ିର କାଗଜପତ୍ର ଠିକ୍ ନ ଥିଲେ ଚାଳକଙ୍କୁ ଜରିମାନା ଦେବାକୁ ପଡ଼ିବ। ସେହିପରି ୧୮ ବର୍ଷରୁ କମ୍ ବୟସର ପିଲା ଗାଡ଼ି ଚଲାଇ ପାରିବେ ନାହିଁ। ହେଲେ ଶନିବାର ଜଣେ ନାବାଳକଙ୍କ ବାଇକ୍ ଚାଳନା ଯୋଗୁ ଗାଡ଼ି ମାଲିକଙ୍କୁ ୪୨,୫୦୦ ଟଙ୍କା ଜରିମାନା ଦେବାକୁ ଆର୍‌ଟିଓଙ୍କ ପକ୍ଷରୁ ରସିଦ୍ କଟାଯାଇଛି। ସୂଚନା ଅନୁଯାୟୀ, ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ରାଣୀଗଡ଼ିଆ ନିକଟରେ ନାବାଳକ ଜଣକ ବାଇକ୍ ଚଲାଇ ଯାଉଥିବାବେଳେ ଜିଲା ପରିବହନ ଅଧିକାରୀ ତାଙ୍କୁ ଅଟକାଇଥିଲେ। ଗାଡ଼ିର କାଗଜପତ୍ର, ଆବଶ୍ୟକ ଡ୍ରାଇଭିଂ ଲାଇସେନ୍ସ ନ ଥିବା କାରଣରୁ ଗାଡ଼ି ମାଲିକ ଏହି ଜରିମାନା ଦେବାକୁ ରସିଦ୍ କଟାଯାଇଥିଲା। ଏହି ଘଟଣା ପରେ ନାବାଳକ ଗାଡ଼ି ଚାଳକଙ୍କ ମନରେ ଛନକା ପଶିଛି।

# ପଥର ଖୋଲରୁ ବାହାରୁଛି ଡିଜେଲ



ଲୋକେ ଡିଜେଲ ସଂଗ୍ରହ କରୁଛନ୍ତି।

**ଦାରିଙ୍ଗବାଡ଼ି,୮।୨(ଡି.ଏନ୍.ଏ)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ିର ଲଦପାଙ୍ଗା ଅଞ୍ଚଳରେ ଏକ ପଥର ଖୋଲ ଭିତରୁ ଶନିବାର ଡିଜେଲ ବାହାରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏକ ଚାଷ ଜମିରେ ଥିବା ଏହି ପଥରଖୋଲରୁ ସ୍ୱତଃପ୍ରବୃତ୍ତ ପାଣି ଆସୁଥିବା ବେଳେ ଏବେ ସେଥିରେ ଡିଜେଲ ମିଶି ବାହାରୁଛି। ଡିଜେଲ୍ ସଂଗ୍ରହ କରିବା ଲାଗି ଲୋକେ ବୋତଲ, ଜାର୍ ଧରି ଭିଡ଼ ଲଗାଇଛନ୍ତି। ଡିଜେଲ ବାହାରୁଥିବା ସ୍ଥାନଠାରୁ ମାତ୍ର ୪ ଶହ ମିଟର ଦୂରରେ ଏକ ପେଟ୍ରୋଲ ଟାଙ୍କି ରହିଛି। ଉକ୍ତ ଟାଙ୍କିରୁ ଲିକେଜ ହୋଇ

**■ ବନ୍ଦ କରାଗଲା ପେଟ୍ରୋଲ ପମ୍ପ, ଆଜି ହେବ ଯାଞ୍ଚ**

ଡିଜେଲ ଆସୁଥିବା ସନ୍ଦେହ କରାଯାଉଛି। ବିପିସିଏଲର୍ ସେଲ୍‌ସ ଅଫିସର ଦୀପକ ରଜକଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ଟାଙ୍କିରୁ ପେଟ୍ରୋଲ, ଡିଜେଲ ବନ୍ଦ କରାଯାଇଛି। ଟାଙ୍କିରେ ପ୍ରେସର ଟେଷ୍ଟିଂ ପାଇଁ ରବିବାର ଭୁବନେଶ୍ୱରରୁ ଇଞ୍ଜିନିୟର ଯିବେ ବୋଲି ଜଣାପଡ଼ିଛି। ଶନିବାର ସକାଳେ ପଥରଖୋଲ ନିକଟରେ ରହିଥିବା ଏକ ଚୁଆକୁ ଲୋକେ ଗାଧୋଇବାକୁ ଯାଇଥିବା ବେଳେ ଡିଜେଲ ଗନ୍ଧ ଆସୁଥିବା ଜାଣିପାରିଥିଲେ। ପରେ ଉକ୍ତ ପାଣିକୁ ଛାଣିବାରେ ସେଥିରୁ ଡିଜେଲ ବାହାରୁଥିବା ଜଣାପଡ଼ିଥିଲା। ଏହାକୁ ସଂଗ୍ରହ କରିବା ଲାଗି ଘଟଣାସ୍ଥଳକୁ ଲୋକଙ୍କ ସୁଅ ଛୁଟିଥିଲା। ଭିଡ଼କୁ ଦେଖି ଦାରିଙ୍ଗବାଡ଼ି ଆଇଆଇସି କୌଶିକ ମାଝି ସଦଳବଳ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ନିକଟରେ ଥିବା ପେଟ୍ରୋଲ ଟାଙ୍କିରୁ ଲିକେଜ ଚର୍ଚ୍ଚାକୁ ଟାଙ୍କି ମାଲିକ ଅରୂପ କୁମାର ସାହୁ ପ୍ରଥମେ ଖଣ୍ଡନ କରିଥିଲେ। ତାଙ୍କ ଟାଙ୍କିରେ ପେଟ୍ରୋଲ ଏବଂ ଡିଜେଲ ମହଜୁଦ ଠିକ୍ ରେକର୍ଡ ରହିଥିବା ସେ କହିଥିଲେ। ଅନ୍ୟପକ୍ଷରେ ଜମିରେ ଡିଜେଲ ଯୋଗୁ ପୂର୍ବରୁ ପକାଯାଇଥିବା ଧାନତଳି ନଷ୍ଟ ହୋଇଯାଇଥିବା ଜମି ମାଲିକ ଦୈତାରୀ ପଡ୍ରା କହିଛନ୍ତି।

# ବିବାହ ପ୍ରତିଶ୍ରୁତି ଦେଇ ମହିଳାଙ୍କୁ ବଳାତ୍କାର

**ଧର୍ମଗଡ,୮।୨(ଡି.ଏନ.ଏ.)**

ଆଇନଗତ ସହାୟତା ଯୋଗାଇ ଦେବା ନାଁରେ ଜଣେ ମହିଳାଙ୍କୁ ଖରାପ ଆଚରଣ କରିବା ଓ ତାଙ୍କ ସହ ଅଶ୍ଳୀଳ କଥା ହେବା ନେଇ ଜୟପାଟଣା ଅଞ୍ଚଳର ଜଣେ ଓକିଲଙ୍କ ନାଁରେ ଅଭିଯୋଗ ହେବା ଚର୍ଚ୍ଚା ନ ଥମୁଣୁ ଏବେ ଧର୍ମଗଡ ଅଞ୍ଚଳରେ ଅନୁରୂପ ଏକ ଅଭିଯୋଗ ସାମ୍ନାକୁ ଆସିଛି। ଏଥର ଓକିଲଙ୍କ ବଦଳରେ ଓକିଲଙ୍କ ପାଖରେ କାମ କରୁଥିବା ମୁନସିଙ୍କ ନାଁରେ ଜଣେ ମହିଳା ମହକିଲ ବଳାତ୍କାର ଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି। ମହିଳାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନାନୁଯାୟୀ, ଧର୍ମଗଡ ଥାନା ଅଞ୍ଚଳର ଜଣେ ଯୁବତୀ ଗତ ୬ ବର୍ଷ ତଳେ କୋକସରା ଥାନା ଅନ୍ତର୍ଗତ ଏକ ଗ୍ରାମରେ ବିବାହ କରିଥିଲେ। ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଯୋଗୁ ମହିଳା ଜଣକ କୋର୍ଟରେ ଭରଣ ପୋଷଣ ନେଇ ଏକ ମାମଲା ଦାଏର କରିଥିଲେ। ଇତି ମଧ୍ୟରେ ମାମଲା ପରିଚାଳନା କରୁଥିବା ଓକିଲଙ୍କ ମୁନସି ସାମନ୍ତ ନାଏକଙ୍କ ସହ ମହିଳାଙ୍କ ପ୍ରେମ ସମ୍ପର୍କ ବଢ଼ିଥିଲା। ଗତ ୫ ତାରିଖରେ ମହିଳଙ୍କୁ ମୁନସି ବିବାହ କରିବାକୁ ଡାକି ନେଇଥିଲେ ଏବଂ ଦୁଇ ଦିନ ବିଭିନ୍ନ ସ୍ଥାନରେ ରଖି ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ବିବାହ କଥାକୁ ସମ୍ପୂର୍ଣ୍ଣ ଏଡାଇ ଯାଇଥିଲେ। ପୀଡିତାଙ୍କ ବୟାନ ଅନୁଯାୟୀ ସାମନ୍ତ ତାଙ୍କୁ ଧର୍ମଗଡର ଏକ ହୋଟେଲରେ ମଧ୍ୟ ଗୋଟିଏ ରାତି ରଖିଥିଲେ। ଭଉଣୀ ଘରେ ନ ଥିବା ଜାଣି ତାଙ୍କ ଭାଇ ଧର୍ମଗଡ ଥାନାରେ ଏକ ନିଖୋଜ ମାମଲା ଦାଏର କରିଥିଲେ। ଅଭିଯୋଗ ଅନୁଯାୟୀ ସାମନ୍ତ ୭ ତାରିଖ ସକାଳେ ତାଙ୍କୁ ଏକ ବାଇକ୍‌ରେ ଆଣି ଗାଁ ପାଖ ଛକରେ ଛାଡି ଦେଇ ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ସକାଳେ ଯୁବତୀ ଜଣକ ଘରେ ପହଞ୍ଚିଥିଲେ। ପରିବାରଲୋକ ତାଙ୍କୁ ନିଖୋଜ ହେବା କାରଣ ସମ୍ପର୍କରେ ପଚାରିଥିଲେ। ପୀଡିତାଙ୍କଠାରୁ ସବୁ ଘଟଣା ଶୁଣିବା ପରେ ଏ ନେଇ ଧର୍ମଗଡ ଥାନାରେ ଏତଲା ଦିଆଯାଇଥିଲା।


## କରୋନା ଭାଇରସ୍ ସଚେତନତା

Brought to you by: Apollo HOSPITALS BHUBANESWAR

**ଭ୍ରମଣ ସମ୍ବନ୍ଧୀୟ ପରାମର୍ଶ**

- ଅସୁସ୍ଥ କିମ୍ବା କାଶ, ନାକରୁ ପାଣି ବୋହିବା ଆଦି ଭଳି ଅସୁସ୍ଥତାର ଲକ୍ଷଣ ଭୋଗୁଥିବା ବ୍ୟକ୍ତିମାନଙ୍କ ସହ ନିକଟ ସଂସ୍ପର୍ଶକୁ ଏଡ଼ାନ୍ତୁ ।
- ଜୀବନ୍ତ ପ୍ରାଣୀଙ୍କ ସଂସ୍ପର୍ଶ ଏବଂ କଞ୍ଚା/ଦରରନ୍ଧା ମାଂସ ସେବନକୁ ଏଡ଼ାନ୍ତୁ ।
- ଫାର୍ମ, ଜୀବନ୍ତ ପ୍ରାଣୀ ବଜାର କିମ୍ବା କଂସେଇଖାନାକୁ ଭ୍ରମଣ କରିବାରୁ ବିରତ ରୁହନ୍ତୁ ।
- କାଶ କିମ୍ବା ନାକରୁ ବୋହିବା ଭଳି ଶ୍ୱାସକ୍ରିୟାଗତ ଲକ୍ଷଣ ଦେଖାଦେଲେ ମାସ୍କ ପିନ୍ଧନ୍ତୁ ।

**ଚାଇନା (ବିଶେଷକରି ଉହାନ୍ ସହରକୁ) ଭ୍ରମଣରେ ଯାଉଥିବା ସମସ୍ତ ଯାତ୍ରୀ ନିଜ ସ୍ୱାସ୍ଥ୍ୟ ଉପରେ ବିଶେଷ ନଜର ରଖିବା ଜରୁରୀ।**

**ଯଦି ଆପଣଙ୍କ ଦେହ ଖରାପ ଲାଗେ ଓ ଆପଣଙ୍କୁ ଜ୍ୱର ଓ କାଶ ହୁଏ:**

- କାଶିବା କିମ୍ବା ଛିଙ୍କିବା ସମୟରେ ନିଜର ପାଟିକୁ ଘୋଡ଼ାଇଦିଅନ୍ତୁ।
- ଅସୁସ୍ଥ ଥିଲେ ଭ୍ରମଣର ଯୋଜନା କରନ୍ତୁ ନାହିଁ ।
- ତୁରନ୍ତ ଚିକିତ୍ସା ଲୋଡ଼ନ୍ତୁ ।

**ଭାରତ ଫେରିବା ସମୟରେ ଯଦି ଆପଣ ବିମାନରେ ଅସୁସ୍ଥ ଅନୁଭବ କରନ୍ତି**

- ଅସୁସ୍ଥତା ସମ୍ପର୍କରେ ଏୟାରଲାଇନ୍ କର୍ମଚାରୀଙ୍କୁ ସୂଚିତ କରନ୍ତୁ ।
- ଏୟାରଲାଇନ୍ କର୍ମଚାରୀଙ୍କଠାରୁ ମାସ୍କ ମାଗନ୍ତୁ ।
- ପରିବାର ସଦସ୍ୟ କିମ୍ବା ସହଯାତ୍ରୀମାନଙ୍କର ନିକଟ ସଂସ୍ପର୍ଶକୁ ଏଡ଼ାନ୍ତୁ ।
- ବିମାନରୁ ଓହ୍ଲାଇବା ସମୟରେ ଏୟାରଲାଇନ୍ କର୍ମଚାରୀଙ୍କ ନିର୍ଦ୍ଦେଶ ଅନୁସରଣ କରନ୍ତୁ ।

**ବିମାନରେ କିମ୍ବା ବିମାନରୁ ଓହ୍ଲାଇବା ପରେ ଯଦି ଆପଣ ଅସୁସ୍ଥ ଅନୁଭବ କରନ୍ତି:**

- ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ/ଇମିଗ୍ରେଶନ୍‌କୁ ସୂଚିତ କରନ୍ତୁ ।
- ଦିଲ୍ଲୀ, କୋଲକାତା ଏବଂ ମୁମ୍ବାଇ ବିମାନବନ୍ଦରରେ ସ୍ୱତନ୍ତ୍ର କାଉଣ୍ଟର ଖୋଲଯାଇଛି ।
- ବିମାନବନ୍ଦର ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସରଣ କରନ୍ତୁ।

**ଚାଇନାରୁ ଫେରିବାର ଏକ ମାସ ଅବଧିରେ ଯଦି ଆପଣ ଅସୁସ୍ଥ ହୁଅନ୍ତି:**

- ଅସୁସ୍ଥତା ସମ୍ପର୍କରେ ନିକଟତମ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସୂଚିତ କରନ୍ତୁ ଏବଂ ନିଜର ଭ୍ରମଣ ଇତିହାସ ବିଷୟରେ ମଧ ଚିକିତ୍ସକଙ୍କୁ ସୂଚିତ କରନ୍ତୁ ।

(କ୍ରମଶଃ...)




**ଡା. ସୁନୀତା ସାହୁ,** ଏମ୍‌ଡି (ମାଇକ୍ରୋବାୟୋଲୋଜି)
ଭାରପ୍ରାପ୍ତ ବରିଷ୍ଠ ପରାମର୍ଶଦାତା - ମାଇକ୍ରୋବାୟୋଲୋଜି ଏବଂ ହସ୍ପିଟାଲ୍ ଇନ୍‌ଫେକ୍ସନ୍ କଣ୍ଟ୍ରୋଲ୍

**ଆପୋଲୋ ହସ୍ପିଟାଲ୍ସ - ଭୁବନେଶ୍ୱର**

ଆପଏଣ୍ଟମେଣ୍ଟ : ୦୬୭୪ ୬୬୬୧୦୧୬ । ଇମର୍ଜେନ୍ସି: ୦୬୭୪ ୬୬୬୦୬୬୬


**ଜିଲା ଟିଠି**



**ବରଗଡ଼**

## ଡାକ୍ତର ଦରକାର

ସ୍ୱାସ୍ଥ୍ୟସେବା ଏକ ମୌଳିକ ଅଧିକାର। ଜନତାଙ୍କ ପାଖକୁ ଏହି ସେବା ପହଞ୍ଚାଇବା କେବଳ ସରକାରଙ୍କ କର୍ତ୍ତବ୍ୟ, ତାହା ନୁହେଁ; ଏଥିପାଇଁ ସରକାରଙ୍କ ଦାୟିତ୍ୱବୋଧ ମଧ୍ୟ ରହିଛି। ମାତ୍ର ଅନେକସ୍ଥଳେ ଏହା ଲୋକଙ୍କ ପାଖକୁ ଅପହଞ୍ଚ ହୋଇ ପଡ଼ିଛି। ବରଗଡ଼ ଜିଲାରେ ବର୍ତ୍ତମାନ ଏଭଳି ପରିସ୍ଥିତି ଉପୁଜିଛି। ଏଠାରେ ସ୍ୱାସ୍ଥ୍ୟସେବା ପାଇଁ ଆଖିଦୃଶିଆ ଭିତ୍ତିଭୂମି ରହିଛି, ହେଲେ ଡାକ୍ତରଙ୍କ ଅଭାବ ପରିଲକ୍ଷିତ ହୋଇଛି। ଫଳସ୍ୱରୂପ ଜିଲାବାସୀ ଆବଶ୍ୟକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଜିଲାରେ ଗୋଟିଏ ଜିଲା ମୁଖ୍ୟ ଡାକ୍ତରଖାନା (ଡିଏଚ୍‌ଏଚ୍), ପଦ୍ମପୁରରେ ଗୋଟିଏ ଉପଖଣ୍ଡ ଡାକ୍ତରଖାନା(ଏସଡିଏଚ୍), ୪୮ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି), ୧୫ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି) ଏବଂ ୨ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ଅର୍ବାନ୍ ପିଏଚସି) ରହିଛି। ଗତମାସ ୨୧ତାରିଖରେ ସହରଠାରୁ ପ୍ରାୟ ୮କି.ମି ଦୂର ଟୁକୁର୍ଲା(ଖେଦାପାଲି)ରେ ନିର୍ମିତ ୭ମହଲା ତଥା ୩୦୦ ଶଯ୍ୟା ବିଶିଷ୍ଟ ନୂତନ ଜିଲା ମୁଖ୍ୟ ଡାକ୍ତରଖାନାକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏହାପରେ ସହର ମଧ୍ୟରେ ରହିଥିବା ପୁରୁଣା ଡାକ୍ତରଖାନା ଜିଲା ମୁଖ୍ୟ ଡାକ୍ତରଖାନା ମାନ୍ୟତା ହରାଇ ଥିବାବେଳେ ଖେଦାପାଲିରେ ନବନିର୍ମିତ ଡାକ୍ତରଖାନାକୁ ସେହି ମାନ୍ୟତା ମିଳିଛି। ତେବେ ଜିଲାରେ ରହିଥିବା ଦୁଇଟିଯାକ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ହାଟପଦା, ରେଲୱେ ଷ୍ଟେଶନପଡ଼ା) ବରଗଡ଼ ସହର ମଧ୍ୟରେ ରହିଥିବାବେଳେ ନିକଟରେ ଜନ ଆନ୍ଦୋଳନ ଚାପରେ ଏଠାରେ ଥିବା ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ମୁଖ୍ୟମନ୍ତ୍ରୀ ସହରାଞ୍ଚଳ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର (ଅର୍ବାନ ସିଏଚସି)ଭାବେ ଘୋଷଣା କରିଛନ୍ତି। ଫଳସ୍ୱରୂପ ବରଗଡ଼ ସହର ତଥା ଜିଲାରେ ଆଉ ଏକ ସ୍ୱାସ୍ଥ୍ୟକେନ୍ଦ୍ର ଯୋଡ଼ି ହୋଇଯାଇଛି। ଏହାପରେ ଜିଲାରେ ଡାକ୍ତରଖାନା ସଂଖ୍ୟା ବଢ଼ିଛି ସତ, କିନ୍ତୁ ଡାକ୍ତରଙ୍କ ସଂଖ୍ୟା ଯେଉଁ ତିମିରେକୁ ସେହି ତିମିରରେ ରହିଛି। ବର୍ତ୍ତମାନ ଜିଲା ସ୍ୱାସ୍ଥ୍ୟ ବିଭାଗର ପ୍ରଶାସନିକ ଅଧିକାରୀଙ୍କ ସମେତ ମଞ୍ଜୁରୀପ୍ରାପ୍ତ ଡାକ୍ତରଙ୍କ ସଂଖ୍ୟା ୨୯୯। କିନ୍ତୁ ଏବେ ସେମାନଙ୍କ ମଧ୍ୟରୁ କେବଳ ୧୨୫ଜଣ ଅବସ୍ଥାପିତ ଅଛନ୍ତି ଏବଂ ମଞ୍ଜୁରୀପ୍ରାପ୍ତ ସଂଖ୍ୟାର ଅଧାରୁ ଅଧିକ ତଥା ଆହୁରି ୧୭୪ଟି ପଦବୀ ଖାଲି ପଡ଼ିଛି। ସେତିକିରେ ଜିଲାରେ ସ୍ୱାସ୍ଥ୍ୟସେବା କିଭଳି ଚାଲୁଥିବ, ତାହା ସହଜରେ ଅନୁମାନ କରାଯାଇପାରେ। ତଥାପି ଏଥିପ୍ରତି ଉଭୟ ଶାସକ, ବିରୋଧୀ ନୀରବଦ୍ରଷ୍ଟା। ସ୍ୱାସ୍ଥ୍ୟସେବା ବିଗିଡ଼ିଲେ ପରିଣାମ କ'ଣ ହୁଏ, ତାହା ଜିଲାରେ ଉପୁଜିଥିବା ସାମ୍ପ୍ରତିକ ପରିସ୍ଥିତିରୁ ସହଜରେ ଅନୁମେୟ। ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର ହେବା ପରେ ବରଗଡ଼ ସହରରେ ଜନତାଙ୍କ ସ୍ୱର ତେଜି ଉଠିଥିଲା ଏବଂ ଶେଷରେ ଜନତାଙ୍କ ସମ୍ମୁଖରେ ସରକାରଙ୍କୁ ମୁଣ୍ଡ ନୁଆଁଇବାକୁ ପଡ଼ିଛି। ଗତ ସପ୍ତାହରେ ଏଠାରେ ହୋଇଥିବା ଜନ ଆନ୍ଦୋଳନ ପରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟରୁ ତାହା ବାରି ହୋଇ ପଡ଼ିଛି। ତେବେ କେବଳ ଡାକ୍ତରଖାନା ବର୍ତ୍ତମାନ ଏକ ପ୍ରସଙ୍ଗ ନୁହେଁ। ଜିଲାରେ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ ଦିଗରେ ଚେଇଁ ଶୋଇଥିବା ଶାସକ, ବିରୋଧୀଙ୍କ ନିଦ ଭାଙ୍ଗୁଛି ନା ରାଜନେତାଙ୍କ ପ୍ରତି ଆସ୍ଥା ହରାଇଥିବା ଜନତାଙ୍କୁ ଏଥିପାଇଁ ପୁଣି ରାସ୍ତାକୁ ଓହ୍ଲାଇବାକୁ ପଡ଼ିବ, ତାହା ସମୟ କହିବ।

**- ପ୍ରେମାନନ୍ଦ ଖମାରୀ**

# ଅପରାଧ ସ୍ଥିତି, ମାଓବାଦୀ ଗତିବିଧି ଉପରେ ସମୀକ୍ଷା



ସମୀକ୍ଷା ବୈଠକରେ ଡିଜିପି ଅଭୟ ଓ ବିଭାଗୀୟ ଅଧିକାରୀମାନେ।

**ବ୍ରହ୍ମପୁର ଅଫିସ,୮।୨**

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଅଭୟ ଶନିବାର ବ୍ରହ୍ମପୁର ଗସ୍ତରେ ଆସି ଦକ୍ଷିଣାଞ୍ଚଳ ରେଞ୍ଜ ଡିଆଇଜିଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ୫ ପୋଲିସ ଜିଲାର ଏସ୍‌ପିଙ୍କୁ ନେଇ ବୈଠକ କରିଛନ୍ତି। ଦକ୍ଷିଣାଞ୍ଚଳ ପୋଲିସ ରେଞ୍ଜର ଆଇନ ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିବା ସହିତ ମାଓବାଦୀ ଗତିବିଧି, ଅପରାଧ ସ୍ଥିତି ଓ ମୋ' ସରକାର କାର୍ଯ୍ୟକ୍ରମ ଅନ୍ତର୍ଗତ ୫ଟିର କାର୍ଯ୍ୟକାରିତା ଉପରେ ସମୀକ୍ଷା କରିଥିଲେ। ସେହିପରି ଆଇନ ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ, ମାଓବାଦୀ ମୁକାବିଲା, ଗୋଇନ୍ଦା ସଂସ୍ଥା କାର୍ଯ୍ୟକାରିତାକୁ ନେଇ ଡିଜିପି ଅଭୟ ଆଲୋଚନା କରିଥିଲେ। ଅନ୍ୟପଟେ ବିଭିନ୍ନ ଥାନାରେ ରୁଜୁ ହୋଇଥିବା ମାମଲାଗୁଡିକର ଠିକ୍ ତଦନ୍ତ କରିବା ସହିତ

**ବ୍ରହ୍ମପୁରରେ ପୋଲିସ ଡିଜି**

ଦଣ୍ଡବିଧାନ କିପରି ବୃଦ୍ଧି କରାଯିବ ସେ ନେଇ ମଧ ଆଲୋଚନା ହୋଇଥିଲା। ବିଶେଷକରି କନ୍ଧମାଳ ଓ ଗଜପତି ଜିଲାରେ ମାଓବାଦୀ ଗତିବିଧି ନିୟନ୍ତ୍ରଣ ଉପରେ ମଧ ସମୀକ୍ଷା କରାଯାଇଥିଲା। ଏଥିରେ ଏଡିଜେ (ଗୋଇନ୍ଦା) ରାଧାକୃଷ୍ଣ ଶର୍ମା, ଡ଼ିଆଇଜି ସ୍ପେସାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ) ଜୟନାରାୟଣ ପଙ୍କଜ, ଡିଆଇଜି ସ୍ପେସାଲ ଇଣ୍ଟିଲିଜେନ୍ସି(ଏସ୍‌ଆଇଡବ୍ଲ୍ୟୁ) ଅନିରୁଦ୍ଧ ସିଂ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର, ଗଞ୍ଜାମ ଏସ୍‌ପି ବ୍ରିଜେଶ ରାୟ, ଗଜପତି ଏସ୍‌ପି ସାରା ଶର୍ମା, ବୌଦ୍ଧ ଏସ୍‌ପି ଭି.ରଘୁନାଥ ରାଓ ଓ ଏଏସ୍‌ପି ପ୍ରୋବେଶନ ଅଭିଳାଷ ଜି. ପ୍ରମୁଖ ଉପସ୍ଥିତ ଥିଲେ।

# ନବଦମ୍ପତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ନବରଙ୍ଗପୁର/ଉମରକୋଟ,୮।୨(ବି.ପ୍ର/ଡି.ଏନ.ଏ)**

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ସୀମାନ୍ତ ଦଣ୍ଡସରା ଗେଟାଗୁଡା ସାହିର ଏକ ଜମିରେ ଥିବା ଅସ୍ଥାୟୀ କୁଡିଆ ଭିତରୁ ଝୁଲନ୍ତା ଅବସ୍ଥାରେ ନବଦମ୍ପତିଙ୍କ ମୃତଦେହ ଶନିବାର ଉଦ୍ଧାର କରାଯାଇଛି। ମୃତ ଦମ୍ପତି ହେଲେ ନିତ୍ୟାନନ୍ଦ ଭତ୍ରା ଓ ତାଙ୍କ ସ୍ତ୍ରୀ ରୀନା ଗଣ୍ଡ। ସେମାନେ ଏକ ବର୍ଷ ହେଲା ପ୍ରେମବିବାହ କରିଥିଲେ। ଗେଟାଗୁଡା ଗ୍ରାମର ଦଶମତ ଭତ୍ରାଙ୍କ ସାନପୁଅ ନିତ୍ୟାନନ୍ଦ ଓ ବୋହୂ ରୀନା ଶୁକ୍ରବାର ରାତିରେ ଘରେ ଖାଇ ସାରିବା ପରେ ଶୋଇବାକୁ ଯାଇଥିଲେ। ଶନିବାର ସକାଳେ ନିତ୍ୟା ଓ ରୀନାଙ୍କୁ ପରିବାର ଲୋକ ଘରେ ପାଇ ନ ଥିଲେ। ଇଟା ତିଆରି କରିବାକୁ ଜମିକୁ ଯାଇଥିବେ ବୋଲି ପରିବାର ଲୋକ ଭାବିଥିଲେ। ପୁଅ ଓ ବୋହୂଙ୍କ ନିମନ୍ତେ ମା' ଜୟନ୍ତୀ ଜମିକୁ ଚା' ଧରି ଯାଇଥିଲେ। କିନ୍ତୁ ଜମିରେ ଥିବା ଅସ୍ଥାୟୀ କୁଡିଆରେ ୨ ଜଣଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ଘରେ ଜଣାଇଥିଲେ। ଖବର ପାଇ ଆଇଆଇସି ଉମେଶ ଚନ୍ଦ୍ର ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ମୃତ୍ୟୁର କାରଣ ଜଣାପଡି ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ଜଣାପଡିବ ବୋଲି ପୋଲିସ କହିଛି।







DSPL-268

## ଜାତୀୟ କୃମିନାଶ ଦିବସ

୧୦ ଫେବୃଆରୀ, ୨୦୨୦ (ସୋମବାର)

ଏହିଦିନ ୧ -୧୯ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କୁ ନିରାପଦ କୃମି ନାଶକ ଔଷଧ ବିନାମୂଲ୍ୟରେ ଅଙ୍ଗନୱାଡି କେନ୍ଦ୍ର ଓ ସ୍କୁଲ ମାନଙ୍କରେ ଖାଇବାକୁ ଦିଆଯିବ । ଅଙ୍ଗନୱାଡି କେନ୍ଦ୍ରରେ ପଞ୍ଜୀକୃତ ହୋଇନଥିବା କିମ୍ବା ବିଦ୍ୟାଳୟ ଯାଉନଥିବା ପିଲାମାନଙ୍କୁ ମଧ୍ୟ ଏହି ଔଷଧ ଖାଇବାକୁ ଦିଆଯିବ ।

ଏହା ସହିତ ନିମ୍ନ ପ୍ରଦତ୍ତ ଉପାୟ ଦ୍ୱାରା ନିଜକୁ କୃମି ସଂକ୍ରମଣରୁ ରକ୍ଷା କରନ୍ତୁ ।




ଏଣୁ, ସମସ୍ତ ପିଲାଙ୍କୁ (୧-୧୯ ବର୍ଷ) ତା ୧୦ ଫେବୃଆରୀ ୨୦୨୦ ରିଖରେ କୃମିନାଶକ ଔଷଧ ନିଷ୍ଚୟ ଖୁଆଇ ସେମାନଙ୍କୁ ପୁଷ୍ଟିହୀନତା, ରକ୍ତହୀନତାରୁ ଦୂରେଇ ରଖିବା ସହିତ ସେମାନଙ୍କ ମାନସିକ ତଥା ଶାରୀରିକ ଅଭିବୃଦ୍ଧିରେ ସହାୟକ ହୁଅନ୍ତୁ ।

**ଧ୍ୟାନ ଦିଅନ୍ତୁ :**

ଅନୁଗୁଳ, ଭଦ୍ରକ ଓ ଗଞ୍ଜାମ ଜିଲ୍ଲା ବ୍ୟତୀତ ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲାରେ ୧ ବର୍ଷରୁ ୧୯ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ କୃମିନାଶକ ଔଷଧ ଖାଇବାକୁ ଦିଆଯିବ । ତା ୧୦ ଫେବୃଆରୀ ୨୦୨୦ ରିଖରେ କୃମିନାଶକ ଔଷଧ ଖାଇପାରି ନଥିବାପିଲାମାନେ ତା ୧୭ ଫେବୃଆରୀ ୨୦୨୦ ରିଖରେ ଖାଇପାରିବେ । ଉପେରାକ୍ତ ୩ ଟି ଜିଲ୍ଲାରେ ଏହି ଔଷଧ ୧ରୁ ୨ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କୁ ଟୀକାକରଣ କେନ୍ଦ୍ରରେ ଖାଇବାକୁ ଦିଆଯିବା ।

ଅଧିକ ସୂଚନା ପାଇଁ ଆଶାଦିଦି /ଅଙ୍ଗନୱାଡି କର୍ମୀ କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ ।

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା**

facebook.com/HFWOdisha http://www.health.odisha.gov.in/ @HFWOdisha

OIPR-10003/13/0077/1920

ସବୁବେଳେ ପ୍ରକୃତ ଅସୁବିଧା ରହିଛି ଆମ ଭିତରେ- ଆମ ପରିପାର୍ଶ୍ୱରେ ନୁହେଁ। ଅସୁବିଧାଗୁଡିକ ଉପରେ ବିଜୟ ଲାଗି ତୁମର ତିନୋଟି କଥା ଆବଶ୍ୟକ। ଏକରେ ସଂକଳ୍ପ- ତା'ପରେ ନିର୍ଲିପ୍ତତା ଓ ଶେଷରେ ବିଶ୍ୱାସ। -ଶ୍ରୀଅରବିନ୍ଦ



# ନ୍ୟାୟ ମିଳୁଛି କି



ଆକାର ପଟେଲ

ଶାହିନବାଗ ପ୍ରତିବାଦସ୍ଥଳକୁ ଅଣାଯିବା ପରେ ଜଣେ ଶିଶୁର ମୃତ୍ୟୁ ହେବା ଘଟଣାର ଶୁଣାଣି କରିବାକୁ ସୁପ୍ରିମ୍‌କୋର୍ଟ ନିଜ ତରଫରୁ ଇଚ୍ଛା ପ୍ରକାଶ କରିଛନ୍ତି। ପ୍ରତିବାଦ ଯୋଗୁ ଗାଡ଼ି ଚଳାଚଳ ଅବରୁଦ୍ଧ ହେବା ଘଟଣାର ମଧ୍ୟ ଅଲଗା ଭାବେ ଫେବୃୟାରୀ ୧୦ ତାରିଖ ସୋମବାର ଶୁଣାଣି ହେବାକୁ ଯାଉଛି। ସୁପ୍ରିମ୍‌କୋର୍ଟ ପୋଲିସ ଦ୍ୱାରା ୨୫ ଜଣ ପ୍ରତିବାଦକାରୀଙ୍କ ମୃତ୍ୟୁ ହେବା ମାମଲାର ଶୁଣାଣି କରିନାହାନ୍ତି। ଉତ୍ତରପ୍ରଦେଶ ସରକାର ସିଏଏ (ନାଗରିକତ୍ୱ ସଂଶୋଧନ ଆଇନ) ବିରୋଧୀ ପ୍ରତିବାଦକାରୀଙ୍କ ସମ୍ପତ୍ତି ଜବତ କରିବାକୁ ଆରମ୍ଭ କରିଥିବା ବେଳେ ସୁପ୍ରିମ୍‌କୋର୍ଟ ଏହାର ଶୁଣାଣି କରିନାହାନ୍ତି। ବିଦାରଠାରେ ଏକ ସ୍କୁଲରେ ସିଏଏ-ବିରୋଧୀ ନାଟକ ପରିବେଷଣ କରାଯିବା ମାମଲାରେ ପୋଲିସ ପିଲାମାନଙ୍କୁ ବାରମ୍ବାର ଜେରା କରିବା ଘଟଣାରେ ସୁପ୍ରିମ୍‌କୋର୍ଟ ହସ୍ତକ୍ଷେପ କରିନାହାନ୍ତି। ସର୍ବୋଚ୍ଚ କୋର୍ଟ ମଧ୍ୟ କଶ୍ମୀରରେ ବିନା ଅଭିଯୋଗରେ ନେତାମାନଙ୍କୁ ଅଟକ ରଖାଯିବା ମାମଲାର ଶୁଣାଣି କରିନାହାନ୍ତି। ସିଏଏ ଯୋଗୁ ଦେଶ ସାରା ଦଙ୍ଗାଗୋଳ ଓ ଅସ୍ଥିରତା ସୃଷ୍ଟି ହେଉଛି ବୋଲି ବିଚାରପତିମାନଙ୍କୁ କୁହାଯାଇଥିଲେ ମଧ୍ୟ ସୁପ୍ରିମ୍‌କୋର୍ଟ ଏହି ଆଇନ ଉପରେ ସ୍ଥଗିତାଦେଶ ଜାରି କରିନାହାନ୍ତି। ଆସାମର ଅଟକ ଶିବିରଗୁଡ଼ିକରେ ରଖାଯାଇଥିବା ୧୦୦୦ ଲୋକଙ୍କୁ ଏବଂ ପରିବାରରୁ ବିଚ୍ଛିନ୍ନ କରିଦିଆଯାଇଥିବା ଲୋକମାନଙ୍କୁ ସୁପ୍ରିମ୍‌କୋର୍ଟ ନ୍ୟାୟ ପ୍ରଦାନ କରିନାହାନ୍ତି। ଏହି ଶିବିରଗୁଡ଼ିକରେ ରଖାଯାଇଥିବା ସମସ୍ତ ଅଣମୁସଲମାନଙ୍କୁ ମୁକ୍ତ କରିଦିଆଯିବ ବୋଲି ମୋଦି ସରକାର ଚଳିତ ସପ୍ତାହରେ ଘୋଷଣା କରିଥିବା ବେଳେ ସୁପ୍ରିମ୍‌କୋର୍ଟ ତାହା ଉପରେ ହସ୍ତକ୍ଷେପ କରିନାହାନ୍ତି। କେବଳ ମୁସଲମାନଙ୍କୁ ହିଁ ଜେଲରେ ରଖାଯିବ। ସୁପ୍ରିମ୍‌କୋର୍ଟ ଆସାମର ଜାତୀୟ ନାଗରିକ ପଞ୍ଜିକାରୁ ବାଦ୍ ପଡ଼ିଥିବା ୧୯ ଲକ୍ଷ ଲୋକଙ୍କ ମଧ୍ୟରୁ ମୁସଲମାନମାନଙ୍କୁ ନିଜ ନାଗରିକତ୍ୱର ପ୍ରମାଣ ଦେବାର ସୁଯୋଗ ଦିଆଯିବା ଲାଗି ଆଗତ ମାମଲାର ଶୁଣାଣି କରିନାହାନ୍ତି। ଆସାମ ଏନ୍‌ଆର୍‌ସିରେ ହୋଇଥିବା ଗୁରୁତର ଅନିୟମିତତା ନେଇ ଅଭିଯୋଗ ହୋଇଥିଲେ ମଧ୍ୟ ସୁପ୍ରିମ୍‌କୋର୍ଟ ତାହାର ଶୁଣାଣି କରିନାହାନ୍ତି। ଯେଉଁ କର୍ମଚାରୀମାନେ ସର୍ବାଧିକ ଲୋକଙ୍କୁ ବେଆଇନ ଘୋଷଣା କରିଛନ୍ତି ଭାଜପା ସରକାର ସେମାନଙ୍କ କାର୍ଯ୍ୟକାଳ ୨ ବର୍ଷ ବଢ଼ାଇଛନ୍ତି ଏବଂ ପ୍ରଦତ୍ତ ଦଲିଲଗୁଡ଼ିକରେ ବନାନ ଅଶୁଦ୍ଧି ଓ ତାରିଖ ଅଲଗା ରହିବା ଯୋଗୁ ଯେଉଁମାନଙ୍କୁ ବିଦେଶୀ ଘୋଷଣା କରାଯାଇଛି, ସୁପ୍ରିମ୍‌କୋର୍ଟ ସେମାନଙ୍କ ମାମଲାର ଶୁଣାଣି କରିନାହାନ୍ତି। ଯେଉଁ ଜମିରେ ବାବ୍ରି ବସ୍‌ଜିଦ ଛିଡ଼ା ହୋଇଥିଲା ସୁପ୍ରିମ୍‌କୋର୍ଟ ତାକୁ ଛଡ଼ାଇନେଇ ଯେଉଁମାନେ ମସ୍‌ଜିଦକୁ ଭାଙ୍ଗିଥିଲେ ସେଇମାନଙ୍କୁ ଦେଇଛନ୍ତି। ମସ୍‌ଜିଦ ଭାଙ୍ଗିଥିବା ଅଭିଯୁକ୍ତମାନଙ୍କ ବିରୋଧରେ ଶୁଣାଣିକୁ କୋର୍ଟ ଗୁରୁତ୍ୱ ଦେଇନାହାନ୍ତି। ଏଲ୍.କେ. ଆଡ୍‌ଭାନୀଙ୍କ ବିରୋଧରେ ଏବେ ବି ମାମଲା ରହିଛି। ଏବେ ତାଙ୍କର ବୟସ ୯୦ ହେଲାଣି ଏବଂ ବାବ୍ରି ଭଙ୍ଗା ଘଟଣା ବି ତିନି ଦଶନ୍ଧିର ପୁରୁଣା ହେଲାଣି। ଏନ୍‌ଆର୍‌ସି ଓ ଏନ୍‌ପିଆର୍‌କୁ ବେଆଇନଭାବେ ପରସ୍ପର ସହ ସମ୍ପୃକ୍ତ କରାଯାଇଛି ଏବଂ ସୁପ୍ରିମ୍‌କୋର୍ଟ ଏ ବାବଦରେ କିଛି ଶୁଣାଣି କରିନାହାନ୍ତି। ଏହିପରି ଲେଖିଲେ ତାଲିକା ଆହୁରି ଲମ୍ବା ହେବ, କିନ୍ତୁ ମୁଁ ଏତିକିରେ ରଖୁଛି।

ସତକଥା ହେଲା ସୁପ୍ରିମ୍‌କୋର୍ଟ ପକ୍ଷପାତଦୁଷ୍ଟ ହୋଇଥିବା ଅନେକେ ମନେକରୁଛନ୍ତି। ସୁପ୍ରିମ୍‌କୋର୍ଟ କେଉଁସବୁ ମାମଲାର ଶୁଣାଣି କରିବାକୁ ପ୍ରାଥମିକତା ଦେଉଛନ୍ତି ଓ କାହାର ଶୁଣାଣି କରିବାକୁ ଚାହୁଁନାହାନ୍ତି, ତାକୁ ଦେଖିଲେ ଏହା ସ୍ପଷ୍ଟ ବୁଝାପଡୁଛି। ସାଧାରଣ ସମୟରେ ଏହା ଏତେ ଉଦ୍‌ବେଗର ବିଷୟ ହୋଇ ନ ପାରେ। କିନ୍ତୁ ଯେତେବେଳେ ସାରା ବିଶ୍ୱ ଭାରତର କାର୍ଯ୍ୟଧାରାକୁ ନେଇ ଅସନ୍ତୁଷ୍ଟ, ଯେତେବେଳେ କୋଟି କୋଟି ଲୋକ ବଞ୍ଚିବା ପାଇଁ ରାସ୍ତା ଉପରକୁ ଆସି ଆନ୍ଦୋଳନ କରୁଛନ୍ତି ଏବଂ ଯେତେବେଳେ ସରକାର ନିଜ ଆଦର୍ଶବାଦୀ କାର୍ଯ୍ୟସୂଚୀକୁ ନେଇ ବ୍ୟସ୍ତ ରହୁଛନ୍ତି, ସେତେବେଳେ ସୁପ୍ରିମ୍‌କୋର୍ଟ ମଧ୍ୟ ସରକାରଙ୍କର ସଂଖ୍ୟାଗୁରୁବାଦକୁ ବଳବତ୍ତର ରଖିବା ବିପଜ୍ଜନକ। ଭାରତରେ ସଂଖ୍ୟାଲଘୁମାନେ ସୁରକ୍ଷିତ ବୋଲି ସୁନାମ ରହିଆସିଥିବା ବେଳେ ମୋଦି ଓ ତାଙ୍କ ସରକାର ଏହାକୁ ବିଘ୍ନିତ କରିଚାଲିଛନ୍ତି। ୟୁରୋପ ପାର୍ଲାମେଣ୍ଟର ସଂଖ୍ୟାଗରିଷ୍ଠ ସଦସ୍ୟ ଭାରତର ଏକ ଆଇନ ବିରୋଧରେ ନିନ୍ଦା ପ୍ରସ୍ତାବ ଆଗତ କରିବା ଅଭାବନୀୟ। କିନ୍ତୁ ଆଉ କିଛି ଦିନ ଭିତରେ ବିଦେଶ ମନ୍ତ୍ରୀ ଜୟଶଙ୍କର ଯେତେବେଳେ ବ୍ରସେଲ୍‌ସ ଯିବେ ସେତେବେଳେ ତାଙ୍କୁ ଏପରି ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ। ଓମାର ଅବ୍‌ଦୁଲ୍ଲା ଓ ମେହବୁବା ମୁଫ୍‌ତିଙ୍କୁ ଅଟକମୁକ୍ତ କରିବା ଓ କଶ୍ମୀରବାସୀଙ୍କୁ ତାଙ୍କ ଇଣ୍ଟରନେଟ ସେବା ଫେରାଇଦେବା ପାଇଁ ଏକ ପ୍ରସ୍ତାବକୁ ଆମେରିକା କଂଗ୍ରେସର ୫୯ ସଦସ୍ୟ ସମର୍ଥନ କରିବା ମଧ୍ୟ ଏକ ଅଭାବନୀୟ ଘଟଣା। କିନ୍ତୁ ତାହା ମଧ୍ୟ ଘଟିଛି।

ସୁପ୍ରିମ୍‌କୋର୍ଟର ବିଚାରପତିଙ୍କ ସଂଖ୍ୟା ୧୯୫୦ରେ ୮ ଥିବାବେଳେ ୨୦୦୮ ସୁଦ୍ଧା ତାକୁ ୩୧କୁ ବୃଦ୍ଧି କରାଯାଇଥିଲା ଏବଂ ବର୍ତ୍ତମାନ ୩୩ ଜଣ ବିଚାରପତି ଅଛନ୍ତି। ସୁପ୍ରିମ୍‌କୋର୍ଟରେ ଏବେ ପ୍ରଧାନବିଚାରପତିଙ୍କୁ ନେଇ ଏକ ତିନିଜଣିଆ ବେଞ୍ଚ୍ ରହିଥିବା ବେଳେ ୧୩ ବା ୧୪ଟି ଦୁଇଜଣିଆ ବିଚାରପତିଙ୍କ ବେଞ୍ଚ୍ ରହିଛି। ଏହି ବେଞ୍ଚ୍‌ଗୁଡ଼ିକ ୧୩ ବା ୧୪ଟି କୋର୍ଟରୁମ୍‌ରେ ନିୟମିତ ବସନ୍ତି। ଅନ୍ୟ କୌଣସି ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ଦୁଇଜଣିଆ ବିଚାରପତିଙ୍କୁ ନେଇ ୧୩ ବା ୧୪ଟା କୋର୍ଟ ଚାଲେ ନାହିଁ, ଯେପରି ଭାରତରେ ଚାଲିଛି। ଆମେରିକାର ସୁପ୍ରିମ୍‌କୋର୍ଟ, ଯାହାର ଢାଞ୍ଚାରେ ଭାରତର ସୁପ୍ରିମ୍‌କୋର୍ଟ ଗଢ଼ା ହୋଇଛି, ସେଥିରେ ୧୨ ଜଣ ବିଚାରପତିଙ୍କୁ ନେଇ ମାତ୍ର ଗୋଟିଏ ବେଞ୍ଚ୍ ରହିଛି। କିନ୍ତୁ ଭାରତର ସୁପ୍ରିମ୍‌କୋର୍ଟରେ ଏତେ ବେଞ୍ଚ୍ ଥାଇ ଲୋକଙ୍କୁ ନ୍ୟାୟ ମିଳୁଛି କି? ଏହାର ଉତ୍ତର ସେହି ଲୋକମାନଙ୍କଠାରୁ ମିଳିବ, ଯେଉଁମାନେ ସରକାରଙ୍କ ନୃଶଂସତାର ଶିକାର ହେଉଛନ୍ତି। ଭାରତର ମୁସଲମାନମାନେ କ'ଣ ଭାବୁଛନ୍ତି ଯେ ସେମାନଙ୍କୁ ଉପଯୁକ୍ତ ନ୍ୟାୟ ମିଳୁଛି? ମୁଁ ସେମାନଙ୍କ ତରଫରୁ କିଛି କହିପାରିବି ନାହିଁ କିନ୍ତୁ ମୋର ଯାହା ଅନୁମାନ ସେମାନଙ୍କଠାରୁ ଯେଉଁ ଉତ୍ତର ଆସିବ ତାହା ହେବ 'ନା'।

Email: aakar.patel@gmail.com

## su|do|ku ସୁ-ଡୋ-କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ F ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

# ପଞ୍ଚମ ସ୍ତମ୍ଭର ଅଭ୍ୟୁଦୟ



ପ୍ରକାଶ ତ୍ରିପାଠୀ

ଗତ ସତୁରି ଦଶକ ଶେଷ ପର୍ଯ୍ୟନ୍ତ ରେଡିଓ ଓ ଖବରକାଗଜ ଥିଲା ଖବର ଜାଣିବାର ଏକମାତ୍ର ଉତ୍ସ। ରେଡିଓରୁ ମନୋରଞ୍ଜନ କାର୍ଯ୍ୟକ୍ରମ ସହ ଦେଶବିଦେଶର ଖବର ଶୁଣୁଥିଲୁ। ରେଡିଓରେ ଖବର ଶୁଣିବାକୁ ଅପେକ୍ଷାକରି ବସି ରହୁଥିଲୁ। ସେହିପରି ଖବରକାଗଜରେ କି କି ଖବର ବାହାରିଛି, ତାକୁ ପଢ଼ିବାକୁ ଉତ୍ସୁକତାର ସହ ହକରକୁ ଚାହିଁ ରହୁଥିଲୁ। ଟିଭି ଆସିବା ପରେ ଅଶୀ ଦଶକ ପରଠାରୁ ରେଡିଓର ଆକର୍ଷଣ କମି କମି ଆସିଲା। ଘଟଣାର ଦୃଶ୍ୟ ସବୁ ଟିଭି ପରଦାରେ ଦେଖିଲୁ। ଦିନଯାକର କାର୍ଯ୍ୟବ୍ୟସ୍ତତାରୁ ମୁକୁଳି ସନ୍ଧ୍ୟାରେ ଘରେ ବସି ଖବର ସହ ମନୋରଞ୍ଜନ କାର୍ଯ୍ୟକ୍ରମ ଦେଖିଲୁ। ଏବେ ସେ ସମୟ ଆଉ ନାହିଁ। ଏବେ ଟିଭିରୁ ଖବର ଦେଖିଲା ବେଳେ ମନେହୁଏ ସତେ ଯେପରି ଖବରଗୁଡ଼ିକ କେଉଁଠି ଦେଖିସାରିଛୁ। ସକାଳେ ଖବରକାଗଜ ଖୋଲିବା ପରେ ମନେହୁଏ ସତେଯେମିତି ସବୁ ଖବର କେଉଁଠି ପଢ଼ିସାରିଛି। ସବୁ ଖବର ବାସି ବାସି ଲାଗୁଛି। ଆମ୍ଭମାନଙ୍କୁ ଏବେ ପ୍ରତି ମୁହୂର୍ତ୍ତରେ ସବୁ ଜଣେଇ ପାରୁଥିବା, ସବୁ ଦେଖାଇ ପାରୁଥିବା ଓ ସବୁ ପଢ଼ାଇ ପାରୁଥିବା ମାଧ୍ୟମଟି ହେଉଛି ସୋସିଆଲ ମିଡିଆ ବା ସାମାଜିକ ଗଣମାଧ୍ୟମ। ଆମେ ପଢ଼ିଥିଲୁ ଗଣତନ୍ତ୍ରର ତିନୋଟି ସ୍ତମ୍ଭ ସମ୍ପର୍କରେ। ସ୍ତମ୍ଭ ତିନୋଟି ହେଲା ବ୍ୟବସ୍ଥାପକ, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା। ଏହା ସହ କ୍ରମେ ଯୋଡ଼ି ହୋଇଗଲା ଅଲିଖିତ ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ। କିନ୍ତୁ ଏବେ ଆମ ସମସ୍ତଙ୍କ ଅଜାଣତରେ ଗଣତନ୍ତ୍ରରେ ଆଉ ଏକ ସ୍ତମ୍ଭ ଯୋଡ଼ି ହୋଇଗଲାଣି ଓ ତାହା ହେଉଛି ସୋସିଆଲ ମିଡିଆ ବା ସାମାଜିକ ଗଣମାଧ୍ୟମ। ଏହି ଅଲିଖିତ ପଞ୍ଚମ ସ୍ତମ୍ଭଟି କ୍ରମଶଃ ଏତେ ଶକ୍ତିଶାଳୀ ହେବାକୁ ବସିଲାଣି ଯେ ଏହାକୁ ନିୟନ୍ତ୍ରଣ କରିବା କାଠିକରପାଠ।

ଦି ରଏଟର୍ସ ଇନ୍‌ଷ୍ଟିଚ୍ୟୁଟ ଡିଜିଟାଲ ନ୍ୟୁଜ ରିପୋର୍ଟ ପକ୍ଷରୁ ପ୍ରକାଶିତ ସର୍ବେକ୍ଷଣରୁ ଜଣାପଡ଼େ ଯେ, ୨୦୧୩ରୁ ୨୦୧୬ ମଧ୍ୟରେ ଆମେରିକା, ବ୍ରିଟେନ, ଜର୍ମାନୀ, ଫ୍ରାନ୍ସ ଓ ଜାପାନ ଆଦି ଦେଶରେ ମୋବାଇଲ ଫୋନ୍‌ରେ ସୋସିଆଲ ମିଡିଆର ବହୁଳ ଭାଗୀଦାରି ଯୋଗୁ ଟିଭି ଓ ଖବରକାଗଜ ପ୍ରତି ଲୋକଙ୍କ ସ୍ପୃହା କମି କମି ଆସୁଛି। ଏ ଦିଗରେ ଯୁକ୍ତରାଷ୍ଟ୍ର ଆମେରିକା ବହୁ ଆଗରେ। ଏହିସବୁ ଦେଶର ନେଟିଜେନ (ଇଣ୍ଟରନେଟ ବ୍ୟବହାର କରୁଥିବା ମଣିଷ)ଙ୍କ ପାଖରେ ଏତିକି ଫୁରସତ୍ ମିଳୁନାହିଁ ଯେ ସେମାନେ ନିଜ ନିଜ ଆତ୍ମୀୟଙ୍କ ସହ ଦୁଇପଦ କଥା ହୋଇପାରୁଛନ୍ତି ନା ନିଜର ପର୍ସନାଲ କମ୍ପ୍ୟୁଟର ଖୋଲିପାରୁଛନ୍ତି। ଏପରି କି ଘରକୁ ଆସୁଥିବା ଦୈନିକ ଖବରକାଗଜ ଓ ମାଗାଜିନ ଖୋଲା ନ ହୋଇ କବାଡିଆଙ୍କୁ ବିକ୍ରି କରିଦିଆଯାଉଛି। ବିକଶିତ ଦେଶଗୁଡ଼ିକରେ ସୋସିଆଲ ମିଡିଆର ଅଭ୍ୟୁଦୟର ମାୟା ଅନ୍ୟାନ୍ୟ ଦେଶକୁ ଆକ୍ରାନ୍ତ କରିବାକୁ ଲାଗିଲାଣି। ଭାରତ ଏଥିରୁ ବାଦ୍ ନୁହେଁ। ତଥ୍ୟରୁ ଜଣାପଡ଼େ ଭାରତରେ ଏବେ ପ୍ରାୟ ୫୬ କୋଟି ଲୋକ ସକ୍ରିୟ ଭାବେ ଇଣ୍ଟରନେଟ ସହ ଯୋଡ଼ିହୋଇ ରହିଛନ୍ତି। ଅର୍ଥାତ୍ ପ୍ରାୟ ସମାନସଂଖ୍ୟକ ଲୋକ ସୋସିଆଲ ମିଡିଆରେ ବି ସମ୍ପୃକ୍ତ ଅଛନ୍ତି। ଚଳିତବର୍ଷ ଶେଷ ସୁଦ୍ଧା ଏହା ୬୦ କୋଟି ଅତିକ୍ରମ କରିବାର ସମ୍ଭାବନା ରହିଛି। ଭାରତର ଅଢ଼େଇ ଲକ୍ଷ ଗ୍ରାମପଞ୍ଚାୟତରେ ହାଇସ୍ପିଡ ଇଣ୍ଟରନେଟ ବ୍ୟବସ୍ଥା ପହଞ୍ଚାଯିବାକୁ ସରକାରଙ୍କ ଲକ୍ଷ୍ୟ ଥିବାରୁ ଭାରତରେ ଶହେ କୋଟିରୁ ଊର୍ଦ୍ଧ୍ୱ ଲୋକ ସୋସିଆଲ ମିଡିଆରେ ଯଦି ସାମିଲ ହୋଇଯିବେ ତେବେ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଭାରତରେ ୩୫ ବର୍ଷରୁ କମ୍ ବୟସର ଯୁବତୀଯୁବକଙ୍କ ମଧ୍ୟରୁ ପ୍ରାୟ ୫୬ ଭାଗ ଦେଶବିଦେଶରେ ଘଟୁଥିବା ଘଟଣାବଳୀ ସମ୍ପର୍କରେ ନିଜ ମୋବାଇଲ ଫୋନ୍‌ରୁ ଖବର ଜାଣିଥାନ୍ତି। ମାତ୍ର ୧୬ ଭାଗ ଯୁବତୀଯୁବକ ପ୍ରିଣ୍ଟ ମିଡିଆ ଓ ୨୬ ଭାଗ ଇଲେକ୍ଟ୍ରୋନିକ ମିଡିଆ ବା ଟିଭିରୁ ଖବର ଜ୍ଞାତ ହୋଇଥାନ୍ତି। ଯଦି ଏହି ହାର ଅବ୍ୟାହତ ରୁହେ, ତେବେ ଆଗାମୀ ଦିନରେ ଉଭୟ ଛାପା ଓ ଟିଭି ଗଣମାଧ୍ୟମ ନିଶ୍ଚିତ ଦୁଃସମୟ ଦେଇ ଗତିକରିବେ। ଏବେଠାରୁ ତ ଅନେକ ଖବରକାଗଜ ପାଠକମାନଙ୍କୁ ବାନ୍ଧି ରଖିବା ପାଇଁ ବା ଅଧିକ ପାଠକ ସୃଷ୍ଟି କରିବା ପାଇଁ ଅନେକ ମାଗଣା ଯୋଜନା ହାତକୁ ନେଲେଣି। "ନିୟମିତ ଖବରକାଗଜ ପଢ଼ନ୍ତୁ ଓ ମାସ ଶେଷରେ ନିଶ୍ଚିତ ଉପହାର ପାଆନ୍ତୁ।" ସେହିଭଳି ବିଭିନ୍ନ ଟିଭି ଚ୍ୟାନେଲ ମଧ୍ୟ ଦର୍ଶକ ବୃଦ୍ଧି ଲକ୍ଷ୍ୟରେ ବିଭିନ୍ନ ଯୋଜନା ପ୍ରସ୍ତୁତିରେ ଲାଗିପଡ଼ିଲେଣି। କେବଳ ଭାରତରେ ନୁହେଁ, ବିଶ୍ୱବ୍ୟାପୀ ସମାନ ଅବସ୍ଥା ପରିଲକ୍ଷିତ ହେଲାଣି। କାନାଡା ଓ ଆମେରିକାରେ କିଛି ପ୍ରମୁଖ ଖବରକାଗଜ ସଂସ୍ଥା ମାଗଣାରେ ପାଠକମାନଙ୍କୁ ଖବରକାଗଜ ଯୋଗାଇ ଦେଉଥିଲେ ମଧ୍ୟ ପାଠକମାନେ ଆଉ ଆଗଭଳି ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଆମେରିକା ଓ ୟୁରୋପର ପ୍ରାୟ ୨୪ଟି ଦେଶରେ ପ୍ରିଣ୍ଟ ମିଡିଆ ଓ ଇଲେକ୍ଟ୍ରୋନିକ ମିଡିଆର ଅବସ୍ଥା ଏଭଳି ସ୍ତରକୁ ଆସିଯାଉଥିବାରୁ ଉଭୟ ଗଣମାଧ୍ୟମ ସୋସିଆଲ ମିଡିଆ ଅନ୍ତର୍ଗତ ଫେସ୍‌ବୁକ, ଟୁଇଟର, ସ୍ନାପଚାଟ, ୟୁଟ୍ୟୁବ ଆଦି ସୋସିଆଲ ଆପ୍‌ର ସହାୟତା ନେବା ସହ ସେଠାରେ ନିଜର ସ୍ଥିତି ଜାହିର କଲେଣି। କାରଣ ସେଠାକାର ପାଠକମାନେ ସୋସିଆଲ ମିଡିଆ ଆପ୍ ଉପରେ ଅଧିକ ଭରସା କରୁଛନ୍ତି।

ସୋସିଆଲ ମିଡିଆର କ୍ରମବର୍ଦ୍ଧିଷ୍ଣୁ ପରିସରକୁ ଦେଖି ଏହା ମାଧ୍ୟମରେ ମିଥ୍ୟା ଖବର, ମିଥ୍ୟା ଭିଡିଓ ତଥା ମିଥ୍ୟା ସୂଚନା ପ୍ରସାରଣ ବି ବୃଦ୍ଧି ଘଟୁଛି। ମଣିଷ ଏବେ ସେମାନଙ୍କର ଜୀବନଶୈଳୀ ବଦଳାଇ ଚାଲିଛନ୍ତି। ସେମାନଙ୍କ ଦୈନନ୍ଦିନ ଜୀବନରୁ ଟିଭି, ସିନେମା, ସଙ୍ଗୀତ, ଖବରକାଗଜର ଆବଶ୍ୟକତା କମି କମି ଆସିଲାଣି ଓ ସେହି ସ୍ଥାନ ନେଉଛି ସାମାଜିକ ଗଣମାଧ୍ୟମ। ବହୁଳ ଆଦୃତ ହେଉଥିବା ସୋସିଆଲ ମିଡିଆର ପଛପଟର ଅନ୍ଧାରକୁ କେହି ଦେଖୁ ନ ଥିବା ଦୁଃଖର ବିଷୟ। ଫେସ୍‌ବୁକର ସୂଚନା ଅନୁଯାୟୀ ନଭେମ୍ବର ୨୦୧୯ ଭିତରେ ପ୍ରାୟ ୩୦୦ କୋଟି ମିଥ୍ୟା ଫେସ୍‌ବୁକ ଆକାଉଣ୍ଟକୁ ହଟାଇ ଦିଆଯାଇ ସାରିଲାଣି, ଯାହା ମାଧ୍ୟମରେ କି ମିଥ୍ୟା ଖବର ଓ ଭିଡିଓମାନ ପ୍ରସାରଣ ଘଟୁଥିଲା। ଏହାଠାରୁ ଅଧିକ ଫେକ୍ ବା ମିଥ୍ୟା ଆକାଉଣ୍ଟ ଏବେ ବି ବିଦ୍ୟମାନ ଓ ପ୍ରତି ମୁହୂର୍ତ୍ତରେ ଏହାର ସଂଖ୍ୟା ବଢ଼ି ବଢ଼ି ଚାଲିଛି ଯାହା ସାଧାରଣ ଲୋକଙ୍କୁ ବିଭ୍ରାନ୍ତ କରିଚାଲିଛି। ଇଣ୍ଟର୍‌ନେଟ ଓ ସୋସିଆଲ ମିଡିଆର ଅପବ୍ୟବହାର ରୋକିବା ନିମନ୍ତେ ଅନେକ ରାଷ୍ଟ୍ର ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ଏହାର ଆଶାନୁରୂପ ସୁଫଳ ମିଳିପାରୁନାହିଁ। ଗୋଟିଏ ପଟେ ସୋସିଆଲ ମିଡିଆ ସାମ୍ପ୍ରତିକ ସମୟରେ ସାମାଜିକ ଓ ଅର୍ଥନୈତିକ ପ୍ରଗତିର ସୂତ୍ରଧର ହେଉଥିଲାବେଳେ ଅନ୍ୟପଟେ ଅସତ୍ୟ ଖବର, କୁତ୍ସାରଟନା, ବିଶୃଙ୍ଖଳା ତଥା ଦେଶଦ୍ରୋହ ଆଦି ବେନିୟମ କାର୍ଯ୍ୟକଳାପରେ ବ୍ୟବହୃତ ହେଉଛି। ଉଦାହରଣ ଭାବେ କଶ୍ମୀର ଘଟଣାକୁ ନିଆଯାଇପାରେ। ଗତ ଅଗଷ୍ଟରେ ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ପରେ ସୋସିଆଲ ମିଡିଆରେ ଏ ସଂକ୍ରାନ୍ତରେ ଏକ ଭିଡିଓ ଦେଖିବାକୁ ମିଳିଥିଲା। ଶ୍ରୀନଗର ଓ ବାରମୂଳାରେ ପ୍ରାୟ ଦଶହଜାର ମୁସଲିମ ୩୭୦ ଧାରା ଉଚ୍ଛେଦ ବିରୋଧରେ ଆନ୍ଦୋଳନ କରୁଥିବାର ଦୃଶ୍ୟ ଏହି ଭିଡିଓରେ ସ୍ଥାନିତ ଥିଲା। ତୁରନ୍ତ ଏହି ଭିଡିଓଟିକୁ ଇଣ୍ଡିଆ ଟୁଡେ ଆଣ୍ଟିଫେକ୍ ନ୍ୟୁଜ୍ ୱାର୍ ରୁମ୍‌ରେ ପରୀକ୍ଷା କରାଯିବା ପରେ ଜଣାପଡ଼ିଥିଲା ଯେ ଏହି ଭିଡିଓଟି ୟୁଟ୍ୟୁବ୍ ଓ ଟୁଇଟରରେ ଡିସେମ୍ବର ୧୨, ୨୦୧୮ରେ ଅପ୍‌ଲୋଡ୍ ହୋଇଥିଲା, ଯାହାର କି ୩୭୦ ଧାରା ଉଚ୍ଛେଦ ସହ କୌଣସି ସମ୍ପର୍କ ନ ଥିଲା। ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି ଲକ୍ଷ୍ୟରେ ଏହିପରି ଅସଂଖ୍ୟ ଭିଡିଓ ସେ ସମୟରେ ସୋସିଆଲ ମିଡିଆରେ ଦେଖିବାକୁ ମିଳିଥିଲା, ଯାହାର କି ଲେଶମାତ୍ର ସତ୍ୟତା ନାହିଁ। ସେହିପରି ଗତ ସାଧାରଣ ନିର୍ବାଚନ ପ୍ରଚାର ସମୟରେ ସୋସିଆଲ ମିଡିଆରେ ଏତେସଂଖ୍ୟକ ଫେକ୍ ଭିଡିଓ ଓ ନ୍ୟୁଜ୍ ସ୍ଥାନ ପାଇଥିଲା ଯେ କେଉଁଟା ସତ୍ୟ ଓ କେଉଁଟା ମିଥ୍ୟା ତାହା ଜାଣିବାକୁ ଉଚ୍ଚଶିକ୍ଷିତ ଲୋକ ମଧ୍ୟ ସକ୍ଷମ ହୋଇପାରି ନ ଥିଲେ। ଫେସ୍‌ବୁକରେ ଅପ୍‌ଲୋଡ୍ ହେଉଥିବା ମିଥ୍ୟା ଖବର, ସୂଚନା ଓ ଭିଡିଓକୁ ତନଖି କରିବା ପାଇଁ ଏହା ସହ ସମ୍ପୃକ୍ତ ଥିବା ଏକ ୱେବ୍‌ସାଇଟ 'ବୁମ୍'ର ମ୍ୟାନେଜିଂ ଡାଇରେକ୍ଟର ଜେନ୍‌ସି ଜାକବଙ୍କ ବକ୍ତବ୍ୟ ହେଉଛି, ଜନସାଧାରଣଙ୍କ ଭାବପ୍ରବଣତାକୁ ପରଖି ମିଥ୍ୟା ତଥ୍ୟ ଓ ଭିଡିଓ ସୋସିଆଲ ମିଡିଆରେ କ୍ରମାଗତ ଭାବେ ବୃଦ୍ଧି ପାଉଛି। ବର୍ତ୍ତମାନ ଭାରତରେ ୧୦ଟି ଭାଷାର ମିଥ୍ୟା ତଥ୍ୟ ସମ୍ବଳିତ ଲେଖା ଓ ଚିତ୍ରକୁ ହଟାଇବା ପାଇଁ ଆଠଟି ଟିମ୍ ଦିନରାତି କାର୍ଯ୍ୟ କରୁଛନ୍ତି। ତଥାପି ଏହା ଆୟତ୍ତ ବାହାରେ। ଅଭିଯୋଗ ଉଠେ ଯେ, ରାଜନୈତିକ ଦଳର ଆଇଟି ସେଲ୍ ପକ୍ଷରୁ ଅନେକ ସଂଖ୍ୟାରେ ଫେକ୍ ଆକାଉଣ୍ଟ ଖୋଲାଯାଉଛି। ଏଭଳି କ୍ଷେତ୍ରରେ ସୋସିଆଲ ମିଡିଆର ପ୍ରତ୍ୟେକ ଆକାଉଣ୍ଟକୁ ଆଧାର ସହ ସଂଯୋଗ କରାଯାଇପାରିଲେ ଅନେକ କିଛି ସୁଫଳ ମିଳିପାରନ୍ତା। ଏ ସଂକ୍ରାନ୍ତରେ ପ୍ରସ୍ତାବ ଆସୁଛି, ମାତ୍ର ଚାପି ଦିଆଯାଉଛି। କାରଣ ଏହା କାର୍ଯ୍ୟକାରୀ ହେଲେ ଆବଶ୍ୟକ ବେଳେ ଏଥିରୁ ଫାଇଦା ଉଠାଇବା ଆଉ ସମ୍ଭବ ହେବ ନାହିଁ। ନିଜ ପାଇଁ ତାଳି ଓ ବିରୋଧୀଙ୍କ ପାଇଁ ଗାଳି ହୋଇଯାଇଛି ପଞ୍ଚମ ସ୍ତମ୍ଭ ସୋସିଆଲ ମିଡିଆରେ କିଛି ଗୋଷ୍ଠୀଙ୍କର ମୁଖ୍ୟ ଉଦ୍ଦେଶ୍ୟ। ବ୍ୟକ୍ତିଗତ ଅଧିକାର, ଦେଶର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱର ସୁରକ୍ଷାକୁ ଦୃଷ୍ଟିରେ ରଖି ସୋସିଆଲ ମିଡିଆ ବ୍ୟବହୃତ ହୋଇପାରିଲେ ଗଣତନ୍ତ୍ର ପ୍ରତି ଏହା ଅଧିକ ଲାଭଦାୟକ ହୋଇପାରନ୍ତା।

ଇମେଲ-prakastripathy09@gmail.com

# ଅନ୍ତରୀକ୍ଷ ପରୀ

ପିଲାଟିଏ କାନ୍ଦିଲେ ମାତାପିତା ତାକୁ ଆକାଶ ଦେଖାଇଥାଆନ୍ତି। ଜହ୍ନ ମାମୁ ଓ ପରି ରାଇଜର କଥା କୁହାଯାଇ ତାକୁ ତୁନି କରାଯାଇଥାଏ। କିନ୍ତୁ ବଡ଼ ହେଲା ପରେ ମହାକାଶ ଓ ମହାଜାଗତିକ ବସ୍ତୁ ବିଷୟରେ ସେ ଜାଣିବାକୁ ଆଗ୍ରହ ରଖେ। ବିଜ୍ଞାନମନସ୍କ ଛାତ୍ରୀଛାତ୍ରଙ୍କ ମଧ୍ୟରୁ କେତେକେ ଏ ଦିଗରେ ବହୁପାଦ ଆଗକୁ ଯାଇ ଅନ୍ତରୀକ୍ଷରେ ପହଞ୍ଚିବାକୁ ଚେଷ୍ଟା କରନ୍ତି। ଏବେ ୪୧ ବର୍ଷୀୟା ଖ୍ରୀଷ୍ଟିନା କୋଚ୍ ମହାକାଶରେ ମହିଳା ମହାକାଶଚାରୀ ଭାବେ ୩୨୮ ଦିନ ରହିବାର ଗୌରବ ଅର୍ଜନ କରି କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ୬ ଫେବୃୟାରୀ ୨୦୨୦ରେ ଏହି ଆମେରିକୀୟ ମହିଳା ପୃଥିବୀକୁ ଫେରିବା ପରେ ସେ ଯୁବ ମହାକାଶଚାରୀଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟି ଯାଇଛନ୍ତି।

**ବ୍ୟକ୍ତିତ୍ୱ**



ଖ୍ରୀଷ୍ଟିନା କୋଚ୍

ଆମେରିକା ମିଚିଗାନ୍‌ର ଗ୍ରାଣ୍ଡ୍ ରାପିଡ୍ସଠାରେ ଖ୍ରୀଷ୍ଟିନା ୨୯ ଜାନୁୟାରୀ ୧୯୭୯ରେ ଜନ୍ମଗ୍ରହଣ କରିଥିଲେ। ମହାକାଶଚାରୀ ହେବା ଥିଲା ତାଙ୍କ ପିଲା ବେଳର ଲକ୍ଷ୍ୟ। ସେଥିପାଇଁ ସେ ପ୍ରାଥମିକ ଶିକ୍ଷା ଗ୍ରହଣ ସମୟରୁ ନିଜକୁ ପ୍ରସ୍ତୁତ କରିଥିଲେ। ଡୁର୍‌ହାମସ୍ଥିତ ନର୍ଥ କରୋଲିନା ସ୍କୁଲ ଅଫ୍ ସାଇନ୍ସ ଆଣ୍ଡ୍ ମାଥ୍‌ମେଟିକ୍ସରୁ ସେ ସ୍ନାତକ ଡିଗ୍ରୀ ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ନର୍ଥ କରୋଲିନା ଷ୍ଟେଟ୍ ୟୁନିଭର୍ସିଟିରୁ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ଓ ପଦାର୍ଥ ବିଜ୍ଞାନରେ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିଥିଲେ। ୨୦୦୧ରେ ସେ ନାସା (ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ୍ ସ୍ପେସ୍ ଆଡମିନିଷ୍ଟ୍ରେଶନ)ର ଅନ୍ତରୀକ୍ଷ ଗବେଷଣା ପରୀକ୍ଷାଗାର ଜିଏସ୍‌ଏଫ୍‌ସିର ଏକାଡେମୀ ପ୍ରୋଗ୍ରାମ୍‌ର ଗ୍ରାଜୁଏଟ୍ ହୋଇଥିଲେ। ପରେ ସ୍ପେସ୍ ସାଇନ୍ସ ଇନ୍‌ଷ୍ଟ୍ରୁମେଣ୍ଟ ଡେଭଲପ୍‌ମେଣ୍ଟ ଆଣ୍ଡ୍ ରିମୋଟ୍ ସାଇଣ୍ଟିଫିକ୍ ଫିଲ୍ଡ ଇଞ୍ଜିନିୟରିଂରେ ଖ୍ରୀଷ୍ଟିନା କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ସମୟରେ ଆଷ୍ଟ୍ରୋଫିଜିକ୍ସ ଓ କସ୍‌ମୋଲୋଜୀ ଉପରେ ବେଶ୍ ଅଧ୍ୟୟନ କରିବା ସହ ମେରୀଲାଣ୍ଡସ୍ଥିତ ମଣ୍ଟେଗୋମେରୀ କଲେଜରେ ଅଧ୍ୟାପନା କରିଥିଲେ। ୨୦୦୪ରୁ ୨୦୦୭ ମଧ୍ୟରେ ୟୁନାଇଟେଡ୍ ଷ୍ଟେଟ୍‌ସ ଆଣ୍ଟାର୍କଟିକ୍ ପ୍ରୋଗ୍ରାମ୍‌ରେ ରିସର୍ଚ୍ଚ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କଲା ବେଳେ ଅଭିଜ୍ଞତା ଅର୍ଜନ କରିଥିଲେ। ଏପରି କି ଅମୁଣ୍ଡସେନ୍‌ସ୍କଟ ସାଉଥ୍ ପୋଲ୍ ଷ୍ଟେଶନରେ ମାଇନସ୍ ୧୧୧ ଡିଗ୍ରୀ ତାପମାତ୍ରାରେ ୱିଣ୍ଟର ଓଭର ସିଜିନ୍ କାର୍ଯ୍ୟକ୍ରମରେ ଭାଗ ନେଇ କଠିନ ସମୟକୁ ସମ୍ମୁଖୀନ ହୋଇ ଖ୍ରୀଷ୍ଟିନା ନିଜ ମନୋବଳ ଦୃଢ଼ କରିପାରିଥିଲେ। ସାଉଥ୍ ପୋଲ୍‌ରେ ଥିବା ବେଳେ ସେ ମାସ ମାସ ଧରି ସୂର୍ଯ୍ୟକୁ ଦେଖିବାର ସୁଯୋଗ ପାଇ ନ ଥିବା କହିଥାଆନ୍ତି। ତାଙ୍କର ଏକନିଷ୍ଠ କାର୍ଯ୍ୟଶୈଳୀ ବରିଷ୍ଠ ବୈଜ୍ଞାନିକଙ୍କୁ ଖୁବ୍ ପ୍ରଭାବିତ କରିଥିଲା। ୨୦୦୭ରୁ ୨୦୦୯ ଯାଏ ସେ ଜନ୍ ହପ୍‌କିନ୍ସ ବିଶ୍ୱବିଦ୍ୟାଳୟରେ ସ୍ପେସ୍ ଡିପାର୍ଟମେଣ୍ଟ ଅଫ୍ ଦି ଆପ୍ଲାଏଡ୍ ଫିଜିକ୍ସ ଲାବରେଟୋରୀରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ କରିଥିଲେ। ସେତେବେଳେ ଖ୍ରୀଷ୍ଟିନା ମହାକାଶ ବିଜ୍ଞାନ ଉପକରଣ ବିକଶିତ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ସେହି ସମୟରେ ସେ ଆଣ୍ଟାର୍କଟିକାର ପାଲମେର୍ ଷ୍ଟେଶନ ଏବଂ ଗ୍ରୀନ୍‌ଲାଣ୍ଡ ବୁଲିବାର ସୁଯୋଗ ପାଇଥିଲେ। ୨୦୧୨ରେ ନ୍ୟାଶନାଲ ଓସେନିକ୍ ଆଣ୍ଡ୍ ଆଟ୍‌ମୋସ୍ଫିୟରିକ୍ ଆଡ୍‌ମିନିଷ୍ଟ୍ରେଶନ (ଏନ୍‌ଓଏଏ)ରେ ସେ କାର୍ଯ୍ୟ କରିଥିଲେ। ତେବେ ୨୦୧୩ରେ ୨୧ ଜଣିଆ ମହାକାଶଚାରୀଙ୍କ ଗୋଷ୍ଠୀରେ ଖ୍ରୀଷ୍ଟିନାଙ୍କୁ ସାମିଲ କରାଯିବା ପରେ ସେ ଅନ୍ତରୀକ୍ଷ ଯାତ୍ରା ଲାଗି ସ୍ୱପ୍ନ ଦେଖିଲେ। ଜୁଲାଇ ୨୦୧୫ରେ ସେ ଏଥିଲାଗି ପ୍ରଶିକ୍ଷଣ ଶେଷ କରିଥିଲେ। ୧୪ ମାର୍ଚ୍ଚ ୨୦୧୯ରେ ସେ ମହାକାଶକୁ ସୋୟୁଜ ୧୨ରେ ଆଲେକ୍ସ ଓଭ୍‌ଚିନିନ୍ ଏବଂ ନିକ୍ ହଗ୍‌ଙ୍କ ସହ ଯାଇଥିଲେ। ହେଲେ ହଗ୍ ଏବଂ ଓଭ୍‌ଚିନିନ୍ ବେଶି ଦିନ ଖ୍ରୀଷ୍ଟିନାଙ୍କ ଭଳି ସେଠାରେ ରହି ନ ପାରି ଫେରି ଆସିଥିଲେ। ଫଳରେ ୧୮ ଅକ୍ଟୋବର ୨୦୧୯ରେ ଖ୍ରୀଷ୍ଟିନା ଓ ଅନ୍ୟ ଜଣେ ମହିଳା ମହାକାଶଚାରୀ ଜେସିକା ମୈର ମହିଳା ପଦଚାରୀ ଭାବେ ମହାକାଶରେ ବୁଲିଥିଲେ। ହେଲେ ମହାକାଶରେ ରହିବାରେ ଖ୍ରୀଷ୍ଟିନା ସେହି ଆମେରିକାର ମହିଳା ମହାକାଶଚାରୀ ପେଗୀ ହ୍ୱିଟ୍‌ସନ୍‌ଙ୍କ ପୂର୍ବର ୨୮୯ ଦିନର ରେକର୍ଡକୁ ଭାଙ୍ଗି ୩୨୮ ଦିନର କୀର୍ତ୍ତିମାନ ସ୍ଥାପନ କରିପାରିଛନ୍ତି।

ବ୍ୟକ୍ତିଗତ ଜୀବନ କହିଲେ ଖ୍ରୀଷ୍ଟିନା ତାଙ୍କ ସ୍ୱାମୀ ରବର୍ଟ କୋଚ୍‌ଙ୍କ ସହ ଟେକ୍ସାସ୍‌ରେ ରହୁଛନ୍ତି। ବୃତ୍ତିରେ ମହାକାଶଚାରୀ ଭାବେ ସେ ଅନେକ ପୁରସ୍କାର ଓ ସମ୍ମାନର ଅଧିକାରୀ ହୋଇପାରିଛନ୍ତି। ତେବେ ପାହାଡ଼ ଚଢ଼ିବା, ସାଇକ୍ଲିଂ, ନୌବିହାର, ଦୌଡ଼ିବା, ଯୋଗ କରିବା, ଫଟୋ ଉଠାଇବା ସହ ଗୋଷ୍ଠୀଗତ ସେବାରେ ନିଜକୁ ନିୟୋଜିତ କରିବାରେ ସେ ଅଧିକ ଆନନ୍ଦ ପାଇଥାଆନ୍ତି।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଅନ୍ୟର ଉପକାର କରିବା ପାଇଁ ବେଳେବେଳେ ମଣିଷ କିଛି ନିଆରା କାମ କରିଥାନ୍ତି ଯାହା କରୁଛନ୍ତି ରାଜସ୍ଥାନ ଉଦୟପୁର ନିବାସୀ ଅଶୋକ ପାଲିୱାଲ। କ୍ୟାନ୍‌ସର ରୋଗୀଙ୍କଠାରେ ସକାରାତ୍ମକ ଭାବନାର ଆବଶ୍ୟକତାକୁ ଉପଲବ୍ଧି କରି ସେ ଏଥିପାଇଁ ଆରମ୍ଭ କରିଛନ୍ତି 'କେଶ ଦାନ ଅଭିଯାନ'। କେମୋଥେରାପିରେ କ୍ୟାନ୍‌ସର ପୀଡିତଙ୍କ ମୁଣ୍ଡରୁ କେଶ ଝଡ଼ିଯାଏ। ମୁଖ୍ୟତଃ ମହିଳାମାନେ ଏହି ପରିସ୍ଥିତିରେ ମାନସିକ ବିଷାଦର ଶିକାର ହୋଇଥାନ୍ତି। ଏଣୁ ସେମାନଙ୍କ ସମସ୍ୟା ଦୂରକରିବା ଲାଗି ପାଲିୱାଲ ଏହି ଅଭିଯାନ ଆରମ୍ଭ କରିଛନ୍ତି। ଏଥିରେ ମିଳୁଥିବା କେଶକୁ ମାଗଣାରେ କ୍ୟାନ୍‌ସର ରୋଗୀଙ୍କ ନିକଟରେ ପହଞ୍ଚାଉଛନ୍ତି। ଏବେ ସୁଦ୍ଧା ୭୦ରୁ ଊର୍ଦ୍ଧ୍ୱ ଲୋକ କେଶ ଦାନ କରିଛନ୍ତି। ଏମାନଙ୍କ ମଧ୍ୟରେ ସ୍କୁଲ ଛାତ୍ରୀଙ୍କ ସଂଖ୍ୟା ସବୁଠୁ ବେଶି। ଦାନରେ ମିଳୁଥିବା କେଶକୁ ଅଶୋକ ୱିଗ୍ ପ୍ରସ୍ତୁତ କରୁଥିବା ସଂସ୍ଥାକୁ ଦେଉଛନ୍ତି ଓ ପରେ ତାକୁ କ୍ୟାନ୍‌ସର ରୋଗୀଙ୍କୁ ବିନା ଦେୟରେ ଉପଲବ୍ଧ କରାଉଛନ୍ତି। ଏହି ଅଭିଯାନରେ ଅଶୋକ ଉଦୟପୁର ରୋଟାରି କ୍ଲବ୍, ସର୍ବଭାରତୀୟ ହେୟାର ବ୍ୟୁଟି ଆସୋସିଏଶନ, ଲେକ୍‌ସିଟି ବ୍ୟୁଟି ମଣ୍ଡଳ ସମେତ ଗୀତାଞ୍ଜଳି ମେଡିକାଲ କଲେଜକୁ ସାମିଲ କରିବାରେ ସକ୍ଷମ ହୋଇପାରିଛନ୍ତି।

## ଚିରନ୍ତନୀ

ସଧୀର ଗତିରେ ବଉଦ ଚଳଇ ଶଇଳ-ଚୂଳେ
କରୁଣ କାକୁତି ଡାକଇ କପୋତ କଦମ-ମୂଳେ
ତୁମେ କହ ତା'ର ନାହିଁ କିଛି ମୂଲ ଭୁବନହାଟେ
ମୁକ୍ତା କଣିକା ଝରାଏ ସେ ମୋର ପରାଣ ତୁଳେ।
(ମାନସୀ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୯ ଫେବୃୟାରୀ ୧୯୯୫

- ଜମ୍ମୁ-କଶ୍ମୀରରେ ରାଷ୍ଟ୍ରପତି ଶାସନର ମିଆଦକୁ ଆଉ ୬ ମାସ ବୃଦ୍ଧିକରିବା ନିଷ୍ପତ୍ତିକୁ କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ।
- ଦେଶରେ ମ୍ୟାଲେରିଆ ବୃଦ୍ଧିପାଉଥିବା ଦୃଷ୍ଟିରୁ କେନ୍ଦ୍ରସ୍ୱାସ୍ଥ୍ୟ ବିଭାଗ ବିଶ୍ୱବ୍ୟାଙ୍କର ସହାୟତା ନେବାକୁ ସ୍ଥିର କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଢଳେଇ ରାସ୍ତାର ସ୍ଥାୟିତ୍ୱ

ମହାଶୟ,

ରାଜ୍ୟ ସରକାରଙ୍କ ତରଫରୁ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବିଭିନ୍ନ ଯୋଜନାରେ ଢଳେଇ ରାସ୍ତା ନିର୍ମାଣ କରାଯାଉଛି। ଏଥିପାଇଁ ରାଜ୍ୟ ତହବିଲରୁ ପ୍ରତିବର୍ଷ ଶହ ଶହ କୋଟି ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର ଅନେକ ସ୍ଥାନରେ ରାସ୍ତାର ମାନ ନିମ୍ନମାନର ଥିବାରୁ ବର୍ଷେ ନ ପୂରୁଣୁ ଏହା ଫାଟି ଦୁଇଫାଳ ହୋଇଯାଉଛି। ଢଳେଇ ରାସ୍ତା ନଷ୍ଟହେବାର ମୁଖ୍ୟ କାରଣ ହେଉଛି ଶସ୍ତା ସିମେଣ୍ଟର ବ୍ୟବହାର, ବାଲି, ଗୋଡ଼ି ଓ ସିମେଣ୍ଟର ଅନୁପାତ ଠିକ୍ ନ ରହିବା, ଢଳେଇ ପରେ ପର୍ଯ୍ୟାପ୍ତ ପାଣି ନ ଦେବା, ରାସ୍ତାର ଦୁଇକଡ଼ରେ ବାଲି ଫିଲିଂ ନ କରିବା, ଢଳେଇ ମୋଟେଇ କମ୍ ରହିବା ଓ ନିର୍ଦ୍ଦିଷ୍ଟ ବ୍ୟବଧାନରେ କଟ୍ ନ ରଖିବା ଇତ୍ୟାଦି। ଏ ସଂକ୍ରାନ୍ତରେ ସରକାରଙ୍କର କି ମାର୍ଗଦର୍ଶିକା ବା ସର୍ତ୍ତାବଳୀ ରହିଛି ସେ ସମ୍ପର୍କରେ ଜନସାଧାରଣ ଅଜ୍ଞ। ଏଣୁ ସରକାରଙ୍କ ମାର୍ଗଦର୍ଶିକା ସାର୍ବଜନୀନ ହେବା ଆବଶ୍ୟକ। ସାଧାରଣ ଲୋକଙ୍କ ଟିକସ ଟଙ୍କାରେ ଯେଉଁ ଯୋଜନା ହେଉଛି ସେଥିରେ ଲୋକଙ୍କ ସହଭାଗିତା ରହିବା ଆବଶ୍ୟକ। ଲୋକମାନେ ସରକାରୀ ନିୟମାବଳୀ ଜାଣିଲେ ରାସ୍ତା ନିର୍ମାଣରେ ସେମାନଙ୍କର ସହଭାଗିତା ରହିବ ଓ ରାସ୍ତାର ସ୍ଥାୟିତ୍ୱକୁ ସୁନିଶ୍ଚିତ କରିବାରେ ଏହା ସହାୟକ ହୋଇପାରିବ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

### ଆବର୍ଜନା ବିଭକ୍ତୀକରଣ

ରାଜଧାନୀ ଭୁବନେଶ୍ୱରର ପରିମଳ ପରିଚାଳନା ପାଇଁ ବିଏମ୍‌ସିର ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର(ଏମ୍‌ସିସି) ଏକ ମହନୀୟ ପରିକଳ୍ପନା। ସମୁଦାୟ ୱାର୍ଡ ମଧ୍ୟରୁ ୪୩ ଗୋଟି ସ୍ଥାନରେ ଏହି ଏମ୍‌ସିସି ପ୍ଲାଣ୍ଟ ପ୍ରତିଷ୍ଠା ବର୍ଷକ ମଧ୍ୟରେ ଶେଷ ହେବ। ସେ ଯାବତ୍ ଦାରୁଠେଙ୍ଗ ଭୁଆସୁଣୀ ଡମ୍ପିଂୟାର୍ଡରେ ଆବର୍ଜନା ପଡୁଥିବ। ଏବେ କିଛି କିଛି ଆବର୍ଜନା ସୈନିକ ସ୍କୁଲ ପାଖରେ ପକାଯାଉଛି। ବାସ୍ତବିକ ଏହି ଆବର୍ଜନା ବିଭକ୍ତୀକରଣ ଏକ ଯଥାର୍ଥ ପଦକ୍ଷେପ। ଏହାଦ୍ୱାରା ନିର୍ଦ୍ଦିଷ୍ଟ କୌଣସି ଅଞ୍ଚଳବାସୀଙ୍କ ଅସନ୍ତୋଷ ରହିବ ନାହିଁ। ଏହି ପଦ୍ଧତିକୁ ରାଜ୍ୟରେ ଥିବା ସମସ୍ତ ମ୍ୟୁନିସିପାଲିଟି ବା ବିଜ୍ଞାପିତ ଅଞ୍ଚଳରେ କାର୍ଯ୍ୟକାରୀ କରାଯିବା ହିଁ ଠିକ୍ ପ୍ରାବଧାନ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଦିଲ୍ଲୀର ଶାହିନବାଗରେ ସିଏଏ ବିରୋଧୀ ବିକ୍ଷୋଭ ଚାଲିଥିବାବେଳେ ଗତ ୩୦ ତାରିଖରେ ଜଣେ ୪ ମାସର ଶିଶୁ ଆଖି ବୁଜିଦେଇଥିଲା। ସୁପ୍ରିମକୋର୍ଟ ଏହି ଘଟଣାରେ ନିଜଆଡୁ ମାମଲା ରୁଜୁ କରିଛନ୍ତି। ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି ଆସନ୍ତା ୧୦ ତାରିଖରେ ହେବ ବୋଲି ଶୁକ୍ରବାର ଧାର୍ଯ୍ୟ କରିଛନ୍ତି।

## ସାମାଜିକ ଗଣମାଧ୍ୟମରେ ଉତ୍ତର ରଖିବେ ସମବାୟ ମନ୍ତ୍ରୀ

ଭୁବନେଶ୍ୱର,୮।୨(ବ୍ୟୁରୋ)

ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଚଳିତ ମାସ ୧୩ ତାରିଖ(ଗୁରୁବାର) ଅପରାହ୍ଣ ୪ଟାରେ ସାମାଜିକ ଗଣମାଧ୍ୟମରେ ଲାଇଭ୍ (ସିଧାପ୍ରସାରଣ)ରେ ଆସିବେ। ବିଭାଗ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନର ସେ ଉତ୍ତର ରଖିବେ, ତାଙ୍କ ଟୁଇଟର/ଫେସବୁକ୍‌ରେ ଏହାର ସିଧାପ୍ରସାରଣ କରାଯିବ। ଯେଉଁମାନେ ତାଙ୍କୁ କୌଣସି ପ୍ରସଙ୍ଗରେ ପ୍ରଶ୍ନ କରିବାକୁ ଚାହାଁନ୍ତି, ୧୧ ତାରିଖ ପୂର୍ବରୁ ପ୍ରଶ୍ନ ପଠାଇବା ସହ ଟୁଇଟ୍ କରିବାକୁ ଅନୁରୋଧ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫-ଟି କାର୍ଯ୍ୟକ୍ରମକୁ ଆଉ ଗୋଟିଏ ପାଦ ଆଗକୁ ନେବାକୁ ଏପରି ପ୍ରୟାସ କରାଯାଉଛି।

# ପ୍ରଥା ଦାୟରେ ଏବେ ବି ବଳି ପଡୁଛନ୍ତି ବାଳିକା

ପବନ ପାଣିଗ୍ରାହୀ
ଜୟପୁର,୮।୨

**ଥମୁନି ବାଲ୍ୟବିବାହ ଧାରା**
- ପ୍ରଶାସନ ପାଖରେ ପ୍ରଭାବୀ ଯୋଜନା ନାହିଁ
- ସଭାସମିତିରେ ସୀମିତ ରହିଛି ସଚେତନତା

ଆଦିବାସୀ ଅଧ୍ୟୁଷିତ ଅବିଭକ୍ତ କୋରାପୁଟ ଜିଲାରେ ଏବେ ବି ବାଲ୍ୟ ବିବାହ ପ୍ରଥା ପ୍ରଚଳିତ ରହିଛି। ପ୍ରଶାସନ ପକ୍ଷରୁ ବାରମ୍ବାର ବାଲ୍ୟ ବିବାହ ରୋକାଯିବା ଘଟଣା ଦର୍ଶାଉଛି ଯେ ଏଯାବତ୍ ଏହି ପ୍ରଥା ଲୋପ ପାଇନାହିଁ। ନିରକ୍ଷରତା ଓ ସଚେତନତାର ଅଭାବ ସହ ପରମ୍ପରାକୁ ଆବୋରି ବସିବା ଯୋଗୁ ଏବେ ବି ବଳି ପଡୁଛନ୍ତି ବାଳିକା। ବାଲ୍ୟ ବିବାହ ବିରୋଧରେ ପ୍ରଶାସନର ସଚେତନତା କେବଳ ଜିଲାସ୍ତରୀୟ ସଭାସମିତି, ସମୀକ୍ଷା ବୈଠକରେ ସୀମିତ ରହିଥିବା ବେଳେ ତୃଣମୂଳ ସ୍ତରରେ ଏହାର ପ୍ରକୃତ ପ୍ରଭାବ ପଡୁନାହିଁ। ଚାଇଲ୍ଡ ଲାଇନ ବିଭାଗ ସହଯୋଗ ନ କଲେ ଏହାକୁ ରୋକିବା ଦିଗରେ ସଫଳତା ନେଇ ଆଶଙ୍କା ପ୍ରକାଶ ପାଇଛି। ଅବିଭକ୍ତ କୋରାପୁଟ ଜିଲାର ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର ଓ କୋରାପୁଟ ଜିଲାରେ ୬୦ ପ୍ରତିଶତରୁ ଅଧିକ ଆଦିବାସୀ ଲୋକ ରହୁଛନ୍ତି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବହୁ ପ୍ରଚଳିତ ପରମ୍ପରା ସହ ଦାରିଦ୍ର୍ୟତା ଯୋଗୁ କମ୍ ବୟସରେ ଝିଅମାନେ ବିବାହ କରିଥାନ୍ତି। ବାଲ୍ୟ ବିବାହ ଓ କମ୍ ବୟସରେ ମାତୃତ୍ୱ ଲାଭ ମାନବିକ ଅଧିକାରର ଉଲ୍ଲଂଘନ ହୋଇଥିବା ବେଳେ ଏହା ସାଂସାରିକ ଭବିଷ୍ୟତ ଗଢ଼ିବାରେ ଏକ ବାଧକ ଭାବେ ରହିଆସିଛି। ଯେଉଁ ସମୟରେ କିଶୋରୀମାନେ ବିଦ୍ୟାଳୟରେ ପାଠ ପଢ଼ିବା କଥା, ସେହି ସମୟରେ ବିବାହ ସେମାନଙ୍କ ଭବିଷ୍ୟତକୁ ଅନିଶ୍ଚିତତା ଭିତରକୁ ଠେଲିଦିଏ। ଆଦିବାସୀ ଝିଅ ୧୨ରୁ ୧୩ ବର୍ଷ ବୟସରେ ବିବାହ କରୁଛନ୍ତି। ଅଳ୍ପ ବୟସରେ ଗର୍ଭଧାରଣ କରି ପ୍ରସବକାଳୀନ ମୃତ୍ୟୁମୁଖରେ ପଡୁଛନ୍ତି। ପରିସଂଖ୍ୟାନ ଅନୁଯାୟୀ, ବାଲ୍ୟବିବାହ କ୍ଷେତ୍ରରେ ରାଜ୍ୟରେ ମାଲକାନଗିରି ଜିଲା ପ୍ରଥମ ଓ କୋରାପୁଟ ଜିଲା ଚତୁର୍ଥ ସ୍ଥାନରେ ରହିଛି। ନିରକ୍ଷରତା ଓ ସଚେତନତାର ଅଭାବ ଯୋଗୁ ବାଲ୍ୟ ବିବାହ ପ୍ରଥା ଆଶାନୁରୂପ ଭାବେ ବନ୍ଦ ହୋଇପାରି ନ ଥିବା ୟୁନିସେଫ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି। ସରକାର ଏ ଦିଗରେ ପ୍ରଭାବୀ ପଦକ୍ଷେପ ନେଉନାହାନ୍ତି। ଏ ସମ୍ପର୍କରେ ଆଇସିଡିଏସ୍ ପ୍ରୋଗ୍ରାମ ଅଫିସର ସ୍ୱର୍ଣ୍ଣଭା ଦାଶଙ୍କୁ ପଚାରିବାରୁ ସେ କହିଛନ୍ତି, ବାଲ୍ୟ ବିବାହ ରୋକିବା ପାଇଁ ଜିଲାପାଳଙ୍କଠାରୁ ଆରମ୍ଭ କରି ସମସ୍ତଙ୍କ ଉଦ୍ୟମ ଜାରି ରହିଛି।

**୨୦୧୯-୨୦ରେ କୋରାପୁଟ ଜିଲାରେ ଅଟକିଛି ୪୯ ବାଲ୍ୟବିବାହ**

୨୦୧୯-୨୦ରେ ଜିଲାରେ ୪୯ଟି ବାଲ୍ୟ ବିବାହ ରୋକିଥିଲା କୋରାପୁଟ ପ୍ରଶାସନ। ଗତ ଜାନୁଆରୀ ୧୮ରେ ବୈପାରିଗୁଡ଼ା ଥାନା ଲିମା ଗ୍ରାମରେ ବାଲ୍ୟ ବିବାହ ରୋକାଯାଇଥିଲା। ୩୦ ଜାନୁଆରୀରେ ଗୋଟିଏ ଦିନରେ ୫ଟି ବାଲ୍ୟ ବିବାହ ବନ୍ଦ କରିବାରେ ସଫଳ ହୋଇଥିଲା ପ୍ରଶାସନ। ବୈପାରିଗୁଡ଼ା ବ୍ଲକ ଦଣ୍ଡାବାଡ଼ି, ଚିପାକୁର, କୋଲାର ପଞ୍ଚାୟତର ବିଭିନ୍ନ ଗ୍ରାମରେ ଏହି ବିବାହ ହେବାର ଥିଲା। ଦଣ୍ଡାବାଡ଼ି ଛତାଆମରେ ୨ ଜଣ ନାବାଳିକା, କୋଲାର ଜି. ମାଳିଗୁଡ଼ାରେ ଜଣେ ନାବାଳକ, ଚିପାକୁର ଓ କେନ୍ଦୁକୁଣ୍ଡରେ ୨ ଜଣ ନାବାଳିକାଙ୍କ ବିବାହ ରୋକାଯାଇଥିଲା। ଫେବୃଆରୀ ୫ରେ ଲକ୍ଷ୍ମୀପୁର ଓ ୬ରେ କୋଟପାଡ଼ ଓ ଲକ୍ଷ୍ମୀପୁରରେ ବାଲ୍ୟ ବିବାହରେ ହସ୍ତକ୍ଷେପ କରି ଅଟକାଇଥିଲା ପ୍ରଶାସନ।

## ବାବୁସାନ ଶ୍ରେଷ୍ଠ ଅଭିନେତା, ଭୂମିକା ଶ୍ରେଷ୍ଠ ଅଭିନେତ୍ରୀ

ପୁରୀ ଅଫିସ, ୮।୨



ଅଭିନେତ୍ରୀ ଭୂମିକାଙ୍କୁ ସମ୍ମାନିତ କରାଯାଉଛି।

**ଶ୍ରେଷ୍ଠ ନବାଗତ ସମୀର ଓ ସାୟଲ**

ଊିନିଂ ଏବଂ ସ୍ପୋର୍ଟିଂ କ୍ଲବ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଗୋଲ୍ଡେନ ବିଚ୍‌ରେ ଦୁଇଦିନିଆ ୧୫ତମ ଓଡ଼ିଆ ଫିଲ୍ମ ଓ ଟିଭି ଆୱାର୍ଡ ଶୋ' ଟାଇମ୍ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମିଷ୍ଟର ମଜ୍‌ନୁ ଚଳଚ୍ଚିତ୍ର ଲାଗି ବାବୁସାନ୍ ଶ୍ରେଷ୍ଠ ଅଭିନେତା, ନାୟକର ନାଁ ଦେବଦାସ ଚଳଚ୍ଚିତ୍ର ପାଇଁ ଭୂମିକା ଶ୍ରେଷ୍ଠ ଅଭିନେତ୍ରୀ ଟାଇଟଲ ହାସଲ କରିଛନ୍ତି। ଶ୍ରୀତମ ଦାସ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା (ଗୋଲମାଲ ଲଭ୍) ଏବଂ ପ୍ରତିଭା ପଣ୍ଡା ପାର୍ଶ୍ୱ ଅଭିନେତ୍ରୀ (ପ୍ରେମ ପାଇଁ ମହାଭାରତ), ପ୍ରେମାନନ୍ଦ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ (ଅଜବ ସଞ୍ଜୁର ଗଜବ ଲଭ୍), ସୁଧାକର ବସନ୍ତ ଶ୍ରେଷ୍ଠ କୋରିଓଗ୍ରାଫର (ବୋବାଲ ଟୋକା), କଣ୍ଠଶିଳ୍ପୀ ସତ୍ୟଜିତ ଏବଂ ଅନ୍ତରା ଚକ୍ରବର୍ତ୍ତୀ ଶ୍ରେଷ୍ଠ ସଙ୍ଗୀତ, ଅସିତ ପତି ଶ୍ରେଷ୍ଠ ଖଳ ଅଭିନେତା (ଅଜବ ସଞ୍ଜୁର ଗଜବ ଲଭ୍) ଅଶୋକ ପତି ଶ୍ରେଷ୍ଠ ନିର୍ଦ୍ଦେଶକ (ମିଷ୍ଟର ସଞ୍ଜୁ) ଏବଂ ଶ୍ରେଷ୍ଠ ଫିଲ୍ମ ଭାବେ ତରଙ୍ଗ ସିନେ ପ୍ରଡକ୍ସନ ପ୍ରାୟୋଜିତ ମିଷ୍ଟର ସଞ୍ଜୁ ପୁରସ୍କୃତ ହୋଇଛନ୍ତି। ଫିଲ୍ମ 'ବାଳ' ଲାଗି ସମୀର ଶତପଥୀ ଶ୍ରେଷ୍ଠ ନବାଗତ ଏବଂ ସାୟଲ (ଚାଲ୍ ଟିକେ ଦୁଷ୍ଟ ହେବା) ଶ୍ରେଷ୍ଠ ନବାଗତ ଅଭିନେତ୍ରୀ ଭାବେ ପୁରସ୍କୃତ ହୋଇଛନ୍ତି। ଦେବୀଦତ୍ତ ମହାନ୍ତି (ଚାଲ୍ ଟିକେ ଦୁଷ୍ଟ ହେବା) ଶ୍ରେଷ୍ଠ ସଂଳାପ ଲେଖକ, ସଞ୍ଜୟ ମହାକୁଡ଼ ଶ୍ରେଷ୍ଠ ସଂଳାପ, ସୁଶାନ୍ତ ମଣି ଚଳଚ୍ଚିତ୍ର ନିମ୍‌କୀ ଲାଗି ଶ୍ରେଷ୍ଠ ସମ୍ପାଦକ, ବାପା ତମେ ଭାରି ଦୁଷ୍ଟ ଚଳଚ୍ଚିତ୍ର ଲାଗି ଶ୍ରେଷ୍ଠ ହାସ୍ୟ ଅଭିନେତା ଭାବେ ପ୍ରଦ୍ୟୁମ୍ନ ଲେଙ୍କା ଏବଂ ଶ୍ରେଷ୍ଠ ଫିଲ୍ମ ସାମ୍ବାଦିକ ଭାବେ ଆଦିକନ୍ଦ ରାଉତଙ୍କୁ ସମ୍ମାନିତ କରାଯାଇଥିଲା।

ଉତ୍ସବରେ ଅତିଥି ଭାବେ ଅନୁଷ୍ଠାନର ଚେୟାରମ୍ୟାନ ଇଂ. ସୂର୍ଯ୍ୟ ରଥ, ସାଧାରଣ ସମ୍ପାଦକ ଯୁବ ସାଂସ୍କୃତିକ ସଙ୍ଗଠକ ନବକିଶୋର ପ୍ରଧାନ, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଜୀବନ କୁମାର ବଡୁ, ଗୌରହରି ପ୍ରଧାନ, ଅଭିନେତା ଉତ୍ତମ ମହାନ୍ତି, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର ଏବଂ ଅନିରୁଦ୍ଧ ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନୃତ୍ୟଶିଳ୍ପୀ ନନ୍ଦିତା ଓ ଟିମ୍ ଓଡ଼ିଶୀ ଯୁଗଳବନ୍ଦୀ, ବ୍ରାସ୍ ଅର୍କେଷ୍ଟ୍ରା, ଶ୍ରୀକ୍ଷେତ୍ର ନୃତ୍ୟ କଳା ବିକାଶ ପରିଷଦ ଆଧୁନିକ ନୃତ୍ୟ, କୃଷ୍ଣମଣି ନୃତ୍ୟ କଳାପୀଠ ପକ୍ଷରୁ ଭଜନ ନୃତ୍ୟ ପରିବେଷଣ କରାଯାଇଥିଲା।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଗୋଷାଣୀ,୮।୨(ଡି.ଏନ୍.ଏ.)

ଗଜପତିଜିଲା ଗୋଷାଣୀ ବ୍ଲକ୍‌ତଥା ଗୁରାଣ୍ଡି ଥାନା ଗଜପତି ନଗର ଅଞ୍ଚଳରୁ ଶନିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଜଙ୍ଗଲପାଡୁ ଗ୍ରାମର ମୀନକେତନ ପାତ୍ରଙ୍କ ପୁଅ ଭୈରବ (୨୪)। ଡିଗ୍ରୀ କଲେଜର ଯୁକ୍ତତିନିର ଛାତ୍ର ଭୈରବ ଶନିବାର ଭୋର୍ ୪ଟାରେ ଜଣକର ଫୋନ୍ କଲ ପାଇ ବାଇକ୍‌ରେ ଘରୁ ବାହାରିଥିଲେ। ପ୍ରତ୍ୟେକ ଦିନ ଭଳି ସେ ପ୍ରାତଃଭ୍ରମଣରେ ଯାଉଥିବା ପରିବାର ଲୋକେ ଭାବିଥିଲେ। ହେଲେ ରାସ୍ତାକଡ଼ର ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ସୂଚନା ଦେଇଥିଲେ। ଗୁରାଣ୍ଡି ପୋଲିସ ଭୈରବଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ଯୁବକଙ୍କ ମା' ଏହା ଆତ୍ମହତ୍ୟା ନୁହେଁ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ଏ ନେଇ ବାପା ଥାନାରେ ଏତଲା ଦେବା ପରେ ପୋଲିସ ତଦନ୍ତ ଜାରି ରଖିଛି। ଗଞ୍ଜାମ ଜିଲା ଛତ୍ରପୁରରୁ ଆସିଥିବା ଏକ ସାଇଣ୍ଟିଫିକ୍‌ଟିମ୍ ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ ଚଳାଇଥିବା ସୂଚନା ମିଳିଛି। ଏ ନେଇ ଥାନାରେ ନଂ. ୫/୨୦ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।

## ରାଷ୍ଟ୍ର ଗଠନ ପାଇଁ ଗୁରୁକୁଳର ଆବଶ୍ୟକତା ରହିଛି : କେନ୍ଦ୍ରମନ୍ତ୍ରୀ



ଗୁରୁକୁଳ ଆଶ୍ରମରେ ମନ୍ତ୍ରୀଙ୍କ ସହ ଅତିଥିବୃନ୍ଦ ସ୍ମରଣିକା ଉନ୍ମୋଚନ କରୁଛନ୍ତି ।

ନୂଆପଡା ଅଫିସ,୮।୨

ପ୍ରାଚୀନକାଳରୁ ଗୁରୁକୁଳ ଶିକ୍ଷା ପାଇଁ ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରି ରଖିଛି । ଉତ୍ତମ ରାଷ୍ଟ୍ର ଗଠନ କରିବାକୁ ଉତ୍ତମ ଚରିତ୍ର ନିର୍ମାଣ କରିବା ଜରୁରୀ। ଚରିତ୍ର ନ ଥିଲେ ସବୁ ଅସାର । ତେଣୁ ଏକ ଉତ୍ତମ ରାଷ୍ଟ୍ର ଗଠନ ପାଇଁ ଗୁରୁକୁଳର ଆବଶ୍ୟକତା ରହିଥିବା କେନ୍ଦ୍ରମନ୍ତ୍ରୀ ପ୍ରତାପ କୁମାର ଷଡଙ୍ଗୀ କହିଛନ୍ତି । ସ୍ଥାନୀୟ ଆମସେନାସ୍ଥିତ ଗୁରୁକୁଳ ଆଶ୍ରମର ୫୨ତମ ବାର୍ଷିକ ଉତ୍ସବରେ ଯୋଗଦେଇ ମନ୍ତ୍ରୀ ଏହା କହିଥିଲେ। ଶନିବାର ପୂର୍ବାହ୍ନ ୧୧ଟାରେ ଆଶ୍ରମ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଆଶ୍ରମ ମୁଖ୍ୟ ଧର୍ମାନନ୍ଦ ସରସ୍ୱତୀ ଅଧ୍ୟକ୍ଷତା କରିଥିବାବେଳେ ମନ୍ତ୍ରୀ ମୁଖ୍ୟଅତିଥି, କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା, ସ୍ୱାମୀ ଆର୍ଯ୍ୟ ବେଶଜୀ, ହରିଭୂମି ସମ୍ପାଦକ ଡ. ହିମାଂଶୁଜୀ, ସତ୍ୟବ୍ରତଜୀ, ସୋମଦେବ ଶାସ୍ତ୍ରୀ, କ୍ୟାପଟେନ ଅଭିମନ୍ୟୁ ଜୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଅତିଥିମାନଙ୍କୁ ଆଶ୍ରମ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏମ୍‌ପି ପଣ୍ଡା ପଶ୍ଚିମ ଓଡ଼ଶାର ଏହା ଏକ ଦେବୋଭୂମି । ଏଭଳି ପବିତ୍ର ଆଶ୍ରମ ନିର୍ମାଣ କରି ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ପ୍ରୟାସ ଚଳାଇଥିବାରୁ ଧନ୍ୟବାଦ ଦେଇଥିଲେ। ଏଭଳି ପବିତ୍ର କାମ ପାଇଁ ନିଜକୁ ଉତ୍ସର୍ଗୀକୃତ ସେବା କରିବା ବିଧେୟ ବୋଲି କହିଥିଲେ। ହରିଭୂମି ସମ୍ପାଦକ ଡ.ହିମାଂଶୁ ଜୀ କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତକୁ ତପସ୍ୱୀଙ୍କ ଗସ୍ତ ବୋଲି କହିଥିଲେ। ମନ୍ତ୍ରୀ ଷଡଙ୍ଗୀ ପ୍ରାଚୀନ ଶିକ୍ଷା ପଦ୍ଧତି ଏବଂ ଏବର ଶିକ୍ଷା ପ୍ରଣାଳୀ, ମାର୍ଗ ଉପରେ ବିଷଦ ଭାବେ ବିଶ୍ଲେଷଣ କରିଥିଲେ। ଦେଶର ଭିତ୍ତିଭୂମି ହେଉଛି ଗୁରୁକୁଳ। ଜ୍ଞାନ ଓ ସାଧନାର ପବିତ୍ର ପୀଠ ହେଉଛି ଗୁରୁକୁଳ ବୋଲି କହିଥିଲେ। ଏହି ଅବସରରେ ଆଶ୍ରମ ପକ୍ଷରୁ ମନ୍ତ୍ରୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଆଶ୍ରମର ବ୍ରତାନନ୍ଦ ସରସ୍ୱତୀ, କୁଞ୍ଜ ଦେବ ମନୀଷୀ, ବିଶିକେଶନ ଶାସ୍ତ୍ରୀ ପ୍ରମୁଖ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ମନ୍ତ୍ରୀ ରାୟପୁର ଏୟାରପୋର୍ଟରୁ ଗାଡି ଯୋଗେ ଖରିଆରରୋଡ ଦେଇ ଆମସେନାରେ ପହଞ୍ଚିଥିଲେ। କାର୍ଯ୍ୟକ୍ରମ ସାରି ନୂଆପଡା ମିନିଷ୍ଟାଡିୟମରେ ଆୟୋଜିତ କର୍ମୀ ସମ୍ମିଳନୀରେ ଯୋଗଦେଇଥିଲେ। ସ୍ଥାନୀୟ ଆରଏସଏସ କାର୍ଯ୍ୟାଳୟ ପରିଦର୍ଶନ କରି କିଛି କାର୍ଯ୍ୟକର୍ତ୍ତାଙ୍କ ସହ ମିଶି ଆଲୋଚନା କରିଥିଲେ।

# ଆତଙ୍କବାଦ ବିରୋଧରେ ଏକାଠି ଲଢ଼ିବେ ଭାରତ-ଶ୍ରୀଲଙ୍କା

ନୂଆଦିଲ୍ଲୀ,୮।୨(ପି.ଟି.)



ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍‌ସେଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ଦକ୍ଷିଣ ଏସିଆରେ ଆତଙ୍କବାଦ ନିରୋଧୀ ଲଢ଼େଇରେ ପରସ୍ପର ସହଯୋଗ ବଢ଼ାଇବାକୁ ଭାରତ ଓ ଶ୍ରୀଲଙ୍କା ଶନିବାର ସହମତ ହୋଇଛନ୍ତି। ଭାରତ ଗସ୍ତରେ ଆସିଥିବା ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍‌ସେ ଓ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ଆତଙ୍କବାଦ ସମେତ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଦକ୍ଷିଣ ଏସିଆ ପାଇଁ ଆତଙ୍କବାଦ ସବୁଠୁ ବଡ଼ ବିପଦ ହୋଇଥିବାରୁ ଏଥିପାଇଁ ଏକାଠି ଲଢ଼ିବାକୁ ହେବ ବୋଲି ଉଭୟ ନେତା କହିଛନ୍ତି। ଗତବର୍ଷ ଏପ୍ରିଲରେ ହୋଇଥିବା ଇଷ୍ଟର ଆକ୍ରମଣ କେବଳ ଶ୍ରୀଲଙ୍କା ନୁହେଁ ସମଗ୍ର ମାନବଜାତି ଉପରେ ଆକ୍ରମଣ ଥିଲା। ଶ୍ରୀଲଙ୍କାର ପୋଲିସ ଅଧିକାରୀମାନଙ୍କୁ ଭାରତ ଆତଙ୍କବାଦ ନିରୋଧୀ ଲଢ଼େଇ ପାଇଁ ପ୍ରଶିକ୍ଷଣ ଦେଉଥିବା ପ୍ରଧାନମନ୍ତ୍ରୀ ମୋଦି କହିଥିଲେ। ସେହିପରି ଶ୍ରୀଲଙ୍କାରେ ଥିବା ତାମିଲ ସମ୍ପ୍ରଦାୟର ସବୁ ଆଶା ଆକାଂକ୍ଷା ରାଜପାକ୍‌ସେ ସରକାର ପୂରଣ କରିବା ନେଇ ଭାରତ ଆଶାବାଦୀ। କେବଳ ଶ୍ରୀଲଙ୍କା ନୁହେଁ ସମଗ୍ର ଭାରତ ମହାସାଗର ଅଞ୍ଚଳରେ ସ୍ଥିରତା, ସୁରକ୍ଷା ଓ ବିକାଶ ଭାରତ ଚାହେଁ ବୋଲି ଆଲୋଚନା ଅବସରରେ ମୋଦି କହିଥିଲେ। ଶ୍ରୀଲଙ୍କା ବିକାଶରେ ଭାରତ ବିଶ୍ୱସ୍ତ ସହଯୋଗୀ ରହିଆସିଛି ଓ ରହିବ ବୋଲି ସେ ଗଣମାଧ୍ୟମକୁ କହିଥିଲେ।

## ଆର୍‌ଜେଡି ବିଧାୟକଙ୍କ ବିରୋଧରେ ଚାର୍ଜଶିଟ୍

**ଆରା,୮।୨(ପି.ଟି.):** ନାବାଳିକା ବଳାତ୍କାର ମାମଲାରେ ଫେରାର ଥିବା ଆର୍‌ଜେଡି ବିଧାୟକ ଅରୁଣ ଯାଦବଙ୍କ ବିରୋଧରେ ସ୍ୱତନ୍ତ୍ର ପୋକ୍ସୋ ଅଦାଲତରେ ପୋଲିସ ଚାର୍ଜଶିଟ୍ ଦାଖଲ କରିଛି। ସନ୍ଦେଶ ବିଧାନସଭା ଆସନରୁ ପ୍ରତିନିଧିତ୍ୱ କରୁଥିବା ଯାଦବଙ୍କ ବିରୋଧରେ ମାନବ ଚାଲାଣ, ଯୌନ ନିର୍ଯାତନା ସମେତ ପୋକ୍ସୋ ଆଇନ ଏବଂ ଜୁଭେନାଇଲ ଜଷ୍ଟିସ୍ ଆକ୍ଟରେ ଚାର୍ଜଶିଟ୍ ହୋଇଛି। ୧୦ରେ ଅଦାଲତରେ ହାଜର ପାଇଁ ବ୍ୟବସ୍ଥା କରିବାକୁ ବିଧାନସଭା ବାଚସ୍ପତି ବିଜୟ କୁମାର ଚୌଧୁରୀଙ୍କୁ ନୋଟିସ ହୋଇଛି।

## ମହିଳା ପୋଲିସ ଅଧିକାରୀଙ୍କୁ ଗୁଳିକରି ହତ୍ୟା

**ନୂଆଦିଲ୍ଲୀ, ୮।୨:** ଉତ୍ତର-ପଶ୍ଚିମ ଦିଲ୍ଲୀରେ ଜଣେ ମହିଳା ପୋଲିସ ଅଧିକାରୀଙ୍କୁ ଗୁଳିକରି ହତ୍ୟା କରାଯାଇଛି। ପୋଲିସ ଏସ୍‌ଆଇ ପ୍ରୀତି ଅହଲାୱତ୍(୨୬) ମେଟ୍ରୋ ଷ୍ଟେଶନର ପୋଲିସ ଏକାଡେମୀରୁ କାମସାରି ଘରକୁ ଫେରୁଥିବାବେଳେ ଅନ୍ୟ ଜଣେ ପୋଲିସ ଅଧିକାରୀ ତାଙ୍କୁ ୩ ରାଉଣ୍ଡ ଗୁଳିକରି ହତ୍ୟା କରିଥିବା ଅଭିଯୋଗ ହୋଇଛି। ପ୍ରେମ ବ୍ୟାପାରକୁ ନେଇ ହତ୍ୟା କରାଯାଇଥିବା ଜଣାପଡ଼ିଛି। ପ୍ରୀତିଙ୍କ ମୁଣ୍ଡରେ ଗୁଳିମାଡ଼ ହେବାରୁ ସେ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ପ୍ରୀତିଙ୍କୁ ଗୁଳିକରି ମାରିବା ପରେ ଦୀପାଂଶୁ ରାଠି ହରିୟାଣାର ସୋନେପତ୍‌ରେ ଆତ୍ମହତ୍ୟା କରିଛନ୍ତି। ପୋଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଥିବାବେଳେ ସିସିଟିଭି ଫୁଟେଜ୍ ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ଯାଞ୍ଚ କରୁଛି। ଘଟଣାସ୍ଥଳରୁ ୩ଟି କାର୍ଟ୍ରିଜ୍ ପୋଲିସ ଜବତ ହୋଇଛି।

## ଗୋଟିଏ ସମ୍ପ୍ରଦାୟକୁ ବିରିୟାନି ଖୁଆଇଥିଲା ଏଏପି: ପର୍‌ଭେଶ୍

**ନୂଆଦିଲ୍ଲୀ,୮।୨:** ଭୋଟ ଦିନ ପୁଣି ଥରେ ଭାଜପାର ବିବାଦୀୟ ଏମ୍‌ପି ପର୍‌ଭେଶ ବର୍ମା ତାଙ୍କ ଅଭିଯୋଗକୁ ଦୋହରାଇଛନ୍ତି। ସିଏଏ ବିରୋଧରେ ଆନ୍ଦୋଳନ ଚଳାଇଥିବା ଶାହିନବାଗ୍, ସିଲମପୁର ଓ ଜାମିଆ ମିଲିଆ ଅଞ୍ଚଳର ଗୋଟିଏ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ପାଇଁ ଏଏପି ବିରିୟାନି ପରିବେଷଣର ଆୟୋଜନ କରିଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ସେଥିପାଇଁ ସେହି ସମ୍ପ୍ରଦାୟର ଭୋଟରମାନେ ଏଏପିକୁ ଭୋଟ ଦେବେ ବୋଲି ଲମ୍ବା ଧାଡ଼ିରେ ଛିଡ଼ାହୋଇଥିବା ବର୍ମା ଟୁଇଟ୍ କରିଛନ୍ତି।

# ମଧ୍ୟସ୍ଥତା ବାଧ୍ୟତାମୂଳକ ହେଉ: ସିଜେଆଇ

ନୂଆଦିଲ୍ଲୀ,୮।୨(ପି.ଟି.)



କୌଣସି ମକଦ୍ଦମା ଚଳାଇବା ପୂର୍ବରୁ ଏହାର ସମାଧାନ ମଧ୍ୟସ୍ଥତା ମାଧ୍ୟମରେ କରାଇବା ଆବଶ୍ୟକ। ଏଥିପାଇଁ ବିସ୍ତୃତ ଆଇନ ଆଣିବାର ସମୟ ଆସିଛି ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ ଶନିବାର କହିଛନ୍ତି। ଏହାଦ୍ୱାରା ଦ୍ରୁତ ନ୍ୟାୟ ପ୍ରଦାନ କରାଯିବା ସହ ଉଭୟ ପକ୍ଷ ଏବଂ ଅଦାଲତଙ୍କ ବରବାଦ ହେଉଥିବା ସମୟକୁ ହ୍ରାସ କରାଯାଇପାରିବ। 'ଜଗତୀକରଣ ଯୁଗରେ ମଧ୍ୟସ୍ଥତା' ଶୀର୍ଷକ ଅନ୍ତର୍ଜାତୀୟ ସମ୍ମିଳନୀର ତୃତୀୟ ସଂସ୍କରଣରେ ଉଦ୍‌ବୋଧନ ଦେଇ ଜଷ୍ଟିସ୍ ବୋବ୍‌ଡେ କହିଥିଲେ, ଏକ ମଜଭୁତ 'ମଧ୍ୟସ୍ଥତା ବାର୍' ଭାରତରେ ଆନୁଷ୍ଠାନିକ ମଧ୍ୟସ୍ଥତା ବିକାଶ ଲାଗି ବିଚାରଯୋଗ୍ୟ। ଜ୍ଞାନ ଓ ଅଭିଜ୍ଞତା ଥିବା ଆଇନଜୀବୀମାନଙ୍କ ପାଇଁ ଏହା ଉପଲବ୍ଧ ହୋଇପାରିବ ବୋଲି ସିଜେଆଇ କହିଥିଲେ। ଅନ୍ତର୍ଜାତୀୟ ବାଣିଜ୍ୟ, ବ୍ୟବସାୟ ଏବଂ ପୁଞ୍ଜିନିବେଶ ଭିତ୍ତିଭୂମିରେ ମଧ୍ୟସ୍ଥତା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି। ଏହା ବିଶ୍ୱ ସମୁଦାୟ ଓ ବାଣିଜ୍ୟ ଓ ବୃହତ୍ ନିବେଶକମାନଙ୍କ ପାଇଁ ଅତି ଜରୁରୀ ହୋଇପଡ଼ିଛି। ବ୍ୟବସାୟିକ ଅଦାଲତ ଆଇନରେ ପ୍ରାକ୍ ଆନୁଷ୍ଠାନିକ ମଧ୍ୟସ୍ଥତା ଓ ସମାଧାନ ବ୍ୟବସ୍ଥା ରହିଛି। ଏହାକୁ ଅନ୍ୟ ମାମଲା କ୍ଷେତ୍ରରେ ପ୍ରୟୋଗ କଲେ ବହୁ ଲାଭ ମିଳିପାରିବ ବୋଲି ସିଜେଆଇ ମତ ଦେଇଛନ୍ତି।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ଟେଣ୍ଡର ବିଜ୍ଞପ୍ତି**

(୧) ଟେଣ୍ଡର ବିଜ୍ଞପ୍ତି ନଂ.:- ଇ-ଆର୍-ଟି-୧୨୨-୧୯-୨୦ ତାରିଖ: ୦୫।୦୨।୨୦୨୦। **କାର୍ଯ୍ୟର ନାମ:-** ଦାଢ଼ପଡ଼ା ଷ୍ଟେସନର ଯିବା ଆସିବା ରାସ୍ତାର ଉନ୍ନତି କରିବା ନିମନ୍ତେ । **ଟେଣ୍ଡର ମୂଲ୍ୟ:-** ଟ.୧,୯୯,୦୦,୨୭୩/-। **ଇଏମ୍‌ଡି:-** ଟ.୨,୪୯,୫୦୦/-। **ଟେଣ୍ଡର ଦାଖଲ:-** ତା୦୫।୦୩।୨୦୨୦ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ। **ଟେଣ୍ଡର ଖୋଲାଯିବ:-** ତା୦୫।୦୩।୨୦୨୦ରିଖ ୧୧.୦୦ ଘଟିକା।

ଅଧିକ ବିବରଣୀ/ଟେଣ୍ଡର କାଗଜପତ୍ର କ୍ରୟ, ଯୋଗ୍ୟତା ମାନଦଣ୍ଡ ଓ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ସିନିୟର୍ ଡିଇଏନ୍ (ନିର୍ମାଣ)/ରାୟପୁରଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ/ଡାଉନ୍‌ଲୋଡ୍ କରନ୍ତୁ ।

**ସିନିୟର ଡିଭିଜନାଲ ଇଞ୍ଜିନିୟର (ଲାଇନ୍) ରାୟପୁର**
PR/R/Engg/AP/205
South East Central Railway @secrail

**ଦକ୍ଷିଣ ପୂର୍ବ ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (ଇଂ), ଦକ୍ଷିଣ ପୂର୍ବ ରେଳପଥ ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ନିମନ୍ତେ ଖୋଲା ଟେଣ୍ଡର ବଦଳରେ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫର୍‌କୁ ଅଣଦେଖା କରିଦିଆଯିବ। **କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନଂ., କାର୍ଯ୍ୟର ନାମ, ଟେଣ୍ଡର ମୂଲ୍ୟ, ଇଏମ୍‌ଡି:** (୧) ସିକେପି-ସାଉଥ୍-୧୯-୨୦-୫୭, ତାରିଖ ୦୫।୦୨।୨୦୨୦; ସିନିୟର ଡିଇଏନ(ସାଉଥ୍)/ଚକ୍ରଧରପୁର (ବକ୍ସ ପୁସିଂ ଟେକ୍‌ନିକ୍ ଦ୍ୱାରା)ଙ୍କ କ୍ଷେତ୍ରାଧିକାର ଅଧୀନ ଜେଏନ୍‌କେ-ଟିଏବିୟୁ ମଧ୍ୟରେ କିମି ୩୨୯/୧୬-୧୮(ଆରବିକେ-୨୩)ଠାରେ ଲେଭଲ କ୍ରସିଂ ବନ୍ଦ କରିବା ପାଇଁ କଭର ସେଡ୍ ଥିବା ୱାଲ, ଆପ୍ରୋଚ ରୋଡ ସହିତ ସବ୍‌ୱେ/ଆରୟୁବି ନିର୍ମାଣ ଓ ମାନବଚାଳିତ ଲେଭଲ କ୍ରସିଂ ପରିବର୍ତ୍ତନ ପାଇଁ ଆନୁଷଙ୍ଗିକ କାର୍ଯ୍ୟ, ₹୮,୩୬,୩୫,୨୨୫.୮୦; ₹୫,୬୮,୨୦୦/-। (୨) ସିକେପି-ସାଉଥ୍-୧୯-୨୦-୫୮, ତାରିଖ ୦୫।୦୨।୨୦୨୦; ଚକ୍ରଧରପୁର ଡିଭିଜନର ଚାଇବସା ଓ ଡାଙ୍ଗୋଆପୋଷିଠାରେ ଓଏଚ୍‌ଇ ଗୋଦାମ ପାଇଁ ନୂଆ ଭବନର ବ୍ୟବସ୍ଥା, ₹୭୬,୭୩,୭୫୮.୫୦; ₹୧,୫୩,୫୦୦/-। (୩) ସିକେପି-ସାଉଥ୍-୧୯-୨୦-୬୨, ତାରିଖ ୦୫.୦୨.୨୦୨୦। ବଡ଼ବିଲ ଷ୍ଟେଶନର ଉନ୍ନତୀକରଣ ପାଇଁ ପ୍ଲାଟଫର୍ମ ସରଫେସ୍, ସର୍କୁଲେଟିଂ ଏରିଆକୁ ନୂଆରୂପ ଦେବା, ୨ଟି ପ୍ଲାଟଫର୍ମ ଶେଲଟର, ବେଞ୍ଚ, ଭିଆଇପି ଗେଟ୍ ଇତ୍ୟାଦି ଯୋଗାଇବା; ₹୩୭,୫୫,୯୬୬.୨୫; ₹୭୫,୧୦୦/-। **ଟେଣ୍ଡର ଫର୍ମ ମୂଲ୍ୟ:** କ୍ର.ସଂ. ୧ ପାଇଁ ₹୧୦,୦୦୦/-, କ୍ର.ସଂ. ୨ ପାଇଁ ₹୫,୦୦୦/- ଓ କ୍ର.ସଂ. ୩ ପାଇଁ ₹୩,୦୦୦/-। **ଖୋଲାଯିବା ତାରିଖ:** କ୍ର.ସଂ. ୧ ଓ ୨ ପାଇଁ ୨୭.୦୨.୨୦୨୦ ଏବଂ କ୍ର.ସଂ. ୩ ପାଇଁ ୨୮.୦୨.୨୦୨୦। ୱେବ୍‌ସାଇଟ୍ http://www.ireps.gov.inରେ ଟେଣ୍ଡରକୁ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ଏବଂ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଭାଗନେବା ସମୟରେ ସମସ୍ତ ପ୍ରଯୁଜ୍ୟ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ। (PR-1338)

विद्ययाऽमृतमश्नुते
ବିଦ୍ୟା ଦ୍ୱାରା ଅମରତ୍ୱ ପ୍ରାପ୍ତ ହୋଇଥାଏ
विद्या से अमरत्व प्राप्त होता है
एनसीईआरटी NCERT

**ଏନ୍‌ସିଇଆର୍‌ଟି ପ୍ରକାଶନ ପାଇଁ ବିକ୍ରେତାଙ୍କ ତାଲିକାଭୁକ୍ତୀକରଣ**

ଏନ୍‌ସିଇଆର୍‌ଟି ପ୍ରକାଶନଗୁଡ଼ିକର ବିତରଣ ପାଇଁ 'ବିକ୍ରେତା' ଭାବେ ତାଲିକାଭୁକ୍ତ ହେବା ଲାଗି ଆଗ୍ରହୀ ନିଷ୍ଠାପର ପୁସ୍ତକ ବିକ୍ରେତାମାନେ ତା୧୯।୦୨।୨୦୨୦ରିଖ ସୁଦ୍ଧା ଆବେଦନ କରିପାରନ୍ତି। ଇତିମଧ୍ୟରେ ଆବେଦନ କରିସାରିଥିବା ସଂସ୍ଥାଗୁଡ଼ିକ ପୁନର୍ବାର ଆବେଦନ କରିବା ଆବଶ୍ୟକ ନୁହେଁ। ବିବରଣୀ ପାଇଁ ଦୟାକରି ଏନ୍‌ସିଇଆର୍‌ଟି ୱେବ୍‌ସାଇଟ୍ www.ncert.nic.in ପରିଦର୍ଶନ କରନ୍ତୁ।

राष्ट्रीय शैक्षिक अनुसंधान और प्रशिक्षण परिषद्
ଜାତୀୟ ଶିକ୍ଷାଗତ ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ
ଶ୍ରୀ ଅରବିନ୍ଦ ମାର୍ଗ, ନୂଆଦିଲ୍ଲୀ – ୧୧୦୦୧୬। www.ncert.nic.in
davp 21104/11/0016/1920

**ଚକ୍ରଧରପୁର ଡିଭିଜନର ପାନପାଳି ପାସେଞ୍ଜର ହଲ୍ଟ ଷ୍ଟେଶନଠାରେ ହଲ୍ଟ ଏଜେଣ୍ଟମାନଙ୍କ ନିଯୁକ୍ତି**

ନଂ.: ସିଓଏମ୍‌ଏମ୍‌ଏଲ୍.୪୯/ପିଏଚ୍/ପିଏନ୍‌ପିଏଲ୍/୨୦୧୯ ତାରିଖ: ୦୪।୦୨।୨୦୨୦
ଦକ୍ଷିଣ ପୂର୍ବ ରେଳପଥ ଚକ୍ରଧରପୁର ଡିଭିଜନର ଧୁତ୍ରା ଓ ବାଗଡେହି ମଧ୍ୟରେ ଅବସ୍ଥିତ **ପାନପାଳି ପାସେଞ୍ଜର ହଲ୍ଟ**ଠାରେ ପାଞ୍ଚବର୍ଷ ଅବଧି ପାଇଁ ପାସେଞ୍ଜର ହଲ୍ଟ ଏଜେଣ୍ଟଙ୍କ ନିଯୁକ୍ତି ଲାଗି ଦରଖାସ୍ତ ଆମନ୍ତ୍ରଣ କରୁଛି। ଏଜେଣ୍ଟ ଅତି କମ୍‌ରେ ୧୦ମ ଶ୍ରେଣୀ ଉତ୍ତୀର୍ଣ୍ଣ କରିଥିବା ଆବଶ୍ୟକ। ଏଜେଣ୍ଟ ସ୍ଥାନୀୟ ବାସିନ୍ଦା ହୋଇଥିବା ଆବଶ୍ୟକ। ହଲ୍ଟ ଯେଉଁ ଜିଲ୍ଲାରେ ଅବସ୍ଥିତ ସେହି ଜିଲ୍ଲାର ଡିଏମ୍/ଏଡିଏମ୍/ଏସ୍‌ଡିଓ/ବିଡିଓଙ୍କଠାରୁ ଏ ସଂକ୍ରାନ୍ତୀୟ ଏକ ପ୍ରମାଣପତ୍ର ହାସଲ କରାଯିବା ଆବଶ୍ୟକ । ନିୟୋଜନର ନିୟମ ଓ ସର୍ତ୍ତାବଳୀ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ଏବଂ ଆବେଦନକାରୀମାନେ ଏହାକୁ **ତା୨୭।୦୨।୨୦୨୦ରିଖ ୧୬.୦୦ ଘଟିକା ପର୍ଯ୍ୟନ୍ତ** ୱେବ୍‌ସାଇଟ୍ **www.ser.indianrailways.gov.in**ରୁ ଡାଉନ୍‌ଲୋଡ୍ କରିପାରିବେ। ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ କାର୍ଯ୍ୟାଳୟରେ ଦରଖାସ୍ତଗୁଡ଼ିକୁ ପକାଯିବାର ତାରିଖ ହେଉଛି **ତା୨୮।୦୨।୨୦୨୦ରିଖ ୧୦.୦୦ ଘଟିକାରୁ ୧୩.୦୦ ଘଟିକା** ଏବଂ ଟେଣ୍ଡର ବାକ୍ସ **ତା୨୮।୦୨।୨୦୨୦ରିଖ ୧୫.୩୦ ଘଟିକାରେ** ଖୋଲାଯିବ।
(PR-1336) **ଡିଭିଜନାଲ କମର୍ସିଆଲ୍ ମ୍ୟାନେଜର, ଚକ୍ରଧରପୁର**
**ଦକ୍ଷିଣ ପୂର୍ବ ରେଳପଥ**
ଆମେ ହର୍ଷର ସହ ସେବା କରୁ

CASH n GOLD
ISO 9001:2015 Certified Company
HIGHEST PAYOUT FOR YOUR GOLD
SELL YOUR GOLD & SETTLE YOUR GOLD LOAN at 100% market value.
CASH against GOLD
- ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ୧୦୦% ଉଚିତ୍ ମୂଲ୍ୟରେ ।
- ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ।

Plot No.: 622-A, Saheed Nagar, Near Khimji Jewellery, Bhubaneswar - 751007
Call: 7504335566 | 0674-2955566



ଉପକାର କରି କୌଣସି ଆଶା ରଖିବା ନିଜର ସତ୍‌କର୍ମ ଉପରେ ଆଞ୍ଚ ଆଣିବା ଛଡା ଅନ୍ୟ କିଛି ନୁହେଁ।
- ମହାତ୍ମା ଗାନ୍ଧୀ



## ଏ ସପ୍ତାହର କାର୍ଯ୍ୟକ୍ରମ

**ରବିବାର(୯।୨।୨୦୨୦)**

**ଭୁବନେଶ୍ୱର**

- ୪୫ତମ ୨୪ କୁଣ୍ଡି ଗାୟତ୍ରୀ ମହାଯଜ୍ଞ, ଗାୟତ୍ରୀ ଶକ୍ତିପୀଠ, ୟୁନିଟ-୯(ଫ୍ଲାଟ), ସକାଳ ୯ଟା।
- ଦ ପ୍ରେସ କ୍ଲବ ଅଫ ଓଡ଼ିଶା ପକ୍ଷରୁ ଜୈବିକ ମେଳା, ଦ ପ୍ରେସ କ୍ଲବ ଅଫ ଓଡ଼ିଶା, ମାଷ୍ଟର କ୍ୟାଣ୍ଟିନ, ପୂର୍ବାହ୍ନ ୧୦ଟା।
- ସାହିତ୍ୟ ପତ୍ରିକା 'ନବକାକଳି'ର ରୌପ୍ୟ ଜୟନ୍ତୀ ସମାରୋହ, ଭାରତୀୟ ବିଦ୍ୟା ଭବନ, ଡ.କେ.ଏମ୍. ମୁନସୀ ପ୍ରେକ୍ଷାଳୟ, ପୂର୍ବାହ୍ନ ୧୦ଟା।
- ଜେଡି ସେଣ୍ଟର ଅଫ ଆର୍ଟ ପକ୍ଷରୁ ୧୩ତମ ଅନ୍ତର୍ଜାତୀୟ କଳା ଓ କଳାକାର ଚଳଚ୍ଚିତ୍ର ଉତ୍ସବ, ଇଉ୍‌କଲ ଅଡିଟୋରିୟମ, ପୂର୍ବାହ୍ନ ୧୦ଟା ୩୦।
- ଆନ୍ତର୍ଜାତିକ ଆଲୋଚନାଚକ୍ର, ପାନ୍ଥନିବାସ, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ଲେଖିକା ସଂସଦର ସପ୍ତବିଂଶତିତମ ବାର୍ଷିକ ଉତ୍ସବ, ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସ ଅଡିଟୋରିମ, ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳୀୟମ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ତୃତୀୟ ରାଜ୍ୟସ୍ତରୀୟ ଉତ୍କଳୀୟ ଯୁବ ଉତ୍ସବ, ବୁଦ୍ଧ ମନ୍ଦିର, ୟୁନିଟ-୩, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଯାତ୍ରା ଦର୍ଶକ ପରିବାର ପକ୍ଷରୁ ବାର୍ଷିକ ଯାତ୍ରା କଳାକାର ସମ୍ମାନ, ଉତ୍କଳ ରଙ୍ଗମଞ୍ଚ(ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ର), ପୂର୍ବାହ୍ନ ୧୧ଟା ୩୦।
- ଅଲ୍ ଓଡ଼ିଶା ଜି.ପି.ଏଲ୍.ଏଫ୍. କର୍ମୀ ସାମୁଖ୍ୟ ପକ୍ଷରୁ ରାଜ୍ୟସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ, ସୂଚନା ଭବନ ପରିସର ଗୀତଗୋବିନ୍ଦ, ପୂର୍ବାହ୍ନ ୧୨ଟା।
- ଓଜସ୍ୱୀ ଫାଉଣ୍ଡେଶନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ଗୁରୁ କେଳୁଚରଣ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ଅପରାହ୍ନ ୫ଟା ୧୫।
- ସ୍ୱାମୀ ଶଙ୍କରାନନ୍ଦ ଗିରିଙ୍କ ପୁସ୍ତକ 'ଯୋଗସୂତ୍ର ଅଫ୍ ପାତଞ୍ଜଳ'ର ଲୋକାର୍ପଣ ଉତ୍ସବ, କ୍ରିୟାଯୋଗ ଆଶ୍ରମ, ଭିଏସ୍‌ଏସ୍ ନଗର, ସନ୍ଧ୍ୟା ୬ଟା।
- ଅସୀମ ବସୁ ଫାଉଣ୍ଡେଶନ୍ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅସୀମ ନାଟ୍ୟ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା।

**କଟକ**

- ଗୋପୀନାଥ ବେହେରା ଫାଉଣ୍ଡେଶନ ପକ୍ଷରୁ ପୂଜ୍ୟପୂଜା ଉତ୍ସବ, ଶହୀଦ ଭବନ, ଅପରାହ୍ନ ୪ଟା ୩୦।
- ମଧୁସୂଦନ ଆଇନ ମହାବିଦ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବ, ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ, ଅପରାହ୍ନ ୫ଟା ୩୦।
- ଆଞ୍ଚଳିକ ଶିଳ୍ପ ଓ ବାଣିଜ୍ୟ ମେଳାର ଉଦ୍‌ଘାଟନୀ ଉତ୍ସବ, ଉପର ବାଲିଯାତ୍ରା ପଡ଼ିଆ, ସନ୍ଧ୍ୟା ୬ଟା।
- ରାଷ୍ଟ୍ରଦୀପର ୨୭ତମ ବସନ୍ତ ମିଳନ ଉତ୍ସବ, ସାରଳା ଭବନ, ବିଜୁ ପଟ୍ଟନାୟକ, ସନ୍ଧ୍ୟା ୬ଟା।
- ଇଂରାଜୀ ଉପନ୍ୟାସ 'ଦି ବ୍ରୋକେନ ଆୱାର୍ସ' ଓ ଓଡ଼ିଆ ଗଳ୍ପ ପୁସ୍ତକ 'ପ୍ରତୀକ୍ଷା'ର ଲୋକାର୍ପଣ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ଟାଉନ ହଲ୍ ରୋଡ୍, ସନ୍ଧ୍ୟ ୬.୩୦ଟା।

**ବାଲିଅନ୍ତା**

- ବିଶ୍ୱଶାନ୍ତି ରୁଦ୍ରମହାଯଜ୍ଞର ପୂର୍ଣ୍ଣାହୁତି, ବେଣୁପୁର, ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣ, ଅପରାହ୍ନ ୪ଟା।
- ଶ୍ରୀ ରାମଚରିତ ମାନସ ପାରାୟଣ ଓ ପ୍ରବଚନ, ଭିଙ୍ଗାରପୁର, ଦୁର୍ଗାମଣ୍ଡପ ପ୍ରାଙ୍ଗଣ, ରାତ୍ର ୭ଟା ୩୦।

**ସାକ୍ଷୀଗୋପାଳ**

- ଗୋପୀନାଥ ଦେବଙ୍କ ପୀଠରେ ଯଜ୍ଞ ପୂର୍ଣ୍ଣାହୁତି, ବିଶ୍ୱନାଥପୁର ଶାସନ, ଅପରାହ୍ନ ୫ଟା।
- ସତ୍ୟବାଦୀ ମହୋତ୍ସବ ଉଦ୍‌ଯାପନୀ ଉତ୍ସବ, ପଞ୍ଚସଖା ମୁକ୍ତାକାଶ, ରାତ୍ର ୯ଟା।

**ସୋମବାର(୧୦।୨।୨୦୨୦)**

**ଭୁବନେଶ୍ୱର**

- ଓଡ଼ିଶା ଅମଲା ସଂଘର ୧୫ତମ ତ୍ରୟୋବାର୍ଷିକ ରାଜ୍ୟ ସମ୍ମିଳନୀ ଓ ପ୍ଲାଟିନମ ଜୁବିଲି, ଇନଷ୍ଟିଚ୍ୟୁଟ ଅଫ ଇଂଜିନିୟର୍ସ ଅଡିଟୋରିୟମ, ଅପରାହ୍ନ ୧୨ଟା ୧୫।
- ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନମନ୍ଦିର ବାର୍ଷିକ ଉତ୍ସବ, ନୀଳାଦ୍ରି ବିହାର, ଅପରାହ୍ନ ୫ଟା ୩୦।

**ମଙ୍ଗଳବାର(୧୧।୨।୨୦୨୦)**

**ଭୁବନେଶ୍ୱର**

- ଓଡ଼ିଶା ଅମଲା ସଂଘର ୧୫ତମ ତ୍ରୟୋବାର୍ଷିକ ରାଜ୍ୟ ସମ୍ମିଳନୀ ଓ ପ୍ଲାଟିନମ ଜୁବିଲି, ଇନଷ୍ଟିଚ୍ୟୁଟ ଅଫ ଇଂଜିନିୟର୍ସ ଅଡିଟୋରିୟମ, ଅପରାହ୍ନ ୧୨ଟା ୧୫।

**ଶୁକ୍ରବାର(୧୪।୨।୨୦୨୦)**

**ବାଲିଅନ୍ତା**

- ମାତୃପିତୃ ପୂଜନ ଦିବସ ପାଳନ, ନହରକଣ୍ଟା, ସରସ୍ୱତୀ ଶିକ୍ଷାମନ୍ଦିର ପରିସର, ପୂର୍ବାହ୍ନ ୧୦ଟା।

# ବିଶ୍ୱ ଅପେରା ଦିବସରେ କଳାକାର ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୮।୨ (ବ୍ୟୁରୋ)**

- ଜଲିଉଡ୍ ଚନ୍ଦନ ଆୱାର୍ଡ-୨୦୨୦
- ଅପେରା କଳାକାର, ଲେଖକ, ନିର୍ଦ୍ଦେଶକଙ୍କର ପରିଚିତି ପୁସ୍ତକ ପ୍ରକାଶ ପାଇବ
- ୧୧ରେ ବାସନ୍ତୀ, ସାଗରିକା ପାଇବେ ଶ୍ରେଷ୍ଠ ନାୟିକା ଓ ଚରିତ୍ର ଅଭିନେତ୍ରୀ ସମ୍ମାନ

ଗୋଟେପଟେ ଖଣ୍ଡଗିରିରେ ଯାତ୍ରା ମହାକୁମ୍ଭ ଚାଲିଥିବା ବେଳେ 'ପ୍ରେରଣା ଗ୍ରୀନ୍ ଆର୍ମି' ଓ 'ବୀର ମହାସଂଘ' ପକ୍ଷରୁ ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଜଲିଉଡ୍ ଚନ୍ଦନ ଆୱାର୍ଡ ସମ୍ମାନ ପ୍ରଦାନ ଉତ୍ସବ ପାଳିତ ହୋଇଯାଇଛି। ବିଶ୍ୱ ଅପେରା ଦିବସ ଅବସରରେ ପାଳିତ ହେଉଥିବା ଏହି ଉତ୍ସବରେ ପ୍ରେରଣା ଇଣ୍ଟରନ୍ୟାଶନାଲ ଗ୍ରୀନ୍ ଆର୍ମିର କମାଣ୍ଡାଣ୍ଟ ଇନ୍ ଚିଫ୍ ଡ. ଦିଲୀପ ଶ୍ରୀଚନ୍ଦନ ଯୋଗଦେଇ କହିଥିଲେ, ଷୋଡ଼ଶ ଶତାବ୍ଦୀର ଶେଷଭାଗରେ ଇଟାଲୀର ଫୋରେନ୍ସରେ ୟୁରୋପୀୟ ଅପେରାର ସୃଷ୍ଟି ହୋଇଥିଲା। ସେହିଦିନଠୁ ମନୋରଞ୍ଜନର ଏକ ବଳିଷ୍ଠ ମାଧ୍ୟମ ରୂପେ ଅପେରା ପ୍ରଚଳିତ ହୋଇଆସୁଛି। ତେଣୁ ମନୋରଞ୍ଜନର ପୁରାତନ କଳା ଅପେରା ଜଗତର ଅଭିନେତ୍ରୀ, ଅଭିନେତା, ଲେଖକ, ମାଲିକ, ନିର୍ଦ୍ଦେଶକଙ୍କର ଏକ ପରିଚିତ ପୁସ୍ତକ 'ଅପେରା ଦର୍ପଣ' ବହୁ ଶୀଘ୍ର ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ପ୍ରେରଣା ଗ୍ରୀନ୍ ଆର୍ମି' ପକ୍ଷରୁ ପ୍ରକାଶ ପାଇବ। ବିଶେଷକରି ବହୁ ପୁରାତନ କଳାକାରମାନଙ୍କ ସମ୍ପର୍କରେ ଜାଣିବା, ଅପେରା ସମ୍ପର୍କରେ ଗବେଷଣା ପାଇଁ ଏହା ସହାୟକ ହେବ ବୋଲି ସେ କହିଥିଲେ।

ଉତ୍ସବରେ ଅତିଥି ରୂପେ ପୂର୍ବତନ ଏମପି ଡ. ପ୍ରସନ୍ନ କୁମାର ପାଟଶାଣୀ ଯୋଗ ଦେଇଥିଲେ। ଉତ୍ସବରେ ଆମେରିକୀୟ ନାଟ୍ୟକାର ଜନ୍ ହିମ୍ସ, ବିଶିଷ୍ଟ ପରିବେଶ ବିଜ୍ଞାନୀ ହୁପେନ୍ ନାଗରିକା, ଓଡ଼ିଶା ବୀର ମହାସଂଘର ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ, ଜାତୀୟ ସମରକଳା ମହାସଂଘର ସମ୍ପାଦକ ଅବନୀ ଜେନା, ରାଜ୍ୟ ଶିକ୍ଷକ ନେତା ରମାକାନ୍ତ ମହାପାତ୍ର, ଗ୍ରୀନ୍ କମାଣ୍ଡାଣ୍ଟ ନିରଞ୍ଜନ ସାହୁ, ଆଚିଭର ଫାଉଣ୍ଡେଶନର ନିର୍ଦ୍ଦେଶିକା ଅରୁନ୍ଧତୀ ସୁନ୍ଦରାୟ, ଅଭିନେତା ଦିବ୍ୟ ନାରାୟଣ ସ୍ୱାଇଁ, ସାମାଜିକ କର୍ମୀ ଆଶିଷ ବରିସଲ, ନିଲୁ ଖୁଣ୍ଟିଆ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ୩୦ ଜଣ କଳାକାରଙ୍କୁ ସମ୍ମାନିତ କରାଯିବା ସହ ନୃତ୍ୟ, ସଙ୍ଗୀତ, ସଂଳାପ, ଅଭିନୟ ଆଦି ପ୍ରଦର୍ଶନ କରାଯାଇଥିଲା। ଏଥିସହ ବାସନ୍ତୀ ବାରିକ ଓ ସାଗରିକା ଦାସଙ୍କୁ ଆସନ୍ତା ୧୧ ତାରିଖରେ ଶ୍ରେଷ୍ଠ ନାୟିକା ଓ ଶ୍ରେଷ୍ଠ ଚରିତ୍ର ଅଭିନେତ୍ରୀ ଭାବେ ସମ୍ମାନିତ କରାଯିବ ବୋଲି ଘୋଷଣା କରାଯାଇଥିଲା।

## ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କୋଣାର୍କ,୮।୨(ଡି.ଏନ୍.ଏ.):** କୋଣାର୍କ ଥାନା ଅନ୍ତର୍ଗତ ରାଉଳପାଟଣା ନାୟକସାହି ଗ୍ରାମଜଙ୍ଗଲରୁ ଶନିବାର ପୋଲିସ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ତେବେ ମୃତ ବୃଦ୍ଧଙ୍କ ପରିଚୟ ମିଳିପାରି ନାହିଁ। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧/୨୦)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ରାଉଳପାଟଣାସ୍ଥିତ ନାୟକ ସାହି ଗ୍ରାମ ଜଙ୍ଗଲରେ ଥିବା ଏକ ଗଛରେ ଜଣେ ଅଚିହ୍ନା ବୃଦ୍ଧ ଝୁଲୁଥିବା ଗ୍ରାମର କେତଜଣ ବ୍ୟକ୍ତି ଦେଖି କୋଣାର୍କ ଥାନାକୁ ଜଣାଇଥିଲେ। ଖବରପାଇ କୋଣାର୍କ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ମୃତ ବୃଦ୍ଧଙ୍କ ବୟସ ୬୫ବର୍ଷ ବୋଲି ଅନୁମାନ କରାଯାଉଥିବା ବେଳେ ସେ ଧଳାରଙ୍ଗର ଚେକ୍ ଶାର୍ଟ ଓ ଧୂସର ରଙ୍ଗର ସ୍ୱେଟର ପିନ୍ଧିଥିବା ଦେଖିବାକୁ ମିଳିଛି। ଏ ନେଇ କୋଣାର୍କ ଥାନା ପକ୍ଷରୁ ପୁରୀ ସାଇଣ୍ଟିଫିକ ଟିମ୍‌କୁ ଘଟଣା ସମ୍ପର୍କରେ ଅବଗତ କରାଯାଇଛି।

# ପଞ୍ଚାୟତ ଅଫିସ ପରିସରରେ ବୃଦ୍ଧଙ୍କୁ ହତ୍ୟା

**ଡେଲାଙ୍ଗ/ଜଟଣୀ, ୮।୨(ଡି.ଏନ୍.ଏ.)**

**ବାହାଘର ଭୋଜି ହେଲା କାଳ**

- ପଥରରେ ଛେଚି ମାରିଥିବା ଅନୁମାନ
- ପୂର୍ବ ଶତ୍ରୁତା ସନ୍ଦେହ
- ୩ଜଣଙ୍କୁ ଅଟକ ରଖି ପୋଲିସର ଜେରା

ପୁରୀ ଜିଲା ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ରେଙ୍ଗଲ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବିଳମ୍ବିତ ରାତିରେ ଅଭାବନୀୟ ଘଟଣା ଘଟିଛି। ବାହାଘର ଭୋଜି ଖାଇବାକୁ ଯାଇଥିବା ଜଣେ ବୃଦ୍ଧଙ୍କୁ ନିର୍ମମ ଭାବେ ପଥରରେ ଛେଚି ହତ୍ୟା କରାଯାଇଛି। ମୃତକ ହେଲେ ରେଙ୍ଗଲ ଗ୍ରାମର କାଶୀନାଥ ମହାପାତ୍ର (୬୮)। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ୩ଜଣଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ରେଙ୍ଗଲ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ସନ୍ଧ୍ୟାରେ କବିରାଜ ବେହେରାଙ୍କ ପରିବାର ପକ୍ଷରୁ ବାହାଘର ଭୋଜି ଆୟୋଜନ ହୋଇଥିଲା। ଏଥିରେ ଯୋଗଦେବା ପାଇଁ କାଶୀନାଥ ଯାଇଥିଲେ। କୋହଲା ପାଗ ସାଙ୍ଗକୁ ଥଣ୍ଡା ପବନ ବହୁଥିବାରୁ ଶୀତର ପ୍ରକୋପ ଅଧିକ ରହିଥିଲା। ଏଣୁ ଭୋଜି ଖାଇବା ପରେ ଆମନ୍ତ୍ରିତ ଲୋକେ ରାତି ୧୦ଟା ସୁଦ୍ଧା ଚାଲିଯାଇଥିଲେ। କେତେଜଣ ହାତଗଣତି ଲୋକଙ୍କ ବ୍ୟତୀତ ପଞ୍ଚାୟତ ଅଫିସ ପରିସର ଏକପ୍ରକାର ଶୁନ୍‌ଶାନ୍ ହୋଇ ପଡ଼ିଥିଲା। କାଶୀନାଥଙ୍କ ଘରକୁ ଫେରିବା ବିଳମ୍ବ ହେବାରୁ ଘର ଲୋକେ ରାତି ପ୍ରାୟ ୧୨ଟା ବେଳକୁ ଖୋଜିବାକୁ ଆସିଥିଲେ। ପଞ୍ଚାୟତ ଅଫିସ ପରିସରସ୍ଥ ଏକ ପାର୍ଶ୍ୱରେ କାଶୀନାଥଙ୍କ ମୃତଦେହ ପଡ଼ିଥିବା ସେମାନେ ଦେଖିବାକୁ ପାଇଥିଲେ। କୌଣସି ଓଜନିଆ ବସ୍ତୁରେ ଛେଚା ଯାଇଥିବାରୁ ତାଙ୍କ ସମ୍ମୁଖ ମୁଖମଣ୍ଡଳ ବୀଭତ୍ସ ଅବସ୍ଥାରେ ରହିଥିଲା। ନିକଟରେ ପଥରଖଣ୍ଡ ଓ ଭଙ୍ଗା ପ୍ଲାଷ୍ଟିକ ଚେୟାର ପଡ଼ିରହିଥିଲା। ଏ ନେଇ କାଶୀନାଥଙ୍କ ସମ୍ପର୍କୀୟ ଗୀତାଞ୍ଜଳି ପଟ୍ଟନାୟକ ଡେଲାଙ୍ଗ ଥାନାରେ ଏତଲା ଦେଇଛନ୍ତି। କାଶୀନାଥ ଭୋଜି ଖାଇସାରିବା ପରେ ସେହି ଗ୍ରାମର କେତେଜଣ ଯୁବକ ତାଙ୍କୁ ସେଠାରୁ ଡାକି ନେଇ ହତ୍ୟା କରିଥିବା ସେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ଏକ କେସ୍ (ନଂ. ୨୨/୨୦) ରୁଜୁ କରି ତଦନ୍ତ ଜାରି ରଖିଛି। ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ରକ୍ତଲଗା ମାଙ୍କଡା ପଥର, ରକ୍ତ ଭିଜା ମାଟି ସହିତ ନମୁନା ସଂଗ୍ରହ କରିଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ପଥରରେ ଛେଚି କାଶୀନାଥଙ୍କୁ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ହରିରାଜପୁର ଫାଣ୍ଡି ଅଧିକାରୀ ପ୍ରକାଶ ମଲ୍ଲିକ ୩ ଜଣଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ଦୀପୁ ଲେଙ୍କା, ଜଗୁ ସ୍ୱାଇଁ, ରମେଶ ବାରିକ। ଏମାନଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି ବୋଲି ଥାନା ଅଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ କହିଛନ୍ତି।

## ମହିଳାଙ୍କୁ ଅସଦାଚରଣ ଅଭିଯୋଗ, ଜଣେ ଗିରଫ

**ଜଟଣୀ,୮।୨(ଡି.ଏନ.ଏ.)**

ଜଟଣୀ ଥାନା ପୋଲିସ ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଜଣକୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଯୁବକଙ୍କ ନାମ ଦେବାଶିଷ ରାଉତରାୟ ଓରଫ ଗୁଲୁ। ଏହି ଥାନା ଅନ୍ତର୍ଗତ ଛଣଘର ଗ୍ରାମରେ ତାଙ୍କ ନିଜ ଘର ହୋଇଥିବା ବେଳେ ସ୍ଥାନୀୟ ମଧୁସୂଦନ ନଗର ଅଞ୍ଚଳରେ ଅଭିଯୁକ୍ତ ରହୁଥିବା ପୋଲିସ କହିଛି। ପରିବାରର କେହି ନ ଥିବା ସୁଯୋଗରେ ଦେବାଶିଷ ଘର ମଧ୍ୟରେ ପଶି ମହିଳାଙ୍କୁ ଅସଦାଚରଣ କରିଥିଲେ। ମହିଳାଙ୍କ ଚିତ୍କାର ଶୁଣି ପଡ଼ୋଶୀ ପହଞ୍ଚି ଯିବାରୁ ଅଭିଯୁକ୍ତ ଦୌଡ଼ି ପଳାଇଥିଲେ। ଏ ନେଇ ନଂ. ୭୫/୨୦ରେ ମାମଲା ରୁଜୁ ହୋଇଛି।

# ଖଣ୍ଡଗିରି ଯାତ୍ରା: ନଗ୍ନନୃତ୍ୟ ବିରୋଧରେ ତେଜିଲା ସ୍ୱର

**ଭୁବନେଶ୍ୱର, ୮।୨(ବ୍ୟୁରେ)**

- ଥାନାରେ ଅଭିଯୋଗ କଲା ଓଡ଼ିଶା ନାରୀ ସଚେତନ ମଞ୍ଚ
- ଆୟୋଜକ କହିଲେ ଆଉ ନଗ୍ନନୃତ୍ୟ କରାଯିବ ନାହିଁ

ଖଣ୍ଡଗିରି ଯାତ୍ରାରେ ନଗ୍ନନୃତ୍ୟ ପ୍ରଦର୍ଶନକୁ ଓଡ଼ିଶା ନାରୀ ସଚେତନ ମଞ୍ଚ ପକ୍ଷରୁ ଜୋରଦାର ବିରୋଧ କରାଯାଇଛି। ମଞ୍ଚ ସଭାପତି ଡଲି ରଥଙ୍କ ନେତୃତ୍ୱରେ ଏକ ଦଳ ପୋଲିସ କମିଶନର(ସିପି) ସୁଧାଂଶୁ ଷଡ଼ଙ୍ଗୀଙ୍କୁ ଦାବିପତ୍ର ଦେବାକୁ ଯାଇଥିଲେ। ସିପି ନ ଥିବାରୁ ତାଙ୍କ ଉଦ୍ଦେଶ୍ୟରେ ମଞ୍ଚ ପକ୍ଷରୁ ଜଣେ ଏସିପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ମଞ୍ଚ ନେତ୍ରୀମାନେ ଖଣ୍ଡଗିରି ଥାନାକୁ ଯାଇ ଅଭିଯୋଗ କରିଥିଲେ। ସେମାନେ ଅଭିଯୋଗରେ ଦର୍ଶାଇଥିଲେ ଯେ, ବିଏମ୍‌ସି, କମିଶନରେଟ ପୋଲିସ ଓ ଜିଲା ପ୍ରଶାସନର କଟକଣା କରାଯାଇଥିଲା। ଏହାସତ୍ତ୍ୱେ ଖଣ୍ଡଗିରି ଯାତ୍ରାରେ ଜଣେ ବିଧାୟକଙ୍କ ଯାତ୍ରାପାର୍ଟିରେ ନଗ୍ନ ନୃତ୍ୟ ପ୍ରଦର୍ଶନ କରାଯାଉଛି। ତେଣୁ ଯାତ୍ରା ପାର୍ଟି ମାଲିକ, ଆୟୋଜକ ଏବଂ ନଗ୍ନନୃତ୍ୟ କରୁଥିବା ଯୁବତୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ କରାଯାଉ। ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର ଅଭିଯୋଗ ରଖିବା ସହ ଏହା ଉପରେ ନଜର ରଖିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଯଦି ପୁନର୍ବାର ଯାତ୍ରାରେ ନଗ୍ନନୃତ୍ୟ କରାଯାଏ ତେବେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ମହାପାତ୍ର ସେମାନଙ୍କୁ କହିଥିଲେ।

ମଞ୍ଚର ସଭାପତି ଡଲି ରଥ କହିଛନ୍ତି ଯେ, ସର୍ବସାଧାରଣ ସ୍ଥାନରେ ନଗ୍ନ ନୃତ୍ୟ ପ୍ରଦର୍ଶନ କଲେ ଆଇନଗତ ଅପରାଧ। ତେଣୁ ଆୟୋଜକ, ଯାତ୍ରାପାର୍ଟି ମ୍ୟାନେଜର ଓ ଡ୍ୟାନ୍ସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିୟମ ରହିଛି। ହେଲେ ପୋଲିସ ଜାଣିଶୁଣି ଚୁପ୍ ରହିଛି। ଜଣେ ବିଧାୟକଙ୍କ ଯାତ୍ରାପାର୍ଟିରେ ଏଭଳି ନଗ୍ନ ନୃତ୍ୟ ପ୍ରଦର୍ଶନ ହେଉଛି। ତେଣୁ ଏଭଳି ନୃତ୍ୟ କରାଇବା ପାଇଁ ପରୋକ୍ଷରେ ବିଧାୟକଙ୍କ ସମର୍ଥନ ରହିଥିବା ସେ ଅଭିଯୋଗ କରିଛନ୍ତି। ଯଦି ଆଗାମୀ ଦିନରେ ଏଭଳି ନଗ୍ନ ନୃତ୍ୟ ପ୍ରଦର୍ଶନ କରାଯାଏ ତେବେ ମଞ୍ଚ ପକ୍ଷରୁ ଯାତ୍ରା ପାର୍ଟିରେ ଗେଟ୍ ଆଗରେ ଆନ୍ଦୋଳନ କରାଯିବ ବୋଲି ରଥ କହିଛନ୍ତି।

ଥାନାରେ ଅଭିଯୋଗ କରିବା ପରେ ନାରୀ ନେତ୍ରୀମାନେ ନଗ୍ନନୃତ୍ୟ ପ୍ରଦର୍ଶନ କରାଯାଉଥିବା ଯାତ୍ରା ପାର୍ଟି ନିକଟକୁ ଯାଇଥିଲେ। ସେଠାରେ ଯାତ୍ରାପାର୍ଟିର ମୁଖ୍ୟ ଗେଟ୍ ଆଗରେ ଲଗାଯାଇଥିବା ବ୍ୟାନ୍‌ରଗୁଡ଼ିକୁ ସେମାନେ ଯାଞ୍ଚ କରିଥିଲେ, ଯେଉଁଥିରେ ଅଶ୍ଳିଳତା ପ୍ରଦର୍ଶନ କରାଯାଇଥିଲା ତାହାକୁ ଚିରିବା ପାଇଁ ଉଦ୍ୟମ କରିଥିଲେ। ମହିଳା ନେତ୍ରୀମାନେ ଯାତ୍ରା ଆୟୋଜକ କମିଟି ସଦସ୍ୟ ଗୁଗୁଲି ରଥଙ୍କ ସହ ଆଲୋଚନା କରିଥିଲେ। ପୁଣି ଯଦି ଅଶ୍ଳିଳ ନୃତ୍ୟ ପ୍ରଦର୍ଶନ କରାଯାଏ ତେବେ ଆମେ ଆଇନ ହାତକୁ ନେବୁ ବୋଲି ନାରୀ ନେତ୍ରୀମାନେ ଚେତାବନୀ ଦେଇଥିଲେ। ଏନେଇ ଆୟୋଜକଙ୍କ ପକ୍ଷରୁ ଆଉ ନଗ୍ନନୃତ୍ୟ ହେବନାହିଁ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା।

# ଗୀତି କବିତା ସଙ୍କଳନ ପୁସ୍ତକ 'ସୁରଭି' ଉନ୍ମୋଚିତ



ବୁଦ୍ଧମନ୍ଦିରଠାରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର, ୮।୨ (ବ୍ୟୁରୋ)**

ବୁଦ୍ଧ ମନ୍ଦିରଠାରେ କବି ସୁଷମା ଲେଙ୍କାଙ୍କର ଗୀତି କବିତା ସଙ୍କଳନ ପୁସ୍ତକ 'ସୁରଭି' ଉନ୍ମୋଚିତ ହୋଇଯାଇଛି। ସୁଚେତା ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉନ୍ମୋଚନ ଉତ୍ସବରେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ଡ. ବିଜୟ ମହାନ୍ତି, ଡ. ଅଜୟ ମହାନ୍ତି ଓ ଡ. ସୂର୍ଯ୍ୟନାରାୟଣ ବେହେରା ଅତିଥି ଭାବେ ଯୋଗଦେଇଥିଲେ। କବୟିତ୍ରୀ ଚମକ ଚାନ୍ଦିନୀ ଦାଶ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିବା ବେଳେ ଡ. ଉଦ୍ଧବ ନାୟକ, କମଳା ପ୍ରସାଦ ନାୟକ, ରବି ମହାପାତ୍ରଙ୍କ ପରି ବହୁ କବୟିତ୍ରୀ ଓ କବି ଯୋଗଦେଇଥିଲେ। ଉମା ପବ୍ଲିକେଶନ ଦ୍ୱାରା ଏହି କବିତା ସଙ୍କଳନଟି ପ୍ରକାଶିତ ହୋଇଥିବା ବେଳେ ଉପସ୍ଥିତ ବ୍ୟକ୍ତିବିଶେଷ ଲେଖାଗୁଡ଼ିକର ପ୍ରଶଂସା କରିଥିଲେ।

# ମହିଳାଙ୍କୁ ବ୍ଲାକ୍‌ମେଲିଂ, ବ୍ୟବସାୟୀ ଗିରଫ

**ଭୁବନେଶ୍ୱର, ୮।୨(ବ୍ୟୁରେ)**

ଅନ୍ତରଙ୍ଗ ମୁହୂର୍ତ୍ତର ଅଶ୍ଳୀଳ ଭିଡିଓ ରଖି ମହିଳାଙ୍କୁ ବ୍ଲାକ୍‌ମେଲିଂ କରିବା ଅଭିଯୋଗରେ ଖଣ୍ଡଗିରି ପୋଲିସ ଜଣେ ବ୍ୟବସାୟୀଙ୍କୁ ଶନିବାର ଗିରଫ କରିଛି। ସେ ହେଲେ କେନ୍ଦୁଝର ଟାଉନ୍‌ରେ ରହୁଥିବା ସିଦ୍ଧେଶ୍ୱର ସାହୁ(୩୯)। ପୋଲିସ ଭିଡିଓ ଥିବା ଉକ୍ତ ମୋବାଇଲ୍ ଫୋନ୍ ଜବତ କରିବା ସହ ତାଙ୍କୁ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ସିଦ୍ଧେଶ୍ୱରଙ୍କର କେନ୍ଦୁଝରରେ ଏକ ଜଳଖିଆ ଦୋକାନ ରହିଛି। ସେଠାରେ ରହୁଥିବା ଜଣେ ବ୍ୟାଙ୍କ କର୍ମଚାରୀଙ୍କ ସ୍ତ୍ରୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ସମୟରେ ସିଦ୍ଧେଶ୍ୱର ନିଜ ମୋବାଇଲ ଫୋନ୍‌ରେ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡ଼ିଓ ଉତ୍ତୋଳନ କରି ରଖିଥିଲେ। ସ୍ୱାମୀଙ୍କର ଭୁବନେଶ୍ୱରକୁ ବଦଳି ପରେ ସେ ଖଣ୍ଡଗିରି ଅଞ୍ଚଳରେ ଆସି ରହୁଛନ୍ତି। ଏହାପରେ ସିଦ୍ଧେଶ୍ୱର ଉକ୍ତ ମହିଳାଙ୍କ ସହ ଯୋଗାଯୋଗରେ ଥିଲେ। ସ୍ୱାମୀ ନ ଥିବାବେଳେ ଭୁବନେଶ୍ୱର ଆସି ଉକ୍ତ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖନ୍ତି ସିଦ୍ଧେଶ୍ୱର। ଏଠାରେ ମଧ୍ୟ ସେ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ କରିଥିଲେ। ତାଙ୍କର ଏହି ପରକୀୟା ପ୍ରୀତି ସମ୍ପର୍କରେ ସ୍ୱାମୀ ଜାଣିବା ପରେ ମହିଳା ଜଣକ ସିଦ୍ଧେଶ୍ୱରଙ୍କଠାରୁ ଦୂରେଇ ରହିବାକୁ ଚେଷ୍ଟା କଲେ। କିନ୍ତୁ ଶାରୀରିକ ସମ୍ପର୍କ ନ ରଖିଲେ ଭିଡିଓ ଭାଇରାଲ୍ କରିଦେବାକୁ ଧମକ ଦେଇ ବ୍ଲାକ୍‌ମେଲ୍ କରୁଥିଲେ ସିଦ୍ଧେଶ୍ୱର। ଶେଷରେ ମହିଳା ଜଣକ ଖଣ୍ଡଗିରି ଥାନାରେ ଏନେଇ ଅଭିଯୋଗ କରିଥିଲେ।



ଶନିବାର ଝିପିଝିପି ବର୍ଷା ସାଙ୍ଗକୁ କୋହଲା ପାଗ ଯୋଗୁ ଭୁବନେଶ୍ୱରରେ ମହିଳା ଓ ପିଲାମାନେ ଚାଦର ଘୋଡ଼େଇ ହୋଇ ନିଆଁ ପୋଉଁଛନ୍ତି।

# ଗଣତନ୍ତ୍ର ପ୍ରତିଷ୍ଠାରେ ପବିତ୍ର ମୋହନଙ୍କ ପ୍ରମୁଖ ଯୋଗଦାନ ଥିଲା

**ଭୁବନେଶ୍ୱର, ୮।୨(ବ୍ୟୁରୋ)**




ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

**ଉତ୍କଳ ପ୍ରସଙ୍ଗ ସଂଖ୍ୟାରେ ପ୍ରକାଶ ପାଇବ ତାଙ୍କ ଗାଥା**

ବର୍ତ୍ତମାନ ଭାରତବର୍ଷ ଯେଉଁ ଗଣତନ୍ତ୍ରକୁ ଆଧାର କରି ଗର୍ବିତ ଓ ପରିଚାଳିତ, ସ୍ୱାଧୀନତା ପୂର୍ବରୁ ଏହା ସମଗ୍ର ଭାରତବାସୀଙ୍କ ପାଇଁ ଏକ ପ୍ରକାର ସ୍ୱପ୍ନ ଥିଲା। ବ୍ରିଟିଶ୍ ଶାସନର ଆଧିପତ୍ୟରେ ରାଜତନ୍ତ୍ର ଓ ଜମିଦାରି ଶୋଷଣ ଓଡ଼ିଶାବାସୀଙ୍କୁ ଅତିଷ୍ଠ କରିଥିଲା। ରାଜତନ୍ତ୍ରକୁ ସମାଧି ଦେଇ ଗଣତନ୍ତ୍ର ପ୍ରତିଷ୍ଠା କରିବାରେ ରାଜ୍ୟ ତଥା ଦେଶର ଯେଉଁ ଜନନାୟକଙ୍କ ପ୍ରମୁଖ ଯୋଗଦାନ ରହିଥଲା, ତନ୍ମଧ୍ୟରେ ବିଶିଷ୍ଟ ସଂଗ୍ରାମୀ ତଥା ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କର ପ୍ରମୁଖ ଯୋଗଦାନ ରହିଥିଲା ବୋଲି ଏମ୍‌ପି ମହେଶ ସାହୁ କହିଛନ୍ତି।

ସୂଚନା ଭବନଠାରେ ଶନିବାର ଆୟୋଜିତ ପବିତ୍ର ମୋହନ ପ୍ରଧାନଙ୍କ ୧୧୩ ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ସମାରୋହରେ ଏମ୍‌ସି ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ପ୍ରଧାନଙ୍କୁ ଜଣେ ଆଦର୍ଶ ଜନନାୟକ ଭାବେ ଅଭିହିତ କରିଥିଲେ। ସ୍ୱର୍ଗତ ପ୍ରଧାନଙ୍କ କୃତି, ତାଙ୍କ ସମୟରେ ରାଜ୍ୟରେ ମୁଣ୍ଡଟେକିଥିବା ଗଡ଼ଜାତ ଆନ୍ଦୋଳନର ସ୍ଥିତିକୁ ନେଇ ପୁସ୍ତକ ପ୍ରକାଶନ ଏବଂ ତାଙ୍କ ନାମରେ ଭୁବନେଶ୍ୱରରେ ଏକ ମାର୍ଗକୁ ନାମକରଣ କରିବା ଉପରେ ସାହୁ ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଯୋଗଦେଇ ପବିତ୍ର ମୋହନ ଜଣେ ସାଲିସ୍ ବିହୀନ ସଂଗ୍ରାମୀ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ୍ ମହାନ୍ତି ଯୋଗଦେଇ କହିଲେ ଯେ, ପବିତ୍ର ମୋହନ ଶିକ୍ଷକତା ବୃତ୍ତିକୁ ତୁଚ୍ଛ କରି ଗଡ଼ଜାତର ପ୍ରଜା ଓ ଦେଶ ପାଇଁ ଜୀବନ ବ୍ୟାପୀ ସଂଗ୍ରାମ କରିଥିଲେ। ଏହି ପ୍ରଚଣ୍ଡ ପ୍ରତିଭାଧାରୀ ବ୍ୟକ୍ତିତ୍ୱ ସମ୍ପର୍କିତ ଆଲେଖ୍ୟ ଆଗାମୀ ଉତ୍କଳ ପ୍ରସଙ୍ଗ ସଂଖ୍ୟାରେ ପ୍ରକାଶ ପାଇବ ବୋଲି ଡ. ମହାନ୍ତି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ଯୋଗଦେଇ ସ୍ୱର୍ଗତ ପ୍ରଧାନଙ୍କ ଗଡ଼ଜାତ ଆନ୍ଦୋଳନ ଏବଂ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଜଣେ ଅସାଧାରଣ ବ୍ୟକ୍ତିତ୍ୱ ଥିଲେ ବୋଲି ପ୍ରକାଶ କରିଥିଲେ। ଅବସରପ୍ରାପ୍ତ ପ୍ରାଧାପକ ମୋହିନୀକାନ୍ତ ମିଶ୍ର ପବିତ୍ର ମୋହନଙ୍କ ଅସାମାନ୍ୟ ବ୍ୟକ୍ତିତ୍ୱ ସଂକ୍ରାନ୍ତରେ ତାଙ୍କର ଅନୁଭୂତି ବର୍ଣ୍ଣନା କରିଥିଲେ। ପ୍ରକାଶ କରିଥିଲେ। ଏହି ଅବସରରେ ତାଙ୍କ ଜୀବନୀ ଉପରେ ଆଧାରିତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟସ୍ତରୀୟ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ସ୍ୱାଗତ ଭାଷଣ, ନିର୍ଦ୍ଦେଶକ (ବୈଷୟିକ) ନିରଞ୍ଜନ ସେଠୀ ଧନ୍ୟବାଦ ଦେଇଥିବାବେଳେ ସୂଚନା ଅଧିକାରୀ ସଚ୍ଚିଦାନନ୍ଦ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଉପାସନା ସେତିକିବେଳେ ସଫଳ ହୁଏ, ଯେତେବେଳେ ଜଣେ ଅହିଂସା ଉପରେ ସିଦ୍ଧିଲାଭ କରେ।
- ସ୍ୱାମୀ ଦୟାନନ୍ଦ ସରସ୍ୱତୀ



# 'ଗୁରୁମୁଲ'ରୁ 'ଡିକୋଡିଂ ଶଙ୍କର'

**ଜେଡିସିଏ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବର ଦ୍ୱିତୀୟ ଦିନ**



ଉତ୍ସବରେ ଶନିବାର ସନ୍ଧ୍ୟାରେ ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତ ଶିଳ୍ପୀ ବିଦ୍ୟା ଶାହା ସଙ୍ଗୀତ ପରିବେଷଣ କରୁଛନ୍ତି।



ଅଷ୍ଟ୍ରେଲୀୟ ଫିଲ୍ମ 'ଗୁରୁମୁଲ'ର ଏକ ଦୃଶ୍ୟ

ଭୁବନେଶ୍ୱର,୮।୨(ବ୍ୟୁରୋ)

ଜିଓଫ୍ରୀ ଗୁରୁମୁଲ ୟୁନୁପିଙ୍ଗୁ। ଅଷ୍ଟ୍ରେଲୀୟ ସଙ୍ଗୀତ ଜଗତରେ ବହୁଚର୍ଚ୍ଚିତ ଚେହେରା। ଅଷ୍ଟ୍ରେଲିଆର ପାରମ୍ପରିକ ଆଦିମ ସଙ୍ଗୀତକୁ ସମଗ୍ର ବିଶ୍ୱର ନଜରକୁ ଆଣିଥିବା ଏହି ଖ୍ୟାତାନାମା ସଙ୍ଗୀତଜ୍ଞ ଏକାଧାରାରେ ବହୁ ପ୍ରତିଭାର ଅଧିକାରୀ। ଡ୍ରମ୍, କିବୋର୍ଡ, ଗିଟାର୍ ଭଳି ଏକାଧିକ ବାଦ୍ୟ ବଜାଇ ପାରୁଥିବା ଏହି ମଲ୍ଟିଇନ୍ଷ୍ଟ୍ରୁମେଣ୍ଟାଲିଷ୍ଟ ନିଜର କଣ୍ଠସ୍ୱର ପାଇଁ ପ୍ରସିଦ୍ଧ ଥିଲେ। ନିଜ ଜନ୍ମମାଟିର କଥାକୁ ସଙ୍ଗୀତର ରୂପଦେଇ ସେ ଲୋକଲୋଚନକୁ ଆଣିଥିଲେ। ୨୦୦୮ରେ ରିଲିଜ ହୋଇଥିବା ତାଙ୍କ ପ୍ରଥମ ସୋଲୋ ଆଲ୍‌ବମ୍ 'ଗୁରୁମୁଲ୍' କେବଳ ଅଷ୍ଟ୍ରେଲିଆ ନୁହେଁ, ସବୁଠି ଲୋକପ୍ରିୟତା ହାସଲ କରିଥିଲା। ଜିଓଫ୍ରୀ ଗୁରୁମୁଲଙ୍କ ସେହି ସଂଘର୍ଷମୟ କାହାଣୀ ଓ ସଫଳତାର ଯାତ୍ରା ଶନିବାର ଇଉ୍‌କଲ ଅଡିଟୋରିଅମ୍‌ଠାରେ ଚାଲିଥିବା ତ୍ରୟୋଦଶ ଅନ୍ତର୍ଜାତୀୟ କଳା ଓ କଳାକାର ପ୍ରାମାଣିକ ଚଳଚ୍ଚିତ୍ର ଉତ୍ସବରେ ଦେଖିବାକୁ ମିଳିଥିଲା। ଜେ.ଡି. ସେଣ୍ଟର ଅଫ୍ ଆର୍ଟ(ଜେଡିସିଏ) ପକ୍ଷରୁ ଆୟୋଜିତ ଏହି ଉତ୍ସବର ଦ୍ୱିତୀୟ ଦିବସ ଆରମ୍ଭ ହୋଇଥିଲା ଅଷ୍ଟ୍ରେଲିଆନ୍ ଫିଲ୍ମମେକର ପଲ୍ ଡାମିଏନ୍ ୱିଲିଅମ୍ସଙ୍କ ଡକ୍ୟୁମେଣ୍ଟାରୀ ଫିଲ୍ମ 'ଗୁରୁମୁଲ'ରୁ। ଏହି ଅବସରରେ କୋଲକାତାସ୍ଥିତ ଅଷ୍ଟ୍ରେଲିଆନ୍ କନ୍‌ସୁଲେଟ୍ ଜେନେରାଲର ଡାନିଏଲ୍ ସିମ୍ ଉପସ୍ଥିତ ରହିଥିଲେ।

ପ୍ରଦର୍ଶିତ ଆଉକିଛି ଆଦୃତ ଫିଲ୍ମ ମଧ୍ୟରେ ରହିଥିଲା ଓଡ଼ିଶାର ଟେକ୍ସଟାଇଲ ଡିଜାଇନର୍ ତଥା ଗବେଷିକା ପଙ୍କଜା ସେଠୀଙ୍କ 'କବୀର କେ ଜୁଲାହେ' ଏବଂ 'ନିୟମ କୁ ନିୟମ'। ଓଡ଼ିଶାର କୋଟପାଡ଼ ଏବଂ ଛତିଶଗଡ଼ ବସ୍ତ୍ରରର ପାଣିକ ବୁଣାକାରଙ୍କ ଉପରେ ନିର୍ମିତ 'କବୀର କେ ଜୁଲାହେ' କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ରରେ ଶହ ଶହ ବର୍ଷ ପୂର୍ବେ ଏହି ଅଞ୍ଚଳକୁ ବିସ୍ଥାପିତ ହୋଇ ଆସିଥିବା କବୀରଙ୍କ ପାଣିକ ଅନୁଗାମୀ ଏବଂ ସ୍ଥାନୀୟ ଆଦିବାସୀ ପରମ୍ପରାର କିଭଳି ମିଳନ ଘଟିଛି ତାହା ଦେଖିବାକୁ ମିଳିଥିଲା। ସେହିଭଳି 'ନିୟମ କୁ ନିୟମ'ରେ ଓଡ଼ିଶାର ଆଉଏକ ଜନଜାତି ତଥା ନିୟମଗିରି ପାହାଡ଼ର ଆଦିମ ଗୋଷ୍ଠୀଙ୍କ ଦୈନନ୍ଦିନ ଜୀବନ ସମ୍ପର୍କରେ ଜାଣିବାକୁ ମିଳିଥିଲା। ଏଥିସହ ଓଡ଼ିଶାର ଯୁବ ଫିଲ୍ମନିର୍ମାତା ଅଭିଷେକ ସ୍ୱାଇଁଙ୍କ ଫିଲ୍ମ 'ଥ୍ରୋ ଦି ଆଇଜ୍ ଅଫ୍ ଆନ୍ ଆର୍ଟିଷ୍ଟ' ଓଡ଼ିଶାର ପ୍ରାଚୀନ ନୃତ୍ୟକଳା 'ଗୋଟିପୁଅ' ପରମ୍ପରାକୁ ଉଜ୍ଜୀବିତ ରଖିଥିବା ନୃତ୍ୟଗୁରୁ ବୀରବର ସାହୁଙ୍କ ଜୀବନୀ ପର୍ଯ୍ୟବସିତ ଥିଲା। ଗୋଟିପୁଅ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିବା ଏହି ସ୍ୱର୍ଗତ ଗୁରୁଙ୍କ କଳା ପ୍ରତି ରହିଥିବା ଅବଦାନକୁ ଏଥିରେ ନିଖୁଣ ଉପସ୍ଥାପନ କରାଯାଇଥିଲା। ବହୁ କମ୍ ବଜେଟ୍‌ରେ ହୋଇଥିବା ଏହି ଫିଲ୍ମ ଏକ ଛୋଟ ଡିଏସ୍‌ଏଲ୍‌ଆର୍ କ୍ୟାମେରାରେ ଶୁଟିଂ ହୋଇଥିବା ନିର୍ମାତା ଅଭିଷେକ ଏହି ଅବସରରେ କହିଥିଲେ।

ମୁଖ୍ୟ ପ୍ରେକ୍ଷାଳୟରେ ପ୍ରଦର୍ଶିତ ଅନ୍ୟ କେତେକ ପ୍ରମୁଖ ଫିଲ୍ମ ମଧ୍ୟରେ ରହିଥିଲା ଓଡ଼ିଶାର ଆଶୁତୋଷ ପଟ୍ଟନାୟକଙ୍କ 'ଶ୍ରୀକ୍ଷେତ୍ରର ସାହିଜାତ' ଏବଂ ଦୀପ୍ତି ଶିବନଙ୍କ 'ଡିକୋଡିଂ ଶଙ୍କର'। ସଫ୍ଟୱେର୍ ଇଞ୍ଜିନିୟରରୁ ମ୍ୟୁଜିସିଆନ୍ ପାଲଟିଥିବା ଲୋକପ୍ରିୟ ଶଙ୍କର ମହାଦେବନଙ୍କ ଜୀବନ କାହାଣୀକୁ ଅତି ନିଖୁଣଭାବେ ବର୍ଣ୍ଣନା କରିଥିଲା ଫିଲ୍ମ 'ଡିକୋଡିଂ ଶଙ୍କର'। ସେହିଭଳି ଦ୍ୱିତୀୟ ଦିନରେ ପ୍ରଦର୍ଶିତ ବିଦେଶୀ ଫିଲ୍ମ ମଧ୍ୟରେ ଆଣ୍ଡ୍ରୁ ଗୋଲ୍ଡସ୍ମିଥ୍ ଏବଂ ବ୍ରାଡ୍‌ଲି ସ୍ଲେଭ୍‌ଙ୍କ 'ଲଷ୍ଟ୍ ଆଣ୍ଡ୍ ଫାଉଣ୍ଡ୍', ମେକ୍ସିକୋର ମାରିଆନୋ ରେଣ୍ଟେରିଆ ଗାର୍ନିକାଙ୍କ 'କାରା ଦେ ଡିଆବ୍ଲୋ', କାନାଡାର ହିଥର୍ କଣ୍ଡୋଙ୍କ 'ମାଇ ଫାଦସ ; ଟୁଲ୍‌ସ', ଚାଇନାର ୟୁ ହାଓଜିଆଙ୍ଗ୍‌ଙ୍କ 'ଚାଇନିଜ୍ ପେଣ୍ଟିଂ' ସନ୍ ଜୁନ୍‌ଙ୍କ 'ମାଇଥୋଲୋଜିକାଲ ଟାଇମ୍' ଇତ୍ୟାଦି ରହିଥିଲା। ଏହାବ୍ୟତୀତ ମନୋରଞ୍ଜନ ବାଡ୍‌ତ୍ୟାଙ୍କ 'ସ୍ୟାଣ୍ଡ୍ ସେଜ୍ ସମ୍‌ଥିଙ୍ଗ୍', କେ. ହରପ୍ରିୟାଙ୍କ 'କଲମକରୀ: ମ୍ୟାଜିକ୍ ଅଫ୍ କ୍ରିଏଶନ୍', ସନ୍ତୋଷ ଗୌରଙ୍କ 'ସାକ୍ଷୀ ପିଲା(ବୟ ଓଡ଼ିଶୀ ଡ୍ୟାନ୍ସର)', ପ୍ରମୋଦ ମାଥୁରଙ୍କ 'ସୋଽହମ୍ ଆସ୍ମୀ: ଆଇ ଆମ୍ ଦ୍ୟାଟ୍' ଭଳି କେତେକ ଉତ୍କୃଷ୍ଟ ଫିଲ୍ମ ଦେଖିବାକୁ ପାଇଥିଲେ ଦର୍ଶକ।

ସନ୍ଧ୍ୟାରେ ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତ ଶିଳ୍ପୀ ବିଦ୍ୟା ଶାହା ସଙ୍ଗୀତ ପରିବେଷଣ କରିଥିଲେ। ଏକଘଣ୍ଟା ଧରି ସେ ହୃଦୟସ୍ପର୍ଶୀ ସଙ୍ଗୀତରେ ଉପସ୍ଥିତ ଶ୍ରୋତାଙ୍କୁ ବାନ୍ଧି ରଖିଥିଲେ।



ବିଶିଷ୍ଟ ଅଭିନେତ୍ରୀ ତଥା ନିର୍ଦ୍ଦେଶିକା ନନ୍ଦିତା ଦାସ ଉତ୍ସବ ପରିସରସ୍ଥ ଏକ ଷ୍ଟଲରେ ତାଙ୍କ ପୁଅଙ୍କୁ କୋଟପାଡ଼ ଶାଢ଼ି ସମ୍ପର୍କରେ ବୁଝାଉଛନ୍ତି।



କର୍ମଶାଳାରେ ୪-କେ ଡିଜିଟାଲ ଚଳଚ୍ଚିତ୍ର ନିର୍ମାଣ ସମ୍ପର୍କରେ କହୁଛନ୍ତି ଜଣାଶୁଣା ଫିଲ୍ମନିର୍ମାତା ନନ୍ଦନ ସାକ୍‌ସେନା।

## ସ୍ମାର୍ଟଫୋନ୍‌ରେ ଶୁଟ୍ ହୋଇପାରିବ ଫିଲ୍ମ

ଫିଲ୍ମ ନିର୍ମାଣ ଏକ କଳା। ପାଖରେ ପ୍ରଚୁର ଅର୍ଥ ଥିଲେ ଜଣେ କେବେ ଭଲ ଫିଲ୍ମମେକର ହୋଇପାରିବନି। ଏଥିପାଇଁ ଆବଶ୍ୟକ ଦୃଢ ଇଚ୍ଛାଶକ୍ତି ଓ କିଛି ଦକ୍ଷତା। ଅତି ସ୍ୱଳ୍ପ ବଜେଟରେ ମଧ୍ୟ ଏକ ଉତ୍କୃଷ୍ଟ ଫିଲ୍ମ ତିଆରି କରିହେବ। ନିଜେ ସନ୍ତୁଷ୍ଟ ହେବାପର୍ଯ୍ୟନ୍ତ ଶିଖିବାର ପ୍ରୟାସ ଜାରି ରଖିବାକୁ କହିଥିଲେ ଜଣାଶୁଣା ଫିଲ୍ମନିର୍ମାତା ନନ୍ଦନ ସାକ୍‌ସେନା। ୪-କେ ଡିଜିଟାଲ ଚଳଚ୍ଚିତ୍ର ନିର୍ମାଣ ଉପରେ ଆୟୋଜିତ କର୍ମଶାଳାରେ ଯୋଗଦେଇ ସେ ସିନେମାଟୋଗ୍ରାଫି, ଶବ୍ଦ ଉତ୍ତୋଳନ ଏବଂ ଭିଜୁଆଲର କଳା ବିଷୟରେ ଯୁବ ନିର୍ମାତାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ନନ୍ଦନଙ୍କ ସହ ଜାତୀୟ ପୁରସ୍କାର ବିଜେତା ଫିଲ୍ମ ନିର୍ମାତା କବିତା ବେହେଲ ଏହି ଅବସରରେ ଉପସ୍ଥିତ ରହି ଚଳଚ୍ଚିତ୍ର ନିର୍ମାଣକୁ ପେସା ନୁହେଁ, ବରଂ ନିଶା ଭାବେ ଗ୍ରହଣ କରିବାକୁ କହିଥିଲେ। ଫିଲ୍ମ ଶୁଟିଂ ପାଇଁ ବଡ଼ ବଡ଼ କ୍ୟାମେରା କି ଡିଏସ୍‌ଏଲ୍‌ଆର୍‌ର ଆବଶ୍ୟକତା ନାହିଁ। ଜଣେ ଚାହିଁଲେ ନିଜ ଫୋନ୍ କ୍ୟାମେରାରେ ମଧ୍ୟ ଏକ ଭଲ ଫିଲ୍ମ ତିଆରି କରିପାରିବ। ଅନ୍ତର୍ଜାତୀୟସ୍ତରରେ ପ୍ରଦର୍ଶିତ ହୋଇ ପ୍ରଶଂସିତ ହେଉଥିବା ଅନେକ ପୁରସ୍କାର ବିଜେତା ଫିଲ୍ମ ସ୍ମାର୍ଟଫୋନ୍‌ରେ ଶୁଟ୍ ହୋଇଥିବା ସେମାନେ କହିଥିଲେ।

## ଉପେନ୍ଦ୍ର ମହାରଥୀଙ୍କୁ ମନେପକାଇଲା ଜେଡିସିଏ

୧୯୦୮ରେ ପୁରୀ ଜିଲାର ଏକ ଛୋଟ ଗାଁରେ ଜନ୍ମ ହୋଇଥିବା ବିଶିଷ୍ଟ ଶିଳ୍ପୀ, ସ୍ଥପତି, ଡିଜାଇନର ଏବଂ ବୁଣାକାର ଉପେନ୍ଦ୍ର ମହାରଥୀ କଳାକାର ଓ ଶିଳ୍ପୀ ଜଗତ ପାଇଁ ଗୌରବ ଥିଲେ। ଏକାଧାରାରେ ବହୁବିଦ୍ୟାର ଅଧିକାରୀ ଏହି ମହାନ୍ ଶିଳ୍ପୀ ବୌଦ୍ଧ ସଂସ୍କୃତି ଓ କଳା ପ୍ରତି ବିଶେଷଭାବେ ଆକର୍ଷିତ ହୋଇଥିଲେ, ଯାହାକି ତାଙ୍କ ପ୍ରତ୍ୟେକ ନିର୍ମାଣଶୈଳୀରେ ପ୍ରତିଫଳିତ ହେଉଥିଲା। ବୌଦ୍ଧ ଭିକ୍ଷୁଙ୍କ ବସିବା ପାଇଁ ସେ ଆକର୍ଷଣୀୟ ଚେୟାରମ୍ୟାନ ନିର୍ମାଣ କରିଥିଲେ। ମହାରଥୀ ନିଜ ଷ୍ଟୁଡିଓକୁ ଗବେଷଣାଗାରଭାବେ ବ୍ୟବହାର କରୁଥିଲେ। ତାଙ୍କ ସୃଜନଶୀଳତା ସେହିଠାରୁ ଆରମ୍ଭ ହୋଇ ସମଗ୍ର ବିଶ୍ୱକୁ ବ୍ୟାପିଯାଇଥିଲା ବୋଲି ବିଶିଷ୍ଟ ସ୍ଥପତି ତଥା ନୂଆଦିଲ୍ଲୀସ୍ଥିତ ଜାତୀୟ ମଡର୍ନ ଆର୍ଟ ଗ୍ୟାଲେରିର ନିର୍ଦ୍ଦେଶକ ଅଦ୍ୱୈତ ଗଡ଼ନାୟକ କହିଥିଲେ। ଜେଡିସିଏ ପକ୍ଷରୁ ଆୟୋଜିତ ୨୩୭ତମ 'ମିଟ୍ ଦ ଆର୍ଟିଷ୍ଟ' କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥିଭାବେ ଯୋଗଦେଇ ସେ ଦିବଂଗତ ଉପେନ୍ଦ୍ର ମହାରଥୀଙ୍କ ଚିତ୍ରକଳା ଓ ପ୍ରଦର୍ଶନୀ ଉପରେ ବକ୍ତବ୍ୟ ରଖିଥିଲେ। ଗଡ଼ନାୟକ ପୂର୍ବରୁ ମହାରଥୀଙ୍କ କଳାକୃତିକୁ ନେଇ 'ଶାଶ୍ୱତ ମହାରଥୀ' ନାମକ ଚିତ୍ର ପ୍ରଦର୍ଶନୀ ଆୟୋଜନ କରି ଚର୍ଚ୍ଚାକୁ ଆସିଥିଲେ।

## କ୍ୟୁରେଟର୍‌ରୁ ଏସିଆର ସର୍ବବୃହତ କଣ୍ଟେମ୍ପୋରାରୀ ଆର୍ଟ ଫେଷ୍ଟିଭାଲର ଆୟୋଜକ

କୋଚି-ମୁଜିରିସ୍ ବିଏନାଲ୍‌ର ଉଦ୍ୟୋକ୍ତା ତଥା ଦେଶର ଜଣେ ଲୋକପ୍ରିୟ ଚିତ୍ରଶିଳ୍ପୀଭାବେ ଖ୍ୟାତିଅର୍ଜନ କରିଥିବା ବୋସ୍ କ୍ରିଷ୍ଣାମାଚାରୀ କେରଳର କୋଚିରେ ଭାରତର ପ୍ରଥମ ଏବଂ ଏସିଆର ସର୍ବବୃହତ କଣ୍ଟେମ୍ପୋରାରୀ ଆର୍ଟ ଫେଷ୍ଟିଭାଲର ଆୟୋଜନ କରିଥିଲେ। ସେ ତାଙ୍କର ୬୦ ମିନିଟ୍‌ର ଅଭିଭାଷଣରେ ଜଣେ ସ୍ୱାଧୀନ କ୍ୟୁରେଟରରୁ କିପରି ଏଭଳି ସଫଳତା ପାଇଥିଲେ ସେ ସମ୍ପର୍କରେ କହିଥିଲେ। ଫିଲ୍ମ, ସ୍ଥାପତ୍ୟ, ଚିତ୍ରକଳା, ନୂଆ ମିଡ଼ିଆ ଏବଂ ପରିବେଷଣ କଳାକୁ ନେଇ ଆୟୋଜିତ ହେଉଥିବା ଏହି ମହୋତ୍ସବରେ ଦେଶ ବିଦେଶର ଖ୍ୟାତନାମା କଳାକାରମାନେ ଯୋଗଦେଇଥାନ୍ତି। ଏହି ମହୋତ୍ସବ ଦେଶର ଉତ୍କୃଷ୍ଟ କଳାକୁ ବିଶ୍ୱ ଦରବାରରେ ଉପସ୍ଥାପନ କରିବାର ସୁଯୋଗ ଦେଇଥାଏ ବୋଲି ସେ କହିଥିଲେ। ଏହି ଅବସରରେ ସେ ଉପସ୍ଥିତ ଦର୍ଶକ ଓ କଳାକାରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ନିମେଶ



ସଂଗ୍ରାମ



କାହ୍ନୁଚରଣ



ସମ୍ବିତ୍



ପ୍ରଭାକର



ଶୁଭ୍ରାଂଶୁ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

## ସାହିତ୍ୟିକମାନେ ବିଶ୍ୱମୁଖୀ ହେବା ଆବଶ୍ୟକ



କାର୍ଯ୍ୟକ୍ରମରେ ସାହିତ୍ୟିକ ମନୋଜ ଦାସ ଉଦ୍‌ବୋଧନ ଦେଉଛନ୍ତି।

କଟକ ଅଫିସ,୮।୨

ସାହିତ୍ୟିକମାନେ ବିଶ୍ୱମୁଖୀ ହେବା ଆବଶ୍ୟକ। ନିରାଶାଠାରୁ ଦୂରେଇ ରହି ସାହିତ୍ୟ ସୃଷ୍ଟି କଲେ ବାସ୍ତବତାକୁ ଉପଲବ୍ଧି କରିହେବ। ଏହାଦ୍ୱାରା ପ୍ରକୃତ ଜୀବନ ଜିଇ ହେବ ବୋଲି ସାହିତ୍ୟିକ ମନୋଜ ଦାସ କହିଛନ୍ତି। ଶନିବାର କଟକ ସାରଳା ଭବନଠାରେ କବି ସଚ୍ଚି ରାଉତରାୟ ସ୍ମାରକୀ ବକ୍ତୃତା 'ସାହିତ୍ୟରେ ଆଦର୍ଶର ଭୂମିକା- ଗତକାଲି ଓ ଆଜି' ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ସାହିତ୍ୟିକ ଦାସ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ସଚ୍ଚି ରାଉତରାୟଙ୍କ ସାହିତ୍ୟ ଓଡ଼ିଆ ସାହିତ୍ୟରେ ଏକ ସାମ୍ୟଚେତନା ଉନ୍ମୋଚନ କରିଛି। ତାଙ୍କର ପ୍ରତ୍ୟେକ କବିତାରେ ଏକ ଆହ୍ୱାନ ରହିଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସାରଳା ସାହିତ୍ୟ ସଂସଦର ମିଳିତ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥିଭାବେ ସାରଳା ସାହିତ୍ୟ ସଂସଦର ସଭାପତି ତଥା ପ୍ରତିଷ୍ଠାତା ଡ. ପ୍ରଭାକର ସ୍ୱାଇଁ ଯୋଗ ଦେଇଥିବାବେଳେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହରିହର ମିଶ୍ର ପୌରୋହିତ୍ୟ କରିଥିଲେ। ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ବିଜୟ କୁମାର ନାୟକ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ଏମ୍.ଟି. ବାସୁଦେବନ ନାୟାରକୃତ ମାଲାୟାଲମ ଉପନ୍ୟାସ 'ରାଣ୍ଡାମୁଚ୍ଛମ'ର ଓଡ଼ିଆ ଅନୁବାଦ 'ନିଃସଙ୍ଗ ଯୋଦ୍ଧା' ଏବଂ ଓଡ଼ିଆ ସାହିତ୍ୟରେ ଗାନ୍ଧୀ ଓ ଦଳିତ ଚିନ୍ତନ ପୁସ୍ତକ ଲୋକାର୍ପଣ ହୋଇଥିଲା। ନାଟ୍ୟକାର ସଞ୍ଜିତ ପଟ୍ଟନାୟକ, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଶୁଚିସ୍ମିତା ମନ୍ତ୍ରୀ ପ୍ରମୁଖ ଯୋଗଦେଇଥିଲେ। ଡ. ନିରଞ୍ଜନ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ଭେଣ୍ଡିଂ ଜୋନ୍ ବଦଳରେ ନେବରହୁଡ୍ ମାର୍କେଟ

ଭୁବନେଶ୍ୱର, ୮।୨ (ବ୍ୟୁରୋ)

**ନଗର ଉନ୍ନୟନ ବିଭାଗ ସହ ବିଏମ୍‌ସିର ଆଲୋଚନା**

- ଗୋଟିଏ ସ୍ଥାନରେ ମିଳିବ ସବୁ ସୁବିଧା
- ଦୂର ହେବ ସହରର ଟ୍ରାଫିକ ସମସ୍ୟା
- ସହରରେ ଚିହ୍ନଟ ହୋଇଛି ୧୦ ସ୍ଥାନ

ଦିନକୁ ଦିନ ଭୁବନେଶ୍ୱରର କଳେବର ବୃଦ୍ଧି ପାଉଛି। ଲୋକ ସଂଖ୍ୟା ସହ ଗାଡ଼ିମୋଟର ଚଳାଚଳ ବୃଦ୍ଧି ପାଉଥିବାବେଳେ ଲୋକଙ୍କ ଆବଶ୍ୟକତା ମଧ୍ୟ ବଢ଼ି ଚାଲିଛି। ଏହି ସବୁକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ବିଭିନ୍ନ ୱାର୍ଡରେ 'ନେବରହୁଡ୍ ମାର୍କେଟ' ସ୍ଥାପନ କରିବା ପାଇଁ ସ୍ଥିର କରିଛି। ଭେଣ୍ଡିଂ ଜୋନ୍‌ଗୁଡ଼ିକୁ ଉଠାଇ ଦିଆଯାଇ ସହ ଏପରି ମାର୍କେଟ ସ୍ଥାପନ ହେବ। ଫଳରେ ଗୋଟିଏ ସ୍ଥାନରେ ଲୋକଙ୍କୁ ସବୁ ସୁବିଧା ମିଳିବା ସହ ସହରରେ ଉପୁଜୁଥିବା ଟ୍ରାଫିକ୍ ସମସ୍ୟାର ମଧ୍ୟ ସମାଧାନ ହେବ। ଏନେଇ ନଗର ଉନ୍ନୟନ ବିଭାଗ ସହ ଆଲୋଚନା ଚାଲିଥିବାବେଳେ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି।

ତାଙ୍କ ସୂଚନା ମୁତାବକ, ଦେଶର ନଂ.୧ ସ୍ମାର୍ଟ ସିଟି ଭୁବନେଶ୍ୱରର ଭେଣ୍ଡିଂ ଜୋନଗୁଡ଼ିକ ମୁଖ୍ୟତଃ ରାସ୍ତା କଡ଼ରେ ରହିଛି। ଲୋକମାନେ ଏଣେ ତେଣେ ଗାଡ଼ି ରଖି କିଣାକିଣି କରୁଥିବାରୁ ବିଭିନ୍ନ ସମୟରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଦିନକୁଦିନ ଏହି ସମସ୍ୟା ଜଟିଳ ହେଉଥିବାରୁ ବିଏମ୍‌ସି ପକ୍ଷରୁ ନେବରହୁଡ୍ ମାର୍କେଟକୁ ଆପଣାଇବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ସହରର ପାରିପାର୍ଶ୍ୱିକ ସ୍ଥିତି ମଧ୍ୟ ଦିନକୁ ଦିନ ବଦଳୁଛି। ଘରୁ ବର୍ଜ୍ୟ ସଂଗ୍ରହଠାରୁ ଆରମ୍ଭ କରି ଅନ୍‌ଲାଇନ୍‌ରେ ବିଏମ୍‌ସି ଦ୍ୱାରା ମିଳୁଥିବା ବିଭିନ୍ନ ସେବା ପାଇବା ପାଇଁ ଲୋକଙ୍କୁ ସଚେତନ କରାଯାଉଛି। ଗୋଟିଏ ସ୍ଥାନରେ ମାର୍କେଟ ସହ ଏହା ନିକଟରେ ପାର୍କିଂଠାରୁ ଆରମ୍ଭ କରି ଶୌଚାଳୟ ଓ ଅନ୍ୟ ସମସ୍ତ ସୁବିଧାର ବ୍ୟବସ୍ଥା କରାଯିବ ବୋଲି କମିଶନର ଚୌଧାରୀ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ସହରରେ ଏବେ ୫୫ ଭେଣ୍ଡିଂ ଜୋନ୍ ରହିଛି। ପ୍ରତି ଭେଣ୍ଡିଂ ଜୋନ୍‌ରୁ ବିଏମ୍‌ସି ବର୍ଷକୁ ଗ୍ରାଉଣ୍ଡ୍ ରେଣ୍ଟ୍ ବାବଦରେ ୩ହଜାର ଟଙ୍କା ଓ ଟ୍ରେଡ୍ ଲାଇସେନ୍ସ ବାବଦକୁ ୫ଶହ ଟଙ୍କା ନେଉଛି। କିନ୍ତୁ ଭେଣ୍ଡିଂଜୋନ୍ ପାଇଁ ଟ୍ରାଫିକ ଓ ଅନ୍ୟ କେତେକ ସମସ୍ୟା ଉପୁଜୁଛି। ତେଣୁ ଆଗାମୀ ଦିନରେ ଭେଣ୍ଡିଂ ଜୋନ୍ ନ ରଖି ୱାର୍ଡସ୍ତରରେ ଭ୍ରାତୃତ୍ୱପୂର୍ଣ୍ଣ ମାର୍କେଟ କରିବାକୁ ବିଏମ୍‌ସି ସ୍ଥିର କରିଥିବା ଜଣାପଡ଼ିଛି।

## ନାଟକ 'ନାୟିକା'



**ଭୁବନେଶ୍ୱର,୮।୨(ବ୍ୟୁରୋ):** ଅସୀମ ବସୁ ଫାଉଣ୍ଡେଶନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ଚାଲିଥିବା 'ଅସୀମ ଉତ୍ସବ'ର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ଅବସରରେ କୋରାପୁଟର 'ନାନ୍ଦନିକ' ଥିଏଟର ଗ୍ରୁପ୍ ପକ୍ଷରୁ ନାଟକ 'ନାୟିକା' ମଞ୍ଚସ୍ଥ ହୋଇଥିଲା। ପ୍ରେମ ଅଳିକ ନା ପାର୍ଥିବ ତାହାର ଉତ୍ତର ଦେଇଥିଲା ଏହି ନାଟକ। କବି ରମାକାନ୍ତ ରଥ ତାଙ୍କ ବିଭିନ୍ନ କବିତାରେ ପ୍ରେମର ଏହି ସ୍ୱରୂପକୁ ଚିହ୍ନିବାକୁ ଚେଷ୍ଟା କରିଛନ୍ତି। ଏହି ନାଟକ ରମାକାନ୍ତ ରଥଙ୍କ କିଛି ଲୋକପ୍ରିୟ ପ୍ରେମ କବିତା ଉପରେ ଆଧାରିତ ହୋଇଥିବାବେଳେ ଏହା ମାନବ ହୃଦୟ ଓ କଳ୍ପନାର ଗଭୀରକୁ ଓହ୍ଲାଇ ପ୍ରେମକୁ ଖୋଜୁଥିଲା। ନାଟକଟିର ନାଟ୍ୟ ରୂପାନ୍ତର ଓ ନିର୍ଦ୍ଦେଶନା ଦେଇଥିଲେ ସୌରଭ ଗୁପ୍ତା। ନାଟକର ବିଭିନ୍ନ ଭୂମିକାରେ ସନମ୍ ଗହନ, ଅଜୟ ସିଂ, ସିତାଂଶୁ କୁମାର ରଥ, ଡି.ଏମ୍ ୟସିମ୍ ଲେଙ୍କା, ରଞ୍ଜିତ୍ କୁମାର ଜେନା ପ୍ରମୁଖ ଅଭିନୟ କରିଥିଲେ। ସନ୍ଧ୍ୟାରେ ଅତିଥିଭାବେ କବି ରମାକାନ୍ତ ରଥ, କବି ସୂର୍ଯ୍ୟ ମିଶ୍ର, ଛଉ ନୃତ୍ୟଗୁରୁ ସଦାଶିବ ପ୍ରଧାନ ଏବଂ ଶିଳ୍ପୀ ବାଞ୍ଛାନିଧି ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଦେବଦତ୍ତ ପତି ଉତ୍ସବକୁ ପରିଚାଳନା କରିଥିଲେ।

# ପର୍ଯ୍ୟଟନ ବିକାଶ ପଥେ ଓଡ଼ିଶା




## ସ୍ପୋର୍ଟସ ଟୁରିଜମ୍ ପାଇଁ ନୂଆ ସୁଯୋଗ

ଓଡ଼ିଶା ସହ ଏବେ ଯୋଡିହୋଇଯାଇଛି କ୍ରୀଡା ପର୍ଯ୍ୟଟନ। ବିଶ୍ୱସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବାପରେ ଓଡ଼ିଶାକୁ ପର୍ଯ୍ୟଟନ ମାନଚିତ୍ରରେ ମିଳିଛି ସ୍ୱତନ୍ତ୍ର ପରିଚୟ। ଏସିଆନ୍ ଆଥଲେଟିକ୍ସ ଚାମ୍ପିୟନଶିପ୍ ଆୟୋଜନ କରି ଓଡ଼ିଶା ଦେଶର କ୍ରୀଡ଼ା ରାଜଧାନୀରେ ପରିଣତ ହୋଇଥିବା ବେଳେ ବିଶ୍ୱକପ୍ ହକି ଟୁର୍ନାମେଣ୍ଟର ଆୟୋଜକଭାବେ ରାଜ୍ୟ ଇତିହାସ ରଚିଛି। ୧୬ଟି ଦେଶର କ୍ରୀଡାବିତ୍, ସେମାନଙ୍କ ଅଫିସିଆଲ ଏବଂ ଦେଶ ବିଦେଶର ପର୍ଯ୍ୟଟକଙ୍କୁ ହୋଷ୍ଟ କରି ଭବିଷ୍ୟତ ବିଶ୍ୱକପ୍ ହୋଷ୍ଟଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। କେବଳ ଏତିକି ନୁହେଁ, ଗତ ୪ବର୍ଷ ମଧ୍ୟରେ ଭୁବନେଶ୍ୱର ୧୦ଟି ଜାତୀୟ ଓ ଅନ୍ତର୍ଜାତୀୟସ୍ତରୀୟ କ୍ରୀଡା ପ୍ରତିଯୋଗିତା ଆୟୋଜନ କରି ରେକର୍ଡ ସୃଷ୍ଟି କରିଛି। ଯାହାମଧ୍ୟରେ ଚମ୍ପିଆନ୍ସ ଟ୍ରଫି ହକି ଟୁର୍ନାମେଣ୍ଟ, ହକି ଇଣ୍ଡିଆ ଲିଗ୍, ହକି ୱାର୍ଲଡ ଲିଗ୍ ଫାଇନାଲ, ହିରୋ ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍ଏଲ୍) ଫୁଟବଲ୍ ମ୍ୟାଚ୍, ଇଣ୍ଟରନ୍ୟାଶନାଲ ଟେନିସ ଫେଡେରେଶନ (ଆଟିଏଫ୍) ଟୁର୍ନାମେଣ୍ଟ, ଅଲ୍ ଇଣ୍ଡିଆ ଫୁଟ୍‌ବଲ୍ ଫେଡେରେଶନ ପକ୍ଷରୁ ସୁପର୍ କପ୍‌ର ପ୍ରଥମ ସଂସ୍କରଣ, ଏସିଆନ୍ ଅଣ୍ଡର୍-୧୮ ଗର୍ଲସ ଚାମ୍ପିୟନଶିପ୍ ଆଦି ରହିଛି। କଟକରେ ଟେନିସ୍ ବିଶ୍ୱକପ୍ ଆୟୋଜନ ଦ୍ୱାରା ଆଉଏକ ମାଇଲଷ୍ଟୋନ୍ ପ୍ରତିଷ୍ଠା ହୋଇପାରିଛି। ଆଉ ଏଥିପାଇଁ ଇଣ୍ଡିଆନ୍ ଅଲିମ୍ପିକ୍ ଆସୋସିଏସନର ସଭାପତି ନରିନ୍ଦର ବାତ୍ରା ଭୁବନେଶ୍ୱରକୁ ଦେଶର କ୍ରୀଡା ରାଜଧାନୀ ବୋଲି ଅଭିହିତ କରିଛନ୍ତି। କେବଳ ଏତିକି ନୁହେଁ, ବିଶ୍ୱର ଶ୍ରେଷ୍ଠ ୫ ହକି ଷ୍ଟାଡିୟମ୍ ମଧ୍ୟରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍ ନିଶ୍ଚିନ୍ତଭାବେ ରହିବ ବୋଲି ସେ କହିଛନ୍ତି। କେବଳ ଏତିକି ନୁହେଁ, ଭୁବନେଶ୍ୱରରେ ଆର୍ଚେରି, ୱେଟ୍‌ଲିଫ୍ଟିଂ, ବ୍ୟାଡ୍‌ମିଣ୍ଟନ୍, ଫୁଟ୍‌ବଲ୍ ଭଳି କ୍ରୀଡାର ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟ ସରକାର ବହୁ ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥା ସହ ହାତ ମିଳାଇଛନ୍ତି। ଆଗାମୀ ଦିନରେ ଓଡ଼ିଶାକୁ କିଭଳି ସ୍ପୋର୍ଟସ ଟୁରିଜମ୍ ଡେଷ୍ଟିନେଶନରେ ପରିଣତ କରାଯାଇପାରିବ ତା'ଉପରେ ଫୋକସ୍ ରହିଛି। କ୍ରୀଡାର ପ୍ରଚାର ପ୍ରସାର କରିବାରେ ଓଡ଼ିଶା ଦେଶର ଶ୍ରେଷ୍ଠ ରାଜ୍ୟ ଭାବେ କେନ୍ଦ୍ର ଯୁବ ବ୍ୟାପାର ମନ୍ତଣାଳୟ ଏବଂ କନ୍‌ଫେଡେରେଶନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି ପକ୍ଷରୁ ମାନ୍ୟତା ପାଇଛି।

## ମ୍ୟୁଜିୟମ୍ ଟୁରିଜମ୍

ରାଜ୍ୟରେ ସଂଗ୍ରହାଳୟ ପର୍ଯ୍ୟଟନର ବିକାଶ କରିବା ସହ ଏଥିପ୍ରତି ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି ରାଜ୍ୟ ସରକାର। ଏଥିପାଇଁ ସହରରେ ଥିବା ରାଜ୍ୟ ସଂଗ୍ରହାଳୟ, ଆଦିବାସୀ ସଂଗ୍ରହାଳୟ, ଆଞ୍ଚଳିକ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟ, ହସ୍ତଶିଳ୍ପ ଓ ହସ୍ତକଳା ସଂଗ୍ରହାଳୟ, ରିଜିଓନାଲ ସାଇନ୍ସ ସେଣ୍ଟର, ରିଜିଓନାଲ ପ୍ଲାଣ୍ଟ ରିସୋର୍ସ ସେଣ୍ଟର, ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ପରି ୧୨ଟି ସଂଗ୍ରହାଳୟ ସହ ଆଲୋଚନା କରାଯାଇଛି। ଭୁବନେଶ୍ୱରରେ ଥିବା ଆଦିବାସୀ ସଂଗ୍ରହାଳୟର କେତେକ କଟକଣାକୁ ହଟାଇ ଦିଆଯାଇଛି। ସେହିଭଳି ଓଡ଼ିଶା ରାଜ୍ୟ ହସ୍ତଶିଳ୍ପ ଓ ହସ୍ତତନ୍ତ ସଂଗ୍ରହାଳୟ 'କଳାଭୂମି' ପ୍ରତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ସଂଗ୍ରହାଳୟ ପଦଯାତ୍ରା ବା ମ୍ୟୁଜିୟମ୍ ୱାକ୍ ଆରମ୍ଭ ହୋଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ ପ୍ରକାର ୱାର୍କଶପ୍‌ର ଆୟୋଜନ ଏଠାକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ଏହାବ୍ୟତୀତ ରାଜ୍ୟରେ ଥିବା ସଂଗ୍ରହାଳୟ, ପ୍ଲାନେଟୋରିୟମ୍, ବିଜ୍ଞାନ କେନ୍ଦ୍ରର ଅଧିକ ପ୍ରଚାର ପ୍ରସାର କରିବାସହ ପର୍ଯ୍ୟଟକଙ୍କ ଉପଯୋଗୀ କରିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି।



## ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ପାଇଁ ୧୧୦ କୋଟି




ରାଜ୍ୟରେ ରହିଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମି ବିକାଶ ସହ ପର୍ଯ୍ୟଟନ କ୍ଷେତ୍ରର ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟ ସରକାର ୧୧୦ କୋଟି ଟଙ୍କାର ବଜେଟ୍ ପ୍ରସ୍ତୁତ କରିଛନ୍ତି। ୯ଟି ଟୁରିଷ୍ଟ ସର୍କିଟ୍ ପ୍ରସ୍ତୁତ କରାଯିବା ସହ ୧୩ଟି ପ୍ରମୁଖ ପର୍ଯ୍ୟଟନସ୍ଥଳୀର ଚିହ୍ନଟ କରାଯାଇ ପ୍ରାଥମିକ ପର୍ଯ୍ୟାୟରେ ଏହି ସ୍ଥାନଗୁଡ଼ିକର ଭିତ୍ତିଭୂମି ବିକାଶ କରିବାକୁ ସ୍ଥିର ହୋଇଛି। ସେହିଭଳି ଚଳିତ ଆର୍ଥିକବର୍ଷରେ ବୁଦ୍ଧିଷ୍ଟ ସର୍କିଟ୍ ସହ ରମ୍ଭା କ୍ଲଷ୍ଟର୍‌ର ବିକାଶ କରାଯିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ଓଡ଼ିଶାରେ ୱାଟର୍ ସ୍ପୋର୍ଟସ ଭିତ୍ତିଭୂମି ବିକାଶକୁ ବିଭାଗ ସର୍ବାଧିକ ଗୁରୁତ୍ୱ ଦେଇଥିବା ବେଳେ ୨୦୧୯-୨୦ ଆର୍ଥିକବର୍ଷରେ ୫କୋଟି ଟଙ୍କା ବିନିମୟରେ ହାଉସ୍‌ବୋଟ୍ ଏବଂ ଏହାର ଚଳାଚଳ ପାଇଁ ଭିତ୍ତିଭୂମି ବିକାଶ କରିବାକୁ ସ୍ଥିର ହୋଇଛି।

## ଗେମ୍‌ଚେଞ୍ଜର 'ଶାମୁକା ପ୍ରକଳ୍ପ'

ଓଡ଼ିଶାର ପର୍ଯ୍ୟଟନ ଶିଳ୍ପ ପାଇଁ ଗେମ୍‌ଚେଞ୍ଜର ହେବ ଶାମୁକା ବିଚ୍ ପ୍ରକଳ୍ପ। ରାଜ୍ୟ ସରକାରଙ୍କ ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପ ଖୁବ୍‌ଶୀଘ୍ର ବାସ୍ତବ ରୂପ ନେବ। ପୁରୀ ସହରଠାରୁ ୧୦ କିମି ଦୂରରେ ହେବାକୁ ଥିବା ଏହି ପ୍ରକଳ୍ପକୁ ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ମଞ୍ଜୁରୀ ମିଳିସାରିଥିବା ବେଳେ ଏହାର ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିବ ଏକ ଅନ୍ତର୍ଜାତୀୟ ସଂସ୍ଥା। ୨୦୦୮ରେ ପ୍ରକଳ୍ପ ପାଇଁ ଯେଉଁ ମାଷ୍ଟର୍‌ପ୍ଲାନ୍ ପ୍ରସ୍ତୁତ ହୋଇଥିଲା ବିଭିନ୍ନ କାରଣବଶତଃ ତାହାକୁ ବାତିଲ କରାଯାଇଥିବା ବେଳେ ଏବେ ଅନ୍ତର୍ଜାତୀୟସ୍ତରୀୟ ଆର୍କିଟେକ୍ ଏହାର ଡିଜାଇନ୍ ପ୍ରସ୍ତୁତ କରିବେ। ପ୍ରାୟ ୪ ହଜାର କୋଟିର ପୁଞ୍ଜିନିବେଶରେ ହେବାକୁ ଥିବା ଏହି ପ୍ରକଳ୍ପରେ ପଞ୍ଚତାରକା ହୋଟେଲ, ବୁଟିକ୍ ହୋଟେଲ, ସ୍ପା, ୱେଲ୍‌ନେସ୍ ସେଣ୍ଟର, ଏଣ୍ଟରଟେନ୍‌ମେଣ୍ଟ ଜୋନ୍, କନ୍‌ଭେନସନ୍ ସେଣ୍ଟର ଏବଂ ବିଭିନ୍ନ ପ୍ରକାର କ୍ରୀଡା ଉପଲବ୍ଧ ହେବ। ପର୍ଯ୍ୟଟନ ଦୃଷ୍ଟିରୁ ଗୁରୁତ୍ୱକୁ ଉପଲବ୍ଧି କରି ଶାମୁକାକୁ ରାଜ୍ୟ ସରକାର ଫାଷ୍ଟ୍‌ଟ୍ରାକ୍‌ରେ ରଖିବେ ବୋଲି ରାଜ୍ୟ ପର୍ଯ୍ୟଟନ ସଚିବ ବିଶାଲ ଦେବ କହିଛନ୍ତି।



## ହେରିଟେଜ୍ ପ୍ୟାଲେସ୍ ଟୁରିଜମ୍



'ରୟାଲ ହେରିଟେଜ୍ ଟୁର୍ ପ୍ୟାକେଜ୍' ମାଧ୍ୟମରେ ଓଡ଼ିଶା ପର୍ଯ୍ୟଟନକୁ ଆଉପାଦେ ଆଗକୁ ନେବାକୁ ରାଜ୍ୟ ସରକାର 'ହେରିଟେଜ୍ ପ୍ୟାଲେସ୍ ଟୁରିଜମ୍' ଯୋଜନା ଆରମ୍ଭ କରିଥିବା ବେଳେ ଏହାର ବିଶେଷ ଚାହିଦା ଦେଖିବାକୁ ମିଳୁଛି। ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ଗୁଜରାଟ ଆଦି ରାଜ୍ୟଭଳି ରୟାଲ ଟୁରିଜିମ୍ ଉପରେ ଏବେ ଓଡ଼ିଶା ଫୋକସ୍ କରିଛି। ଫଳରେ ରାଜ୍ୟରେ ରହିଥିବା ଐତିହାସିକ ରାଜପ୍ରାସାଦଗୁଡିକରେ ରହିବା ସହ ପର୍ଯ୍ୟଟକମାନେ ରାଜକୀୟ ଅନୁଭୂତି ସାଉଁଟି ପାରୁଛନ୍ତି। ଓଡ଼ିଶାରେ ଏବେ ୫୧ଟି ହେରିଟେଜ୍ ପ୍ରପଟି ତଥା ରାଜପ୍ରାସାଦ ରହିଥିବା ବେଳେ ସେଥିମଧ୍ୟରୁ ୧୯ଟି ପ୍ରାସାଦକୁ ଆଗାମୀ ଦୁଇବର୍ଷ ମଧ୍ୟରେ ବୁଟିକ୍ ହେରିଟେଜ୍ ହୋଟେଲ ଏବଂ ହେରିଟେଜ୍ ହୋମ୍ ଷ୍ଟେ' ଭାବେ ବିକଶିତ କରିବାକୁ ଯୋଜନା ରହିଛି। ଢେଙ୍କାନାଳ, ଆଳି ଓ ନୀଳଗିରି ଭଳି ଏବେ ୬ଟି ପ୍ରାସାଦରେ ପର୍ଯ୍ୟଟକ ରହୁଥିବା ବେଳେ ଆଉ ୩ଟିକୁ ଆସନ୍ତା ଡିସେମ୍ବର ମାସସୁଦ୍ଧା ହେରିଟେଜ୍ ହୋଟେଲରେ ଏବଂ ହୋମ୍ ଷ୍ଟେ'ରେ ପରିଣତ କରିବାକୁ ଲକ୍ଷ୍ୟ ରହିଛି। ସେହିଭଳି ଅବଶିଷ୍ଟ ୧୦ଟି ପ୍ରାସାଦକୁ ୨୦୨୧ ସୁଦ୍ଧା ହୋଟେଲ ରୂପ ଦିଆଯିବ ବୋଲି ପର୍ଯ୍ୟଟନ ବିଭାଗ ପକ୍ଷରୁ କୁହାଯାଇଛି।

## ଫୋକସରେ ଯୁବ ପର୍ଯ୍ୟଟକ

୨୦୧୯-୨୦ ବର୍ଷରେ ଓଡ଼ିଶାକୁ ଯୁବ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ନୂଆ ଯୋଜନାର କାର୍ଯ୍ୟକାରୀ ଉପରେ ଗୁରୁତ୍ୱ ଦିଆଯାଇଛି। ରାଜ୍ୟରେ ବିଭିନ୍ନ ପ୍ରକାର ଆଡ୍‌ଭେଞ୍ଚର ସ୍ପୋର୍ଟସ ତଥା ଜିପ୍-ଲାଇନିଂ, ରିଭର ରାଫ୍ଟିଂ, ମାଉଣ୍ଟେନିଂ, ଟ୍ରେକିଂ, ପାରା ରାଇଡିଂ, ସର୍ଫିଙ୍ଗ୍ ଆଦି ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ଯୋଜନା ହୋଇଛି। କେବଳ ପୁରୀ-ଭୁବନେଶ୍ୱର-କୋଣାର୍କରେ ପର୍ଯ୍ୟଟନକୁ ସୀମିତ ନରଖି ଏହାକୁ କିଭଳି ବ୍ୟାପକ କରିହେବ ତା'ଉପରେ ବିଭାଗ ଗୁରୁତ୍ୱ ଦେଇଛି। ଚିଲିକା ଓ ଟାମ୍ପରା ହ୍ରଦରେ ବାନାନା ରାଉଡ୍‌ସ, ପାରାସେଲିଂ, ୱାଟର ସ୍କି ଆଣ୍ଡ ଫନ୍ ରାଇଡିଂ ଭଳି ଜଳକ୍ରୀଡାର ବିକାଶ କରାଯିବା ସହ ଅନ୍ତର୍ଜାତୀୟସ୍ତରୀୟ ଜଳକ୍ରୀଡା ଇଭେଣ୍ଟ ଆୟୋଜନ କରାଯିବା ଯୋଜନା ରହିଛି। ଇଣ୍ଟିଗ୍ରେଟେଡ୍ କୋଷ୍ଟାଲ୍ ଜୋନ୍ ମ୍ୟାନେଜମେଣ୍ଟ ପ୍ରୋଜେକ୍ଟ (ଆଇସିଜେଡ୍‌ଏମ୍‌ପି) ଚିଲିକାରେ କ୍ରୁଜ୍ ସର୍ଭିସ୍ ବା ଜାହାଜ ପର୍ଯ୍ୟଟନ ଆରମ୍ଭ କରିବାକୁ ପ୍ରସ୍ତାବ ଦେଇଥିବା ବେଳେ ଏହାଉପରେ ଏବେ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ବର୍ତ୍ତମାନର ଯୁବ ପର୍ଯ୍ୟଟକମାନେ ଐତିହ୍ୟ ଓ ଧାର୍ମିକ ପର୍ଯ୍ୟଟନ ଅପେକ୍ଷା ଆଡ୍‌ଭେଞ୍ଚର ଟୁରିଜମ୍ ଓ ୱାଟର୍ ସ୍ପୋର୍ଟସକୁ ଅଧିକ ପସନ୍ଦ କରୁଥିବାରୁ ରାଜ୍ୟରେ ଆଡ୍‌ଭେଞ୍ଚର ଟୁରିଜମ୍‌କୁ ବ୍ୟାପକ କରାଯିବାର ଆବଶ୍ୟକତା ରହିଥିବା ଟୁର୍ ଓ ଟ୍ରାଭେଲ ଏଜେଣ୍ଟମାନେ ମତପ୍ରକାଶ କରିଛନ୍ତି।



## ଭୁବନେଶ୍ୱରରେ ନୋଭୋଟେଲ୍, ଭିଭାନ୍ତ

ଓଡ଼ିଶାରେ ରହିଆସିଥିବା ହୋଟେଲ ଅଭାବ ସମସ୍ୟା ଦୂର ହେବ। ଏକାଧିକ ତାରକା ତଥା ଷ୍ଟାର୍ ହୋଟେଲ ଏବଂ ବଜେଟ୍ ହୋଟେଲ ଓଡ଼ିଶାରେ ନିଜର ଉପସ୍ଥିତି ଜାହିର କରିବେ। ଚଳିତବର୍ଷ ଏବଂ ଆସନ୍ତାବର୍ଷ ମଧ୍ୟରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରୀୟ ବହୁ ଚେନ୍ ହୋଟେଲ୍ ଓଡ଼ିଶାରେ ପ୍ରତିଷ୍ଠା ହେବ। କେବଳ ଭୁବନେଶ୍ୱର ନୁହେଁ, ଗୋପାଳପୁର, ଟାମ୍ପରା ଭଳି ଆଭ୍ୟନ୍ତରୀଣ ପର୍ଯ୍ୟଟନ ସ୍ଥଳୀଗୁଡ଼ିକରେ ମଧ୍ୟ ବଡ଼ ବଡ଼ ହୋଟେଲ ଖୋଲିବ। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ପର୍ଯ୍ୟଟକଙ୍କ ହୋଟେଲ ଚାହିଦା ପୂରା କରିବାକୁ ୨୦୨୩ ସୁଦ୍ଧା ରାଜ୍ୟର ବିଭିନ୍ନ ସ୍ଥାନରେ ତାରକା ହୋଟେଲ ପ୍ରତିଷ୍ଠା ହେବ। ସ୍ୱର୍ଣ୍ଣ ତ୍ରିଭୁଜ ପୁରୀ-ଭୁବନେଶ୍ୱର-କୋଣାର୍କରେ ସର୍ବାଧିକ ହୋଟେଲ ପ୍ରତିଷ୍ଠା ହେବାକୁ ଥିବା ବେଳେ ତଳସାରୀ-ଉଦୟପୁର ବେଳାଭୂମି ନିକଟରେ ଉଭୟ ଲକ୍‌ଜରୀ ଓ ବଜେଟ୍ ହୋଟେଲ ପ୍ରତିଷ୍ଠା ହେବ। 'ମେଫେୟାର' ଗ୍ରୁପ୍ ପକ୍ଷରୁ ଚିଲିକା ସାତପଡ଼ା ଠାରେ ଏକ ଫାଇଭ୍ ଷ୍ଟାର୍ ଡିଲକ୍ସ ରିଜର୍ଟ ଏବଂ ଗଲ୍ଫ କୋର୍ସ ପ୍ରତିଷ୍ଠା ହେବ। ଏହାବ୍ୟତୀତ ଭୁବନେଶ୍ୱରଠାରେ ଏକ ବିଶ୍ୱସ୍ତରୀୟ କନ୍‌ଭେନ୍‌ସନ ସେଣ୍ଟର ଏବଂ ୨୫୦ ରୁମ୍ ବିଶିଷ୍ଟ ସ୍ୱତନ୍ତ୍ର କମ୍ପ୍ଲେକ୍ସ ପ୍ରତିଷ୍ଠା ହେବ। ସେହିଭଳି ସ୍ୱସ୍ତି ଗ୍ରୁପ୍ ପକ୍ଷରୁ ୨୦୨୩ ସୁଦ୍ଧା ଗୋପାଳପୁରଠାରେ ଏକ 'ପାମ୍ ବିଚ୍ ରିଜର୍ଟ' ପ୍ରତିଷ୍ଠା ହେବ। ପ୍ରମୁଖ ରିୟଲ ଇଷ୍ଟେଟ୍ ସଂସ୍ଥା 'ଡିଏନ୍ ହୋମ୍‌ସ' ଦ୍ୱାରା ଗୋପାଳପୁର ଏବଂ ଟାମ୍ପରାଠାରେ ଦୁଇଟି ଲକ୍‌ଜରୀ ରହଣୀସ୍ଥଳୀ ୨୦୨୩ ସୁଦ୍ଧା କାର୍ଯ୍ୟକ୍ଷମ ହେବ। ଭୁବନେଶ୍ୱରରେ 'ତାଜ୍ ହୋଟେଲ୍‌ସ' ଗ୍ରୁପ୍‌ର ଚେନ୍ ହୋଟେଲ 'ଭିଭାନ୍ତ' ୨୦୨୦ ମଧ୍ୟଭାଗ ସୁଦ୍ଧା କାର୍ଯ୍ୟକ୍ଷମ ହେବ। ସେହିଭଳି ବହୁ ପ୍ରତିଷ୍ଠିତ ଆଇଟିସି ଗ୍ରୁପ୍‌ର ଚେନ୍ 'ୱେଲ୍‌କମ୍ ହୋଟେଲ' ଚଳିତବର୍ଷ ସୁଦ୍ଧା ଭୁବନେଶ୍ୱରରେ ପର୍ଯ୍ୟଟକଙ୍କ ପାଇଁ ଉନ୍ମୁକ୍ତ ହେବ। ଆକର୍ ଗ୍ରୁପ୍‌ର ମେଡେନ୍ ବ୍ରାଣ୍ଡ 'ନୋଭୋଟେଲ ହୋଟେଲ' ଆଗାମୀ ଅଢେଇ ବର୍ଷ ମଧ୍ୟରେ ଭୁବନେଶ୍ୱରରେ ପ୍ରତିଷ୍ଠା ହେବ। ଏହାବ୍ୟତୀତ ରାଜ୍ୟର ବିଭିନ୍ନ ସ୍ଥାନରେ ଫୋର୍ ଷ୍ଟାର୍ ଏବଂ ଲକ୍‌ଜରୀ ହୋଟେଲ ପ୍ରତିଷ୍ଠା ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ଆଇଟିସି ଗ୍ରୁପ୍‌ର ୱେଲ୍‌କମ୍ ହେରିଟେଜ୍ ହୋଟେଲ, ତାଜ୍ ହୋଟେଲ, ଲେମନ୍ ଟ୍ରୀ ଗ୍ରୁପ୍, ୱିଣ୍ଡାମ୍ ହୋଟେଲ, ମ୍ୟାରିଅଟ୍ ହୋଟେଲ୍‌ସ ଆଣ୍ଡ ରିଜର୍ଟ ଭଳି ପ୍ରମୁଖ ବ୍ରାଣ୍ଡ ସହ ଆଲୋଚନା କରୁଥିବା ସୂଚନା ମିଳିଛି।




**ବଦଳିବ ହୋଟେଲ ଶିଳ୍ପ**

ଧରିତ୍ରୀ DHARITRI

# ଓଡ଼ିଶା ପର୍ଯ୍ୟଟନ

ଭୁବନେଶ୍ୱର, ରବିବାର, ୯ ଫେବୃୟାରୀ, ୨୦୨୦





# ଫୋକସ୍‌ରେ ଇକୋ-ଟୁରିଜମ୍

ସଷ୍ଟେନେବୁଲ୍ ଟୁରିଜମ୍ ବା ନିରନ୍ତର ପର୍ଯ୍ୟଟନର ପ୍ରଚାର ପ୍ରସାର ଏବଂ ପରିବେଶ ପର୍ଯ୍ୟଟନ ମାଧ୍ୟମରେ ଓଡ଼ିଶାକୁ ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ରାଜ୍ୟ ସରକାର ଇକୋ-ଟୁରିଜମ୍‌ର ବିକାଶ ଉପରେ ପ୍ରାଥମିକତା ଦେଉଛନ୍ତି। ଇକୋ ଟୁରିଜମ୍‌ର ବିକାଶ ପାଇଁ ପର୍ଯ୍ୟଟନ ବିଭାଗ ଏବଂ ଜଙ୍ଗଲ ଓ ପରିବେଶ ବିଭାବ

## ୧୫ଜିଲାରେ ୪୦ ନେଚର କ୍ୟାମ୍ପ୍

## ଶିମିଳିପାଳରେ ଆରମ୍ଭହେବ ଜଙ୍ଗଲ ସଫାରି

ମିଳିତଭାବେ କାର୍ଯ୍ୟ କରୁଥିବା ବେଳେ ଓଡ଼ିଶାକୁ ଦେଶର ଇକୋ-ଟୁରିଜମ୍ ହବ୍‌ରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଜଙ୍ଗଲ ଓ ପରିବେଶ ବିଭାଗ ଇକୋ ଟୁରିଜିମ୍ ନିମନ୍ତେ ଭିତ୍ତିଭୂମିର ବିକାଶ କରୁଥିବା ବେଳେ ପର୍ଯ୍ୟଟନ ବିଭାଗ ତାହାର ପ୍ରଚାର ପ୍ରସାର ଦାୟିତ୍ୱରେ ରହିଛି। ମିଳିଥିବା ସୂଚନା ମୁତାବକ ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା ବର୍ତ୍ତମାନ ରାଜ୍ୟର ୧୫ଟି ଜିଲାରେ ୪୦ଟି ପରିବେଶ ପର୍ଯ୍ୟଟନସ୍ଥଳୀ ବା ନେଚର୍ କ୍ୟାମ୍ପ୍ ପରିଚାଳିତ ହେଉଛି।

ପରିବେଶ ପର୍ଯ୍ୟଟନସ୍ଥଳୀଗୁଡିକର ବିକାଶ ପାଇଁ ବିଭାଗ ପକ୍ଷରୁ ୨୦୧୬-୧୭ ଆର୍ଥିକବର୍ଷରୁ ୨୦୨୦-୨୧ ଆର୍ଥିକବର୍ଷ ପର୍ଯ୍ୟନ୍ତ ମୋଟ ୫୬କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ବିଭିନ୍ନ ସ୍ଥାନରେ ନେଚର ଟ୍ରେଲ୍, ୱାଚ୍ ଟାୱାର ଏବଂ ଇଣ୍ଟରପ୍ରିଟେଶନ ସେଣ୍ଟର ଆଦି ନିର୍ମାଣ କରାଯିବା ସହ ସ୍ଥାନୀୟ ଲୋକଙ୍କ ଦ୍ୱାରା ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ଆକ୍ଟିଭିଟିର ଆୟୋଜନ କରାଯାଉଛି। ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ଅଧିକ ଆକର୍ଷଣୀୟ କରିବା ସହ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଜଙ୍ଗଲ ଟ୍ରେକିଂ, ଜଙ୍ଗଲ ସଫାରି(ଖୋଲା ଜିପ୍‌ରେ ଜଙ୍ଗଲ ପରିଭ୍ରମଣ), ବୋଟିଂ, ଆଡ୍‌ଭେଞ୍ଚର ସ୍ପୋର୍ଟସ, ବାର୍ଡିଂ, ନିକଟସ୍ଥ ଫାର୍ମ ଭିଜିଟ୍, ସାଇକ୍ଲିଂ, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦିର ବ୍ୟବସ୍ଥା କରାଯାଇଛି। କେବଳ ଏତିକି ନୁହେଁ, ସନ୍ଧ୍ୟା ସମୟରେ ବନ୍ୟପ୍ରାଣୀ ସମ୍ବନ୍ଧୀୟ ଚଳଚ୍ଚିତ୍ର ପ୍ରଦର୍ଶନ ଏବଂ ପାଠାଗାର ଇତ୍ୟାଦିର ବ୍ୟବସ୍ଥା ମଧ୍ୟ ରହିଛି। ଚନ୍ଦକା ଅଭୟାରଣ୍ୟ ଏବଂ ସମ୍ବଲପୁରରେ ଥିବା ଦେବ୍ରିଗଡ଼ ଅଭୟାରଣ୍ୟରେ ଏବେ ଜଙ୍ଗଲ ସାଫାରି ଚାଲିଥିବା ବେଳେ ଚଳିତବର୍ଷ ଶିମିଳିପାଳ ଅଭୟାରଣ୍ୟରେ ଏହି ବ୍ୟବସ୍ଥା ଆରମ୍ଭ କରାଯିବା ଯୋଜନା ଅଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା ସମସ୍ତ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ପର୍ଯ୍ୟଟକଙ୍କ ରୁମ୍ ଚାର୍ଜରେ ଅନ୍ତର୍ଭୁକ୍ତ କରାଯାଇଛି।



ଜଙ୍ଗଲ ସମ୍ପଦର ସୁରକ୍ଷା, ନିରନ୍ତର ଓ ଦାୟିତ୍ୱସମ୍ପନ୍ନ ପର୍ଯ୍ୟଟନ ତଥା ସଷ୍ଟେନେବୁଲ୍ ଟୁରିଜମ୍‌ର ବିକାଶ ପାଇଁ ପରିବେଶ ପର୍ଯ୍ୟଟନସ୍ଥଳୀଗୁଡ଼ିକର ପରିଚାଳନା ଦାୟିତ୍ୱ ଜଙ୍ଗଲ ନିକଟସ୍ଥ ଗ୍ରାମବାସୀମାନଙ୍କୁ ଦିଆଯାଇଛି। ପର୍ଯ୍ୟଟନସ୍ଥଳୀର ପରିଚାଳନା ପାଇଁ ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନ ମାଧ୍ୟମରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଥିବା ବେଳେ ଇକୋଗାଇଡ୍ ଭାବେ କାର୍ଯ୍ୟ କରିବା ପାଇଁ ଦକ୍ଷତାବୃଦ୍ଧି ପ୍ରଶିକ୍ଷଣର ବ୍ୟବସ୍ଥା କରାଯାଉଛି। ଏହାଦ୍ୱାରା ସେମାନେ ପର୍ଯ୍ୟଟକମାନଙ୍କୁ ସେଠାକାର ଜୀବଜନ୍ତୁ ଏବଂ ଗଛଲତା ସମ୍ପର୍କରେ ବହୁ ଅଜଣା

## ସଷ୍ଟେନେବୁଲ୍ ଟୁରିଜମ୍‌କୁ ଗୁରୁତ୍ୱ

ତଥ୍ୟ ଦେଇପାରୁଛନ୍ତି। ଗତ ୨ବର୍ଷରେ ମୋଟ ୨୯୭ଜଣଙ୍କୁ ସ୍ୱତନ୍ତ୍ର 'ଇକୋ ଗାଇଡ୍'ଭାବେ ପ୍ରଶିକ୍ଷଣ ଦିଆଯାଇଛି। ସେହିଭଳି ୨୨୯ଜଣ ବଣ ସଂରକ୍ଷଣ ସମିତି(ଭିଏସ୍ଏସ୍) ଏବଂ ଇକୋ ଡେଭଲପ୍‌ମେଣ୍ଟ କମିଟି(ଇଡିସି)ର ସଦସ୍ୟଙ୍କ ଜୀବନଜୀବିକାକୁ ଉନ୍ନତ କରାଯାଇପାରିଛି। ଏହାବ୍ୟତୀତ ୧୦ଜଣ ହସ୍ପିଟାଲିଟି ଏକ୍ସପର୍ଟ ବା ବିଶେଷଜ୍ଞଙ୍କୁ ସାଇଟ୍ ମ୍ୟାନେଜରଭାବେ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ନିଯୁକ୍ତ ଦିଆଯାଇଛି। ଇକୋଟୁରିଜମ୍ ପ୍ରକଳ୍ପ ଦ୍ୱାରା ଜଙ୍ଗଲ ଉପରେ ନିର୍ଭରଶୀଳ ଗ୍ରାମବାସୀଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ହେବାସହିତ ଜଙ୍ଗଲରୁ ଶିକାର ବହୁମାତ୍ରାରେ କମିଛି। ଆଗରୁ ଜଙ୍ଗଲ ପୋଡ଼ି ସ୍ଥାନୀୟ ଲୋକେ ଚାଷକାର୍ଯ୍ୟ କରୁଥିବା ବେଳେ ତାହା ମଧ୍ୟ ଏବେ କମିଛି।

## 'ମେରାଇନ୍ ଡ୍ରାଇଭ୍ ଇକୋ-ରିଟ୍ରିଟ୍'




ଓଡ଼ିଶା ପର୍ଯ୍ୟଟନକୁ ଏକ ନୂଆ ସ୍ତରକୁ ନେବାକୁ ରାଜ୍ୟ ସରକାର କୋଣାର୍କରେ ପ୍ରଥମଥର ପାଇଁ ଆୟୋଜନ କରିବାକୁ ଯାଉଛନ୍ତି ଅନ୍ତର୍ଜାତୀୟସ୍ତରୀୟ ବେଳାଭୂମି ମହୋତ୍ସବ 'ମେରାଇନ୍ ଡ୍ରାଇଭ୍ ଇକୋ-ରିଟ୍ରିଟ୍'। ବିଶ୍ୱପ୍ରସିଦ୍ଧ କୋଣାର୍କକୁ ଦିନିକିଆ ପର୍ଯ୍ୟଟନସ୍ଥଳୀରୁ ରହଣି ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଥିବା ବେଳେ ଯୁବ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଏହାର ପ୍ରମୁଖ ଲକ୍ଷ୍ୟ ରହିଛି। ଡିସେମ୍ବର ୧୪ରୁ ଜାନୁୟାରୀ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବ ଗୁଜରାଟ କଚ୍ଛରେ ହେଉଥିବା ରାନ୍ ଉତ୍ସବ ଶୈଳୀରେ କରାଯିବ। ଆଧ୍ୟାତ୍ମିକ ଓ ଐତିହ୍ୟ ପର୍ଯ୍ୟଟନରୁ ବାହାରି ଏହି ସ୍ଥାନକୁ କିଭଳି ଆଡ୍‌ଭେଞ୍ଚର୍, ୱାଟର୍ ସ୍ପୋର୍ଟସ ଓ ଆମ୍ୟୁଜମେଣ୍ଟ ଟୁରିଜମ୍ ପାଇଁ ଲୋକପ୍ରିୟ କରାଇହେବ ତାହାକୁ ଗୁରୁତ୍ୱ ଦିଆଯାଇଛି। ନିର୍ମିତ ହେବାକୁ ଥିବା ଏହି ଅସ୍ଥାୟୀ ଟେଣ୍ଟ୍ ସହରରେ ପର୍ଯ୍ୟଟକଙ୍କ ରହଣି ପାଇଁ ଲକ୍‌ଜରି କଟେଜ୍ ସହ ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା ରହିବ। ଓଡ଼ିଶାର କଳା, ସଂସ୍କୃତି, ନୃତ୍ୟ, ସଙ୍ଗୀତ ପରିବେଷଣ ସହ ବିଭିନ୍ନ ପ୍ରକାର ଆକ୍ଟିଭିଟିର ଆୟୋଜନ କରାଯିବ। ସେହିଭଳି ଫୁଡ୍ ଫେଷ୍ଟିଭାଲ ଏଠାକାର ଆଉଏକ ଆକର୍ଷଣ ରହିବ। କୁମ୍ଭମେଳା ଓ ରାନ୍ ଫେଷ୍ଟିଭାଲ ଆୟୋଜନ କରୁଥିବା ସଂସ୍ଥା ଏହାର ଆୟୋଜନ କରିବ। ଏହାବ୍ୟତୀତ କୋଣାର୍କ ଚନ୍ଦ୍ରଭାଗାରେ ପୁଣିଥରେ ସର୍ଫ ଫେଷ୍ଟିଭାଲ ଆରମ୍ଭ କରିବାକୁ ଯୋଜନା ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି।

## ୭ ନୂଆ ପରିବେଶ ପର୍ଯ୍ୟଟନସ୍ଥଳୀ

ଖୁବ୍‌ଶୀଘ୍ର ଓଡ଼ିଶାରେ ୭ଟି ନୂଆ ଇକୋଟୁରିଜମ୍ ସେଣ୍ଟର ତଥା ନେଚର୍ କ୍ୟାମ୍ପ୍ କାର୍ଯ୍ୟକ୍ଷମ କରିବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି। ସୁନ୍ଦରଗଡ଼ ଜିଲାର ବଣେଇ ବନଖଣ୍ଡ ଟେନସା, କୋରାପୁଟର ପାଇନ୍ ଜଙ୍ଗଲ ଏବଂ ନୂଆପଡ଼ା ଜିଲାର ଖରିଆର ବନଖଣ୍ଡ ଅଧୀନସ୍ଥ ପତୋରା ଡ୍ୟାମ୍‌ଠାରେ ୩ଟି ନୂଆ ପରିବେଶ ପର୍ଯ୍ୟଟନସ୍ଥଳୀ ଏବେ ନିର୍ମାଣାଧୀନ ଅବସ୍ଥାରେ ଥିବାବେଳେ ଖୁବ୍‌ଶୀଘ୍ର ଏହାକୁ ପର୍ଯ୍ୟଟକଙ୍କ ପାଇଁ ଉନ୍ମୁକ୍ତ କରାଯିବ। ସେହିଭଳି ବାଲେଶ୍ୱର ଜିଲାର ଚାନ୍ଦିପୁର, ମାଲକାନଗିରି ଜିଲାର ଚିତ୍ରକୋଣ୍ଡା ଓ ସତିଗୁଡ଼ା ଏବଂ ବରଗଡ଼ ଜିଲାର ନୃସିଂହନାଥଠାରେ ୪ଟି ନୂଆ ନେଚର୍ କ୍ୟାମ୍ପ୍ ଆଗାମୀ ୧ ମାସ ମଧ୍ୟରେ କାର୍ଯ୍ୟକ୍ଷମ ହେବାକୁ ଯାଉଥିବା ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସୂଚନା ଦେଇଛନ୍ତି। ବର୍ତ୍ତମାନ ଭିତରକନିକା, ଶିମିଳିପାଳ, ଚିଲିକା, ପୁରୀ ନୂଆନଈ, ଦାରିଙ୍ଗବାଡି, ଓଳାଶୁଣୀ, ସିଧାମୂଳା, ରିସିଆ, ସାତକୋଶିଆ, ହୀରାକୁଦ, ସାନଘାଗରା, ଫୁଲବାଣୀ, ବେଲଘର, ଚନ୍ଦକା, ଅଂଶୁପା, ସପ୍ତଶଯ୍ୟା, ମହାବିନାୟକ ଭଳି ସ୍ଥାନରେ ପର୍ଯ୍ୟଟକଙ୍କ ରାତିରହଣି ପାଇଁ ନେଚର କ୍ୟାମ୍ପର ବ୍ୟବସ୍ଥା ରହିଛି।



## କ୍ୟାମ୍ପେନ୍ 'ଓଡ଼ିଶା ଆଃ'




ଓଡ଼ିଶା-ବେଷ୍ଟ କେପ୍ଟ ସିକ୍ରେଟ୍', 'ଓଡ଼ିଶା ବାଇ ମର୍ନିଂ, ହକି ବାଇ ଇଭିନିଂ' କ୍ୟାମ୍ପେନ୍ କରି ଚର୍ଚ୍ଚାରେ ଥିବା ଓଡ଼ିଶା ପର୍ଯ୍ୟଟନ ନିଜର ବ୍ରାଣ୍ଡ ନୂଆ କ୍ୟାମ୍ପେନ୍ ପାଇଁ ପୁଣିଥରେ ଚର୍ଚ୍ଚାକୁ ଆସିଛି। ରାଜ୍ୟ ଏବଂ ଦେଶ ବାହାରେ ବ୍ରାଣ୍ଡ ଓଡ଼ିଶାର ପ୍ରଚାର ପ୍ରସାର କରିବା ତଥା ଓଡ଼ିଶାକୁ ଭାରତର ଏକ ପ୍ରମୁଖ ପର୍ଯ୍ୟଟନ ହବ୍‌ରେ ପରିଣତ କରିବାକୁ ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ଆରମ୍ଭ ହୋଇଛି ନୂଆ କ୍ୟାମ୍ପେନ୍ 'ଓଡ଼ିଶା ଆଃ'। ଏକ ଅଭିନବ ଢଙ୍ଗରେ ଡିଜାଇନ୍ ହୋଇଥିବା ଏହି କ୍ୟାମ୍ପେନ୍ ଏବେ ଦିଲ୍ଲୀ ଏବଂ ବମ୍ବେର ମେଟ୍ରୋ ଷ୍ଟେଶନ ଏବଂ ବିମାନ ବନ୍ଦରରେ ଦେଖିବାକୁ ମିଳୁଛି। ଧୀରେ ଧୀରେ ଏହାକୁ ଦେଶ ଏବଂ ଦେଶ ବାହାରର ପ୍ରମୁଖ ବିମାନବନ୍ଦରରେ ପ୍ରଦର୍ଶିତ କରାଯିବ। ଏହାସହ ଖବରକାଗଜ, ଇଲେକ୍ଟ୍ରୋନିକ୍ସ ଏବଂ ଡିଜିଟାଲ ମିଡ଼ିଆରେ ମଧ୍ୟ ପ୍ରମୋଟ କରିବାକୁ ବିଭାଗ ଯୋଜନା କରିଛି। ତେବେ କେରଳ, ଗୋଆ, ଆସାମ ଭଳି ଟୁରିଜମ୍ ବ୍ରାଣ୍ଡ ସହ ତାଳଦେବାକୁ ଓଡ଼ିଶା ଏହି କ୍ୟାମ୍ପେନ୍ ଆରମ୍ଭ କରିଛି। ଓଡ଼ିଶାର କୋଣ ଅନୁକୋଣରେ ଥିବା ଏହାର କଳା, ସଂସ୍କୃତି, ପ୍ରାକୃତିକ ସୌନ୍ଦର୍ଯ୍ୟ, ଚାଲିଚଳଣି, ନୃତ୍ୟ, ସଙ୍ଗୀତ ଜଣେ ପର୍ଯ୍ୟଟକଙ୍କୁ ଆଃ ଅନୁଭୂତି ଦେଉଥିବା ବେଳେ ନୂଆ ଅଭିଯାନକୁ ସେହି ଅନୁଯାୟୀ ପ୍ରସ୍ତୁତ କରାଯାଇଛି। ଏହାଦ୍ୱାରା ଓଡ଼ିଶାର ପର୍ଯ୍ୟଟନ ଶିଳ୍ପର ବିକାଶ ହେବା ସହ ଅର୍ଥନୀତି ସମୃଦ୍ଧିରେ ସହାୟକ ହୋଇପାରିବ।

## ପର୍ଯ୍ୟଟକଙ୍କ ପସନ୍ଦ ପୁରୀ

ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ପୁରୀ ଏକ ପ୍ରମୁଖ ସ୍ଥାନଭାବେ ପରିଗଣିତ ହେଉଥିବା ବେଳେ ଦିନକୁ ଦିନ ଏଠାକୁ ଦେଶ ବିଦେଶର ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧିପାଉଛି। ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ନିକଟରେ ବିଧାନସଭାରେ ଦେଇଥିବା ତଥ୍ୟ ମୁତାବକ ୨୦୧୪ରେ ପୁରୀକୁ ମୋଟ ୩୭,୩୨,୪୯୧ ପର୍ଯ୍ୟଟକ ଆସିଥିବା ବେଳେ ସେମାନଙ୍କ ମଧ୍ୟରେ ୩୭,୦୫,୧୮୯ ଜଣ ଦେଶୀୟ ଏବଂ ୨୭,୩୦୨ ବିଦେଶୀ ପର୍ଯ୍ୟଟକ ରହିଥିଲେ। ସେହିଭଳି ୨୦୧୫ରେ ମୋଟ ୪୧,୪୩,୩୯୫ ପର୍ଯ୍ୟଟକ, ୨୦୧୬ରେ ୪୩,୦୮,୮୪୨, ୨୦୧୭ରେ ମୋଟ ୪୭,୨୨,୧୫୯ ପର୍ଯ୍ୟଟକ ପୁରୀ ଆସିଥିଲେ। ୨୦୧୮ରେ ପୁରୀକୁ ପର୍ଯ୍ୟଟକଙ୍କ ଆଗମନରେ ୧୧.୪୮ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ ମୋଟ ୫୨,୬୪,୩୦୬ଜଣଙ୍କ ମଧ୍ୟରୁ ୫୨,୨୩,୯୬୭ ଦେଶୀୟ ଏବଂ ୪୦,୩୩୯ ବିଦେଶୀ ପର୍ଯ୍ୟଟକ ରହିଥିଲେ। ଟ୍ରାଭେଲ ଏଜେନ୍ସି 'ଇକ୍ସିଗୋ' ପକ୍ଷରୁ କରାଯାଇଥିବା ଏକ ସର୍ଭେ ରିପୋର୍ଟ ଅନୁଯାୟୀ ପ୍ରତି ମାସରେ ପୁରୀରେ ହୋଟେଲ ବୁକିଂ ସଂଖ୍ୟା ପ୍ରାୟ ୬୦ ପ୍ରତିଶତ ବୃଦ୍ଧିପାଉଥିବା ବେଳେ ଦେଶର ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳୀ ତାଲିକାରେ ଉତ୍ତରପ୍ରଦେଶର ବାରାଣସୀ ଏବଂ ଓଡ଼ିଶାର ପୁରୀ ସବୁଠାରେ ଆଗରେ ରହିଛି।

## ଚାଇନା, ଜାପାନରୁ ଆସୁଛନ୍ତି ସର୍ବାଧିକ ପର୍ଯ୍ୟଟକ

୨୦୧୬ରୁ ୨୦୧୮ ମସିହା ମଧ୍ୟରେ ରାଜ୍ୟକୁ ବିଦେଶୀ ପର୍ଯ୍ୟଟକଙ୍କ ଆଗମନରେ ଆଶାତୀତ ବୃଦ୍ଧ ଘଟିଛି। ୨୦୧୬ରେ ବିଶ୍ୱର ବିଭିନ୍ନ ରାଷ୍ଟ୍ରରୁ ଓଡ଼ିଶାକୁ ୭୬,୩୬୧ ବିଦେଶୀ ପର୍ଯ୍ୟଟକ ଆସିଥିବା ବେଳେ ୨୦୧୭ରେ ଆସିଥିଲେ ୧,୦୦,୦୧୪ ଜଣ ପର୍ଯ୍ୟଟକ। ସେହିଭଳି ୨୦୧୮ରେ ଓଡ଼ିଶାକୁ ମୋଟ ୧,୧୦,୮୧୮ଜଣ ବିଦେଶୀ ପର୍ଯ୍ୟଟକ ଆସିଥିବା ପର୍ଯ୍ୟଟନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ୨୦୧୮ରେ ଚାଇନା ଓ ଜାପାନରୁ ସର୍ବାଧିକ ପର୍ଯ୍ୟଟକଙ୍କୁ ଓଡ଼ିଶା ଆକୃଷ୍ଟ କରିଥିବାବେଳେ ଚାଇନାରୁ ୧୦,୫୩୧ ଏବଂ ଜାପାନରୁ ୧୦,୧୬୧ଜଣ ଆସିଥିଲେ। ସେହିଭଳି ବ୍ରିଟେନରୁ ୯୬୫୨, ଆମେରିକାରୁ ୮୭୪୭, ନେଦରଲ୍ୟାଣ୍ଡରୁ ୫୯୫୭, ମାଲେସିଆରୁ ୫୮୨୮, ଫ୍ରାନ୍ସରୁ ୫୩୮୨, ଇଟାଲୀରୁ ୫୦୫୨, ଜର୍ମାନୀରୁ ୪୫୮୮ ଏବଂ ଅଷ୍ଟ୍ରେଲିଆରୁ ୩୬୨୬ଜଣ ପର୍ଯ୍ୟଟକ ଓଡ଼ିଶା ଆସିଛନ୍ତି। ତେବେ ପଶ୍ଚିମ ୟୁରୋପୀୟ ରାଷ୍ଟ୍ରଗୁଡ଼ିକରୁ ସର୍ବାଧିକ ପର୍ଯ୍ୟଟକ ଓଡ଼ିଶା ଆସୁଥିବା ବେଳେ ୨୦୧୮ରେ ୪୦ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଆସିଛନ୍ତି।



## ଅନ୍‌ଲାଇନ ବୁକିଂର ଡିମାଣ୍ଡ

୨୦୧୭-୧୮ ବର୍ଷରେ ଓଡ଼ିଶାର ବିଭିନ୍ନ ପରିବେଶ ପର୍ଯ୍ୟଟନସ୍ଥଳୀରେ ମୋଟ ୯,୩୦୦ ପର୍ଯ୍ୟଟକ ରାତ୍ରୀଯାପନ କରିଥିବା ବେଳେ ୨୦୧୮-୧୯ବର୍ଷରେ ତାହା ଯଥେଷ୍ଟ ଅଧିକ ହୋଇଛି। ୨୦୧୮-୧୯ରେ ୧୯,୯୩୧ ଜଣ ପର୍ଯ୍ୟଟକ ରାଜ୍ୟର ବିଭିନ୍ନ ପରିବେଶ ପର୍ଯ୍ୟଟନସ୍ଥଳୀରେ ରାତ୍ରୀଯାପନ କରିଛନ୍ତି। 'ଇକୋଟୁର୍ ଓଡ଼ିଶା' ୱେବ୍‌ସାଇଟ୍ ମାଧ୍ୟମରେ ହେଉଥିବା ଅନ୍‌ଲାଇନ ବୁକିଂ ଦେଶ ବିଦେଶର ପର୍ଯ୍ୟଟକଙ୍କୁ ବିଶେଷଭାବେ ସହାୟ ହେଉଛି। ଏଥିପାଇଁ ଚଳିତବର୍ଷ ଓଡ଼ିଶା ସର୍ବଭାରତୀୟସ୍ତରରେ ଫେଡେରେଶନ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି(ଫିକି) ଦ୍ୱାରା 'ସର୍ବଶ୍ରେଷ୍ଠ ପରିବେଶ ପର୍ଯ୍ୟଟନ ପ୍ରେରଣା' ପୁରସ୍କାର ପାଇବାରେ ସଫଳ ହୋଇଛି। ପରିବେଶ ପର୍ଯ୍ୟଟନସ୍ଥଳୀଗୁଡ଼ିକର ଅନ୍‌ଲାଇନ ବୁକିଂ ଇକୋଟୁର୍ ଓଡ଼ିଶା ୱେବ୍‌ସାଇଟ୍ ମାଧ୍ୟମରେ କରାଯାଉଥିବା ବେଳେ ଏଥିରୁ ହେଉଥିବା ଲାଭାଂଶର ୧୦ ପ୍ରତିଶତ ସ୍ଥାନୀୟ ଗ୍ରାମର ଇକୋ ଡେଭଲପ୍‌ମେଣ୍ଟ କମିଟି ହାତକୁ ଯାଉଛି। ଏହି ଅର୍ଥରେ ସମ୍ପୃକ୍ତ ଗ୍ରାମରେ ପରିବେଶ ଉପଯୋଗୀ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହାବ୍ୟତୀତ ୧୦ ପ୍ରତିଶତ ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମି ବିକାଶରେ ଖର୍ଚ୍ଚ କରାଯାଉଛି।



# ଏଇ ବୋଧେ ପ୍ରେମ


ଟୁକୁ – ରଶ୍ମିତା


ସରୋଜ – ପ୍ରମୋଦିନୀ


ଗୋପୀନାଥ – ନେହା


ଲିପିକା – ଜୟନ୍ତ

**ସେ ସମ୍ପର୍କରେ ନା ଥାଏ ବାହ୍ୟ ସୌନ୍ଦର୍ଯ୍ୟର ଆକର୍ଷଣ ନା ଧନର ଲୋଭ, ନା ଥାଏ ଜାତିଧର୍ମର ଭେଦଭାବ ନା ସମାଜର ଭୟ। ଯେଉଁଠି ନାନା ବାଧାବିଘ୍ନ ସତ୍ତ୍ୱେ ହାର ନ ମାନି ସବୁ କଣ୍ଟକିତ ପଥ ଅତିକ୍ରମ କରି ଏକାଠି ହୁଏ ଦୁଇ ମନ, ସେ ସମ୍ପର୍କର ନାଁ ପ୍ରେମ...**





**ବାହ୍ୟ ସୌନ୍ଦର୍ଯ୍ୟର ମାପକାଠି ନୁହେଁ ପ୍ରେମ:** କୁହାଯାଏ ପ୍ରେମ ହେଉଛି ଅନ୍ଧ। ଯେଉଁଠି ନା ଦେଖାଯାଏ ବାହ୍ୟ ସୌନ୍ଦର୍ଯ୍ୟ ନା ଜାତି ନା ଧନ। କେବଳ ବିନା ସ୍ୱାର୍ଥରେ ଥାଏ ପରସ୍ପର ପ୍ରତି ଭଲପାଇବା। ସେମିତି ଏକ ନିଃସ୍ୱାର୍ଥ ପ୍ରେମ କାହାଣୀ ହେଉଛି ସରୋଜ ଏବଂ ପ୍ରମୋଦିନୀଙ୍କର। ୨୦୦୯ ମସିହାରେ ଯୁକ୍ତ ଦୁଇରେ ପଢ଼ିବା ବେଳେ ଏକତରଫା ପ୍ରେମ ଆବେଦନକୁ ଅସ୍ୱୀକାର କରି ଏସିଡ୍ ଆକ୍ରମଣର ଶିକାର ହୋଇଥିଲେ ପ୍ରମୋଦିନୀ। ବିକୃତ ଚେହେରା ସାଙ୍ଗକୁ ଦୃଷ୍ଟିଶକ୍ତି ହରାଇ ବସିଥିବାରୁ କେବଳ ମା'ଙ୍କୁ ଛାଡ଼ି ଅନ୍ୟମାନେ ତାଙ୍କଠୁ ଦୂରେଇ ଯାଇଥିଲେ। ହେଲେ ଡାକ୍ତରଖାନାରେ ଚିକିତ୍ସା ସମୟରେ ତାଙ୍କର ଦେଖା ହୋଇଥିଲା ମେଡିସିନ୍ ରିପ୍ରେଜେଣ୍ଟେଟିଭ୍ ଭାବେ କାର୍ଯ୍ୟ କରୁଥିବା ସରୋଜଙ୍କ ସହ। ସେ ଥିଲେ ପ୍ରମୋଦିନୀଙ୍କ ଫିଜିଓଥେରାପି କରାଉଥିବା ନର୍ସଙ୍କ ବନ୍ଧୁ। ସେ ପ୍ରମୋଦିନୀଙ୍କ ଅସୁନ୍ଦର ଚେହେରାକୁ ନୁହେଁ ତାଙ୍କ ଭିତରେ ଥିବା ଭଲ ମଣିଷକୁ ଚିହ୍ନି ପାରିଥିଲେ ଆଉ ଭଲପାଇ ବସିଥିଲେ। କିନ୍ତୁ ନିଜ ପରିସ୍ଥିତିକୁ ନେଇ ତାଙ୍କ ପ୍ରସ୍ତାବରେ ଅରାଜି ଥିଲେ ପ୍ରମୋଦିନୀ। ହେଲେ ସରୋଜଙ୍କ ସ୍ନେହ, ଆଦର ଆଉ ଭଲପାଇବା ଆଗରେ ହାର୍ ମାନିଥିଲା ତାଙ୍କ ଜିଦ୍ ଆଉ ଦୁହେଁ ପରସ୍ପରର ପ୍ରେମ ସ୍ୱୀକାର କରିଥିଲେ ଏବଂ ପରବର୍ତ୍ତୀ ସମୟରେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରମୋଦିନୀ କୁହନ୍ତି, ଏସିଡ୍ ଆକ୍ରମଣ ପରେ ପୁରୁଷଙ୍କ ପ୍ରତି ମୋ' ମନରେ ଘୃଣା ଆସିଯାଇଥିଲା, ହେଲେ ସରୋଜଙ୍କୁ ଭେଟିବା ପରେ ମୋର ଧାରଣା ସମ୍ପୂର୍ଣ୍ଣ ବଦଳିଯାଇଥିଲା। ମୋତେ ଠିକ୍ ହେବାକୁ ଅତିକମ୍‌ରେ ୬ ବର୍ଷ ଲାଗିବ ଡାକ୍ତର କହିଥିବା ବେଳେ ସରୋଜଙ୍କ ପ୍ରଚେଷ୍ଟାରେ ମୁଁ ମାତ୍ର ୪ ମାସରେ ଧୀରେ ଧୀରେ ଠିଆହେବା ଆରମ୍ଭ କରିଥିଲି। ମୋ' ବିକୃତ ଚେହେରାକୁ ଭଲପାଇବା ତ ଦୂରର କଥା ଘୃଣାରେ କେହି ମୋ' ଆଡ଼କୁ ଚାହିଁବେ ନାହିଁ ବୋଲି ଥିବା ଭ୍ରାନ୍ତ ଧାରଣାକୁ ସେ ଭୁଲ ପ୍ରମାଣିତ କଲେ ଆଉ ମୋ ଉଜୁଡ଼ା ଜୀବନକୁ ସଜାଡ଼ିଦେଲେ। ସେ ମୋ' ପାଇଁ ସେଠାକୁ ଦେବଦୂତ ହୋଇଆସିଥିଲେ। ଧୀରେଧୀରେ ଚିକିତ୍ସା ପରେ ମୋ' ଦୃଷ୍ଟିଶକ୍ତି ଫେରିଲା ଏବଂ ମୁଁ ନିଜେ ନିଜ କାର୍ଯ୍ୟ ଲାଗି ମା'ଙ୍କ ଉପରେ ନିର୍ଭର କରିବା ଛାଡ଼ିବା ପରେ ସରୋଜଙ୍କ ପ୍ରସ୍ତାବରେ ରାଜି ହେଲି। ସେବେଠୁ ଆମେ ଦୁହେଁ ଏହି ସମ୍ପର୍କକୁ ନେଇ ବେଶ୍ ଖୁସି ଅଛୁ ଏବଂ ଖୁବ୍ ଶୀଘ୍ର ବିବାହ କରିବାକୁ ଯାଉଛୁ।

**ସବୁ ବାଧାବିଘ୍ନରୁ ଊର୍ଦ୍ଧ୍ୱରେ ଏ ସମ୍ପର୍କ:** ପ୍ରେମ ଏକ ମଧୁର ସମ୍ପର୍କ, ଯାହାକି କେତେବେଳେ କାହା ସହ ଯୋଡ଼ି ହୋଇଯାଏ ଜଣାପଡ଼େନି। ହେଲେ ଏହି ସମ୍ପର୍କକୁ ସଫଳ କରାଇବା ସବୁବେଳେ ସହଜ ନୁହେଁ, କେବେ କେବେ ଏ ଥିପାଇଁ ଅନେକ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼େ। ଆଉ ଯେତେ କଷ୍ଟ ହେଉନା କାହିଁକି ସେ ସବୁକୁ ଖାତିର ନ କରି ଯିଏ ଆଗକୁ ବଢ଼ିଚାଲେ ସେହିଁ ପରିଶେଷରେ ନିଜ ସମ୍ପର୍କକୁ ସାରାଜୀବନ ଲାଗି ଅତୁଟ ରଖିବାରେ ସଫଳ ହୁଏ। ଏମିତି କିଛି ଘଟଣା ଘଟିଥିଲା ଟୁକୁ ଏବଂ ରଶ୍ମିତାଙ୍କ ପ୍ରେମ ସମ୍ପର୍କରେ। ଟୁକୁଙ୍କ ଘର କେନ୍ଦୁଝର ଜିଲ୍ଲା ଡିମିରିଆରେ ହୋଇଥିବାବେଳେ ରଶ୍ମିତାଙ୍କ ଘର ଭଦ୍ରକରେ। ପିଲାବେଳୁ ବାପାଙ୍କ ଦେହାନ୍ତ ହୋଇଯାଇଥିବାରୁ ରଶ୍ମିତାଙ୍କ ପରିବାର କହିଲେ ସେ ଆଉ ତାଙ୍କ ମାଆ। ତେଣୁ ସେ ପିଲାବେଳୁ ଡିମିରିଆରେ ରହୁଥିବା ମାମୁଙ୍କ ଘରେ ରହି ପାଠ ପଢୁଥିଲେ। ସେଠାରେ ସ୍କୁଲରେ ପଢ଼ିବା ବେଳୁ ଟୁକୁଙ୍କ ସହିତ ଆରମ୍ଭ ହୋଇଥିଲା ଭଲପାଇବା। ଏକଥା ଘରଲୋକେ ଜାଣିବା ପରେ ଉଭୟଙ୍କୁ ଅନେକ ମାଡ଼, ଗାଳି ହୋଇଥିଲା ଏବଂ ରଶ୍ମିତାଙ୍କୁ ତାଙ୍କ ମା'ଙ୍କ ପାଖକୁ ପଠାଇ ଦିଆଯାଇଥିଲା। ଏପରି କି ଯଦି ଟୁକୁ ପୁନର୍ବାର ରଶ୍ମିତାଙ୍କ ସହ ସମ୍ପର୍କ ରଖିବାକୁ ଚେଷ୍ଟା କରନ୍ତି ତେବେ ତାଙ୍କୁ ମାରିଦିଆଯିବାର ଧମକ ମଧ୍ୟ ଦିଆଯାଇଥିଲା। ଯଦିଓ ଏସବୁ ସେମାନଙ୍କୁ କିଛିଦିନ ପରସ୍ପରଠାରୁ ଦୂରକୁ ପଠାଇ ଦେଇଥିଲା ହେଲେ ପ୍ରେମ ସେମିତି ରହିଥିଲା। ଅନେକ ବାଦବିବାଦ ଭିତରେ ଉପାୟ ନ ପାଇ ରଶ୍ମିତା ଘର ଛାଡ଼ି ଚାଲିଯିବାକୁ କହିଥିଲେ ସୁଦ୍ଧା ଟୁକୁ ତୁମ ପରିବାର ସହମତି ନ ମିଳିବା ଯାଏ ବିବାହ କରିବା ନାହିଁ ବୋଲି କରିଥିଲେ। ଏହା ଶୁଣି ଦୁଃଖରେ ରଶ୍ମିତାଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଗଲା, ଏମିତିକି ଶେଷରେ ସେ ଅଚେତ ହୋଇପଡ଼ିଲେ। ଝିଅର ଏପରି ଅବସ୍ଥା ଦେଖି ଶେଷରେ ମା' ଟୁକୁଙ୍କୁ ଫୋନ କରି ଡକାଇଲେ ଏବଂ ସେ ତୁରନ୍ତ ଆସି ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରି ଚିକିତ୍ସା କରାଇଲେ। ଶେଷରେ ଦୁହିଙ୍କ ପ୍ରେମ ଆଗରେ ସମସ୍ତେ ମୁଣ୍ଡ ନୁଆଁଇଲେ ଏବଂ ବର୍ତ୍ତମାନ ଏହି ପ୍ରେମୀ ଯୁଗଳ ବିବାହ କରି ସଫଳ ଦାମ୍ପତ୍ୟ ଜୀବନ ଜିଉଛନ୍ତି।

**ପ୍ରେମରେ ବାଧକ ସାଜେନି ଶାରୀରିକ ଅକ୍ଷମତା:** ଭଲ ପାଇବାରେ ଦୁଇଟି ହୃଦୟର ମିଳନ ହୁଏ। ତେଣୁ ସେଥିରେ ଶାରୀରିକ ଅକ୍ଷମତା ବାଧକ ସାଜେନି। ଆଉ ଦୃଢ଼ ମାନସିକତା ଥିଲେ ପ୍ରେମର ଏହି ସମ୍ପର୍କ ସବୁ ବାଧାବିଘ୍ନକୁ ପଛରେ ପକାଇ ବିବାହ ବନ୍ଧନରେ ରୂପାନ୍ତରିତ ହୁଏ। ଏ କଥାକୁ ପ୍ରମାଣ କରି ଦେଖାଇଛନ୍ତି ପୁରୀ ବାଲିପୁଟସ୍ଥିତ ଚୂନଡିହର ଲିପିକା ପରିଡ଼ା ଏବଂ ଖୋର୍ଦ୍ଧା ଭୁଷଣ୍ଡପୁରସ୍ଥିତ ଉରୁମୁଖୀ ଅଞ୍ଚଳର ଜୟନ୍ତ ମଲ୍ଲିକ। ଲିପିକା ଜଣେ ସାମାଜିକ କର୍ମୀ ଭାବେ କାର୍ଯ୍ୟ କରନ୍ତି। ଏମିତି ଥରେ ତାଙ୍କର ଦେଖାହୁଏ ଦିବ୍ୟାଙ୍ଗ ଶିକ୍ଷକ ଜୟନ୍ତଙ୍କ ସହ। ଧୀରେଧୀରେ ଭେଟିବା ଆଉ କଥାବାର୍ତ୍ତା ଭିତରେ ଗଢ଼ି ଉଠିଥିଲା ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ। ଆଉ ସେମାନେ ବିବାହ କରିବାକୁ ନିଷ୍ପତ୍ତି ନେଲେ। ହେଲେ ସେମାନଙ୍କ ଏହି ସମ୍ପର୍କକୁ ଏତେ ସହଜରେ ଗ୍ରହଣ କରିପାରି ନ ଥିଲେ ପରିବାର ଲୋକେ। ତେଣୁ ସେମାନଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ତଥାପି ସେମାନେ ହାର୍ ମାନି ନ ଥିଲେ। ସବୁ ବାଧାବିଘ୍ନକୁ ପଛରେ ପକାଇ ଜୟନ୍ତଙ୍କୁ ଜୀବନସାଥୀ ଭାବେ ଗ୍ରହଣ କଲେ ଲିପିକା। ସେ କୁହନ୍ତି, ମୋ' ପାଇଁ ତାଙ୍କ ଭଲପାଇବା ଗୁରୁତ୍ୱପୂର୍ଣ୍ଣ ଥିଲା। ତେଣୁ ତାଙ୍କ ଶାରୀରିକ ଅକ୍ଷମତା ହେଉ କିମ୍ବା ଅନ୍ୟମାନଙ୍କ କଥା ମୋ ଦୃଢ଼ ମାନସିକତାକୁ ଦୁର୍ବଳ କରି ପାରି ନ ଥିଲା। ସତ କହିବାକୁ ଗଲେ ତାଙ୍କୁ ଜୀବନସାଥୀ ଭାବେ ପାଇ ମୁଁ ବେଶ୍ ଖୁସି। ଯେକୌଣସି ପରିସ୍ଥିତି ଆସୁନା କାହିଁକି ଆମେ ସାରାଜୀବନ ଏକାଠି ରହିବୁ।

**ନ ଥାଏ ସାମାଜିକ କଟକଣାର ଭୟ:** ପ୍ରେମ ଯେମିତି ଏକ ରଙ୍ଗିନ୍ ଦୁନିଆ ଭଳି ମନେହୁଏ, ବାସ୍ତବରେ ଏହି ସମ୍ପର୍କକୁ ସଫଳ କରାଇ ନିଜ ପ୍ରେମୀଙ୍କୁ ଜୀବନସାଥୀ ଭାବେ ପାଇବା ସେତିକି ସହଜ ନୁହେଁ। କାରଣ କେତେକ ପ୍ରେମକୁ ସାମାଜିକ ସ୍ୱୀକୃତି ମିଳିବା ହୋଇଯାଏ ଖୁବ୍ କଷ୍ଟ। ତଥାପି ଏ ସବୁକୁ ସାମ୍ନା କରି କେହିକେହି ଏଥିରେ ସଫଳ ହୋଇ ପାଲଟିଯାଆନ୍ତି ଉଦାହରଣ। ଠିକ୍ ଏମିତି ପ୍ରେମ କାହାଣୀ ହେଉଛି ଭୁବନେଶ୍ୱର ବାସିନ୍ଦା ଗୋପୀନାଥ ସ୍ୱାଇଁ ଏବଂ ନେହା ମହାପାତ୍ରଙ୍କର। ଥରେ ମାଷ୍ଟରକ୍ୟାଣ୍ଟିନ୍‌ସ୍ଥିତ ଏକ କେକ୍ ଶପ୍‌ରେ ଗୋପୀନାଥଙ୍କର ଦେଖା ହୋଇଥିଲା ନେହାଙ୍କ ସହ। ଆଉ ପ୍ରଥମଦେଖାରେ ହିଁ ସେ ତାଙ୍କୁ ଭଲ ପାଇ ବସିଥିଲେ। ଧୀରେଧୀରେ ସେ ନେହାଙ୍କୁ ଦେଖା କରିବାକୁ ଚେଷ୍ଟା କଲେ ଆଉ ତାଙ୍କ ଫୋନ୍ ନମ୍ବର କାହାଠାରୁ ଆଣି ତାଙ୍କ ସହ କଥା ହୋଇ ପ୍ରେମ ନିବେଦନ କରି ବିବାହ ପ୍ରସ୍ତାବ ଦେଲେ। ହେଲେ ନେହା ଜଣେ ସାଧାରଣ ଝିଅ ନୁହନ୍ତି, ଜଣେ କିନ୍ନର ହୋଇଥିବାରୁ ଏହି ସମ୍ପର୍କକୁ ସାମାଜିକ ସ୍ୱୀକୃତି ମିଳି ନ ଥିଲା। ପରିବାର ଓ ସାଙ୍ଗସାଥୀ ଜୟନ୍ତଙ୍କୁ ଏହା କେବଳ ଏକ ପାଗଳାମି ବୋଲି କହି ବିବାହ ନ କରିବାକୁ କହିଥିଲେ। ହେଲେ ସେ ନିଜ ନିଷ୍ପତ୍ତିରେ ଅଟଳ ରହି ଶେଷରେ ଗୌରୀମନ୍ଦିରରେ ପରସ୍ପର ବିବାହ କରିଥିଲେ। ନେହା କୁହନ୍ତି, ୪ବର୍ଷ ହେବ ବିବାହ କରି ଆମେ ଏକାଠି ଖୁସିରେ ରହୁଛୁ। ବର୍ତ୍ତମାନ ଗୋପୀନାଥଙ୍କ ପରିବାରରୁ ମଧ୍ୟ ମୋତେ ସ୍ନେହ ଶ୍ରଦ୍ଧା ମିଳୁଛି। ମୋ' ଭଳି ଜଣେ କିନ୍ନରକୁ ବିବାହ କରି ସମାଜର ମୁଖ୍ୟସ୍ରୋତରେ ଜଣେ ପତ୍ନୀର ଅଧିକାର ଦେଇଥିବାରୁ ତାଙ୍କ ପ୍ରତି ମୋର ଭଲପାଇବା ଏବଂ ସମ୍ମାନ ଆହୁରି ବଢ଼ିଯାଇଛି।

– ପୌର୍ଣ୍ଣମାସୀ

---

ୟୁ|ଥ୍|ଆ|ଲ|ର୍ଟ

## ପେଟ ମାଡ଼ି ଶୋଉଥିଲେ



**ଶୋଇବାର ଶୈଳୀ ସମସ୍ତଙ୍କର ସମାନ ନୁହେଁ। କେହି କେହି ଚିତ୍ ହୋଇ ଶୁଅନ୍ତି ତ କେହି ଡାହାଣ କିମ୍ବା ବାମ କଡ଼ ମାଡ଼ି ଶୋଇବାକୁ ପସନ୍ଦ କରନ୍ତି, ଆଉ ପୁଣି କାହାକୁ ଭଲଲାଗେ ପେଟମାଡ଼ି ଶୋଇବା। ହେଲେ ଆପଣ ଜାଣନ୍ତି କି ପେଟମାଡ଼ି ଶୋଇବା ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ଆଶଙ୍କାକୁ ଏଡ଼ା ଯାଇ ନ ପାରେ...**

- ପେଟମାଡ଼ି ଶୋଇବା ଦ୍ୱାରା ପେଟ ଚାପି ହୋଇ ରହେ। ଫଳରେ ଖାଦ୍ୟ ଭଲ ଭାବେ ହଜମ ହେବାରେ କଷ୍ଟ ହୋଇଥାଏ। ବାରମ୍ବାର ଏପରି ହେଲେ ଧୀରେ ଧୀରେ ଗ୍ୟାସ୍, ବଦହଜମି ଭଳି ଅନେକ ସମସ୍ୟା ସୃଷ୍ଟି ହୋଇଥାଏ।
- ପେଟମାଡ଼ି ଶୋଇବା ଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇପାରେନାହିଁ। ତା'ଛଡ଼ା ମାଂସପେଶୀଗୁଡ଼ିକ ଚାପି ହୋଇ ରହିବା ସହ ବଡି ପୋଜିଶନ ଠିକ୍ ଭାବେ ନ ରହିବା ଯୋଗୁ ଅନେକ ସମୟରେ ମସଲ୍ କ୍ରାମ୍ପ୍ ହେବା ସହ ଖୁବ୍ ଯନ୍ତ୍ରଣା ଅନୁଭୂତ ହୋଇଥାଏ।
- ପେଟମାଡ଼ି ଶୋଇବା ଦ୍ୱାରା ମେରୁଦଣ୍ଡରେ ଚାପ ପଡ଼ିଥାଏ। ଫଳରେ କିଛିଦିନ ପରେ ଧୀରେ ଧୀରେ ପିଠି ଯନ୍ତ୍ରଣା ସମସ୍ୟା ଆରମ୍ଭ ହୋଇଥାଏ। ଏପରି ଶୋଇବା ଅଭ୍ୟାସରେ ଯଥା ସମୟରେ ପରିବର୍ତ୍ତନ ନ ଆଣିଲେ ବେକରୁ ଅଣ୍ଟା ପର୍ଯ୍ୟନ୍ତ ଯନ୍ତ୍ରଣା ଜଟିଳ ହେବାର ଆଶଙ୍କା ବୃଦ୍ଧି ପାଇଥାଏ।
- ଏପରି ଶୋଇବା ଦ୍ୱାରା ହୃତ୍‌ପିଣ୍ଡରୁ ମସ୍ତିଷ୍କକୁ ଭଲ ଭାବେ ରକ୍ତ ସଞ୍ଚାଳନ ହେବାରେ ବାଧା ଉପୁଜିଥାଏ। ଫଳରେ ମୁଣ୍ଡ ବିନ୍ଧା ହୋଇଥାଏ।
- କେବଳ ଏତିକି ନୁହେଁ, ଏହାଦ୍ୱାରା ମୁହଁ ଚାପି ହୋଇ ରହୁଥିବାରୁ ମୁହଁକୁ ପର୍ଯ୍ୟାପ୍ତ ପରିମାଣରେ ଅମ୍ଳଜାନ ମିଳିପାରେ ନାହିଁ। ଫଳସ୍ୱରୂପ ବ୍ରଣ, ଦାଗ ଭଳି ସମସ୍ୟା ସହ ଅଳ୍ପ ବୟସରୁ ଏଜ୍‌ଲାଇନ୍ ଏବଂ ରିଙ୍କିଲ୍ ମାର୍କ ଦେଖା ଦେଇଥାଏ।



---

ଡିଫେନ୍ସ କ୍ଲବ

## ଯୁବକଙ୍କୁ ପ୍ରେରଣା ଦେଉଛି

ସୈନ୍ୟ ବାହିନୀରେ ଯୋଗଦାନ କରିବାର ଇଚ୍ଛା ଅଧିକାଂଶ ଯୁବତୀଯୁବକଙ୍କର ଥାଏ। କିନ୍ତୁ ଉପଯୁକ୍ତ ଶିକ୍ଷା ଏବଂ ପ୍ରଶିକ୍ଷଣ ଅଭାବରୁ ଅନେକେ ଏଥିରୁ ବଞ୍ଚିତ ହୁଅନ୍ତି। ଆଉ ଏଭଳି ଅନେକ ଆଶାୟୀଙ୍କ ଲକ୍ଷ୍ୟ ପୂରଣ କରିବା ଲାଗି ଅଣ୍ଟା ଭିଡ଼ିଛନ୍ତି ପୁରୀ ଜିଲ୍ଲା ବୀରହରେକୃଷ୍ଣପୁର ଅଞ୍ଚଳର ସୁନ୍ଦରାମଣି ଏବଂ ବାବୁଲି ସ୍ୱାଇଁଙ୍କ ପୁଅ ଅଭିମନ୍ୟୁ। ଆଉ ଆରମ୍ଭ କରିଛନ୍ତି 'ଡିଫେନ୍ସ କ୍ଲବ୍' ନାମରେ ଏକ ଅନୁଷ୍ଠାନ। ସେଠାରେ ସେ ସପ୍ତାହରେ ୫ ଦିନ ସେନାରେ ଯୋଗଦେବାକୁ ଇଚ୍ଛୁକ ଛାତ୍ରୀଛାତ୍ରମାନଙ୍କୁ ମାଗଣାରେ ପ୍ରଶିକ୍ଷଣ ଦେଉଛନ୍ତି। ଶାରୀରିକ କସରତ, ଦୌଡ଼ ଇତ୍ୟାଦି ଅଭ୍ୟାସ ସାଙ୍ଗକୁ ସେନାରେ ଭର୍ତ୍ତି ଲାଗି ପ୍ରବେଶିକା ପରୀକ୍ଷା ନିମନ୍ତେ କିପରି ପ୍ରଶ୍ନର ଉତ୍ତର ଦେବେ, ସେ ନେଇ ଥିଓରି ସହ ପ୍ରାକ୍ଟିକାଲ ପରୀକ୍ଷା ମଧ୍ୟ କରାଇଥାନ୍ତି। ଅଭିମନ୍ୟୁ କୁହନ୍ତି, ଯେବେ ନିଜେ ଆବଶ୍ୟକ ପ୍ରଶିକ୍ଷଣ ଅଭାବରୁ ସୈନ୍ୟବାହିନୀରେ ଯୋଗଦେବାକୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଲି ସେବେଠୁ ଅନ୍ୟମାନଙ୍କ ସୁବିଧା ଲାଗି ଏହି କ୍ଲବ୍ ଗଢ଼ିବାର ଆଗ୍ରହ ସୃଷ୍ଟି ହେଲା। ୨୦୦୮ରେ ମାତ୍ର ୧୬ ଜଣ ଯୁବକଙ୍କୁ ନେଇ ଆରମ୍ଭ କରିଥିବା ଏହି କ୍ଲବ୍‌ରେ ବର୍ତ୍ତମାନ ୧୫୦ ଜଣ ଛାତ୍ରୀଛାତ୍ର ପ୍ରଶିକ୍ଷଣ ନେଉଛନ୍ତି। ଯଦିଓ ମୁଁ ଏବେ ଓଡ଼ିଶା ପୋଲିସରେ ପୁରୀ ଜିଲ୍ଲାରେ କନ୍‌ଷ୍ଟେବଲ ଭାବେ କାର୍ଯ୍ୟରତ ହେଲେ ମୋ କ୍ଲବ୍‌ରେ ପ୍ରଶିକ୍ଷଣ ନେଇ ବର୍ତ୍ତମାନ ସୁଦ୍ଧା ଆର୍ମି, ନାଭାଲ, ବାୟୁସେନା, ସିଆରପିଏଫ୍, ଓଏସ୍ଏପି, ଓଡ଼ିଶା ପୋଲିସରେ ୯୭ ଜଣ ନିଯୁକ୍ତି ପାଇବା ଗୌରବର ବିଷୟ। ସୈନ୍ୟବାହିନୀରେ ଯୋଗଦାନ ଲାଗି ସ୍ୱପ୍ନ ଦେଖୁଥିବା ଯୁବତୀଯୁବକଙ୍କ ଲାଗି ମାଧ୍ୟମ ସାଜିଛି ଡିଫେନ୍ସ କ୍ଲବ। ତେବେ ଏହା ଯେ କେବଳ ଏହି କାର୍ଯ୍ୟରେ ସୀମିତ ତା' ନୁହେଁ, କ୍ଲବର ସଦସ୍ୟମାନେ ଅନ୍ୟ ସମୟରେ ବିଭିନ୍ନ ସାମାଜିକ କାର୍ଯ୍ୟରେ ସହଯୋଗ କରିଥାନ୍ତି। ସ୍ଥାନୀୟ ଅଞ୍ଚଳର ପରିବେଶ ସ୍ୱଚ୍ଛତା, ଚାରାରୋପଣ, ସ୍ୱାସ୍ଥ୍ୟ ଏବଂ ରକ୍ତଦାନ ଶିବିର ଆୟୋଜନଠାରୁ ଆରମ୍ଭ କରି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରି ସମାଜ ଲାଗି ଉଦାହରଣ ସାଜିଛନ୍ତି। ରଥଯାତ୍ରା ଠାରୁ ଆରମ୍ଭ କରି ଗ୍ରାମର ବିଭିନ୍ନ ସାମାଜିକ କାର୍ଯ୍ୟରେ ସବୁଠି ଡିଫେନ୍ସ କ୍ଲବର ଭୂୟସୀ ପ୍ରଶଂସା ହୋଇଥାଏ। ତେବେ ନିଜର ସୈନ୍ୟ ବାହିନୀରେ ଭର୍ତ୍ତି ହେବା ସ୍ୱପ୍ନ ଧୂଳିସାତ ହୋଇଯାଇଥିଲେ ମଧ୍ୟ ଅନ୍ୟମାନଙ୍କ ସ୍ୱପ୍ନ ପୂରଣ ଲାଗି ନେଇଥିବା ଏହି ପଦକ୍ଷେପ ଯୋଗୁ ଆଜି ଅଭିମନ୍ୟୁ ଯୁବବର୍ଗଙ୍କ ପାଇଁ ରୋଲ୍ ମଡେଲ ସାଜିଛନ୍ତି।


'ଡିଫେନ୍ସ କ୍ଲବ୍'ର ସଦସ୍ୟମାନେ

ଅଭିମନ୍ୟୁ

– ପ୍ରଭାତ କୁମାର ପାଣିଗ୍ରାହୀ

---

## ଏ ସପ୍ତାହର ପ୍ରଶ୍ନ

୧– .......... ମନ୍ତ୍ରଣାଳୟ ଦ୍ୱାରା ନିକଟରେ ପାସପୋର୍ଟ ରିନ୍ୟୁଓ୍ୱାଲ୍ ରିମାଇଣ୍ଡର ସର୍ଭିସ୍ ଆରମ୍ଭ କରାଯାଇଛି ?
୨– ଏଏଚ୍‌ଆର୍‌ସିର ଫୁଲ୍‌ଫର୍ମ– ................ ?
୩– ଭିଟିସ୍ ଭିନିଫେରା ..............ର ବୈଜ୍ଞାନିକ ନାମ ?
୪– ................ ର ନୂଆ ନାମ ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍ ?
୫– ଭାରତୀୟ ନୌସେନା......... ମସିହାରେ ପ୍ରତିଷ୍ଠା କରାଯାଇଥିଲା ?

## ଗତ ଥରର ଉତ୍ତର

୧ ଆଇସିଆଇସିଆଇ ବ୍ୟାଙ୍କ୍
୨ ଚାର୍ଲ୍ସ ମାସିଣ୍ଟସ୍
୩ ଆର୍ଜେଣ୍ଟିନା
୪ ଖୁସ୍‌ଓ୍ୱନ୍ତ ସିଂ
୫ ଚୋରକୁ ଚଉକିଆ ଚିହ୍ନେ

## ଉତ୍ତର ଦାତା


ପ୍ରଶାନ୍ତ କର, ପୁରୀ


ବିନୋଦ ବିହାରୀ ବେହେରା, କଟକ


ଶେଖ୍ ୟାକୁବ୍, ପୁରୀ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ପାଠକଙ୍କ ମତ

– ଯୁବାବସ୍ଥାରେ ବିଭିନ୍ନ ଚକ୍ଷୁ ସମସ୍ୟାକୁ ନେଇ ପ୍ରକାଶିତ ପାଠଟି ଶିକ୍ଷଣୀୟ ହୋଇଥିଲା।
*– ନିର୍ମଳା ମହାପାତ୍ର, ଖୋର୍ଦ୍ଧା*

– ବର୍ତ୍ତମାନ ସମୟରେ ଯୁବପିଢ଼ି ଡିଜେ ମ୍ୟୁଜିକ୍ ଏବଂ ବିଭିନ୍ନ ମଡର୍ନ ଡ୍ୟାନ୍ସ ପ୍ରତି ଆକୃଷ୍ଟ ହେଉଥିବା ବେଳେ ସତ୍ୟବ୍ରତ କରଙ୍କ ପାଲା ଭଳି ଲୋକକଳାକୁ ବଞ୍ଚାଇ ରଖିବାର ପ୍ରୟାସ ବେଶ୍ ପ୍ରଶଂସନୀୟ।
*– ମଧୁସୂଦନ ମହାନ୍ତି, ପୁରୀ*

– ଚଣ୍ଡୀମାତା ଯୁବକ ସଂଘ ସଦସ୍ୟମାନଙ୍କର ବିଭିନ୍ନ ସମାଜଧର୍ମୀ କାର୍ଯ୍ୟ ଅନ୍ୟମାନଙ୍କୁ ନିଶ୍ଚୟ ପ୍ରେରଣା ଯୋଗାଇବ।
*– ମିଲି ପରିଡ଼ା, ନୂଆପଡ଼ା*



ଯଦି ଜଣେ ତୁମଠାରୁ ଭଲ ନ ହୋଇଥାଏ,
ତା’ ସହିତ ବନ୍ଧୁତା ବାନ୍ଧ ନାହିଁ।
– କନ୍‌ଫୁସିୟସ



## ସଂକ୍ଷେପରେ

### ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ରେ ନୂଆ କେମ୍ବ୍ରିଜ୍ ଇଂଲିଶ ପରୀକ୍ଷା କେନ୍ଦ୍ରର ଶୁଭାରମ୍ଭ

ଭୁବନେଶ୍ୱର, ୮।୨ (ବ୍ୟୁରୋ): ଓଡିଏମ୍ ପବ୍ଲିକ ସ୍କୁଲ୍‌ରେ ୟୁକେସ୍ଥିତ ୟୁନିଭର୍ସିଟି ଅଫ୍ କେମ୍ବ୍ରିଜ୍‌ର ଇଂଲିଶ୍ ବିଭାଗର ନୂତନ କେମ୍ବ୍ରିଜ୍ ଇଂଲିଶ ପରୀକ୍ଷା କେନ୍ଦ୍ରର ଶୁଭାରମ୍ଭ ହୋଇଛି। ସାଉଥ୍ ଏସିଆ କେମ୍ବ୍ରିଜ୍ ଆସେସ୍‌ମେଣ୍ଟ ଇଂଲିଶ ବିଜ୍‌ନେସ୍ ଡେଭ୍‌ଲପ୍‌ମେଣ୍ଟର ମୁଖ୍ୟ ମନିଷ ପୁରୀ, ଓଡିଏମ୍ ଏଡୁକେଶନାଲ୍ ଗ୍ରୁପ୍ ଚେୟାରମ୍ୟାନ୍ ଡ. ମୀନକେତନ ଓ ଓଡିଏମ୍ ଏଡୁକେଶନାଲ୍ ଗ୍ରୁପ୍ ସିଓଓ ସୋୟନ୍ ସତ୍ୟେନ୍ଦୁ ଉପସ୍ଥିତ ଥିଲେ। ସାଉଥ ଏସିଆର କେମ୍ବ୍ରିଜ୍ ଆସେସ୍‌ମେଣ୍ଟ ଇଂଲିଶ୍ ଆଞ୍ଚଳିକ ନିର୍ଦ୍ଦେଶକ ଟି. କେ. ଅରୁଣାଚଲମ୍ କହିଥିଲେ, ଓଡିଏମ୍ ପବ୍ଲିକ୍ ସ୍କୁଲ୍ ସହ ସମ୍ପୃକ୍ତ ହୋଇଥିବାରୁ ଆମେ ଆନନ୍ଦିତ। ଏହି ସହଭାଗିତାକୁ ଆଗକୁ ବଢ଼ାଇ ନେବାକୁ ଆଶାବାଦୀ। ଶିକ୍ଷାର୍ଥୀଙ୍କ ଭାଷା ଓ ଯୋଗାଯୋଗ ଦକ୍ଷତାକୁ ବୃଦ୍ଧି କରିବା ଓ ଏକ ଆନ୍ତର୍ଜାତିକ ପ୍ରମାଣପତ୍ର ନିମନ୍ତେ ଏକ ପ୍ଲାଟ୍‌ଫର୍ମ ପ୍ରଦାନ କରିବାକୁ ପଦକ୍ଷେପ ଗ୍ରହଣ କରାଯାଇଥିବା ସେ କହିଥିଲେ। ଉଲ୍ଲେଖଯୋଗ୍ୟ, କେମ୍ବ୍ରିଜ୍ ଆସେସମେଣ୍ଟ ଇଂଲିଶ୍ ହେଉଛି ୟୁନିଭର୍ସିଟି ଅଫ୍ କେମ୍ବ୍ରିଜ୍‌ର ଏକ ଅଂଶ, ଏକ ଅଣଲାଭଦାୟକ ଅନୁଷ୍ଠାନ ଯାହାକି ସାରା ବିଶ୍ୱର ଇଂଲିଶ ଶିକ୍ଷାର୍ଥୀ ତଥା ଶିକ୍ଷକଙ୍କ ପାଇଁ ଅନେକ ମୂଲ୍ୟବାନ ଯୋଗ୍ୟତାର ବିକାଶ ଓ ପ୍ରସ୍ତୁତି କରୁଛି। ପ୍ରତି ବର୍ଷ ୫ ମିଲିୟନ କେମ୍ବ୍ରିଜ୍ ଇଂଲିଶ ପରୀକ୍ଷା ୧୩୦ ଦେଶ ଓ ୨୦,୦୦୦ ରୁ ଅଧିକ ୟୁନିଭର୍ସିଟିରେ ନିଆଯାଉଛି। ଯେଉଁଥିରେ ନିଯୁକ୍ତିଦାତା, ସରକାରୀ ମନ୍ତ୍ରୀ ଓ ଅନ୍ୟ ଅନୁଷ୍ଠାନଗୁଡ଼ିକ ଇଂଲିଶ ଦକ୍ଷତାର ପ୍ରମାଣ ସ୍ୱରୂପ କେମ୍ବ୍ରିଜ୍ ଇଂଲିଶ ପରୀକ୍ଷା ଉପରେ ବିଶ୍ୱାସ କରୁଛନ୍ତି।

### ମାର୍କେଟ ବିଲ୍ଡିଂ ଆତଙ୍କ: ଆଉ ଜଣେ ଗିରଫ
#### ଗିରଫ ସଂଖ୍ୟା ୩୨ ଛୁଇଁଲା

ଭୁବନେଶ୍ୱର, ୮।୨(ବ୍ୟୁରେ): ୟୁନିଟ-୨ ମାର୍କେଟ ବିଲ୍ଡିଂରେ ପଶି ଭଙ୍ଗାରୁଜା ଓ ଆକ୍ରମଣ କରି ଆତଙ୍କ ଘଟାଇବା ମାମଲାରେ କ୍ୟାପିଟାଲ ଥାନା ପୋଲିସ ଆଉଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଗଜପତି ଜିଲାର ଗୋପୀନାଥ ନାୟକ। କ୍ୟାପିଟାଲ ଥାନାର ଏକ ପୋଲିସ ଟିମ୍ ଗଜପତି ଯାଇ ତାଙ୍କୁ ଗିରଫ କରିଥିବା ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ତେବେ ଗୋପୀନାଥ ଧରାପଡ଼ିବା ପରେ ଗିରଫ ସଂଖ୍ୟା ୩୨ରେ ପହଞ୍ଚିଛି। ଏଥିମଧ୍ୟରେ ୧୬ ଜଣ ନାବାଳକ ଓ ୧୬ ସାବାଳକ ରହିଥିବାବେଳେ ନାରାୟଣ ପ୍ରଧାନ, ପଙ୍କଜ ରାଜ, ସ୍ମୃତି ସାଗର ମହାପାତ୍ର, ଗୋପୀନାଥ ନାୟକ, ସୁରଜ ଶାହା,ସାଇପ୍ରୀତମ ପଟ୍ଟନାୟକ, ରାକେଶ ମହାନ୍ତି ଓରଫ ଚିଣ୍ଟୁଙ୍କୁ ମିଶାଇ ମୋଟ ୯ଜଣଙ୍କୁ ପୋଲିସ ଏନ୍‌ଏସ୍‌ଏରେ ବୁକ୍ କରିଛି। ସୂଚନାଯୋଗ୍ୟ, ଜାନୁୟାରୀ ୯ ରାତି ସାଢ଼େ ୯ଟାରେ ଏକ ଘଣ୍ଟା କିଣାକୁ ନେଇ ଯୁବତୀଙ୍କ ଦୁର୍ବ୍ୟବହାର ଓ ଭାଇଙ୍କୁ ଆକ୍ରମଣ ହୋଇଥିଲା। ଯୁବତୀ ଜଣକ ଏନେଇ ଅଭିଯୋଗ କରିଥିଲେ ମଧ ପୋଲିସ ଆପୋଷ ସମାଧାନ କରି ମାଡ ମାରିଥିବା ଦୋକାନୀଙ୍କୁ ଛାଡି ଦେଇଥିଲା। ଏହି ଖବର ପାଇ ରାକେଶ ଓରଫ ଚିଣ୍ଟୁଙ୍କ ସମେତ ଅନ୍ୟ ଅଭିଯୁକ୍ତମାନ ସଂଘବଦ୍ଧ ହୋଇ ଖଣ୍ଡା,ବନ୍ଧୁକ, ଲୁଡା ରଡ୍ ଓ ହକି ଷ୍ଟିକ୍ ଧରି ୧୦ ତାରିଖ ରାତି ୭ଟାରେ ମାର୍କେଟ ବିଲ୍ଡିଂରେ ଆତଙ୍କ ଖେଳାଇଥିଲେ।

# ମେଳା ଧୋଇଦେଲା ଅଦିନିଆ ବର୍ଷା

## ଆଉ ଦୁଇ ଦିନ ମେଳା, ୮ ରାତି ଅପେରା

ଭୁବନେଶ୍ୱର, ୮।୨ (ବ୍ୟୁରୋ)

ଗତ ୧ତାରିଖରୁ ଆରମ୍ଭ ହୋଇଥିବା ଖଣ୍ଡଗିରି ଐତିହ୍ୟ ମାଘମେଳା ଶନିବାର ତାର ଅଷ୍ଟମ ଦିନରେ ପହଞ୍ଚିଛି। ଶନିବାର ପାଗ କୋହଲା ରହିବା ସହ ଅଦିନିଆ ବର୍ଷା ହେବା କାରଣରୁ ମେଳା ପରିସର ଫାଙ୍କା ହୋଇଯାଇଥିବାର ଦେଖିବାକୁ ମିଳିଛି। ବର୍ଷା କାରଣରୁ ଅନ୍ୟଦିନ ଅପେକ୍ଷା ଲୋକଙ୍କ ଭିଡ଼ କମ୍ ଥିବାର ଦେଖିବାକୁ ମିଳିଥିବା ବିଏମ୍‌ସି ଜୋନାଲ ଡେପୁଟି କମିଶନର ରବିନାରାୟଣ ଜେଠୀ କହିଛନ୍ତି।

ଅନ୍ୟପକ୍ଷେ ଉଦୟଗିରି ପାହାଡ଼ରେ ନାମଯଜ୍ଞ, ସଂକୀର୍ତ୍ତନ ଓ ନୃତ୍ୟ ସଂଗୀତ ଜାରି ରହିଛି। ଆଉ ଦୁଇ ଦିନ ସାଧୁ ସନ୍ଥମାନେ ଏଠାରେ ନିଜର ବାସ କରିବାକୁ ଥିବା ବେଳେ ଅଖଣ୍ଡ ହୋମଯଜ୍ଞ ଜାରି ରହିଛି। ଫଳରେ ଖଣ୍ଡଗିରି ପାହଡ଼ରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ତେବେ ଏହି ପରିପ୍ରେକ୍ଷୀରେ ଯଜ୍ଞ ନିକଟରେ ଖଣ୍ଡଖିରି କରି ସୂର୍ଯ୍ୟଙ୍କୁ ଅର୍ପଣ ପରେ ସାଧୁସନ୍ଥମାନେ ପ୍ରତ୍ୟାବର୍ତ୍ତନ କରିବେ। ଖଣ୍ଡଖିରି ଅର୍ପଣ ପଛରେ ପୌରାଣିକ କଥା ଲୁଚି ରହିଥିବା ବେଳେ ଏହି ଖିରି ସୂର୍ଯ୍ୟଙ୍କୁ ଅର୍ପଣ କରି ସେବନ କଲେ ବହୁ ବ୍ୟାଧିରୁ ମୁକ୍ତି ମିଳେ ବୋଲି ବିଶ୍ୱାସ ରହିଛି। ତେଣୁ ଚନ୍ଦ୍ରଭାଗାରେ ମାଘ ସପ୍ତମୀରୁ ବୁଡ଼ ପକାଇ ଆସିଥିବା ସାଧୁସନ୍ଥମାନେ ଏଇ ଦିନଟିକୁ ଅପେକ୍ଷା କରିଥାନ୍ତି ବୋଲି କୁହାଯାଉଛି। ଯାହାକି ୯ତାରିଖରେ ପୂର୍ଣ୍ଣାହୁତି ପରେ ଦିଆଯିବ ବୋଲି ପ୍ରକାଶ ପାଇଛି।

ସେହିପରି ବିଏମ୍‌ସି ସ୍ୱାସ୍ଥ୍ୟ ବିଭାଗର ଯାଞ୍ଚ ଦଳ ମଧ୍ୟ ଖଣ୍ଡଗିରି ମେଳାର ଖାଦ୍ୟ ଷ୍ଟଲଗୁଡ଼ିକ ଯାଞ୍ଚ କରିଛି। ଷ୍ଟଲରେ ଅପରିଷ୍କାର ପରିବେଶ ସହ ବାସିଖାଦ୍ୟ ବିକ୍ରି ହେଉଥିବାରୁ ଖାଦ୍ୟ ସୁରକ୍ଷା ଅଧିକାରୀ ଯାଞ୍ଚ କରି ବିଭିନ୍ନ ଷ୍ଟଲରୁ ପାଖାପାଖି ୪୦ କେଜି ଖାଦ୍ୟ ନଷ୍ଟ କରିଛନ୍ତି। ଅଧିକାରୀମାନେ ମେଳାର ସମସ୍ତ ଖାଦ୍ୟ ଷ୍ଟଲ ବୁଲି ଖାଦ୍ୟର ପ୍ରସ୍ତୁତି ଏବଂ ଅନ୍ୟାନ୍ୟ ଦିଗ ଯାଞ୍ଚ କରିବା ପରେ ନଷ୍ଟ କରିଥିବା ସୂଚନା ମିଳିଛି। କେତେକ ଷ୍ଟଲରେ ବାସିଖାଦ୍ୟ ବିକ୍ରି ହେଉଥିବା ଅଭିଯୋଗ ପରେ ଶନିବାର ପୁଣିଥରେ ସ୍କାଡ ପକ୍ଷରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡ଼ିଛି।

### ଯାତ୍ରା ମଜା ଫିକା କଲା ବର୍ଷା
#### ଆସିଲା ‘ଇନ୍ଦ୍ରଭୁବନ’, ୧୦ରେ ଯୋଡ଼ି ହେବେ ଆଉ ୪

ଖଣ୍ଡଗିରି ଯାତ୍ରା ମହାକୁମ୍ଭକୁ କୋହଲା ପାଗ ଫିକା ପକେଇଛି। ଯାତ୍ରା ଆରମ୍ଭରୁ ପାଗ ଭଲ ଥିବା ବେଳେ ଏବେ ବର୍ଷା ଯୋଗୁ ଯାତ୍ରା ଦେଖିବାକୁ ଦର୍ଶକମାନେ ପଛଘୁଞ୍ଚା ଦେଉଛନ୍ତି। ଶନିବାର ସକାଳୁ ଟିକେଟ ବିକ୍ରିବଟା ବଢ଼ିଥିଲା ସତ କିନ୍ତୁ ମଧାହ୍ନରେ ବର୍ଷା ହେବା ପରେ ଆଉ ଟିକେଟ୍ ବିକ୍ରିବଟା ହୋଇନଥିବା ଜଣାପଡ଼ିଛି।

ସେହିପରି ଶନିବାର କୋଣାର୍କ ଗଣନାଟ୍ୟ ବିଦାୟ ନେଇଛି। ୩ ଦିନ ଲଗାତର ଭାବେ ‘ଆଖି ଅବୁଝାକୁ ଲୁହ ଅବୁଝା’ ନାଟକ ପରିବେଷଣ କରିବା ପରେ ଏବେ ଘାଟିକିଆ ଯାତ୍ରା ପେଣ୍ଡାଲରେ ଅପେରା ‘ଇନ୍ଦ୍ରଭୁବନ’ ଯୋଡ଼ି ହୋଇଛି। ପ୍ରଥମ ରାତିରେ ଅପେରା ଇନ୍ଦ୍ରଭୁବନ ନାଟକ ‘ଭାଇ ଭଉଣୀର ନୂଆ କାହାଣୀ’ ଦର୍ଶକଙ୍କ ପାଇଁ ଭେଟି ଦେଇଛି। ନାଟ୍ୟକାର ସନ୍ତୋଷ ନାରାୟଣ ଦାସଙ୍କ ରଚିତ ଏହି ନାଟକକୁ ଶାରଦା ରଣା ନିର୍ଦ୍ଦେଶନା ଦେଇଛନ୍ତି। ଏଥିରେ ସଞ୍ଜୟ ଭୋଳଙ୍କୁ ଦେଖିବା ପାଇଁ ଉତ୍ସୁକତା ପରିଲକ୍ଷିତ ହୋଇଛି। ଏଥିସହ ନମିତା, ସଂଜୟ, ଭାରତୀ, ନିଲୁ ଓଝା, ମୁନା, ରୂପା, ବିମଳ ଓ ମାମାଙ୍କ ଭଳି କଳାକାରଙ୍କୁ ଏହି ନାଟକରେ ଦେଖିବାକୁ ମିଳିଛି।

ଏଥିସହ ମହତାବ ପେଣ୍ଡାଲରେ ସେଇ ନାଟକ ‘କଥା ଦିଅ ମତେ କରିବନି ପର’ ଶନିବାର ପୁଣି ମଞ୍ଚସ୍ଥ ହୋଇଥିବା ବେଳେ ଜାଗମରା କେସିଏ ପଡ଼ିଆରେ ମଧ୍ୟ ନାଟକ ‘ସିଆଇଡି ଦୟା’ ମନ ଜିଣିଚାଲିଛି। କଳିଙ୍ଗ ଗଣନାଟ୍ୟ ମଧ୍ୟ ‘ଶ୍ରାବଣ ମାସର ଶେଷ ରାତି’ ନାଟକ ଭେଟି ଦେଇଛି। ଇନ୍ଦ୍ରଭୁବନ ସାମିଲ୍ ହୋଇସାରିଥିବା ବେଳେ ଆସନ୍ତା ୧୦ରୁ ତୁଳସୀ, ସୂର୍ଯ୍ୟମନ୍ଦିର, ରାଜଧାନୀ ଅପେରା ଓ ରଙ୍ଗମହଲ ଯାତ୍ରା ମହାକୁମ୍ଭରେ ସାମିଲ ହେବେ ବୋଲି ଜଣାପଡ଼ିଛି।



ଭୁବନେଶ୍ୱର ପାନ୍ଥନିବାସଠାରେ ବିଶ୍ୱଶାନ୍ତି କ୍ଷେତ୍ରରେ ବୌଦ୍ଧଧର୍ମ ଶୀର୍ଷକ ଅନ୍ତର୍ଜାତୀୟ ଆଲୋଚନାଚକ୍ରରେ ଅତିଥିମାନେ ‘ଗ୍ରେଟ୍ ଇଣ୍ଡିଆନ ଏପିକ୍ସ’ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଗୌତମ ଆଦାନୀ



ଭୁବନେଶ୍ୱର,୮।୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶନିବାର ଜଣାଶୁଣା ଶିଳ୍ପପତି ଗୌତମ ଆଦାନୀ ନବୀନ ନିବାସରେ ଭେଟିଛନ୍ତି। ଏହି ବୈଠକରେ ଆଦାନୀ ଗ୍ରୁପ୍‌ର ରାଜ୍ୟରେ ପୁଞ୍ଜିନିବେଶ ସମ୍ପର୍କିତ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ରାଜ୍ୟରେ ଲଜିଷ୍ଟିକ୍, ଶିଳ୍ପଭିତ୍ତିକ ପାର୍କ, ନୂତନ ବୈଷୟିକ ବିଦ୍ୟା ଏବଂ ମେଟାଲ ଶିଳ୍ପ କ୍ଷେତ୍ରରେ ନିବେଶ କରିଛି। ଏହି ବୈଠକରେ ଆଦାନୀ ପୋର୍ଟସର ମୁଖ୍ୟ କାର୍ଯ୍ୟନିର୍ବାହୀ(ସିଇଓ) କରନ୍ ଆଦାନୀ ମଧ୍ୟ ଉପସ୍ଥିତ ରହିଥିଲେ। ଆଗାମୀ ଦିନରେ ଆଦାନୀ ଗ୍ରୁପ୍ ପକ୍ଷରୁ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯିବ ବୋଲି କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫–ଟି ସଚିବ ଭି.କେ ପାଣ୍ଡିଆନ୍, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ)ର ସ୍ୱତନ୍ତ୍ର ସଚିବ ଡି.ଏସ୍ କୁଟ୍ଟେ, ଆଇଆରଟିଏସ୍ ଅଧିକାରୀ ତଥା ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି ମନୋଜ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିଭଳି ଏହି ବୈଠକ ପୂର୍ବରୁ ଜାତୀୟ ମର୍ଡର୍ଣ୍ଣ ଆର୍ଟ ଗ୍ୟାଲେରିର ନିର୍ଦ୍ଦେଶକ ଏ.ଗଡନାୟକ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ।

## ଶିକ୍ଷକ ସାମର୍ଥ୍ୟ ବିକାଶ କାର୍ଯ୍ୟକ୍ରମ

ବାଲିଅନ୍ତା,୮।୨(ଡି.ଏନ୍.ଏ.)

ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତାସ୍ଥିତ ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟରେ ଶନିବାର ଶିକ୍ଷକ ସାମର୍ଥ୍ୟ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ କଲେଜର ୮୦ରୁ ଉର୍ଦ୍ଧ୍ୱ ଅଧ୍ୟାପିକା, ଅଧ୍ୟାପକ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶ୍ରୀପଞ୍ଚମୁଖୀ ଏଜୁକେଶନାଲ ଓ ଚାରିଟେବୁଲ ଟ୍ରଷ୍ଟର ସମ୍ପାଦକ ଡ.ବଙ୍କିମ ମହାନ୍ତି ଓ ଅନ୍ୟ ଟ୍ରଷ୍ଟିମାନେ ଉଦ୍‌ଘାଟନ କରିଥିଲେ। ‘ଶ୍ରେଣୀ ଗୃହର ଶିକ୍ଷା ପ୍ରଦାନରେ ଡିଜିଟାଲ ଟେକ୍ନୋଲୋଜିର ବ୍ୟବହାର’ ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଧକ୍ଷା ପ୍ରଫେସର ଡ. ଶର୍ମିଳା ସୁବ୍ରମନିୟନ, ସୁଜିତ୍ କୁମାର ପାତ୍ର, ଲଲାଟେନ୍ଦୁ କେଶରୀ ଜେନା, ଅଜିତ୍ କୁମାର କର ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ଏଭଳି କାର୍ଯ୍ୟକ୍ରମ ଆୟୋଜନ ଶିକ୍ଷକଙ୍କୁ ନୂତନ ପଦ୍ଧତିରେ ଶିକ୍ଷାଦାନ ଓ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ପାଇଁ ଉତ୍ସାହିତ କରିବ ବୋଲି ଅତିଥିଭାବେ ଯୋଗଦେଇଥିବା ଉମାଶଙ୍କର ଝା କହିଥିଲେ। ପ୍ରାରମ୍ଭରେ ଡ. ସୁଶ୍ରୀ ସଙ୍ଗୀତା ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଫେସର ଅଭିପ୍ସା ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଫେସର ସବ୍ୟସାଚୀ ପ୍ରଧାନ, ଜିନାଶିଷ ମହାନ୍ତି, ନନ୍ଦିତା ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।



ଶିକ୍ଷକ ସାମର୍ଥ୍ୟ ବିକାଶ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଦାବି ପୂରଣ ନ ହେଲେ ଆନ୍ଦୋଳନ

## ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ବୈଠକ

ଭୁବନେଶ୍ୱର, ୮।୨ (ବ୍ୟୁରୋ)

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶନିବାର ସ୍ଥାନୀୟ ଶ୍ରମିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସରକାରଙ୍କ କାଳକ୍ଷେପଣ ନୀତିକୁ ମିଳିତ ମଞ୍ଚର ସାମିଲ ସଙ୍ଗଠନଗୁଡିକ ପକ୍ଷରୁ ତୀବ୍ର ସମାଲୋଚନା କରାଯାଇଥିଲା। ଦାବି ପୂରଣ ନ ହେଲେ ବାଧ୍ୟହୋଇ ପୁଣି ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇବେ। ସେତେବେଳେ ଯେଉଁ ପରିସ୍ଥିତି ଉପୁଜିବ ସେଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ମିଳିତ ମଞ୍ଚର ଆବାହକ ମଣ୍ଡଳୀ ସଦସ୍ୟ ପ୍ରକାଶ ଚନ୍ଦ୍ର ମହାନ୍ତି, ଗୋଲକ ନାୟକ ଓ ପବିତ୍ର ମହାଲା ଚେତାବନୀ ଦେଇଛନ୍ତି।

ମିଳିତ ମଞ୍ଚ ତା’ର ନିର୍ଦ୍ଦିଷ୍ଟ ଦାବି ସପ୍ତମ ବେତନ କମିଶନ ହାରରେ ଦରମା ପ୍ରଦାନ, ପେନସନ ସହ ଚାକିରି ସର୍ତ୍ତାବଳୀ ଲାଗୁ, ୧୭୭ ହାଇସ୍କୁଲକୁ ଅନୁଦାନ ପ୍ରଦାନ, ୪୦, ୬୦ ଓ ୭୫% ଦରମା ପାଉଥିବା ଶିକ୍ଷକ, ଅଧ୍ୟାପକମାନଙ୍କ କ୍ଷେତ୍ରରେ ବାର୍ଷିକ ଇନକ୍ରିମେଣ୍ଟ ଲାଗୁ କରିବା, ୬୬୨ ଓ ୪୮୮ କଲେଜ କର୍ମଚାରୀଙ୍କ ମଧ୍ୟରେ ଥିବା ଅସଙ୍ଗତି ଦୂରୀକରଣ, ହିନ୍ଦୀ ଓ ସଂସ୍କୃତ ଶିକ୍ଷକଙ୍କୁ ଟ୍ରେଣ୍ଡ ଗ୍ରାଜୁଏଟ୍ ହାରରେ ଦରମା ଦେବା, ବାଦ୍ ପଡ଼ିଥିବା ପଦବୀଗୁଡ଼ିକୁ ଅନୁଦାନ ପରିସରଭୁକ୍ତ କରିବା ଓ ଚାକିରି କାଳକୁ ୬୨ ବର୍ଷକୁ ବୃଦ୍ଧି କରିବା ଦାବିରେ ସରକାରଙ୍କ ସହ ବହୁବାର ଆଲୋଚନା ହୋଇଛି। ହେଲେ ସରକାରଙ୍କ କେବଳ ପ୍ରତିଶ୍ରୁତି ଛଡ଼ା ଆଉ କିଛି ମିଳୁନାହିଁ। ନିର୍ବାଚନ ପୂର୍ବରୁ ଏହି ଦାବିଗୁଡ଼ିକ ପୂରଣ ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ନିର୍ବାଚନ ପରେ ଏହାକୁ ଭୁଲି ଗଲେଣି। ନିର୍ବାଚନର ୩ ମାସ ମଧ୍ୟରେ ସପ୍ତମ ପେ ଲାଗୁ କରିବାକୁ ସମୟ ଦେଇଥିବା ସରକାର ଇତିମଧ୍ୟରେ ଦଶମାସ ନେଲେଣି। ତଥାପି ମିଳିତ ମଞ୍ଚ ଆନ୍ଦୋଳନକୁ ନ ଓହ୍ଲାଇ ରାଜ୍ୟର ଶାସକ ଓ ପ୍ରଶାସକମାନଙ୍କ ସହ ବାରମ୍ବାର ଆଲୋଚନା କରୁଛି। କିନ୍ତୁ କିଛି ସୁଫଳ ମିଳୁନାହିଁ। ରାଜ୍ୟର ସମସ୍ତ ବର୍ଗର କର୍ମଚାରୀମାନେ ସପ୍ତମ ବେତନ କମିଶନ ହାରରେ ଦରମା ପାଉଥିଲା ବେଳେ ଏହି ବର୍ଗର କର୍ମଚାରୀମାନେ ଏଥିରୁ ବଞ୍ଚିତ ହୋଇଛନ୍ତି। ତେଣୁ ଦାବି ପୂରଣ ନ ହେଲେ ଆନ୍ଦୋଳନ ଅନିର୍ବାର୍ଯ୍ୟ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ଏହି ସମସ୍ୟାଗୁଡ଼ିକ ଏକ ମାସ ମଧ୍ୟରେ ସମାଧାନ ନ ହେଲେ ମିଳିତ ମଞ୍ଚ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଂଘର ଏକ ପ୍ରେସ୍ ଇସ୍ତାହାରରେ ଜଣାଯାଇଛି।

### ବୃଦ୍ଧାଶ୍ରମ ବୁଲିଲେ ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ

ପୁରୁଣାଭୁବନେଶ୍ୱର,୮।୨ (ଡି.ଏନ.ଏ.)

ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ ଶୁକ୍ରବାର ସନ୍ଧ୍ୟାରେ ମହତାବ ରୋଡସ୍ଥିତ ବୃଦ୍ଧାଶ୍ରମରେ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟ ଏବଂ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ତାଙ୍କ ସହ ବରିଷ୍ଠ ସାମ୍ବାଦିକ ରବି ଦାସ ମଧ୍ୟ ଅନ୍ତେବାସୀଙ୍କ ସହ ଆଲୋଚନା କରିଥିଲେ। ପକ୍ଷୀ ପ୍ରେମୀ ଅଶୋକ ଶତପଥୀ, ଗୌରୀ ଶଙ୍କର ଶତପଥୀ, ରାଜେଶ ମହାପାତ୍ର, ଦେବୀ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ରଙ୍ଗଶାଳା ଭଙ୍ଗାଯିବାକୁ ଭାଜପାର ସମାଲୋଚନା

ଭୁବନେଶ୍ୱର,୮।୨(ବ୍ୟୁରୋ)– ଯାଜପୁର ଜିଲା ଧର୍ମଶାଳା ହରିଦାସପୁରସ୍ଥିତ ବିବାଦୀୟ ଘର ‘ରଙ୍ଗଶାଳା’ ଭଙ୍ଗାଯିବା ଘଟଣାକୁ ଭାଜପା ପକ୍ଷରୁ ବିରୋଧ କରାଯାଇଛି। ଦଳର ରାଜ୍ୟ ସମ୍ପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ସ୍ମିତାରାଣୀ ହତ୍ୟାକାଣ୍ଡର ପ୍ରମାଣ ନଷ୍ଟ କରିବା ପାଇଁ ବେଆଇନ ଘରକୁ ଭଙ୍ଗାଯାଇଛି। ସ୍ମିତାରାଣୀ ହତ୍ୟା ସମୟରେ ମୁଖ୍ୟ ଅଭିଯୁକ୍ତ ରୂପେଶ୍ ଭଦ୍ରଙ୍କ ସହ ଆଉ ୪ ଉପସ୍ଥିତ ଥିଲେ। ଘଟଣା ଘଟିଲା ପରେ ବି ସେ ରଙ୍ଗଶାଳାକୁ ଭଙ୍ଗାଗଲାନାହିଁ। ରଙ୍ଗଶାଳାକୁ ଭାଙ୍ଗିବା ପାଇଁ ସରକାର ୨ ଥର ବିଭିନ୍ନ ନୋଟିସ୍ ଦେଇଥିଲେ ଆଉ ଯାଜପୁର ଜିଲ୍ଲାର ଏସ୍‌ପି ଆସି ଅପରାଧୀକୁ ଧରିବା ଜାଗାରେ ମହିଳାଙ୍କର ଚରିତ୍ର ହାନି କଲେ। ଏହା ପୋଲିସ ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ଡ. ସାମନ୍ତସିଂହାର କହିଛନ୍ତି। ସେହିଭଳି କେବଳ ସ୍ମିତାରାଣୀ ହତ୍ୟାକାଣ୍ଡର ସିବିଆଇ ତଦନ୍ତ କରାଗଲେ ସମସ୍ତ ତଥ୍ୟ ପଦାକୁ ଆସିପାରିବ ବୋଲି ଭାଜପା ପକ୍ଷରୁ କୁହାଯାଇଛି।

# କଳିଙ୍ଗ ସାହିତ୍ୟ ମହୋତ୍ସବ ଉଦ୍‌ଘାଟିତ

## ମନୋଜ ଦାସଙ୍କୁ କଳିଙ୍ଗ ସାହିତ୍ୟ ସମ୍ମାନ

ଭୁବନେଶ୍ୱର, ୮।୨(ବ୍ୟୁରୋ)

ମିଷ୍ଟିକ୍ କଳିଙ୍ଗ ସାହିତ୍ୟ ମହୋତ୍ସବର ଚତୁର୍ଥ ସଂସ୍କରଣ ଶନିବାର ସ୍ଥାନୀୟ ଏକ ହୋଟେଲରେ ଉଦ୍‌ଘାଟିତ ହୋଇଛି। ଦୁଇଦିନ ଧରି ହେବାକୁ ଥିବା ଏହି ମହୋତ୍ସବର ପ୍ରଥମ ଦିବସରେ କଥାକାର ତଥା ବିଶିଷ୍ଟ ସାହିତ୍ୟ ଲେଖକ ମନୋଜ ଦାସ ଯୋଗଦେଇ ‘ଦୈବିକ ପ୍ରଗଲ୍‌ଭତା : ପ୍ରଜ୍ଞାନ, ଆନନ୍ଦ ଓ ରୂପାନ୍ତରଣ’ ବିଷୟବସ୍ତୁ ଉପରେ ସମ୍ଭାଷଣ ପ୍ରଦାନ କରିଥିଲେ। ସେ କହିଲେ, ଦୈବିକ ପ୍ରଗଲ୍‌ଭତାର ଏକ ପରାଶକ୍ତି ସହିତ ନିଜକୁ ଦେଖିବାର ଅନୁଭବ ଓ ଏହାର ଧର୍ମ, ସମ୍ପ୍ରଦାୟ ସହିତ କୌଣସି ସମ୍ପର୍କ ନାହିଁ। ଏହି ଅନୁଭବ ଜଣେ ବ୍ୟକ୍ତିଙ୍କୁ ସମାଜରେ ପରିବର୍ତ୍ତନ ଆଣିବା ପାଇଁ ଶକ୍ତି ଦେଇଥାଏ। ତେବେ ଆଧୁନିକ ସାହିତ୍ୟ, ବିଶେଷ କରି ଆଧୁନିକ କବିତାରେ ସାହିତ୍ୟର ମାନ ଅନେକାଂଶରେ କ୍ଷୁଣ୍ଣ ହେଉଛି। ଅନେକ ସମୟରେ ଅବୋଧ, କହି ହେଉ ନ ଥିବା କଥାକୁ କବିତା ଆକାରରେ କୁହାଯାଉଥିଲେ ହେଁ ଆଧୁନିକ କବିତା ଏହି ଗୁଣଟିର ଦୁର୍ବ୍ୟବହାର କରିଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମନୋଜ ଦାସଙ୍କୁ କଳିଙ୍ଗ ସାହିତ୍ୟ ସମ୍ମାନ ପ୍ରଦାନ ପୂର୍ବକ ୧ ଲକ୍ଷ ଟଙ୍କା, ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା।

କବି ରାମାକାନ୍ତ ରଥ, ସାହିତ୍ୟିକା ପ୍ରତିଭା ରାୟ, ସାହିତ୍ୟିକ ସୀତାକାନ୍ତ ମହାପାତ୍ର ପ୍ରମୁଖ ନିଜ ମତ ରଖିଥିଲେ। ମହୋତ୍ସବରେ ସାହିତ୍ୟକୃତି ମନ୍ଥନ୍, ଭକ୍ତିବାଦ, ପଞ୍ଚସଖା ସାହିତ୍ୟ, ଲେଖକଙ୍କ ସହିତ ଆଲୋଚନା, ସୁଫି ସଙ୍ଗୀତ ପରିବେଷଣ ଆଦି ସାତଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହାସହିତ ମିଷ୍ଟିକ ମାଇକ କାର୍ଯ୍ୟକ୍ରମରେ କଳାକାରକମାନେ ସଙ୍ଗୀତ ଓ ଲୋକଗୀତ ପରିବେଷଣ କରିଥିଲେ।



# ଗିରଫ ହୋଇପାରନ୍ତି ୭ ରୂପଜୀବୀ

- ଜବତ ଆଧାରକାର୍ଡ ଯାଞ୍ଚ ପାଇଁ ପଶ୍ଚିମବଙ୍ଗ ପୋଲିସକୁ ଚିଠି
- ଏସ୍‌ଟିଏଫ୍ ନଜରରେ କୋଲକାତା ଏଜେଣ୍ଟ

ଭୁବନେଶ୍ୱର, ୮।୨ (ବ୍ୟୁରେ)

ବାଂଲାଦେଶୀ ଯୁବତୀଙ୍କୁ ଓଡ଼ିଶା ଚାଲାଣ ଓ ସେକ୍ସ ର୍‍ୟାକେଟରେ ନିୟୋଜିତ କରିବା ଘଟଣାର ଖୋଳତାଡ଼ କରୁଛି ଏସ୍‌ଟିଏଫ୍। ତେବେ ବାଂଲାଦେଶୀ ଯୁବତୀଙ୍କ ବେଆଇନ ପ୍ରବେଶ ଏସ୍‌ଟିଏଫ୍ ଅଧିକାରୀଙ୍କ ଚିନ୍ତା ବଢ଼ାଇଛି। କିଭଳି ଓ କେଉଁ ରୁଟ୍ ଦେଇ ଏହି ଯୁବତୀମାନଙ୍କୁ ଭୁବନେଶ୍ୱର ଅଣାଯାଉଛି ପଚରାଉଚରାବେଳେ ତାହାର ଖୁଲାସା କରିଛି ର୍‍ୟାକେଟର କିଙ୍ଗ୍‌ପିନ୍ ଅଞ୍ଜଳି ଦିଦି। ତାଙ୍କ ବୟାନ ଆଧାରରେ ଏସ୍‌ଟିଏଫ୍ ତଦନ୍ତ ଜାରି ରଖିଥିବାବେଳେ ପୁରୁଣା ଭୁବନେଶ୍ୱରରୁ ୬ଜଣ ରୂପଜୀବୀ ଧରାପଡ଼ିଥିଲେ। ଏଥିସହ ଗ୍ରାହକଙ୍କ ନିକଟୁ କାର୍‌ରେ ପଠାଯାଉଥିବାବେଳେ ଦଲାଲ ଦମ୍ପତିଙ୍କ ସହ ଆଉଜଣେ ରୂପଜୀବୀ ଧରାପଡିଥିଲେ। ତେବେ ସେମାନଙ୍କ ନିକଟରୁ ଏସ୍‌ଟିଏଫ୍ ଆଧାରକାର୍ଡ ଓ ଅନ୍ୟ ପରିଚୟପତ୍ର ଜବତ କରିଥିଲା। ଯାଞ୍ଚବେଳେ ତାହା ଜାଲ୍ ବୋଲି ଜଣାପଡିଛି। ଆଧାରକାର୍ଡରେ ରହିଥିବା ଠିକଣା ମଧ୍ୟ ଯାଞ୍ଚ କରାଯାଉଛି। ଏଥିସହ ପରିଚୟପତ୍ରରୁ ମିଳିଥିବା ଠିକଣା ଯାଞ୍ଚ ପାଇଁ ଏସ୍‌ଟିଏଫ୍ ପଶ୍ଚିମବଙ୍ଗ ପୋଲିସକୁ ଚିଠି ଲେଖିଛି। ସେଠାକାର ପୋଲିସ ଉକ୍ତ ସ୍ଥାନକୁ ଯାଇ ଯାଞ୍ଚ କରିବ। ରୂପଜୀବୀମାନେ ସେଠାରେ ରହୁଥିଲେ କି ନାହିଁ ସେନେଇ ମଧ୍ୟ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରାଯିବ। ପଶ୍ଚିମବଙ୍ଗ ପୋଲିସଠାରୁ ରିପୋର୍ଟ ମିଳିବା ପରେ ଏସ୍‌ଟିଏଫ୍ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଏସ୍‌ଟିଏଫ୍‌ର ଜଣେ ଅଧିକାରୀ କହିଛନ୍ତି ଯେ, ଠିକଣା ଭୁଲ୍ ଥିଲେ କିମ୍ବା ଜାଲ୍ ପରିଚୟପତ୍ରରେ ସେମାନେ ଆସିଥିବା ସ୍ପଷ୍ଟ ହେବା ପରେ ଏସ୍‌ଟିଏଫ୍ ସମ୍ପୃକ୍ତ ୭ ରୂପଜୀବୀଙ୍କୁ ଗିରଫ କରିପାରନ୍ତି ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଏବେ ଏହି ରୂପଜୀବୀମାନେ ଶର୍ଟ ଷ୍ଟେ’ ହୋମ୍‌ରେ ରହିଛନ୍ତି। ସେଠାକୁ ଏସ୍‌ଟିଏଫର ଜଣେ ମହିଳା ଅଧିକାରୀ ଯାଇ ସେମାନଙ୍କୁ ପଚରାଉଚରା ଜାରି ରଖିଥିବାବେଳେ ଭଲମନ୍ଦ ବୁଝୁଛନ୍ତି। ପଚରାଉଚରା ପରେ ଜଣାପଡିଛି ଯେ, ସେମାନଙ୍କ ସହ ଆଉ ୧୫ଜଣ ବାଂଲାଦେଶୀ ଯୁବତୀ ଭୁବନେଶ୍ୱରରେ ଅଛନ୍ତି। ସେମାନଙ୍କୁ ଏଜେଣ୍ଟମାନେ ଏବେ ରାଜଧାନୀ ଉପକଣ୍ଠରେ ଲୁଚାଇ ରଖିଛନ୍ତି। ତେଣୁ ଏସ୍‌ଟିଏଫ୍ ନଜରରେ ଏବେ ପଶ୍ଚିମବଙ୍ଗର ଏଜେଣ୍ଟ। ଅଞ୍ଜଳି ଦିଦି ଏବଂ ସ୍ୱାମୀ ଇବ୍ରାହିମ୍‌କୁ ପଚରାଉଚରା ପରେ ଏସ୍‌ଟିଏଫ୍ ବାଂଲାଦେଶରୁ ଓଡ଼ିଶାରୁ ଯୁବତୀଙ୍କ ଆଣୁଥିବା ଏଜେଣ୍ଟଙ୍କ ତାଲିକା ପ୍ରସ୍ତୁତ କରିଛି। ଏହି ଆଧାରରେ କୋଲକାତାର ଜଣେ ମୁଖ୍ୟ ଏଜେଣ୍ଟଙ୍କୁ ଏସ୍‌ଟିଏଫ ଟାର୍ଗେଟ କରିଛି। ଏଥିସହ ରାଜଧାନୀରେ ଥିବା ୬ଜଣ ଦଲାଲ ଓ ଏଜେଣ୍ଟଙ୍କୁ ଧରିବା ପାଇଁ ଜାଲ ବିଛାଇଛି। ଏମାନେ ଯେପରି ଖସି ନ ଯିବେ ସେଥିପାଇଁ ଏସ୍‌ଟିଏଫ୍ ସୀମାନ୍ତ ପୋଲିସକୁ ସଜାଗ କରିଛି। ସେହିଭଳି ବାଂଲାଦେଶରୁ ଆସୁଥିବା ଯୁବତୀଙ୍କ ମଧ୍ୟରୁ ୧୦ ପ୍ରତିଶତ ଓଡ଼ିଶା ଆସୁଥିବାବେଳେ ୩୦ ପ୍ରତିଶତ ନେପାଳ ଓ ଅନ୍ୟ ବଡ଼ବଡ଼ ସହରକୁ ଚାଲାଣ କରାଯାଉଥିବା ଏସ୍‌ଟିଏଫ୍ ତଦନ୍ତରୁ ଜାଣିପାରିଛି। ଆଗାମୀ ଦିନରେ ସେସବୁ ରାଜ୍ୟ ପୋଲିସକୁ ଅବଗତ କରାଯିବ ବୋଲି ଅଧିକାରୀ ଜଣକ କହିଛନ୍ତି।



ଗୁଗୁଲ ମ୍ୟାପ୍‌କୁ ଶନିବାର ୧୫ ବର୍ଷ ପୂରିଛି। ଗୁଗୁଲ ଦ୍ୱାରା ବିକଶିତ ହୋଇଥିବା ୱେବ୍ ମ୍ୟାପିଂ ସର୍ଭିସ୍ ୨୦୦୫ ଫେବୃୟାରୀ ୮ରେ ଶୁଭାରମ୍ଭ ହୋଇଥିଲା। ଏହାକୁ ଜିନ୍ସ ଇଲଷ୍ଟ୍ରପ୍ ରାସମୁସେନ୍ ଏବଂ ଲାର୍ସ୍‌ ରାସମୁସେନ୍ ଡିଜାଇନିଂ କରିଥିଲେ। ଏହା ଇଂଲିଶ୍, ଚାଇନିଜ୍ ସମେତ ଅନ୍ୟ ଭାଷାରେ ମଧ୍ୟ ଉପଲବ୍ଧ ହେଉଛି। ଗୁଗୁଲ ମ୍ୟାପ୍ ପ୍ରସ୍ତୁତିରେ ସି ++, ଜାଭା ସ୍କ୍ରିପ୍ଟ, ଏକ୍ସଏମ୍ଏଲ୍, ଆଜକ୍ସର ବ୍ୟବହାର କରାଯାଇଥିଲା। ଗୁଗୁଲ ମ୍ୟାପ୍ ସାଟେଲାଇଟ୍ ଫଟୋଚିତ୍ର ଆଧାରରେ ଏରିଆଲ୍ ଫଟୋଗ୍ରାଫି, ଷ୍ଟ୍ରିଟ୍ ମ୍ୟାପ୍, ରିୟଲ-ଟାଇମ୍ ଟ୍ରାଫିକ୍ ସ୍ଥିତି, ରୁଟ୍ ପ୍ଲାନିଂ ଆଦି ଉପଲବ୍ଧ କରାଇଥାଏ।

# ୭୮ ବର୍ଷ ପରେ ଏକାଠି ହେଲେ ଦୁଇ ଭଉଣୀ

**ମସ୍କୋ:** ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ପରସ୍ପରଠାରୁ ଅଲଗା ହୋଇଯାଇଥିବା ୨ ଭଉଣୀ ଦୀର୍ଘ ୭୮ ବର୍ଷ ପରେ ପୁଣି ଏକାଠି ହୋଇଛନ୍ତି। ଏନେଇ ସେମାନେ ଟିଭି ଏବଂ ପୋଲିସକୁ କୃତଜ୍ଞତା ଜଣାଇଛନ୍ତି। ଏବେ ବଡ଼ଭଉଣୀ ରୋଜଲିନା ସ୍ୱାରିଟୋନୋଭାଙ୍କୁ ୯୪ ବର୍ଷ ହୋଇଥିବାବେଳେ ସାନଭଉଣୀ ୟୁଲିୟା ସ୍ୱାରିଟୋନୋଭାଙ୍କୁ ୯୨ ବର୍ଷ ହୋଇଛି। ୧୯୪୨ରେ ବିଶ୍ୱଯୁଦ୍ଧ ସମୟରେ ସେମାନଙ୍କ ପରିବାର ଷ୍ଟେଲିନ୍‌ଗ୍ରାଡ୍‌ରେ ବାସ କରୁଥିଲେ। ତେବେ ଜର୍ମାନୀ ସୈନ୍ୟ ଏଠାରେ ଆକ୍ରମଣ କରିବା ଯୋଗୁ ୨ ଭଉଣୀ ଅଲଗା ହୋଇଯାଇଥିଲେ। ୟୁଲିୟା ୧୯୨୮ରେ ଜନ୍ମ ହୋଇଥିବାବେଳେ ରୋଜଲିନା ୧୯୨୬ରେ ଜନ୍ମ ହୋଇଥିଲେ। ଦୁହେଁ ପରସ୍ପରଠାରୁ ୧୯୦୦ କିମି ଦୂରରେ ବାସ କରୁଥିଲେ। ତେବେ ପୋଲିସ ପ୍ରବକ୍ତା ଇରିନା ୱୋଫଙ୍କ ଉଦ୍ୟମ ଯୋଗୁ ସେମାନଙ୍କ ମିଳନ ସମ୍ଭବ ହୋଇପାରିଛି। ଏବେ ସେମାନେ ବହୁତ୍ ଖୁସି ଅନୁଭବ କରୁଥିବା ପ୍ରକାଶ କରିଛନ୍ତି।



## ଭାଲେଣ୍ଟାଇନ୍ସ ୱିକ୍‌ର ତୃତୀୟ ଦିନ

# ଚକୋଲେଟ୍ ଡେ’





**ନୂଆଦିଲ୍ଲୀ:** ଫେବୃୟାରୀ ମାସଟି ପ୍ରେମୀଯୁଗଳଙ୍କ ପାଇଁ ବହୁତ ଖାସ୍। କାରଣ ଏହି ମାସରେ ପ୍ରେମୀଯୁଗଳଙ୍କ ଉପରେ ଖାଲି ପ୍ରେମର ବର୍ଷା ହିଁ ବର୍ଷା ହୋଇଥାଏ। ବିଶେଷକରି ପ୍ରେମକୁ ସ୍ମରଣୀୟ ତଥା ଉଜ୍ଜୀବିତ କରିବା ପାଇଁ ଯୁବବର୍ଗ ଏହାକୁ ସପ୍ତାହେ ଧରି ପାଳନ କରିଥାନ୍ତି। ବର୍ତ୍ତମାନ ଏହି ଭାଲେଣ୍ଟାଇନ୍ସ ୱିକ୍ ବା ପ୍ରେମ ସପ୍ତାହ ଚାଲିଛି। ଏହା ଫେବୃୟାରୀ ୭ ଅର୍ଥାତ୍ ରୋଜ୍ ଡେ’ରୁ ଆରମ୍ଭ ହୋଇ ୧୪ ପର୍ଯ୍ୟନ୍ତ ଚାଲେ। ପାର୍ଟନରମାନେ ଏହା ପୂର୍ବରୁ ରୋଜ୍ ଡେ’, ପ୍ରପୋଜ୍ ଡେ’ ପାଳନ କରିସାରିଥିବା ବେଳେ ପ୍ରେମ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ସପ୍ତାହର ତୃତୀୟ ଦିନକୁ ‘ଚକୋଲେଟ୍ ଡେ’ ଭାବେ ପାଳନ କରିଥାନ୍ତି। ପ୍ରେମ ପାଇଁ ଏହା ଏକ ଗୋଲ୍‌ଡେନ୍ ଚାନ୍ସ। ଏହି ସୁଯୋଗରେ ଚକୋଲେଟ୍ ଦେଇ ସାଥୀଙ୍କ ମନ କିଣିବା ସହ ହୃଦୟର କଥା ପରିପ୍ରକାଶ କରିହୁଏ। ଚକୋଲେଟ୍ ଖାଇ ପାଟି ମିଠାକରିବା ସହିତ ଜୀବନ ମଧୁମୟ ହେବା ବିଶ୍ୱାସ ନେଇ ପରସ୍ପରକୁ ଚକୋଲେଟ୍ ପ୍ରଦାନ କରାଯାଇଥାଏ। ଏଥିସହିତ ବିଭିନ୍ନ ଉପହାର ମଧ୍ୟ ଦିଆଯାଇଥାଏ। ବଜାରରେ ମିଳୁଥିବା ଚକୋଲେଟ୍ ଦେବା ଅପେକ୍ଷା ସାଥୀଙ୍କୁ ହାତ ତିଆରି ଚକୋଲେଟ୍ ଦେଲେ ସେ ଆହୁରି ଖୁସି ହୋଇଯିବେ। ଘରେ ଚକୋଲେଟ୍ ତିଆରି କରିବା ଅତି ସହଜ। ୟୁଟ୍ୟୁବ୍ ଦେଖି ଖୁବ୍ କମ୍ ସମୟ ଏବଂ ଅଳ୍ପ ଖର୍ଚ୍ଚରେ ଚକୋଲେଟ୍ ପ୍ରସ୍ତୁତ କରିପାରିବେ।

## ଖୋଲିବ ୨୦୦ ବର୍ଷ ପୁରୁଣା ମନ୍ଦିର

# ପାକିସ୍ତାନରେ ପାଳନ ହେବ ମହାଶିବରାତ୍ରି



**ଇସଲାମାବାଦ:** ପାକିସ୍ତାନରେ ଥିବା ଏକ ୨୦୦ ବର୍ଷ ପୁରୁଣା ଶିବ ମନ୍ଦିରରେ ଚଳିତ ଥର ମହାଶିବରାତ୍ରି ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯିବା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି। ଗତ ୭୩ ବର୍ଷ ଧରି ଏହି ମନ୍ଦିର ବନ୍ଦ ରହିଥିଲା। ପଞ୍ଜାବ ପ୍ରଦେଶରେ ଥିବା କଟାସରାଜ୍ ମନ୍ଦିର ପ୍ରଥମ ଥର ପାଇଁ ଦେଶ ବିଭାଜନ ପରେ ଖୋଲାଯାଉଛି। ଫେବୃୟାରୀ ୨୧ରେ ଏଠାରେ ସାମ୍ପ୍ରଦାୟିକ ସଦ୍‌ଭାବ ଅନ୍ତର୍ଗତ ଶିବରାତ୍ରି ପାଳନ କରାଯିବ ବୋଲି ଏକ୍ସୁ ଟ୍ରଷ୍ଟ ପ୍ରପର୍ଟି ବୋର୍ଡର ଅତିରିକ୍ତ ସଚିବ ଫରାଜ ଅବାସ୍ ସୂଚନା ଦେଇଛନ୍ତି। କଟାସରାଜ୍ ମନ୍ଦିର ସହିତ ଚଳିତ ଥର ପେଶାୱର, ମୁଜାଫରାବାଦ୍, ଲାହୋର ଏବଂ ରାୱଲପିଣ୍ଡିରେ ଥିବା ଶିବମନ୍ଦିରରେ ମଧ୍ୟ ଶିବରାତ୍ରି ପାଳନ କରାଯିବ ବୋଲି ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି।

# ସବୁଠୁ ତତଲା ଆଣ୍ଟାର୍କଟିକା



**ଅର୍ଜେଣ୍ଟିନା ରିସର୍ଚ୍ଚ ବେସ୍:** ଜଳବାୟୁ ପରିବର୍ତ୍ତନର ଅନବରତ ଚାପରେ ସର୍ବାଧିକ ପ୍ରଭାବିତ ହେଉଛି ସମ୍ବେଦନଶୀଳ ମେରୁ ଅଞ୍ଚଳ। ମେରୁ ଅଞ୍ଚଳରେ ଲଗାତର ବଢୁଥିବା ତାପମାତ୍ରା ସମଗ୍ର ଜୀବଜଗତ ପ୍ରତି ଘନେଇବାରେ ଲାଗିଛି ବିପଦ। ଆଣ୍ଟାର୍କଟିକାରେ ୪ବର୍ଷର ରେକର୍ଡ ଭାଙ୍ଗିଛି ତାପମାତ୍ରା। ଅର୍ଜେଣ୍ଟିନା ରିସର୍ଚ୍ଚ ବେସ୍ ପକ୍ଷରୁ ମେରୁ ଅଞ୍ଚଳରେ ଗତ ଗୁରୁବାର ସର୍ବାଧିକ ତାପମାତ୍ରା ୧୮.୩ ଡିଗ୍ରୀ ରେକର୍ଡ କରାଯାଇଛି। ଜେନିଭାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ୱାର୍ଲ୍ଡ ମେଟିଓରୋଲୋଜିକାଲ ଅର୍ଗନାଇଜେଶନର ପ୍ରବକ୍ତା କ୍ଲେୟର ନାଲିସ କହିଛନ୍ତି, ଆଣ୍ଟାର୍କଟିକାର ତାପମାତ୍ରା ବଢ଼ିବାରେ ଲାଗିଛି। ଏହା ଅନୁଭବ ହେଉଛି। ହେଲେ ସଦ୍ୟତମ ରେକର୍ଡ କରାଯାଇଥିବା ତାପମାତ୍ରା ଖରାଦିନକୁ ବି ବଳିଯାଇଛି। କ୍ଲେୟର ଆହୁରି ମଧ୍ୟ କହିଛନ୍ତି, ଆଣ୍ଟାର୍କଟିକାର ତାପମାତ୍ରା ଗତ ୫୦ବର୍ଷରେ ହାରାହାରି ୩ ଡିଗ୍ରୀ ବଢ଼ିଛି। ଏହି କାରଣରୁ ୮୭% ଗ୍ଲେସିୟର ତରଳିବା ଆରମ୍ଭ କରିଛି। ଗତ ୧୨ବର୍ଷରେ ଏହି ପ୍ରକ୍ରିୟା ଅଧିକ କ୍ଷିପ୍ର ହୋଇଛି। ଏହାର କାରଣ ଜଳବାୟୁ ପରିବର୍ତ୍ତନ। ତରଳୁଥିବା ବରଫ କାରଣରୁ ଚଳିତ ଶତାବ୍ଦୀର ଶେଷ ଆଡକୁ ସମୁଦ୍ରର ଜଳସ୍ତର ୧୦ ଫୁଟ ଯାଏ ବୃଦ୍ଧି ପାଇବ। ଏହାର ପ୍ରଭାବରେ ପୃଥିବୀର ଅନେକ ସହର ଜଳମଗ୍ନ ହୋଇପଡ଼ିବ। ୧୯୭୯ରୁ ୨୦୧୭ ଯାଏ ଆଣ୍ଟାର୍କଟିକାର ଆଇସ୍ ଶିଟ୍ ବର୍ଷକୁ ପ୍ରାୟ ୬ଗୁଣ ହାରରେ ହ୍ରାସ ପାଇବାରେ ଲାଗିଛି। ୧୯୮୨ ଜାନୁୟାରୀରେ ଏଠାକାର ତାପମାତ୍ରା ବିୟୁକ୍ତ ୧୯.୮ ରହିଥିଲା। ହେଲେ ୨୦୨୦ ପ୍ରଥମାର୍ଦ୍ଧରେ ଏହା ୧୮.୩ ଡିଗ୍ରୀରେ ପହଞ୍ଚି ସାରିଲାଣି। ଏଥିପୂର୍ବରୁ ୨୦୧୯ ଜୁଲାଇରେ ଉତ୍ତର ମେରୁ ଅଞ୍ଚଳର କାନାଡ଼ାସ୍ଥିତ ଏଲ୍ସମେୟର ଦ୍ୱୀପର ତାପମାତ୍ରା ୨୧ ଡିଗ୍ରୀ ପାର୍ କରିଥିଲା, ଯାହା ଏକ ରେକର୍ଡ।

## ଭାଙ୍ଗିଲା ୪ ବର୍ଷର ରେକର୍ଡ

# ‘ଶିକାରା’ ଦେଖି କାନ୍ଦି ପକାଇଲେ ଆଡଭାନୀ



**ନୂଆଦିଲ୍ଲୀ:** ବଲିଉଡ୍‌ର ନାମୀ ନିର୍ଦ୍ଦେଶକ ବିଧୁ ବିନୋଦ ଚୋପ୍ରାଙ୍କ ଫିଲ୍ମ ‘ଶିକାରା’ ରିଲିଜ୍ ହୋଇ ସାରିଛି। କଶ୍ମୀର ପଣ୍ଡିତଙ୍କ କାହାଣୀକୁ ନେଇ ତିଆରି ହୋଇଥିବା ଏହି ଫିଲ୍ମ ପ୍ରଥମ ଦିନରେ ୭୫ ଲକ୍ଷ ଟଙ୍କା ଆୟ କରିଛି। ଏହି ଫିଲ୍ମକୁ ଦେଖିବାକୁ ବରିଷ୍ଠ ଭାଜପା ନେତା ଲାଲ୍ କୃଷ୍ଣ ଆଡଭାନୀ ସିନେମା ହଲରେ ପହଞ୍ଚିଥିଲେ। ଆଉ ଫିଲ୍ମ ଦେଖିବା ପରେ ସେ ନିଜର କୋହକୁ ସମ୍ବରଣ କରିପାରି ନ ଥିଲେ। ସିନେମା ହଲରେ ହିଁ କାନ୍ଦି ପକାଇଥିଲେ ଆଡଭାନୀ। ଏହାର ଏକ ଭିଡିଓ ଏବେ ନିଜେ ବିଧୁ ବିନୋଦ ଚୋପ୍ରା ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିଛନ୍ତି। ସ୍ପେଶାଲ୍ ସ୍କ୍ରିନିଂ ସମୟରେ ଆଡଭାନୀଙ୍କର ଏହି ଭିଡିଓଟିକୁ ଶୁଟ୍ କରାଯାଇଛି। ତେବେ ଆଡଭାନୀ କାନ୍ଦୁଥିବା ଦେଖିବା ପରେ ତୁରନ୍ତ ବିଧୁ ବିନୋଦ ଚୋପ୍ରା ତାଙ୍କ ନିକଟରେ ପହଞ୍ଚି ଯାଇଥିଲେ। ଏହି ଭିଡିଓ ଶେୟାର କରି ବିଧୁ ବିନୋଦ ଚୋପ୍ରା ଲେଖିଛନ୍ତି, ଆପଣଙ୍କ ଆଶୀର୍ବାଦ ଓ ଶୁଭେଚ୍ଛା ପାଇ ଆମେ ବହୁତ ଖୁସି। ଏହା ପୂର୍ବରୁ ‘ଶିକାରା’କୁ ନେଇ ବଲିଉଡ୍ ମିଷ୍ଟର ପର୍‌ଫେକ୍ସନିଷ୍ଟ ଆମିର ଖାଁ ଟୁଇଟ୍ କରିଥିଲେ, ଏହା ଏମିତି ଏକ ଫିଲ୍ମ ଯାହାକୁ ସମସ୍ତେ ଦେଖିବା ଉଚିତ୍।

## ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଅଭିନବ ପଦକ୍ଷେପ

# ମାଙ୍କଡ଼ ଘଉଡ଼ାଇବାକୁ ଭାଲୁ ବେଶଧାରୀ

**ଅହମଦାବାଦ:** ଗୁଜରାଟର ଅହମଦାବାଦସ୍ଥିତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍ ଅନ୍ତର୍ଜାତୀୟ ବିମାନବନ୍ଦର ପରିସରରେ ବୁଲୁଛି ଏକ ବିଶାଳ ଭାଲୁ। ତେବେ ଏହାକୁ ଦେଖି ଭୟ କରିବେନି। କାରଣ ଏହା ସତ ଭାଲୁ ନୁହେଁ। ମାଙ୍କଡ଼ ଘଉଡ଼ାଇବା ପାଇଁ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଏହା ଏକ ଅଭିନବ ଉପାୟ। ଏହି ବିମାନବନ୍ଦର ଚତୁଃପାର୍ଶ୍ୱରେ ଗଛପତ୍ର ଘେରି ରହିଥିବାବେଳେ ରନ୍‌ୱେ ଏବଂ ବିମାନବନ୍ଦର ପରିସରରେ ମାଙ୍କଡ଼ଙ୍କ ଉତ୍ପାତ ଦେଖିବାକୁ ମିଳୁଛି। ଫଳରେ ଯାତ୍ରୀମାନେ ଭୟଭୀତ ହେବା ସହ ବିମାନ ଚଳାଚଳରେ ମଧ୍ୟ ସମସ୍ୟା ଉପୁଜୁଛି। ହେଲେ ଏତେ ସଂଖ୍ୟାରେ ଏହି ବଡ଼ ମାଙ୍କଡ଼ମାନଙ୍କୁ ଘଉଡ଼ାଇବା କଷ୍ଟକର ହୋଇପଡ଼ିଛି। ଫଳରେ ବିମାନବନ୍ଦର କର୍ତ୍ତୃପକ୍ଷ ଭାଲୁ ବେଶଧାରୀ ଜଣେ କର୍ମଚାରୀଙ୍କୁ ଦାୟିତ୍ୱ ଦେଇଛନ୍ତି। ଭାଲୁ ପୋଷାକରେ ଥିବା କର୍ମଚାରୀଙ୍କୁ ଦେଖି ମାଙ୍କଡ଼ମାନେ ମଧ୍ୟ ଭୟରେ ଚାଲିଯାଉଛନ୍ତି। ଗତ ଏକ ସପ୍ତାହ ହେଲା ଏଠାରେ କର୍ମଚାରୀ ଜଣକ ଭାଲୁ ବେଶରେ ମାଙ୍କଡ଼ଙ୍କୁ ଘଉଡ଼ାଉଥିବାବେଳେ ଏହି ଉପାୟ ସଫଳ ହୋଇଥିବା ବିମାନବନ୍ଦର ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ମାଙ୍କଡ଼ଙ୍କୁ ଘଉଡ଼ାଉଥିବା ଭାଲୁ ବେଶଧାରୀ କର୍ମଚାରୀଙ୍କ ଭିଡିଓ ଭାଇରାଲ୍ ହୋଇଛି।



## କନ୍ୟାଙ୍କ ଶାଢ଼ି ପସନ୍ଦ ନ ଆସିବାରୁ

# ବେଦିରୁ ଉଠି ଚାଲିଗଲେ ବର

**ବେଙ୍ଗାଲୁରୁ :** ବିବାହ ସମୟରେ କନ୍ୟାପକ୍ଷ ଯାନିଯୌତୁକ ଦେଇ ନ ପାରିଲେ ବେଦିରୁ ବର ଉଠି ଚାଲିଯିବା ଖବର ଶୁଣିଥିବେ। ମାତ୍ର କନ୍ୟାଙ୍କ ଶାଢ଼ି ପସନ୍ଦ ହେଲା ନାହିଁ ବୋଲି ବର ଉଠି ଚାଲିଯିବା ଖବର ଶୁଣିଲେ ଯେତିକି ହାସ୍ୟାସ୍ପଦ ସେତିକି ଆଶ୍ଚର୍ଯ୍ୟ ମଧ୍ୟ ଲାଗୁଛି। ମାତ୍ର ଏମିତି ଏକ ଘଟଣା ଦେଖିବାକୁ ମିଳିଛି କର୍ଣାଟକର ହାସନ ଜିଲାରେ। ୨୯ ବର୍ଷୀୟ ବର ବିଏନ୍ ରଘୁକୁମାର କନ୍ୟାଙ୍କ ଶାଢ଼ି ପସନ୍ଦ ନ ଆସିବାରୁ ଉଠି ଚାଲିଯାଇଥିବା କହିଛନ୍ତି ହାସନ୍‌ର ଏସ୍‌ପି ଶ୍ରୀନିବାସ ଗୌଡ଼ା। ସେ କହିଛନ୍ତି, ରଘୁକୁମାର ଏବଂ ସଂଗୀତା ନାମ୍ନୀ ଜଣେ ଯୁବତୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିବା ପରେ ପରିବାର ସହମତିରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମାତ୍ର ସଂଗୀତା ବେଦିରେ ପିନ୍ଧିଥିବା ଶାଢ଼ି ରଘୁକୁମାରଙ୍କ ମାତାପିତାଙ୍କ ପସନ୍ଦ ଆସି ନ ଥିଲା। ଶାଢ଼ି ଖରାପ ଦିଶୁଛି ବୋଲି କହିବା ସହ ଏହାକୁ ବଦଳାଇବାକୁ କହିଥିଲେ। ଏହି ଛୋଟକଥାକୁ ନେଇ କଳିଝଗଡ଼ା ଆରମ୍ଭ ହେବା ସହ ସଂଗୀତାଙ୍କ ମାତାପିତା ଶାଢ଼ି ବଦଳାଇବାକୁ ରାଜି ହୋଇ ନ ଥିଲେ। ତେଣୁ ସେମାନେ ବିବାହ ବନ୍ଦ କରି ଦେଇଥିଲେ। ରଘୁକୁମାର ସେହିଦିନଠାରୁ ଫେରାର ହୋଇ ଯାଇଥିବା ବେଳେ ପୋଲିସ ତାଙ୍କ ନାମରେ ଏକ ମାମଲା ରୁଜୁ କରିଛି।



# ଗୋମୂତ୍ରରେ ରହିଛି ଅଧିକ ପୋଷକ ତତ୍ତ୍ୱ

ଇନ୍ଦୋର: ଗୁଜରାଟର ଜୁନାଗଡ଼ସ୍ଥିତ କୃଷି ବିଶ୍ୱବିଦ୍ୟାଳୟ ପକ୍ଷରୁ କରାଯାଇଥିବା ଏକ ଗବେଷଣା ରିପୋର୍ଟରେ ଗାଈ କ୍ଷୀର ତୁଳନାରେ ଗୋମୂତ୍ରରେ ଅଧିକ ପୋଷକ ତତ୍ତ୍ୱ ରହିଥିବା ଜଣାପଡ଼ିଛି। କ୍ଷୀରରେ ୫୧୦୦ ପୋଷକତତ୍ତ୍ୱ ଥିବାବେଳେ ଗୋମୂତ୍ରରେ ୫୬୦୦ ପୋଷକ ତତ୍ତ୍ୱ ରହିଛି। ଗୋବର ଏବଂ ଗୋମୂତ୍ରରୁ ହେଉଥିବା ଆୟ କ୍ଷୀର ବିକ୍ରିକରି ହେଉଥିବା ଆୟ ତୁଳନାରେ ୧୦ ଗୁଣା ଅଧିକ ବୋଲି ଜୈବିକ ଚାଷ ବିଶେଷଜ୍ଞ ରମେଶ ଭାଇ ରୁପାରେଲିୟା ସୂଚନା ଦେଇଛନ୍ତି। ଗୋପାଳନ କରୁଥିବା ଲୋକେ ଜୈବିକ ଚାଷକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ କହିଛନ୍ତି। ଜୈବିକ ସାର ପ୍ରୟୋଗ କରି ହେଉଥିବା ଖାଦ୍ୟଶସ୍ୟରେ ଅଧିକ ପରିମାଣର ସ୍ୱାସ୍ଥ୍ୟ ଉପଯୋଗୀ ପୋଷକ ତତ୍ତ୍ୱ ରହିଥାଏ। ଏସବୁ ଖାଦ୍ୟଶସ୍ୟ ବିଭିନ୍ନ ପ୍ରକାର ଶାରୀରିକ ସମସ୍ୟା ଦୂର କରିବାକୁ ସକ୍ଷମ ହୋଇଥାଏ ବୋଲି ସେ କହିଛନ୍ତି।





ଜମ୍ମୁ-କଶ୍ମୀରର ପୁଞ୍ଚ ଜିଲାରେ ପାକିସ୍ତାନ ପକ୍ଷରୁ ଅସ୍ତ୍ରବିରତି ଉଲ୍ଲଂଘନ କରାଯାଇଛି। ପାକ୍ ସେନା ପକ୍ଷରୁ ଶନିବାର ଅପରାହ୍ନ ୩.୪୫ରେ ଗୁଳିମାଡ଼ କରାଯିବା ଫଳରେ ଜଣେ ଭାରତୀୟ ଯବାନ ଶହୀଦ ହୋଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧିକାରୀ କହିଛନ୍ତି। ପୁଞ୍ଚର ନିୟନ୍ତ୍ରଣରେଖା ନିକଟ ଡେଗ୍ୱାର ସେକ୍ଟରରେ ଏଭଳି ଘଟଣା ଘଟିଛି। ପାକ୍‌ର ଏଭଳି ଗୁଳିମାଡ଼ ପରେ ଭାରତୀୟ ସେନା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଖରାପ ପାଗ: ବିମାନ ଉଡ଼ାଣ ବାତିଲ

ଝାରସୁଗୁଡ଼ା ଅଫିସ,୮।୨: ଝାରସୁଗୁଡ଼ାରେ ଶୁକ୍ରବାର କୋହଲା ପାଗ ସହିତ ବର୍ଷା ଲାଗି ରହିଥିଲା। ପାଗ ଖରାପ ଯୋଗୁ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ବିଭିନ୍ନ ସ୍ଥାନକୁ ଚଳାଚଳ କରୁଥିବା ସମସ୍ତ ବିମାନକୁ ବାତିଲ କରାଯାଇଥିଲା। ଏନେଇ ଆଲାଏନ୍ସ ଏୟାରର ଷ୍ଟେଶନ ମାଷ୍ଟର ଅଭିଜିତ ଶତପଥୀ ସୂଚନା ଦେଇଛନ୍ତି। ଷ୍ଟେଶନ ମାଷ୍ଟର ଅଭିଜିତଙ୍କ କହିବା ମୁତାବକ ଶନିବାର କୋଲକାତା, ଭୁବନେଶ୍ୱର, ରାୟପୁର, ଦିଲ୍ଲୀ ଆଦି ସ୍ଥାନକୁ ଚଳାଚଳ କରୁଥିବା ବିମାନଗୁଡିକ ବାତିଲ କରାଯାଇଥିଲା। ଶୁକ୍ରବାର ଭୁବନେଶ୍ୱର ଓ ରାୟପୁରକୁ ବିମାନ ଚଳାଚଳ କରିଥିବା ବେଳେ ପାଗ ଖରାପ ଯୋଗୁ କୋଲକାତା ଏବଂ ଦିଲ୍ଲୀକୁ ଯିବାକୁ ଥିବା ବିମାନ ବାତିଲ କରାଯାଇଥିଲା। ପ୍ରକାଶଥାଉ କି, ଝାରସୁଗୁଡ଼ାରେ ଗୁରୁବାରଠାରୁ କୋହଲା ପାଗ ସାଙ୍ଗକୁ ଝିପି ଝିପି ବର୍ଷା ଲାଗି ରହିଛି।

### ବଡ଼ରମା ରେଞ୍ଜରେ ମାଈ ହାତୀର ମୃତ୍ୟୁ

ଜମନକିରା,୮।୨(ଡି.ଏନ୍.ଏ.): ସମ୍ବଲପୁର ଜିଲା ଜମନ୍‌କିରା ବ୍ଲକ ବାମରା ବନ୍ୟ ପ୍ରାଣୀ ବନାଞ୍ଚଳ ଅନ୍ତର୍ଗତ ବଡ଼ରମା ରେଞ୍ଜ ପଥୁରିଆରେ ଶନିବାର ଏକ ମାଈ ହାତୀର ମୃତ୍ୟୁ ଘଟିଛି। ବନ ବିଭାଗ ହାତୀର ବ୍ୟବଚ୍ଛେଦ କରାଇ ମାଟିରେ ପୋତି ଦେଇଛି। ବନ ବିଭାଗ ପକ୍ଷରୁ ସୂଚନା ମୁତାବକ, କିଛି ଦିନ ହେଲା ଏକ ମାଈ ହାତୀ ଛୁଆ ସହ ବଡ଼ରମା ପଥୁରିଆ ଜଙ୍ଗଲ ପାଖାପାଖି ଅଞ୍ଚଳରେ ବୁଲାବୁଲି କରୁଥିଲା। ଏହା ଦେଖି ଗ୍ରାମବାସୀ ବନ ବିଭାଗକୁ ଜଣାଇଥିଲେ। ଏନେଇ ଶୁକ୍ରବାର ବଡ଼ରମା ବନ ବିଭାଗ ପକ୍ଷରୁ ଜମନକିରା ପ୍ରାଣୀ ଚିକିତ୍ସକ ଡା. ସାରଦାପ୍ରସନ୍ନ ସିଂ ବରିହାଙ୍କୁ ନେଇ ହାତୀର ଚିକିତ୍ସା କରିବାକୁ ଉଦ୍ୟମ କରାଯାଇଥିଲା। ହେଲେ ପାଖରେ ଛୁଆ ହାତୀର ଅବସ୍ଥିତି ଯୋଗୁ ଚିକିତ୍ସା ହୋଇପାରି ନ ଥିଲା। ଶନିବାର ବନ କର୍ମଚାରୀ ହାତୀର ଚିକିତ୍ସା ନେଇ ପହଞ୍ଚିଥିବା ବେଳେ ହାତୀଟି ମରି ପଡିଥିବା ଦେଖିବାକୁ ପାଇଥିଲେ। ବନ ବିଭାଗ ପକ୍ଷରୁ ଡାକ୍ତରୀ ଟିମ୍ ମହାୟତାରେ ହାତୀର ବ୍ୟବଚ୍ଛେଦ କରାଇ ପୋତି ଦିଆଯାଇଥିଲା। ହାତୀର ବୟସ ୫୦ରୁ ୬୦ ବର୍ଷ ଭିତରେ ହୋଇଥିବା ବେଳେ ବାର୍ଦ୍ଧକ୍ୟ ଯୋଗୁ ହାତୀର ମୃତ୍ୟୁ ହୋଇଥିବା ବାମରା ଡିଏଫ୍‌ଓ ନୃସିଂହଚରଣ ମିଶ୍ର ପ୍ରକାଶ କରିଛନ୍ତି। ଘଟଣାସ୍ଥଳରେ ଏସିଏଫ୍ ଯଦୁମଣି କେର୍କେଟା, ରେଞ୍ଜର ରିମ୍ବା ଜାମୁଡାଲିଆଙ୍କ ସହ ଫରେଷ୍ଟର, ଫରେଷ୍ଟଗାର୍ଡ଼, ବିଟ ଗାର୍ଡ଼ ପ୍ରମୁଖ ଉପସ୍ଥିତ ଥିଲେ।

### ଜ୍ୱରରେ ଆଦର୍ଶ ବିଦ୍ୟାଳୟ ଛାତ୍ର ମୃତ

ପାତ୍ରପୁର, ୮।୨(ଡି.ଏନ.ଏ.): ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ବାଦପୁର ଆଦର୍ଶ ବିଦ୍ୟାଳୟ ଦଶମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରଙ୍କର ଶନିବାର ଜ୍ୱରରେ ମୃତ୍ୟୁ ଘଟିଛି। ମୃତକ ହେଲେ ତୁମ୍ବାର ବିକାଶ ବେହେରା(୧୫)। ଗତ ସପ୍ତାହେ ହେଲୋ ବିକାଶଙ୍କୁ ଜ୍ୱର ହୋଇଥିବା ବେଳେ ଶନିବାର ଘରୁ ଔଷଧ ଖାଇ ପ୍ରିବୋର୍ଡ଼ ପରୀକ୍ଷା ଦେଉଥିଲେ। ପରୀକ୍ଷା ଚାଲିଥିବା ସମୟରେ ବିକାଶ ଅସୁସ୍ଥ ଅନୁଭବ କରି ଅଚେତ ହୋଇ ପଡ଼ି ଯାଇଥିଲେ। ଅଧକ୍ଷ ଏ ନେଇ ବିକାଶଙ୍କ ପରିବାର ଲୋକଙ୍କୁ ଜଣାଇବା ସହ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଯୁବକଙ୍କୁ ହତ୍ୟା, କାରଣ ଅସ୍ପଷ୍ଟ

ଫୁଲବାଣୀ,୮।୨(ଡି.ଏନ୍.ଏ.): କନ୍ଧମାଳ ଜିଲା ଟିକାବାଲି ବ୍ଲକ ସାରଙ୍ଗଡ଼ ଥାନା ଅନ୍ତର୍ଗତ ପାବୁରିଆ ବଜାରରେ ଶନିବାର ସନ୍ଧ୍ୟାରେ ଏକ ହତ୍ୟାକାଣ୍ଡ ଘଟିଛି। ପାବୁରିଆ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜଣେ ଯୁବକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତକ ହେଲେ ସ୍ଥାନୀୟ ଅଞ୍ଚଳର ସଚ୍ଚିଦାନନ୍ଦ ନାୟକ (୪୨)। ତାଙ୍କ ଶରୀରର ବିଭିନ୍ନ ସ୍ଥାନକୁ କୌଣସି ଅସ୍ତ୍ରରେ ହଣାଯାଇଥିବା ଦେଖାଯାଇଛି। ଏପରିକି ତାଙ୍କର ଗୋଟିଏ ହାତ କାଟି ଅନ୍ୟତ୍ର ପକାଯାଇଛି। ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଖବରପାଇ ଜି.ଉଦୟଗିରି ଏସ୍‌ଡିପିଓ ଜୟକୃଷ୍ଣ ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସାରଙ୍ଗଡ଼ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

# ମାଘ ମେଳାରେ ବର୍ଷା ଦାଉ



ମାଘ ମେଳାରେ ଶ୍ରଦ୍ଧାଳୁଙ୍କ ଭିଡ଼।

**ଢେଙ୍କାନାଳ ଅଫିସ, ୮।୨**

ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମାଘମେଳାର ସରସ ଲୁଟି ନେଇଛି ଅଦିନିଆ ବର୍ଷା। କୋହଲା ପାଗ ସାଙ୍ଗକୁ ତୁହାକୁ ତୁହା ହେଉଥିବା ଲଗାଣ ବର୍ଷା ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁଙ୍କ ପାଇଁ ଦାଉ ସାଧିଛି। ଫିକା ପଡ଼ିଛି ବ୍ୟବସାୟ। ହାତବାନ୍ଧି ବସିଛନ୍ତି ବ୍ୟବସାୟୀ। ପ୍ରତିକୂଳ ପରିବେଶ ପାଇଁ ରବିବାରଠାରୁ ଦୁଇଦିନ ଧରି ହେବାକୁ ଥିବା ମହିମା ମହୋତ୍ସବକୁ ସୋମବାରକୁ ଘୁଞ୍ଚାଇ ଦିଆଯାଇଛି। ଅନ୍ୟପଟେ ଚଳିତବର୍ଷ ଦୁଇଦିନ ପୂର୍ଣ୍ଣିମା ପଡୁଛି। ତେଣୁ ୩ଦିନ ଧରି ଝାଡ଼ଦୀପ ପ୍ରଜ୍ୱଳିତ ହେବ ବୋଲି ସୂଚନା ଦିଆଯାଇଛି।

ଶୁକ୍ରବାର ପ୍ରଥମ ଦିବସରେ ପ୍ରବଳ ଥଣ୍ଡା, କୋହଲା ପବନ ମାଡ଼ ସାଙ୍ଗକୁ ବର୍ଷା ସାଧୁସନ୍ନ୍ୟାସୀ ଏବଂ ଶ୍ରଦ୍ଧାଳୁଙ୍କ ସମସ୍ୟା ବଢ଼ାଇଥିଲା। ଶନିବାର ପାଗ ସ୍ୱାଭାବିକ ହୋଇଯିବ ବୋଲି ସମସ୍ତେ ଆଶା ବାନ୍ଧି ବସିଥିଲେ। ବିଶେଷ କରି ଦୂରଦୂରାନ୍ତରୁ ଆସି ପସରା ମେଲାଇଥିବା ବ୍ୟବସାୟୀମାନେ ଖରାଟିଆ ପାଗକୁ ଅନାଇଥିଲେ। ହେଲେ ସମସ୍ତଙ୍କୁ ନିରାଶ ହେବାକୁ ପଡିଛି। ମହିମା ଗାଦିର ରାସ୍ତାଘାଟ କାଦୁଅରେ ଭର୍ତ୍ତି ହୋଇପଡ଼ିଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦ୍ୱିତୀୟ ଦିନରେ ଜନସମାଗମ ଗତବର୍ଷ ତୁଳନାରେ ଅପେକ୍ଷାକୃତ କମ୍ ହୋଇଥିଲା। ଅନ୍ୟପଟେ ମାଘମେଳା ଉପଲକ୍ଷେ ଶନିବାର ମହିମା ଗାଦିରେ ଦେଶ ପୂର୍ଣ୍ଣିମା ପାଳିତ ହୋଇଛି। ମହିମା ସାଧୁ ସନ୍ନ୍ୟାସୀମାନେ ଝାଡ଼ଦୀପ ପ୍ରଜ୍ୱଳନ କରିବା ସହିତ ବିଶ୍ୱଶାନ୍ତି କାମନା କରି ଶୂନ୍ୟପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରିଥିଲେ।

- ଦ୍ୱିତୀୟ ଦିନରେ ବ୍ୟବସାୟ ଫିକା
- ହାତବାନ୍ଧି ବସିଛନ୍ତି ବ୍ୟବସାୟୀ
- ସୋମବାରକୁ ଘୁଞ୍ଚିଲା ମହିମା ମହୋତ୍ସବ
- ଯୋଡ଼ା ପୂର୍ଣ୍ଣିମା ପାଇଁ ୩ଦିନ ଜଳିବ ଝାଡ଼

ଏ ସଂକ୍ରାନ୍ତରେ ଯୋରନ୍ଦା ସରପଞ୍ଚ ପ୍ରଶାନ୍ତ କୁମାର ରାଉତ କୁହନ୍ତି, ଲଗାଣବର୍ଷା ଯୋଗୁ ସମସ୍ୟା ଉପୁଜିଛି। ବ୍ୟବସାୟୀମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ମେଳା ଦେଖିବାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ କାଦୁଅ ରାସ୍ତାରେ ବାଲି, ଚିପ୍ସ ପକାଯାଇଛି। ବର୍ଷା ଯୋଗୁ ମହିମା ମହୋତ୍ସବକୁ ଗୋଟିଏଦିନ ଘୁଞ୍ଚାଇ ଦିଆଯାଇଥିବା ସେ କହିଛନ୍ତି।

# ରାଷ୍ଟ୍ରୀୟ ଲୋକ ଅଦାଲତରେ ୧୦,୦୦୦ ମାମଲା ଫଇସଲା

**କଟକ ଅଫିସ,୮।୨**

ରାଜ୍ୟର ବିଭିନ୍ନ ତାଲୁକ ଏବଂ ଜିଲାସ୍ତରରେ ଶନିବାର ଚଳିତବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୯୯,୩୭୪ଟି ମାମଲା ବିଚାର ପାଇଁ ଆସିଥିବାବେଳେ ସେଥିମଧ୍ୟରୁ ୧୦,୧୦୨ଟି ମାମଲା ଆପୋଷ ସମାଧାନ କରାଯାଇଛି। କ୍ଷତିପୂରଣ ବାବଦରେ ୫୫କୋଟି ୯୮ଲକ୍ଷ ୯୨ହଜାର ୬୯୦ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରାକ୍ ବିବାଦ ସମ୍ପର୍କିତ ୫୨,୭୪୬ଟି ମାମଲାର ଶୁଣାଣି ପାଇଁ ଗ୍ରହଣ କରାଯାଇଥିବାବେଳେ ସେଥିମଧ୍ୟରୁ ୨୭୩୮ଟି ସମାଧାନ ହୋଇଛି। ବ୍ୟାଙ୍କ୍ ରିକଭରି ସମ୍ପର୍କିତ ୫୧,୮୧୬ ମାମଲାରୁ ୨୫୫୫ଟି ଫଇସଲା କରାଯାଇ ୧୦ କୋଟି ୩୮ ଲକ୍ଷ ୩୮୬୬ଟଙ୍କା କ୍ଷତିପୂରଣ ବାବଦରେ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ବିଦ୍ୟୁତ୍ ସଂକ୍ରାନ୍ତୀୟ ୧୧ଟି ମାମଲାରୁ ଗୋଟିଏର ସମାଧାନ କରାଯାଇ କ୍ଷତିପୂରଣ ବାବଦକୁ ୧ଲକ୍ଷ ୫୯ହଜାର ୭୨୦ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାଣି ବିଲ୍ ସଂକ୍ରାନ୍ତୀୟ ୭୦ଟି ମାମଲାରୁ ୬ଟି ସମାଧାନ କରାଯାଇ କ୍ଷତିପୂରଣ ବାବଦକୁ ୨ଲକ୍ଷ ୪ହଜାର ୭୫୨ ଆଦାୟ ହୋଇଛି। ଫୌଜଦାରି ବିବାଦ ସମ୍ପର୍କିତ ୮୪୯ଟି ମାମଲାରୁ ୧୭୬ଟି ସମାଧାନ ହୋଇଥିବାବେଳେ ୨୦ଲକ୍ଷ ୯୦ହଜାର ୨୯୨ଟଙ୍କା କ୍ଷତିପୂରଣ ବାବଦରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପଡ଼ିରହିଥିବା ମାମଲା ବା ପେଣ୍ଡିଂ କେସ୍ ୪୫, ୬୮୭ଟି ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୭୨୬୬ ମାମଲାର ସମାଧାନ କରାଯାଇ କ୍ଷତିପୂରଣ ବାବଦରେ ୪୦କୋଟି ୭୪ଲକ୍ଷ ୬୦ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ରାଜ୍ୟ ଆଇନ ସେବା ପ୍ରାଧିକରଣ ସଦସ୍ୟା ସଚିବ ମୀନାକ୍ଷୀ ଦାସ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ହାଇକୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୪୧ଟି ମାମଲା ବିଚାର ପାଇଁ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୯୮ଟିର ସମାଧାନ କରାଯାଇ ୪ କୋଟି ୭୨ ଲକ୍ଷ ୩୪ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ସଞ୍ଜୁ ପଣ୍ଡା, ହାଇକୋର୍ଟ ଆଇନସେବା କମିଟି ଅଧ୍ୟକ୍ଷ ଜଷ୍ଟିସ ସି.ଆର.ଦାଶଙ୍କ ମାର୍ଗଦର୍ଶନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଷ୍ଟିସ ସଙ୍ଗମ କୁମାର ସାହୁ, କେ.ଆର. ମହାପାତ୍ର, ବିଶ୍ୱନାଥ ରଥ, ଅକ୍ଷୟ ମିଶ୍ର, ସଞ୍ଜୀବ କୁମାର ମିଶ୍ର, ଜଷ୍ଟିସ ବିଭୁ ପ୍ରସାଦ ରାଉତରାୟ ପ୍ରମୁଖ ମାମଲାର ଫଇସଲା କରିଥିଲେ। ଆଇନସେବା ପ୍ରାଧିକରଣ ସଦସ୍ୟା ସଚିବ ମୀନାକ୍ଷୀ ଦାସ, ଉପସଚିବ ଦୀପକ ରଞ୍ଜନ ସାହୁ, ସହ ସଚିବ ରୁଦ୍ର ପ୍ରକାଶ ନାୟକ, ସଂସ୍ଥା ଅଧିକାରୀ କମଳାକାନ୍ତ କରଙ୍କ ସମେତ ଜିଲା ଏବଂ ତାଲୁକା ସ୍ତରର ବିଚାର ବିଭାଗ ଅଧିକାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

**୫୫କୋଟି ୯୮ଲକ୍ଷ ୯୨ହଜାର କ୍ଷତିପୂରଣ ନିର୍ଦ୍ଦେଶ**



ଓଡ଼ିଶା ହାଇକୋର୍ଟରେ ଅନୁଷ୍ଠିତ ଜାତୀୟ ଲୋକ ଅଦାଲତ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବେକାରେ ବେକା**
**ସିଏ କେଉଁ ପୁରୁଷରେ ଲେଖା**
**ତାକୁ କହ ସିଏ ପ୍ରମାଣ ଦେଉ**
**ସିଏ କାହା ପାଦକୁ ଲେଖା।**

ସାଧାରଣତଃ ମଣିଷ କେତେ ଦକ୍ଷ ବା ଯୋଗ୍ୟ ତାହା ତାଙ୍କ କାର୍ଯ୍ୟଶୈଳୀରୁ ହିଁ ଜଣାପଡ଼ିଥାଏ। ତେବେ କ୍ଷମତାଶାଳୀ ହୋଇ ନ ଥିବା ବା ଦକ୍ଷତା ନ ଥିବା ବ୍ୟକ୍ତି ଅନ୍ୟ ଆଗରେ ନିଜର ଆତ୍ମବଡ଼ିମା ଦେଖାଇ ବସିଲେ ପରିହାସର ପାତ୍ର ହେବା ସାର ହୋଇଥାଏ। ନିଜର ବୃଥା ବଡ଼ିମା ପ୍ରତିପାଦନ କରିବାକୁ ଯାଇ ଅପଦସ୍ଥ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବଳଦ ଠକ ତରେ**
**ମଣିଷ ଠକ ମରେ।**

ବଳଦ ଠାପୁଆ ହେଲେ ରକ୍ଷା ପାଇବାର ସମ୍ଭାବନା ଥାଏ। ପରନ୍ତୁ ମଣିଷ କାମ ଦାମ ନ କରି ବସି ରହିଲେ ବା ଠାପୁଆ ହେଲେ ନିଷ୍କର୍ମା ଯୋଗୁ ରୋଗଗ୍ରସ୍ତ ହୋଇଯାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଚାର୍ଜଶିଟ ପ୍ରଦାନରେ ଅବହେଳା: ଏଏସ୍‌ଆଇ ନିଲମ୍ବିତ

**ନିଳିମା ଦାସ ହତ୍ୟା ମାମଲା**



ଯୁଗଳ କିଶୋର ସା

ସମ୍ବଲପୁର,୮।୨(ବ୍ୟୁରୋ)

ଚାର୍ଜଶିଟ ପ୍ରଦାନରେ ବିଳମ୍ବ ତଥା କାର୍ଯ୍ୟରେ ଅବହେଳା ଯୋଗୁ ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଏଏସ୍‌ଆଇ ଯୁଗଳ କିଶୋର ସାଙ୍କୁ ଚାକିରିରୁ ଶନିବାର ନିଲମ୍ବନ କରାଯାଇଛି। ସୂଚନାଯୋଗ୍ୟ, ୨୦୧୯ ଜୁନ ୧୫ ତାରିଖରେ ବୁଢାରଜା ଅଞ୍ଚଳରେ ରହୁଥିବା ନିଳିମା ଦାସଙ୍କ ଘରେ ପଶି ସୌରଭ ଭଟ୍ଟାଚାର୍ଯ୍ୟ ନାମକ ଜଣେ ଯୁବକ ଚୋରି କରୁଥିଲେ। ସେତିକିବେଳେ ନିଳିମା ଉଠି ପଡିବାରୁ ସୌରଭ ତାଙ୍କୁ ଆକ୍ରମଣ କରିବା ସହିତ ତଣ୍ଟି ଚିପି ଚାଲିଯାଇଥିଲେ। ପରବର୍ତ୍ତୀ ସମୟରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏନେଇ ଅଇଁଠାପାଲି ଥାନାରେ ଏକ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଅଇଁଠାପାଲି ଥାନା ପୋଲିସ ଦଫା ୩୮୦, ୫୧୧ରେ ଏକ ମାମଲା (ନଂ.୨୪୬/୧୯) ରୁଜୁକରି ଅଭିଯୁକ୍ତ ସୌରଭଙ୍କୁ ଗିରଫ କରିଥିଲା। ହେଲେ ଜୁଲାଇ ୧୦ ତାରିଖରେ ଚିକିତ୍ସିତ ଅବସ୍ଥାରେ ନିଳିମାଙ୍କ ବୁର୍ଲା ମେଡିକାଲରେ ମୃତ୍ୟୁ ଘଟିଥିଲା। ଏନେଇ ପୋଲିସ ପରବର୍ତ୍ତୀ ସମୟରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମାମଲାର ତଦନ୍ତ ଏଏସ୍‌ଆଇ ଯୁଗଳ କିଶୋର ସାଙ୍କୁ ଦିଆଯାଇଥିଲା। ହେଲେ ମାମଲା ରୁଜୁ ହେବାର ୧୨୦ଦିନ ମଧ୍ୟରେ ପୋଲିସ ଚାର୍ଜଶିଟ ପ୍ରଦାନ କରିବା କଥା। ହେଲେ ୧୨୧ ଦିନ ଅର୍ଥାତ ଦିନକ ବିଳମ୍ବରେ ଏଏସ୍‌ଆଇ ଯୁଗଳ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ଫଳରେ କୋର୍ଟ ଅଭିଯୁକ୍ତ ସୌରଭଙ୍କୁ ଜାମିନ ପ୍ରଦାନ କରିଥିଲେ। ଅନ୍ୟପକ୍ଷେ ପୋଲିସ କାର୍ଯ୍ୟରେ ଅବହେଳା କରିବା ସହ ବିଳମ୍ବରେ ଚାର୍ଜଶିଟ ପ୍ରଦାନ କରିଥିବାରୁ ଅଭିଯୁକ୍ତଙ୍କୁ ଜାମିନ ମିଳିଥିବା ନିଳିମାଙ୍କ ପରିବାର ଲୋକେ ସମ୍ବଲପୁର ଏସ୍‌ପି କନୱର ବିଶାଲ ସିଂଙ୍କୁ ଭେଟି ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ ପରେ ମାମଲାର ତଦନ୍ତ ଅଧିକାରୀ ଏଏସ୍‌ଆଇ ଯୁଗଳ କାର୍ଯ୍ୟରେ ଅବହେଳା କରିଥିବା ଏସ୍‌ପି ସିଂ ଜାଣିବାକୁ ପାଇଥିଲେ। ଏନେଇ ଯୁଗଳଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିବା ଅଇଁଠାପାଲି ଥାନା ଅଧିକାରୀ ଯୋଗେଶ ପଣ୍ଡା ସୂଚନା ଦେଇଛନ୍ତି।

**CENTRAL ELECTRICITY SUPPLY UTILITY OF ODISHA**
IDCO TOWERS (2nd Floor), Janapath, Bhubaneswar-751022, Odisha
Phone : 0674-2541575, Fax : 0674 - 2543125
Website : www.cescoorissa.com / www.cesuodisha.com

**PUBLIC NOTICE**

**Case No. 70/2019 & 77/2019** - Hearing of Application on Aggregate Revenue Requirement (ARR), Wheeling Tariff & Retail Supply Tariff of CESU for the FY 2020-21.
In continuation to the Public Notice in the matter on dated 22.01.2020, it is hereby informed that, Persons/Organizations interested to participate in the hearing may participate by making spot registration at the hearing venue, between 10 A.M. to 11 A.M. with Aadhaar Card or any other valid identity proof. **Hearing Venue :** OERC Office, Plot No.4, Chunukoli, Sailashree Vihar, Bhubaneswar - 751021.
**Date : 10.02.2020, Hearing Time : 11 A.M., Registration Time : 10 A.M. - 11 A.M.**
Sd/-
Chief Executive Officer




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ସାମାନ୍ୟ ବର୍ଷା ହେବା ସହ ଶୀତ ଅନୁଭୂତ ହେବ।
**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ଆଂଶିକ ମେଘୁଆ ରହିବା ସହ ସାମାନ୍ୟ ବର୍ଷା ହେବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୪ ଡିଗ୍ରୀ ଏବଂ ସର୍ବନିମ୍ନ ୧୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୧୭.୨ | ୧୩.୦ |
| ଚାନ୍ଦବାଲି | ୧୯.୬ | ୧୪.୮ |
| କଟକ | ୧୯.୬ | ୧୫.୪ |
| ପାରାଦ୍ୱୀପ | ୨୨.୦ | ୧୬.୭ |
| ଭୁବନେଶ୍ୱର | ୨୦.୬ | ୧୬.୬ |
| ଗୋପାଳପୁର | ୨୪.୪ | ୧୮.୩ |
| ପୁରୀ | ୨୧.୬ | ୧୫.୬ |
| ଅନୁଗୋଳ | ୧୮.୭ | ୧୧.୬ |
| ବାରିପଦା | ୧୯.୦ | ୧୫.୨ |
| ଝାରସୁଗୁଡ଼ା | ୧୬.୮ | ୧୩.୫ |
| କେନ୍ଦୁଝର | ୧୫.୨ | ୧୩.୧ |
| ସମ୍ବଲପୁର | ୧୭.୬ | ୧୩.୬ |
| ସୁନ୍ଦରଗଡ଼ | ୨୫.୫ | ୧୧.୦ |
| ହୀରାକୁଦ | ୧୭.୭ | ୧୫.୧ |
| ତାଳଚେର | ୨୦.୩ | ୧୬.୩ |
| ଭବାନୀପାଟଣା | ୧୮.୬ | ୧୭.୨ |
| ବଲାଙ୍ଗୀର | ୨୧.୨ | ୧୫.୮ |
| କୋରାପୁଟ | ୨୭.୦ | ୧୬.୨ |
| ଫୁଲବାଣୀ | ୧୮.୦ | ୧୬.୦ |
| ଟିଟିଲାଗଡ଼ | ୧୯.୬ | ୧୨.୦ |
| ମାଲକାନଗିରି | ୩୧.୨ | ୨୦.୨ |
| ସୋନପୁର | ୧୯.୮ | ୧୧.୫ |
| ଦାରିଙ୍ଗିବାଡ଼ି | ୧୬.୫ | ୧୩.୦ |

ଡିଗ୍ରୀ ସେଲ୍‌ସିୟସ୍

No. V-82:-

ଓଡ଼ିଶା ସରକାର

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ**

**ବିଜ୍ଞପ୍ତି**

ଆସନ୍ତା ତା୧୦।୦୨।୨୦୨୦ରିଖ ପୂର୍ବାହ୍ନ ଘ.୧୧.୦୦ଟା ସମୟରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନସ୍ଥ ସମସ୍ତ ବିଦ୍ୟାଳୟରେ ଶିକ୍ଷକ ଓ ଅଭିଭାବକଙ୍କ ମିଳିତ ବୈଠକ ଅନୁଷ୍ଠିତ ହେବ। ଏଣୁ ସମସ୍ତ ଅଭିଭାବକମାନଙ୍କୁ ବିଭାଗ ତରଫରୁ ଅନୁରୋଧ କରାଯାଉଛି କି, ଆପଣମାନେ ଉକ୍ତ ବୈଠକରେ ବହୁ ସଂଖ୍ୟାରେ ଯୋଗଦାନ କରି ସଭାଟିକୁ ସାଫଲ୍ୟ ମଣ୍ଡିତ କରିବେ।

ଆପଣମାନେ ବିଦ୍ୟାଳୟରେ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ପ୍ରଣୟନ କରାଯାଇଥିବା ନିରାପତ୍ତା, ସୁରକ୍ଷା ଏବଂ ସ୍ୱାସ୍ଥ୍ୟର ସୁରକ୍ଷା ସମ୍ବନ୍ଧରେ ଶିକ୍ଷକମାନଙ୍କ ସହିତ ଆଲୋଚନାରେ ଅଂଶଗ୍ରହଣ କରିବେ। ଏତଦ୍‌ବ୍ୟତୀତ ଛାତ୍ରଛାତ୍ରୀମାନଙ୍କ ବିକାଶ ନିମନ୍ତେ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଉଥିବା ବିବିଧ ଯୋଜନାର ସଫଳ ରୂପାୟନ ସମ୍ବନ୍ଧରେ ଆଲୋଚନାରେ ଭାଗ ନେଇ ବିଭାଗ ଅଧୀନସ୍ଥ ବିଦ୍ୟାଳୟ ଏବଂ ଛାତ୍ରଛାତ୍ରୀଙ୍କୁ ଆଗକୁ ଯିବାରେ ସହାୟକ ହେବେ।

ସ୍ୱା./- ପ୍ରମୁଖ ଶାସନ ସଚିବ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

OIPR-26001/11/0027/1920

# SUNDAY classifieds




## BRIDE WANTED

Handsome Khandayat boy 30, Govt Job, Sr.Asst BBSR.9090703282. D-16605

Son age 29 caste-no-bar B.Tech IIT Madras MBA ISB working Consultant at Delhi 35 lakhs 6372748613. D-16553

Wanted Khandayat Bride, 5'5", Age-(within 30years), fair, slim, Post Graduate, for the Groom 43years, 5'8", MBA, LLB, having Construction Business in Bhubaneswar. Contact-9861022055, 9938219397. D-16609

Brahmin Administrator 35/5'9" Cuttack searching Bride (Odisha). 8338083380, 8480611745. D-68990

Son Age 29 B.Tech NIT MBA XIMB Working Senior Manager at Bangalore 30 lakhs cast Karan 8144589551. D-16612

Wanted any Karan Bride divorcee-Medicine MR candidate issueless age 36. Contact: 8144731843. D-16607

୩୨ବର୍ଷ/ ୫ଫୁଟ ୬ଇଞ୍ଚ/ **M.Tech, KIIT ରୁ, Ph.D, NIT Patnaରୁ** କରି **VIT-AP** ୟୁନିଭର୍ସିଟିରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟରତ ସୁନ୍ଦର ତେଲି ଯୁବକଙ୍କ ପାଇଁ ଗୌରବର୍ଣ୍ଣା ଗ୍ରାଜୁଏଟ ବା ତଦୂର୍ଦ୍ଧ ପାତ୍ରୀ ଆବଶ୍ୟକ। **9771857180, 9939028465.** D-16606

For M.Tech, (IIT Bombay), Internship (Steinbeis University Germany) Qualified Commander in Indian Navy. Contact- +919438183860. D-16583

Khandayat boy 6'0", 1989, B.Tech, 6/3 service at BOI wanting for only Banking tall and beautiful girl, 9040120506, 7608969523. D-67535

## GROOM WANTED

Girl age 28 caste-no-bar B.Tech NIT Rourkela work Airport Authority of India Air Traffic Controller Officer 7008986005. D-16551

ଜାତିବନ୍ଧନ ନାହିଁ। 38, 5'.4", M.Sc, B.Ed, Govt. Lecturer ମାସିକ ଆୟ 45,000/- ପାଇଁ ଅବିବାହିତ, ବିପତ୍ନୀକ, ଘରଜ୍ୱାଇଁ ବର ଗ୍ରହଣୀୟ ହେବେ। 8462050474. D-16610

Girl age 30 Bengali B.Tech work Nationalised Bank Asst. Manager 7008986003. D-16552

46ବୟସ୍କା divorcee ନିଃସନ୍ତାନ Government ଚାକିରିଆ ତେଲି ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 7381460017. D-67930

Beautiful Khandayat girl 5'6", B.Tech, 1994, 2/1 and 5'4", 1988, MBA, 20/9 wanting for Govt/ Softwere tall boys, 9040120506, 7608969523. D-67534

Brahmin beautiful girl 5'4", 1992, 24/11 Plastic Surgery Doctor at Ludhiana wanting for Delhi, Hariyana, Punjab Bramhin boys, 9040120506, 7608969523. D-67536

**Now Matrimonial ads. only on Wednesday & Sunday Book 1 Get 1 FREE**




## SALE

ITwenty 2017, Hondacity 2014, KUV100 2016, Pajero 2010, Maruti SX4 : 9937153557. D-67287

## HIRE

Wanted 14 Chakia Truck on monthly hire. If somebody want to give, contact: 7809525452. D-68781




## SALE

ଭୁବନେଶ୍ୱର ହଂସପାଳଛକଠାରୁ **4k.m** ଦୂରତାରେ **30'** ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣୁପୁର ପେଟ୍ରୋଲ ପମ୍ପ ପାଖରେ **@ 10,80,000/-, 9437033320.** D-68479

1550sqft. gharabari plot for sale near Palasuni Canal Road, Bhagabat Sandhan, Bhubaneswar Price 52 lakh, 9861234908. D-68997

ଭୁବନେଶ୍ୱର କଟଣୀଗେଟ୍‌ଠାରେ **Sqft.200/-,** ବାଳକାଟି ବଜାରରୁ **2k.m Sqft.550/-** (ଘରବାରି) କଟକ ତ୍ରିଶୁଳିଆରୁ **4k.m Sqft.300/-**ରେ ପ୍ଲଟ୍ ମିଳୁଛି। **9348020724, 7978939440.** D-68472

Plot sale Banguary (Hanspal) 1300/- per sqft. construction 450/- and 850/- per sqft. Contact: 8018961216. D-16372

**2BHK flat 1120sqft. adjecent to Mountlitera Zee School Kateni Bhubaneswar for sale @ 18,50,000/-**, 9937847725.** D-16588

Finished Simplex, 2BHK- 33,00,000/, 1BKH- 23,00,000/, near Hanspal, 8908015464, 9853347909. D-68483

**4000 sqft. GA plot immediately sale at Surya Nagar, Bhubaneswar. Only buyer contact Deepak: 9937329999.** D-68059

4/5 BHK Duplex at Balianta. Construction - 2200 @ 60Lakhs/ 2600 @ 70Lakhs. Finance by LIC. Mplanets: 9938219397, 9861022055. D-16589

Gharabari plots eastfacing developed boundary Tankapaniroad Sai Mandir sqft. 1600/-, 7735738102. D-16572

Buy 1/2/3BHK luxury flats at Bhubaneswar near SUM Hospital Gothapatna with many amenities. 9078263828. D-16530

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-16587

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-16225

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 5,50,000. Contact: 8908492594. D-16256

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-16586

Plot sale sqft. Rs. 290/-, ମଞ୍ଚେଶ୍ୱର, କଟକ, ଗୋପାଳପୁର, ସାମନ୍ତରାଏପୁର, ଟଙ୍କପାଣି ରୋଡ। 8895778043. D-16573

ଭୁବନେଶ୍ୱର ପିତାପଲ୍ଲିଛକ ପାଖରେ **30'** ରାସ୍ତା **Electricity, boundary plot** ମିଳୁଅଛି। **6372852525.** D-68474

Demarketed gharabari plot sale near Sundarpada 550 per sqft. close to 100' road. Contact: 8018516246. D-68766

ଭୁବନେଶ୍ୱର **AIIMS Medical** ଠାରେ **30'** ରାସ୍ତାଥାଇ **yellowzone,** ଘରବାରି, **boundary plot** ମିଳୁଅଛି। **1st possesion/ registration- 9937819395.** D-68481

4600sqft. homestead land for sale Unit-9 area, Saheed Nagar, Bhubaneswar. Contact: 9437462688, 9337110909. D-67284

ଭୁବନେଶ୍ୱର **Sumhospitalରୁ 4k.m 100'** ରୋଡ଼କୁ ଲାଗି **Tamando Kendriyaviharଠାରେ yellowzone** ଘରବାରୀ ପ୍ଲଟ **8763886290, 9348767829.** D-68486

1630 sqft residential land for sale, near Police Academy, Dumduma, Near National Highway. Price 2550 per sqft. 9861234908. D-68994

**Guest house for sale at Puri, G+3 building 5200sqft. builtup on 2400sqft. plot including 11 rooms. Details: realestateindia.com 9777386474.** D-68576

Book 3BHK duplex having land area 1400 sqft and construction area 2100 sqft, At - Nandan Vihar, Patia, Bhubaneswar. Price - 77 Lakhs, 9861234908. D-68995

Bhubaneswar ଏୟାରପୋର୍ଟରୁ 7km. ଦୂରରେ 1500sqft. ଘରବାରି ପ୍ଲଟ୍ 13,50,000/-, ନେଇ ଘରକରନ୍ତୁ। Contact: Pinky 6370476317. D-68577

ଭୁବନେଶ୍ୱର କଟଣୀଗେଟ୍‌ଠାରେ **sqft-185/-, SC plot sqft-180/-,** ନଖରା **SC plot sqft-390/- IIT** ଅରଗୁଳ **sqft-120/-, immediate possession/ registration, 8144706560, 7750909843.** D-68488

A Two Bedroom MIG Ground Floor flat at GGP Colony, Rasulgarh, Bhubaneswar is available for sale. Interested persons are requested to Contact on these Numbers, 9937511325, 9777446890. D-16591




**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-16229

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**625sqft. Godown for rent with 3000sqft. free land near Odisha Biotech Park, Daspur, Bhubaneswar. Ph- 7008137195.** D-16613

60 feet road facing 2600 sqft Commercial Space (Ground Floor) VIP Area, Nayapalli. For Banks, Corporate Office and A shop of 200 sqft at same place for ATM/SHOP. Contact : 9337044222, 7978688119. D-68993

1200sqft. fully furnished Office space having with Furniture available at 2nd floor, Bapuji Nagar Bhubaneswar @ 12000/- & 700sqft. at 3rd floor @ 7000/-, Contact: 7008485542. D-67533

**2Bed room- 14,000/- (negotiable), first floor, Bank/ Govt. employees, BJB Nagar, Bhubaneswar. Contact: 9899614970, 9899899853.** D-67286

A/C halls ground floor 1500 sqft. and first floor 2500 sqft. suitable for Educational Institutes/ Offices at Patia near DLF Cybercity. Contact: 9437068052. D-16585

Room with toilet at Main Road, Soubhagyanagar for Off/ Res. 9000001508. D-67746

Space available at IRC Village near Bishal Megha Mart suitable for office/ Clinic- 9090901043. D-68061




Hindustan Packers & Movers shifting of household goods, office & bike (all over India). 9437045552, 9937288024. D-16608

Shivam logistic packers movers. Household/ car relocation countrywide. 9777044177, 9338461133. D-16351




Refresh your mind and soul with best therapy at Orchid Salon/Spa. 9937287222. D-68775

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68773

Full body herbal massage with refreshment expert therapist. 7381239385, 06742540855. D-68983

Experience full body massage with us (expert). Call: 7377048581, 06742597822. D-68984

Monalisa Massage Club: All types body massage with hiprofile smart lady rooms service available- 9708545108. D-16557

Sai herbal spa refresh your body with smart, expert therapist. 7608062524. D-68991

Herbal full body massage by smart / expert therapist. Contact: 8338067247. D-68985

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68986

Kasturi massage club, fully relaxed by expert lady, home service: 9178845612. D-68779

Body massage @ 1099 at mystic Unisex Salon and Spa. 9556978408. D-68988

Rejuvenate and Ayurvedic full body massage by smart therapist. 9114402304. D-68987

Ayurvedic full body massage ladies and gents. Contact: 9861064981. D-68778




Offering stitching work contract for 75000 Qty. Bedsheets only for experienced, capable, registered tailoring professionals. Contact (1) Urushi Ethnic Studio Private Limited, Tankapani, Bhubaneswar 9238239786 (2) MS Metallization Private Limited, New Industrial Estate, Jagatpur, 6370368713 (3) Padmalaya Textile of India, New Industrial Estate, Jagatpur 9438804164 (4) Florence Fabrics, Electronic City 1, Bangalore 7899300505. D-16584

୪୯୯୯/- ରେ ନିଜର Business କରନ୍ତୁ। ଦିନକୁ ୧୦୦୦ କମାନ୍ତୁ। Mob: 9777434078. D-16575

Marriage Mandap/ Bhoji all kinds of work available for instant arrangement at Bhubaneswar- 9937560970. D-68062

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ
କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## CLASSIFIED BOOKING STATIONS

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384

**AMAN ADDCARE**
Plot No: 114/7, Airport Square, Bhimpur, Bhubaneswar- 751020
Email ID: amamaddcare@gmail.com
Whatsapp & Mobile No: 9937426436, 9853380364

**ANITA ADVERTISER**
S-17, BDA Market Complex, Nilakantha Nagar, Near Passport Office, Nayapalli, BBSR-12
Chinmaya Choudhury
Ph:9338991113, 9439811130
Email: anitaadvt@gmail.com

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BERHAMPUR DHARITRI OFFICE**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**ANNAPURNA COMMUNICATION**
Qtr-VII, H-185, C.S.Pur, BBSR
Prabina Kumar Mohanty
Ph: 9337336614, 7008967858

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଦୁଃଖିଶ୍ୟାମ ବାରିକ**
ବାଲିଅନ୍ତା (ମାଟିକୋଟ), ଭୁବନେଶ୍ୱର
ଆବିର୍ଭାବ: ୨୫।୦୩।୧୯୩୬
ତିରୋଧାନ: ୧୯।୦୨।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଭକ୍ତିପୂତ ପ୍ରାର୍ଥନା କରୁଛୁ ।
**ଶୋକସନ୍ତପ୍ତ:**
ପୁତ୍ର: ଦୀନବନ୍ଧୁ, କୃପାସିନ୍ଧୁ, ନାତୁଣୀ: ମାମୁନୀ, ଟିକି, ଶ୍ରଦ୍ଧା, ନାତି: ଶ୍ରୀରାମ, ନାରାୟଣ ଓ ବନ୍ଧୁ ପରିବାରବର୍ଗ ।
ଧ-୪୭୭୭୭

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ପଞ୍ଚାନନ ନାୟକଙ୍କ**
ଚତୁର୍ଥ ଶ୍ରାଦ୍ଧବାର୍ଷିକ ଉତ୍ସବ ଓ ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ
ସ୍ଥାନ–ଟଙ୍କପାଣି, ଗ୍ରାମ–ଗଡ଼ଶ୍ରୀରାମପୁର ଭୁବନେଶ୍ୱର, ଖୋର୍ଦ୍ଧା
ତୁମର ଅମ୍ଳାନ ଆତ୍ମା ବିଭୁପଦ ତଳେ ଚିରଶାନ୍ତି ଲାଭକରୁ, ଏହାହିଁ ମହାପ୍ରଭୁ ଜଗତରନାଥ ଶ୍ରୀଜଗନ୍ନାଥ ଓ ମା' ଟଙ୍କପାଣିଙ୍କ ନିକଟରେ ବିନୀତ ପ୍ରାର୍ଥନା।
ହତଭାଗା: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ଆତ୍ମୀୟସ୍ୱଜନ, ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୧୬୪୨୬

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**✓ ଏ. ହେମାଙ୍ଗିନୀ ଆଚାରୀ**
ଗୋପବନ୍ଧୁ ନଗର, ଆସିକା (ଗଞ୍ଜାମ)
ଆବିର୍ଭାବ : ୧୦-୦୩-୧୯୪୧ ତିରୋଧାନ : ୧୯-୦୨-୨୦୧୯
ଆଜି ଆପଣଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମରଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ ।
- ଶୋକସନ୍ତପ୍ତ
ଏ. ଭବାନୀ ଶଙ୍କର ଆଚାରୀ
ଏ. ବଦ୍ରିନାଥ ଆଚାରୀ
ଏ. କେଦାରନାଥ ଆଚାରୀ
ଏ. ବିନାୟକ ଆଚାରୀ
ଏବଂ ପରିବାର ବର୍ଗ
ଧ-୬୬୬୨୮

### In loving Memory



**SOMNATH BANDYOPADHYAY IAS Retd.**
01.01.1943 - 30.01.2020
Prayer Service : At our residence on 09.02.2020 at 12:00 noon
*Forever in our thoughts*
Indira (Wife)
Aditya (Son)
Arpita (Daughter-in-Law)
Tisha & Tanisha (Grand Daughters)
ଧ-୧୬୬୧୧

### In Loving Memory of



**1954 - 2015**
Our Beloved Mother
**Mrs. Meera Tripathy**
Peacefully Left for her heavenly Abode on Tuesday 3rd February 2015
Fifth Annual Sradha: Sunday 09th February, 2020
Foundly Remembered
By: Haribandhu Tripathy and family members.
ଧ-୬୭୧୦୯

### ଏକାଦଶାହ ଉପଲକ୍ଷେ



**✓ ରମେଶ ଚନ୍ଦ୍ର ପଟ୍ଟନାୟକ**
ଅବସରପ୍ରାପ୍ତ ଡିଏସ୍‌ପି,
ଏନ/୫-୧୭୬, ଆଇଆରସି ଭିଲେଜ, ଭୁବନେଶ୍ୱର-୧୫
ଜନ୍ମସ୍ଥାନ : ଅଲାଭଡା, ମୁନିନ୍ଦା, ଡେଲାଙ୍ଗ, ଜି-ପୁରୀ
ଆବିର୍ଭାବ ୦୧.୦୫.୧୯୩୦
ତିରୋଧାନ : ୩୦.୦୧.୨୦୨୦
(ମାଘମାସ ଶୁକ୍ଳପକ୍ଷ ପଞ୍ଚମୀ ଗୁରୁବାର)
କାର୍ଯ୍ୟକାଳରେ ଆପଣଙ୍କ କର୍ତ୍ତବ୍ୟନିଷ୍ଠା ପାଇଁ ୧୯୮୪ମସିହାରେ ରାଷ୍ଟ୍ରପତି ପୁଲିସ ପଦକ ଦ୍ୱାରା ସମ୍ମାନିତ ହୋଇଥିଲେ। ଆପଣଙ୍କ ଆଦର୍ଶ, ଶ୍ରଦ୍ଧା, ସ୍ନେହ ସର୍ବୋପରି ପରୋପକାର ମନୋଭାବ ଆମପାଇଁ ସର୍ବଦା ପ୍ରେରଣା ହୋଇଥିବ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ - ସାନଭାଇ-ପୂର୍ଣ୍ଣ, ପୁଷ୍ପ, ଝିଅ-ଜ୍ୱାଇଁ, ପୁଅ-ବୋହୂ, ଭଣଜା, ଭାଣିଜୀ, ପୁତୁରା, ଝିଆରୀ, ନାତି ନାତୁଣୀ, ଅଣନାତି ଓ ବନ୍ଧୁ ପରିଜନ
ଧ-୬୮୪୭୪

" ବଜେଟ ୨୦୨୦-୨୧ରେ ଟାକ୍ସପେୟର ଚାର୍ଟର ଶୁଭାରମ୍ଭ କରାଯାଇଛି। ଦେଶରେ ଏକ ସରଳୀକୃତ ଟିକସ ବ୍ୟବସ୍ଥା ଆଣିବା ଦିଗରେ ସରକାର ଧ୍ୟାନ କେନ୍ଦ୍ରିତ କରିଛନ୍ତି।
– ନିର୍ମଳା ସୀତାରାମନ, ଅର୍ଥ ମନ୍ତ୍ରୀ



" ବଜାରରେ ଚାହିଦା ବଢାଇବା ଲାଗି ସରକାର ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଏଥି ଲାଗି ଲୋକଙ୍କ ହାତକୁ ଅଧିକ ଅର୍ଥ ଆସିବା ଉଚିତ।
– ପି. ଚିଦାମ୍ବରମ, ପୂର୍ବତନ ଅର୍ଥ ମନ୍ତ୍ରୀ



# ସୁଗମ ହେବ ଏମ୍‌ଏସ୍‌ଏମ୍‌ଇକୁ ଋଣ ଯୋଗାଣ



■ ବିନା କାରଣରେ ଋଣ ପାଇଁ ଅଗ୍ରାହ୍ୟ କଲେ ଅଭିଯୋଗ କରିପାରିବେ କମ୍ପାନୀ
■ ସ୍ପଷ୍ଟ କଲେ ଅର୍ଥମନ୍ତ୍ରୀ ସୀତାରାମନ

ନୂଆଦିଲ୍ଲୀ,୮-୨

ଅଣୁ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ଗୁଡିକୁ ଋଣ ଯୋଗାଣ ଧାରା ସୁଗମ ହେବ। ଯଦି ବିନା କୌଣସି କାରଣରେ ବ୍ୟାଙ୍କଗୁଡିକ ଏମ୍‌ଏସ୍‌ଏମ୍‌ଇଙ୍କୁ ଋଣ ଯୋଗାଣ ନେଇ ଅଗ୍ରାହ୍ୟ କରୁଥାନ୍ତି ତେବେ ଏହା ବିରୋଧରେ ସଂସ୍ଥାଗୁଡିକ ଅଭିଯୋଗ କରିପାରିବେ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶନିବାର ଏ ନେଇ ସୂଚନା ଦେଇଛନ୍ତି। ଏମ୍‌ଏସ୍‌ଏମ୍‌ଇ ଲାଗି ଏକ ସ୍ୱତନ୍ତ୍ର ସେଣ୍ଟର ଆଣିବା ଲାଗି ସାଧାରଣ ବଜେଟରେ ଅର୍ଥମନ୍ତ୍ରୀ ଘୋଷଣା କରିଥିଲେ। ଏହି ସେଣ୍ଟରରେ ଅଭିଯୋଗ କରାଯାଇ ପାରିବ ବୋଲି ସୀତାରାମନ ସ୍ପଷ୍ଟ କରିଛନ୍ତି। ସରକାର ଶୀଘ୍ର ଏହି ସେଣ୍ଟର କାର୍ଯ୍ୟକାରୀ କରାଇବେ ବୋଲି ସେ କହିଛନ୍ତି।

ଏମ୍‌ଏସ୍‌ଏମ୍‌ଇ ଅଭିଯୋଗର ଏକ କପିକୁ ସମ୍ପୃକ୍ତ ବ୍ୟାଙ୍କ ମ୍ୟାନେଜରଙ୍କୁ ପଠାଇ ପାରିବେ। ବଜେଟରେ ଏମ୍‌ଏସ୍‌ଏମ୍‌ଇ ଲାଗି ହୋଇଥିବା ବିଭିନ୍ନ ଘୋଷଣା ମଧ୍ୟରେ ଏହା ସାମିଲ ରହିଛି। ଋଣ ଯୋଗାଣ ଧାରା ତ୍ୱରାନ୍ୱିତ କରିବା, ଋଣ ପୁନର୍ଗଠନ ନେଇ ପଦକ୍ଷେପ ନିଆଯାଇଛି। ଏହା ପରେ ରିଜର୍ଭ ବ୍ୟାଙ୍କ ଋଣ ପୁନର୍ଗଠନ ଯୋଜନାର ଶେଷ ସମୟ ସୀମାକୁ ଚଳିତ ବର୍ଷ ଡିସେମ୍ବର ଯାଏ ବଢାଇଛି। ଦେଶର ଅର୍ଥ ବ୍ୟବସ୍ଥାକୁ ଏମ୍‌ଏସ୍‌ଏମ୍‌ଇର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ରହିଛି। ଏମ୍‌ଏସ୍‌ଏମ୍‌ଇ ଜିଡିପିକୁ ୨୮% ଏବଂ ରପ୍ତାନି କ୍ଷେତ୍ରରେ ୪୦% ଯୋଗଦାନ ରଖଛନ୍ତି। ଏହି କ୍ଷେତ୍ର ୧୧ କୋଟି ଲୋକଙ୍କୁ ନିଯୁକ୍ତି ଯୋଗାଇଛି। ଅର୍ଥ ବ୍ୟବସ୍ଥାକୁ ଏହି କ୍ଷେତ୍ରର ଅବଦାନ ମହତ୍ୱପୂର୍ଣ୍ଣ ବୋଲି ରିଜର୍ଭ ବ୍ୟାଙ୍କ ନିକଟରେ ମତ ରଖିଛି। ସମ୍ପତ୍ତି ସୃଷ୍ଟି ଏବଂ ଭିତ୍ତିଭୂମିରେ ନିବେଶକୁ କେନ୍ଦ୍ର ସରକାର ପ୍ରାଥମିକତା ଦେଇଥିବା ସୀତାରାମନ କହିଛନ୍ତି। ବେପରୁଆ ହୋଇ ଋଣ ପ୍ରଦାନ ଯୋଗୁ ଅର୍ଥ ବ୍ୟବସ୍ଥା ଉପରେ ଏହାର ଖରାପ ପ୍ରଭାବ ପଡିଛି। ଏନ୍‌ପିଏ ଅହେତୁକ ବଢିଥିବା ବେଳେ ଏହାକୁ ସୁଧାରିବା ଲାଗି ଅନେକ ଦିନ ଲାଗିଗଲା। ମାତ୍ର ଏବେ ମଧ୍ୟ ଦେଶର ଅର୍ଥ ବ୍ୟବସ୍ଥାର ମୌଳିକ ଢାଞ୍ଚା ଦୃଢ ରହିଥିବା ସୀତାରାମନ ମତ ରଖିଛନ୍ତି।

# ଅଟୋ ଏକ୍ସପୋରେ ଇଭିର ଇ-ଯାନ ଉନ୍ମୋଚିତ



ଭୁବନେଶ୍ୱର,୮-୨

ଇଭି ଇଣ୍ଡିଆ ପକ୍ଷରୁ ଗ୍ରେଟର ନୋଏଡାରେ ଅନୁଷ୍ଠିତ ହୋଇଥିବା ଅଟୋ ଏକ୍ସପୋରେ ଏହାର ୨ ଇ-ଯାନ ମଡେଲ ଉନ୍ମୋଚନ କରାଯାଇଛି। ଏହା ମଧ୍ୟରେ ଟେସେରୋ ଏବଂ ଫୋରସେଟି ଭଳି ମଡେଲ ସ୍ଥାନିତ ହୋଇଛି। ଇଭି ଇଣ୍ଡିଆ ଇଲେକଟ୍ରିକ ୨ ଚକିଆ ଇ-ଯାନ ଲାଗି ଏକ ଷ୍ଟାର୍ଟ ଅପ କମ୍ପାନୀ ହୋଇଥିବା ବେଳେ ଇ-ବାଇକ ବର୍ଗରେ ଟେସେରୋ ଏବଂ ରେଟ୍ରୋ ସ୍କୁଟର ବର୍ଗରେ ଫୋରସେଟିକୁ ପ୍ରସ୍ତୁତ କରିଛି। ଏହି ମଡେଲଗୁଡିକରେ ଅତ୍ୟାଧୁନିକ ସୁବିଧା ସୁଯୋଗ ଏବଂ ଉଚ୍ଚମାନର ପ୍ରଯୁକ୍ତି ରହିଛି। ଏହି ପ୍ରଡକ୍ଟଗୁଡିକ ଶୀଘ୍ର ବଜାରକୁ ଆସିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ସଦ୍ୟତମ ଉତ୍ପାଦକୁ ଉପସ୍ଥାପନ କରି ବହୁତ ଉତ୍ସାହିତ ବୋଲି ଇଭି ଇଣ୍ଡିଆର ସହ ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ହର୍ଷ ଦିଦ୍ୱାନିଆ ସୂଚନା ଦେଇଛନ୍ତି। ପରିବେଶ ପ୍ରସଙ୍ଗକୁ ବିଚାର କରି ଏହି ମଡେଲଗୁଡିକୁ ପ୍ରସ୍ତୁତ କରାଯାଇଛି। ଏହା ପରିବେଶ ଏବଂ ପ୍ରଯୁକ୍ତି ମଧ୍ୟରେ ସନ୍ତୁଳନ ଆଣିପାରିବ। ଏହା ଗ୍ରାହକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବା ନେଇ ଆଶାବାଦୀ ରହିଛି। ଏଠାରେ ଜେନିଆ, ଫୋରଯୁ ଏବଂ ଓ୍ୱିଣ୍ଡ ଭଳି ଉତ୍ପାଦଗୁଡିକୁ ପ୍ରଦର୍ଶନ କରାଯାଇଛି।

# ଉପକୂଳ ସୁରକ୍ଷା ପାଇଁ ଜିଓ-ଟେକ୍ସଟାଇଲ ଟ୍ୟୁବ୍



ଭୁବନେଶ୍ୱର,୮-୨

ଉପକୂଳ ସୁରକ୍ଷା କ୍ଷେତ୍ରରେ ଜିଓ ଟେକ୍ସଟାଇଲ ଟ୍ୟୁବ୍ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛି। କେନ୍ଦ୍ରାପଡା ଜିଲା ଉପକୂଳରେ ଏକ ଛୋଟିଆ ବସ୍ତି ପେଣ୍ଠାଠାରେ ଉପକୂଳ ପ୍ରକଳ୍ପ ସୁରକ୍ଷା କ୍ଷେତ୍ରରେ ୩ ସ୍ତରୀୟ ଜିଓ ଟେକ୍ସଟାଇଲ ଉପଯୋଗ କରି ବେଶ ସଫଳ ହୋଇପାରିଛି। ରାଜ୍ୟରେ ଏହି ପ୍ରକଳ୍ପ ଗତ ୩ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଛି। ଫାଇଲିନ, ହୁଡହୁଡ ଏବଂ ଫନୀ ବାତ୍ୟା ସମୟରେ ଜିଓ ଟେକ୍ସଟାଇଲ ବ୍ୟବହାର ଦ୍ୱାରା ଉପକୂଳ ଅଞ୍ଚଳର ସୁରକ୍ଷାକୁ ଅଧିକ ନିଶ୍ଚିତ କରାଯାଇ ପାରିଛି। ସୁନାମୀ ତଥା ଉଚ୍ଚ ଜୁଆରରୁ ଉପକୂଳକୁ ସୁରକ୍ଷିତ ରଖିବାରେ ଏହା ବେଶ୍ ସହାୟକ ହେଉଥିବା ଏଠାରେ ଏକ ଖବରଦାତା କାର୍ଯ୍ୟକ୍ରମରେ ବିଶେଷଜ୍ଞମାନେ କହିଛନ୍ତି। ଗୁରୁୱାରେ ଟେକ୍ନିକାଲ ଫାଇବର ଲିମିଟେଡ ଏହି ପ୍ରକଳ୍ପକୁ ସ୍ଥାପନ କରିଛି। ଏହା ବିଶ୍ୱ ବ୍ୟାଙ୍କ ସହାୟତାରେ ନିର୍ମାଣ କରାଯାଇଥିବା ବେଳେ ଏଥିରେ ୩୫ କୋଟି ଟଙ୍କା ବିନିଯୋଗ ହୋଇଛି।

୨୦୧୯ ଏପ୍ରିଲ ବାତ୍ୟା ସମୟରେ ପେଣ୍ଠା ଗାଁ ତଥା ନିକଟବର୍ତ୍ତି ଗାଁଗୁଡିକ ଜିଓ ସିନ୍ଥେଟିକ ଟ୍ୟୁବ୍‌ର ବ୍ୟବହାର ଯୋଗୁ ବିଶେଷ ପ୍ରଭାବିତ ହୋଇ ନ ଥିଲା। ଏହି ପ୍ରକଳ୍ପ ଦ୍ୱାରା ପେଣ୍ଠା ତଥା ଏହାର ନିକଟବର୍ତ୍ତୀ ଗ୍ରାମଗୁଡିକରେ ୬ ହଜାର ହେକ୍ଟର ଜମିରେ ଲୁଣା ପାଣି ମାଡିବାକୁ ପ୍ରତିରୋଧ କରାଯାଇଥିବା ଗୁରୁୱାରେ ଟେକ୍ନିକାଲ ଫାଇବର ଲିମିଟେଡର ଜିଓ ସିନ୍ଥେଟିକ୍ ଡିଭିଜନ ସଭାପତି ତିରୁ କୁଲକର୍ଣ୍ଣୀ କହିଛନ୍ତି। ପେଣ୍ଠା ପ୍ରକଳ୍ପ ସମୁଦ୍ରରେ ବନ୍ଧ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥାଏ। ଏହାକୁ ରାଜ୍ୟ ଜଳସମ୍ପଦ ବିଭାଗ ଦ୍ୱାରା ଆରମ୍ଭ କରାଯାଇଛି। ଏହାର ଡିଜାଇନ ଏବଂ ପ୍ରକଳ୍ପ ପରିଚାଳନା ପରାମର୍ଶ ମାଡ୍ରାସ ଆଇଆଇଟି ଦ୍ୱାରା କରାଯାଇଛି। ପେଣ୍ଠାର ବସ୍ତି ବାସିନ୍ଦାଙ୍କୁ ସୁରକ୍ଷା ଦେବା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ।

# ମାର୍ଚ୍ଚ ୧୧ରୁ ବ୍ୟାଙ୍କ ଧର୍ମଘଟ

ନୂଆଦିଲ୍ଲୀ,୮-୨

ବେତନ ସଂଶୋଧନ ଦାବିରେ ଦେଶର ବ୍ୟାଙ୍କ ସଂଘଗୁଡିକ ପକ୍ଷରୁ ଜାନୁୟାରୀ ୩୧ ଏବଂ ଫେବୃୟାରୀ ୧ରେ ୨ ଦିନିଆ ଧର୍ମଘଟ ଡାକରା ଦିଆଯାଇଥିଲା। ଏହି ସମୟରେ ମୋଟ ୪ ଦିନ ବ୍ୟାଙ୍କ ବନ୍ଦ ହୋଇଥିଲା। ଧର୍ମଘଟ ସଫଳ ହୋଇଥିବା ସଂଘଗୁଡିକ ପକ୍ଷରୁ ସୂଚନା ଦିଆଯାଇଥିଲା। ସଂଘଗୁଡିକ ଆସନ୍ତା ମାସ ୧୧ରୁ ପୁଣି ଥରେ ୩ ଦିନିଆ ଧର୍ମଘଟକୁ ଓହ୍ଲାଇବେ ବୋଲି ସୂଚନା ରହିଛି। ଯଦି ଏହି ଧର୍ମଘଟ ସଫଳ ହୁଏ ତେବେ ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ୫ ଦିନ ବ୍ୟାଙ୍କ ବନ୍ଦ ରହିପାରେ ବୋଲି କୁହାଯାଉଛି। ବ୍ୟାଙ୍କ ଏମ୍ପ୍ଲଇ ଫେଡେରେଶନ ଅଫ୍ ଇଣ୍ଡିଆ(ବିଇଏଫ୍ଆଇ) ଏବଂ ଅଲ୍ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଇଜ୍ ଆସୋସିଏଶନ (ଏଆଇବିଇଏ) ପକ୍ଷରୁ କୁହାଯାଇଛି ଯେ, ମାର୍ଚ୍ଚ ୧୧ରୁ ୧୩ ଯାଏ ବ୍ୟାଙ୍କ କର୍ମଚାରୀ ଧର୍ମଘଟକୁ ଓହ୍ଲାଇବାକୁ ନିଷ୍ପତ୍ତି ନିଆଯାଇଛି। ଇଣ୍ଡିଆନ ବ୍ୟାଙ୍କ ଆସୋସିଏଶନ ସହ ବେତନ ସଂଶୋଧନ ନେଇ ଆଲୋଚନା ବିଫଳ ହେବା ପରେ ଏଭଳି ପନ୍ଥା ଗ୍ରହଣ କରାଯାଇଛି। ଦ୍ୱିତୀୟ ଶନିବାର,ରବିବାର ସମେତ ବ୍ୟାଙ୍କ ୫ ଦିନ ବନ୍ଦ ହେବାର ଆଶଙ୍କା ରହିଥିବା ସୂଚନା ରହିଛି। ଏହି ସମୟରେ ଘରୋଇ ବ୍ୟାଙ୍କ କାରବାର ପ୍ରଭାବିତ ହେବ ନାହିଁ। ଏହି ଧର୍ମଘଟ ହେଲେ ଚଳିତ ବର୍ଷର ତୃତୀୟ ବ୍ୟାଙ୍କ ଧର୍ମଘଟ ହେବ। ଏହା ପୂର୍ବରୁ ଜାନୁୟାରୀ ୮ରେ ଭାରତ ବନ୍ଦ ଦିନ ବ୍ୟାଙ୍କ କାରବାର ପ୍ରଭାବିତ ହୋଇଥିଲା। ବିଭିନ୍ନ ଦାବିରେ ବ୍ୟାଙ୍କସଂଘଗୁଡିକ ଏପ୍ରିଲ ପହିଲାରୁ ଅନିର୍ଦ୍ଦିଷ୍ଟ କାଳ ଲାଗି ଧର୍ମଘଟକୁ ଓହ୍ଲାଇବେ ବୋଲି ଜଣାପଡିଛି।

# ଜିନ୍ଦେଗୀ ଫାଉଣ୍ଡେଶନ ଡାକ୍ତରୀ ଛାତ୍ରୀଙ୍କୁ ବୃତ୍ତି



ଭୁବନେଶ୍ୱର,୮-୨

ଜିନ୍ଦେଗୀ ଫାଉଣ୍ଡେଶନ ଡାକ୍ତରୀ ଛାତ୍ରୀ କୃଷ୍ଣା ମହାନ୍ତିଙ୍କୁ ଆମେରିକାର ସଲୋନୀ ଫାଉଣ୍ଡେଶନ ଦ୍ୱାରା ବୃତ୍ତି ପ୍ରଦାନ କରାଯାଇଛି। ସଲୋନୀ ହାର୍ଟ ଫାଉଣ୍ଡେଶନ ଆମେରିକାର ପ୍ରତିଷ୍ଠାତା ତଥା ବୋର୍ଡ ସଦସ୍ୟ ଇଞ୍ଜିନିୟର ହିମାଂଶୁ ସେଠ୍ ଜିନ୍ଦେଗୀ ଫାଉଣ୍ଡେଶନ ପ୍ରତିଷ୍ଠାତା ଅଜୟ ବାହାଦୁର ସିଂଙ୍କୁ ସାକ୍ଷାତ କରିଥିଲେ। ଏହି ଅବସରରେ ସେଠ୍ କ୍ରୀଷ୍ଣା ମହାନ୍ତିଙ୍କ ୫ ବର୍ଷର ଡାକ୍ତରୀ ପଢିବା ଖର୍ଚ୍ଚ ରହିବା, ଖାଇବାର ଖର୍ଚ୍ଚ ବହନ କରିବା ନେଇ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହା ସହ କ୍ରୀଷ୍ଣାଙ୍କୁ ଏକ ଲାପଟପ ମଧ୍ୟ ସେ ପ୍ରଦାନ କରିଛନ୍ତି। ସଲୋନୀ ହାର୍ଟ ଫାଉଣ୍ଡେଶନ ଆମେରିକାର ଏକ ଅଣ ଲାଭକାରି ସଂସ୍ଥା ହୋଇଥିବା ବେଳେ ଇଞ୍ଜିନିୟର ହିମାଂଶୁ ସେଠଙ୍କ ଦ୍ୱାରା ସ୍ଥାପନ କରାଯାଇଛି। ଶିଶୁ ହୃଦ୍‌ରୋଗ ଜନିତ ପରାମର୍ଶ ଦେବା ସଙ୍ଗେ ସଙ୍ଗେ ଡାକ୍ତରୀ ସହାୟତା ପ୍ରଦାନ କରୁଛି। ଠିକ୍ ପରାମର୍ଶ, ଉତ୍ତମ ଡାକ୍ତର, ତୁରନ୍ତ ଚିକିତ୍ସା ବ୍ୟବସ୍ଥା ଦ୍ୱାରା ଶିଶୁ ମୃତ୍ୟୁ ଉପରେ ଅଙ୍କୁଶ ଲଗାଇବା ଦିଗରେ ଏହି ଫାଉଣ୍ଡେଶନ କାର୍ଯ୍ୟ କରୁଛି।

# ୟୁନାଇଟେଡ ବ୍ୟାଙ୍କର ତୃତୀୟ ତ୍ରୈମାସ ଫଳାଫଳ

ଭୁବନେଶ୍ୱର,୮-୨: ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ)ର ତୃତୀୟ ତ୍ରୈମାସ ଫଳାଫଳ ଘୋଷଣା କରାଯାଇଛି। ଏହି ସମୟରେ ବ୍ୟାଙ୍କର ମୋଟ କାରବାର ୨.୦୮ ଲକ୍ଷ କୋଟି ରହିଥିବା ବେଳେ ଜମା ୧.୩୪ ଲକ୍ଷ କୋଟି ଟଙ୍କା ଏବଂ ଅଗ୍ରୀମ ୭୩,୯୯୧ କୋଟି ଟଙ୍କା ରହିଛି। ବ୍ୟାଙ୍କର ଜମା କ୍ଷେତ୍ରରେ ୪.୬୮% ଏବଂ ଅଗ୍ରୀମ ୬.୭୯% ବଢିଥିବା ବେଳେ ମୋଟ ବାଣିଜ୍ୟ ଅଭିବୃଦ୍ଧି ୫.୪୨% ରହିଛି। ୬୯,୧୫୧ କୋଟି ଟଙ୍କାର କାସା ଜମା ରହିଥିବା ବେଳେ ମୋଟ ଜମାକୁ ଏହାର ଅଂଶରେ ଉନ୍ନତି ଆସି ୫୧.୩୭% ରହିଛି। ଏଥିରେ ବାର୍ଷିକ ଅଭିବୃଦ୍ଧି ୧୮୮ ବେସିସ ପଏଣ୍ଟ ରହିଛି। ତୃତୀୟ ତ୍ରୈମାସରେ ବ୍ୟାଙ୍କର ନେଟ୍ ଲାଭ ୧୧୩.୫୬ କୋଟି, ପରିଚାଳନାଗତ ଲାଭ ୬୬୩.୯୨ କୋଟି ରହିଛି। ଏଥିରେ ୬୬.୪୫% ବୃଦ୍ଧି ଘଟିଛି। ମୋଟ ଏନ୍‌ପିଏ ଏବଂ ନେଟ୍ ଏନପିଏ ଉନ୍ନତି ଆସି ଯଥାକ୍ରମେ ୧୫.୪୮% ଏବଂ ୮.୫୬% ରହିଛି। ଏମ୍‌ଏସ୍‌ଏମ୍‌ଇକୁ ଫାଇନାନ୍ସ ଲାଗି ବ୍ୟାଙ୍କ ପକ୍ଷରୁ ୟୁନାଇଟେଡ ପ୍ରଗତି ଶୁଭାରମ୍ଭ କରାଯାଇଛି। ଅଟଳ ପେନଶନ ଯୋଜନା ପଲିସି କ୍ଷେତ୍ରରେ ଯୋଗଦାନ ଲାଗି ବ୍ୟାଙ୍କ ସମ୍ମାନିତ ହୋଇଛି। ଏହିଭଳି ଭାବେ ମୋଟ ୪ଟି ଆୱାର୍ଡ ବ୍ୟାଙ୍କ ଲାଭ କରିଥିବା ସୂଚନା ରହିଛି।

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକର୍ଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

FINANCE FINANCE

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

BUSINESS BUSINESS

NIMBUS TELE SERVICES
ନଂ. ୧ ପଞ୍ଜୀକରଣ ସଂସ୍ଥା
ଦ୍ୱାରା ଆପଣଙ୍କର ଜମି, ଛାତ, ପ୍ଲଟ, କ୍ଷେତରେ ରେଡିଏଶନ ଫ୍ରି ଟାୱାର ଲଗାନ୍ତୁ
ଅଗ୍ରିମ ୬୫ ଲକ୍ଷ
ଭଡ଼ା ୭୫,୦୦୦ ମାସିକ
୨୦,୦୦୦ ଅନ୍ୟାନ୍ୟ ସୁବିଧା
8934880549
8112323047
Add.: 101, Shital Ganj, Manan Marg, Bulandsher (U.P.)

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋଡାଧନ, ସଟ୍ଟା, ଜୁଆ, ବଶୀକରଣ, ମୂଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଳି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
▶ ବିଜିନେସ୍ ଋଣ
▶ ସମ୍ପତ୍ତି ଋଣ
▶ ମାର୍କଶିଟ୍ ଋଣ
▶ ଆଧାର କାର୍ଡ ଋଣ
▶ ବ୍ୟକ୍ତିଗତ ଋଣ
▶ ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
୨୫ ବର୍ଷ ଧରି ଆପଣଙ୍କ ସେବାରେ, ଲକ୍ଷ ଲୋକଙ୍କ ଭରସା
ସମସ୍ତ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
ସମ୍ପର୍କ କରନ୍ତୁ କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ଖର୍ଚ୍ଚ ଋଣରୁ କଟିବ
ALL INDIA FINANCE
1 ଲକ୍ଷରୁ ୨୦ ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ *T&C
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
094682-97482
ADDRESS: T-51, GAUTAMPURI, DELHI

ହିନ୍ଦୁସ୍ତାନ ଟାୱାର
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। ୨୦୦୦୦୦୦ ଅଗ୍ରିମ + 60000 ଭଡ଼ା + ବାଇକ୍ + 20 ବର୍ଷର କୋର୍ଟ ଏଗ୍ରୀମେଣ୍ଟ।
7838639856
8929313996

ASTROLOGY ASTROLOGY

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୂଠକରଣ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା,ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା,ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା
ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହାଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ
• ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

DHARITRI Career appointment Every Wednesday and Saturday

TEJAS MOBILE NETWORK COMPANY
ତେଜସ୍ କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି ଓ ଛାତ ଉପରେ ଟାୱାର ବସାଇ ଅଗ୍ରୀମ 60,000,00/- ପାଆନ୍ତୁ ଓ ମାସକୁ ଭଡା 25,000/- ଟଙ୍କା ପାଆନ୍ତୁ । (ବିମା+ ମେଡିକାଲ ଖର୍ଚ୍ଚ ମାଗଣା)
ଆଜି ହିଁ ସଂପର୍କ କରନ୍ତୁ
Digital Xpress,Mini Shop No-7, City Point Complex,Bangalore-530068
Call / SMS Now
9691833895

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



“ ଇଣ୍ଡିଆନ ସୁପର ଲିଗ୍‌ରେ ମୁମ୍ବାଇ ସିଟି ଏଫ୍‌ସି ତରଫରୁ ଖେଳିବା ଦ୍ୱାରା ରକ୍ଷଣାତ୍ମକ ବିଭାଗରେ ଉନ୍ନତି ଘଟିଛି ।

–ରୋଲିନ୍ ବୋର୍ଗେସ
ଭାରତର ଅନ୍ତର୍ଜାତୀୟ ଫୁଟ୍‌ବଲର



“ ବର୍ତ୍ତମାନର ପିଢିରେ ବିରାଟ କୋହଲି ଏକମାତ୍ର ବ୍ୟାଟ୍ସମ୍ୟାନ ଯିଏକି, ଭବିଷ୍ୟତରେ ଜଣେ କିମ୍ବଦନ୍ତୀ ହୋଇ ବାହାରିବେ ।

–ମୋଇନ ଖାଁ, ପୂର୍ବତନ ପାକିସ୍ତାନ କ୍ରିକେଟର

## ସଂକ୍ଷେପରେ

### ଷ୍ଟେଟ୍ ବ୍ୟାଙ୍କ ଆନ୍ତଃ ମଣ୍ଡଳ ବାସ୍କେଟବଲ ଉଦ୍‌ଯାପିତ

**ଭୁବନେଶ୍ୱର, ୮।୨ (ସ୍ପୋର୍ଟ୍ସ ବ୍ୟୁରୋ):** ଷ୍ଟେଟ୍ ବ୍ୟାଙ୍କ ଆନ୍ତଃ ମଣ୍ଡଳ ବାସ୍କେଟବଲ କ୍ରୀଡ଼ା ପ୍ରତିଯୋଗିତା କଳିଙ୍ଗ ଷ୍ଟାଡିୟମ ବାସ୍କେଟବଲ୍ କମ୍ପ୍ଲେକ୍ସରେ ଉଦ୍‌ଯାପିତ ହୋଇଯାଇଛି। ଷ୍ଟେଟ୍ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ୧୨ଟି ମଣ୍ଡଳରୁ ୧୭୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରେ ବହୁ ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳି ସାମିଲ ହୋଇଥିଲେ। ଏହି ପ୍ରତିଯୋଗିତାରେ ହାଇଦ୍ରାବାଦ ମଣ୍ଡଳ ଚାମ୍ପିୟନ ଓ ଅହମ୍ମଦାବାଦ୍ ମଣ୍ଡଳ ରନର୍ସଅପ୍ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମଣ୍ଡଳ ମୁଖ୍ୟ ମହାପ୍ରବନ୍ଧିକା ତଥା ପୂର୍ବତନ ଉତ୍ତର ପ୍ରଦେଶ ଖେଳାଳି ପ୍ରବୀଣା କାଲା ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ ସଫଳ ଆୟୋଜନ ଲାଗି ବଧେଇ ଜଣାଇଥିଲେ।

### ଦୁଇ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**କଟକ ଅଫିସ, ୮।୨:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଆଦର୍ଶ କ୍ଲବ ଆନୁକୂଲ୍ୟରେ ୪ର୍ଥ ଦୁଇ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶନିବାରଠାରୁ ଆରମ୍ଭ ହୋଇଛି। ଏଥିରେ ରାଜ୍ୟର ପ୍ରମୁଖ ଖେଳାଳିମାନଙ୍କୁ ନେଇ ୮ଟି ଦଳ ଗଠନ କରାଯାଇଛି। ଟୁର୍ଣ୍ଣାମେଣ୍ଟର ଚାମ୍ପିୟନ ଦଳକୁ ଟ୍ରଫି ସହିତ ୩୧ହଜାର ଓ ରନର୍ସଅପ ଦଳକୁ ଟ୍ରଫି ସହିତ ୨୧ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ଉଦ୍‌ଘାଟନୀ ଉତ୍ସବରେ କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ନାଥ ସାହୁ, ସିଏମ୍‌ସିର ପୂର୍ବତନ ସ୍ୱାସ୍ଥ୍ୟ କମିଟି ଅଧକ୍ଷ ରଞ୍ଜନ ବିଶ୍ୱାଳ, ମନ୍ମଥନାଥ ସିଂ, ପ୍ରଭାକର ବର୍ଦ୍ଧନ ଅତିଥି ଭାବେ ଯୋଗ ଦେଇଥିଲେ।

# ସିରିଜ ଜିତିଲା ନ୍ୟୁଜିଲାଣ୍ଡ

**ଅକଲାଣ୍ଡ,୮।୨(ପି.ଟି.)**

ଟି୨୦ ସିରିଜ ପରାଜୟର ପ୍ରତିଶୋଧ ଦିନିକିଆରେ ନେଇଛି ଘରୋଇ ନ୍ୟୁଜିଲାଣ୍ଡ। ୫-୦ ବ୍ୟବଧାନରେ ଟି୨୦ ସିରିଜରେ ହ୍ୱାଇଟ୍‌ୱାଶ୍‌ର ସମ୍ମୁଖୀନ ହୋଇଥିବା ନ୍ୟୁଜିଲାଣ୍ଡ ଶନିବାର ଦ୍ୱିତୀୟ ଦିନିକିଆରେ ଭାରତକୁ ୨୨ ରନରେ ପରାସ୍ତ କରିଛି। ଏଥିସହିତ ୩ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜରେ ନ୍ୟୁଜିଲାଣ୍ଡ ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି। ସ୍ଥାନୀୟ ଇଡେନ ପାର୍କ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଭାରତର ବୋଲିଂ ଆଶାନୁରୂପ ହୋଇଥିଲେ ମଧ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନଙ୍କ ଦୁର୍ବଳତା ପଦାରେ ପଡିଛି। ଟସ୍ ଜିତି ଭାରତ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବୋଲରମାନେ ଏହି ନିଷ୍ପତ୍ତିର ଯଥାର୍ଥତା ପ୍ରତିପାଦନ କରି ଘରୋଇ ଦଳକୁ ବଡ଼ ସ୍କୋର କରିବାକୁ ସୁଯୋଗ ଦେଇ ନ ଥିଲେ। ନ୍ୟୁଜିଲାଣ୍ଡ ୫୦ ଓଭରରେ ୮ ଉଇକେଟ ହରାଇ ୨୭୩ ରନ ସ୍କୋର କରିଥିଲା। ଜବାବରେ ଭାରତ ୪୮.୩ ଓଭରରେ ୨୫୧ ରନକରି ଅଲଆଉଟ ହାଇଥିଲା। ଦିନିକିଆ ପଦାର୍ପଣ କରିଥିବା ୬ ଫୁଟ୍ ୮ ଇଞ୍ଚ ଉଚ୍ଚତାବିଶିଷ୍ଟ ନ୍ୟୁଜିଲାଣ୍ଡ ବୋଲିଂ ଅଲରାଉଣ୍ଡର ୨୫ ବର୍ଷୀୟ କାଏଲ ଜେମିଶନ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସେ ୨୪ ବଲରୁ ୧ ଚୌକା ଓ ୨ ଛକା ସହ ୨୫ ରନ କରି ଅପରାଜିତ ରହିବା ସହ ମୂଲ୍ୟବାନ ୨ ଉଇକେଟ ନେଇ ଦଳକୁ ବିଜୟୀ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ପୂର୍ବରୁ ପ୍ରଥମ ଦିନିକିଆରେ ଭାରତ ୪ ଉଇକେଟରେ ପରାସ୍ତ ହୋଇଥିଲା। ତୃତୀୟ ତଥା ଅନ୍ତିମ ଦିନିକିଆ ମଙ୍ଗଳବାର ମାଉଣ୍ଟ ମାଉନଗାନୁଇରେ ଖେଳାଯିବ।

୨୭୪ ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରିଥିବା ଭାରତୀୟ ଦଳ ଟପ୍ ଅର୍ଡରର ବିପର୍ଯ୍ୟୟ ଘଟିଥିଲା। ଭାରତ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ୭୧ ରନରେ ଭାରତ ତା'ର ପ୍ରଥମ ୪ ଉଇକେଟ ହରାଇଥିଲା। ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟାର, ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଓ ନବଦୀପ ସଇନି ଲଢୁଆ ବ୍ୟାଟିଂ କରିଥିଲେ ମଧ ବିଜୟ ପାଇଁ ଏହା ଯଥେଷ୍ଟ ହୋଇ ନ ଥିଲା। ଓପନର ମୟଙ୍କ ଅଗ୍ରୱାଲ ୩ ରନକରି ପ୍ରଥମେ ଆଉଟ ହେବା ପରେ ପୃଥ୍ୱୀ ଶ ୨୪ ରନ କରି ପ୍ୟାଭିଲିୟନ ଫେରିଥିଲେ। ଅଧିନାୟକ ବିରାଟ କୋହଲି ପୁଣି ଥରେ ଚକ୍‌ମା ଖାଇ ଅଭିଜ୍ଞ ଦ୍ରୁତ ବୋଲର ଟିମ୍ ସୌଦିଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ସେ ମାତ୍ର ୧୫ ରନ ସଂଗ୍ରହ କରିଥିଲେ। ଇନ୍‌ଫର୍ମ ଲୋକେଶ ରାହୁଲ ଦୀର୍ଘଦିନ ପରେ ଫେଲ ମାରିଥିଲେ। ସେ ମାତ୍ର ୪ ରନ କରିଥିବା ବେଳେ ଲାଇନ୍ ମିସ୍ କରି କଲିନ ଡି ଗ୍ରାଣ୍ଡହୋମଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ।

**ଟି୨୦ ପରାଜୟର ପ୍ରତିଶୋଧ ଦିନିକିଆରେ**

କେଦାର ଯାଦବ ମଧ ବିଫଳ ହୋଇ ମାତ୍ର ୯ ରନକରି ଆଉଟ ହୋଇଥିଲେ। ଶାର୍ଦ୍ଦୂଳ ଠାକୁର ୩ ଚୌକା ସହ ୧୫ ବଲରୁ ୧୮ ରନ କରି ଆଉଟ ହୋଇଥିଲେ। ଭାରତ ୨୦୦ ରନ ମଧ୍ୟରେ ଅଲଆଉଟ ହେବା ମନେହେଉଥିଲା। ତେବେ ଅଷ୍ଟମ ଉଇକେଟରେ ଜାଡେଜା ଓ ସଇନି ୭୬ ରନ କରି ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। ତେବେ ସଇନି ୪୯ ବଲରୁ ୫ ଚୌକା ଓ ୨ ଛକା ସହ ୪୫ ରନ କରି ଜେମିଶନଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଏହାପରେ ୧୦ ରନ କରିଥିବା ଯୁଜବେନ୍ଦ୍ର ଚହଲ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଶେଷରେ ବଡ଼ ଶଟ୍ ଖେଳିବାକୁ ଯାଇ ଜାଡେଜା (୫୫) ଜିମ୍ମି ନିଶାମଙ୍କ ବଲ୍‌ରେ ଲଙ୍ଗଅଫ୍‌ରେ ଗ୍ରାଣ୍ଡହୋମଙ୍କୁ କ୍ୟାଚ୍ ଆଉଟ ହେବା ପରେ ଭାରତ ଇନିଂସର ପରିସମାପ୍ତି ଘଟିଥିଲା। ଭୁଲ ଶଟ୍ ଚୟନ କରି ଭାରତୀୟ ବ୍ୟାଟ୍ସମ୍ୟାନ ଉଇକେଟ ଫୋପାଡି ଆଉଟ ହୋଇଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ହାମିଶ ବେନେଟ, ସୌଦି, ଜେମିଶନ ଓ ଗ୍ରାଣ୍ଡହୋମ ଦୁଇଟି ଲେଖାଏ, ନିଶାମ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ଭଲ ଆରମ୍ଭ କରିଥିଲା। ଦୁଇ ଓପନର ଗୁପ୍ଟିଲ ଓ ନିକୋଲ୍ସ ପ୍ରଥମ ଉଇକେଟରେ ୯୩ ରନ ସଂଗ୍ରହ କରିଥିଲେ। ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ଭଲ ଖେଳିଥିଲେ ମଧ ମିଡଲ ଓ ଲୋୟର ଅର୍ଡର ବ୍ୟାଟ୍ସମ୍ୟାନ ଫେଲ ମାରିଥିଲେ। ଅଭିଜ୍ଞ ଓପନର ମାର୍ଟିନ ଗୁପ୍ଟିଲ ୭୯ ରନ କରି ରନ୍ ଆଉଟ ହୋଇଥିଲେ। ସେହିପରି ହେନେରୀ ନିକୋଲ୍ସ ୪୧, ଟମ୍ ବ୍ଲଣ୍ଡେଲ ୨୨, ଜେମିଶନ ୨୫ ରନର ଉପଯୋଗୀ ପାଳି ଖେଳିଥିଲେ। ଅଭିଜ୍ଞ ରସ୍ ଟେଲର ପୁଣିଥରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରି ଇନିଂସ ଗଢିଥିଲେ। ୭୪ଟି ବଲ ଖେଳି ସେ ୬ ଚୌକା ଓ ୨ ଛକା ସହ ୭୩ ରନ କରି ଶେଷପର୍ଯ୍ୟନ୍ତ ଅପରାଜିତ ରହିବା ସହ ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ନବମ ଉଇକେଟରେ ଟେଲର ଓ ଜେମିଶନ ୫୧ ବଲରୁ ଅପରାଜିତ ୭୬ରନ ସଂଗ୍ରହ କରିଥିଲେ। ବୋଲିଂରେ ଭାରତ ତରଫରୁ ଚହଲ ୩, ଠାକୁର ୨ ଓ ଜାଡେଜା ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

### ସଂକ୍ଷିପ୍ତ ସ୍କୋର

**ନ୍ୟୁଜିଲାଣ୍ଡ**
୫୦ ଓଭରରେ ୨୭୩/୮ (ଗୁପ୍ଟିଲ- ୭୯, ଟେଲର- ୭୩*, ନିକୋଲ୍ସ- ୪୧, ଜେମିଶନ- ୨୫*, ବ୍ଲଣ୍ଡେଲ-୨୨, ଚହଲ- ୩/ ୫୮, ଠାକୁର- ୨/୬୦, ଜାଡେଜା-୧/୩୫)।

**ଭାରତ**
୪୮.୩ ଓଭରରେ ୨୫୧ ଅଲଆଉଟ (ଜାଡେଜା - ୫୫, ଆୟାର- ୫୨, ସଇନି- ୪୫, ପୃଥ୍ୱୀ- ୨୪, ବେନେଟ- ୨/୫୮, ସୌଦି- ୨/୪୧, ଜେମିଶନ-୨/୪୨, ଗ୍ରାଣ୍ଡହୋମ- ୨/୫୪)।



### ପଦାର୍ପଣରେ ଶ୍ରେଷ୍ଠ ଖେଳାଳି

ଭାରତ ବିପକ୍ଷ ଦ୍ୱିତୀୟ ଦିନିକିଆରେ ପଦାର୍ପଣ କରିଥିବା କାଏଲ ଜେମିଶନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଛନ୍ତି। ବ୍ୟାଟିଂରେ ସେ ଅପରାଜିତ ୨୫ ରନ୍ ଓ ବୋଲିଂରେ ଦୁଇଟି ଉଇକେଟ୍ ନେଇଛନ୍ତି। ୬ ଫୁଟ୍ ୮ ଇଞ୍ଚ ଉଚ୍ଚତା ବିଶିଷ୍ଟ କାଏଲଙ୍କୁ ବର୍ତ୍ତମାନ ନ୍ୟୁଜିଲାଣ୍ଡର ଡେଙ୍ଗା କ୍ରିକେଟର କୁହା ଯାଉଛି।



ଓଡ଼ିଶା ଏଫ୍‌ସି ବିପକ୍ଷରେ ଗୋଲ୍‌ସ୍କୋର ପରେ ଖୁସି ମନାଉଛନ୍ତି ଏଟିକେ ଖେଳାଳି।

# ଓଡ଼ିଶା ଏଫ୍‌ସିର ପ୍ଲେ-ଅଫ୍ ଆଶା ଶେଷ

**କୋଲକାତା,୮।୨ (ପି.ଟି.):** ରୟ କ୍ରିଷ୍ଣାଙ୍କ ହ୍ୟାଟ୍ରିକ ବଳରେ ଏଟିକେ ଇଣ୍ଡିଆନ ସୁପର ଲିଗ (ଆଇଏସ୍‌ଏଲ୍)ରେ ଶନିବାର ଓଡ଼ିଶା ଏଫ୍‌ସିକୁ ୩-୧ ଗୋଲରେ ପରାସ୍ତ କରିଛି। ଘରୋଇ ପରିବେଶରୁ ଫାଇଦା ଉଠାଇ ଏଟିକେ ପ୍ରଭାବୀ ପ୍ରଦର୍ଶନ କରିଥିଲା। ଏଥିସହିତ ଏଟିକେ ୧୬ଟି ମ୍ୟାଚ୍ ଖେଳି ୧୦ ବିଜୟ, ୩ ଡ୍ର ଓ ୩ ପରାଜୟ ସହ ମୋଟ ୩୩ ପଏଣ୍ଟ ହାସଲ କରି ତାଲିକାର ଶୀର୍ଷରେ ରହିବା ସହ ପ୍ଲେ-ଅଫ୍‌ରେ ସ୍ଥାନ ପକ୍କା କରିଛି। ଅନ୍ୟପଟେ ଓଡ଼ିଶା ୧୬ଟି ମ୍ୟାଚ୍ ଖେଳି ୬ ବିଜୟ, ୩ ଡ୍ର ଓ ୭ ପରାଜୟ ସହ ୨୧ ପଏଣ୍ଟ ପାଇ ତାଲିକାର ଷଷ୍ଠ ସ୍ଥାନରେ ରହିଛି। ଏଥିସହିତ ଓଡ଼ିଶା ପ୍ଲେ-ଅଫ୍ ଆଶା ଶେଷ ହୋଇଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା ଓ ଏହା ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। କ୍ରିଷ୍ଣା ୪୯, ୬୦ ଓ ୬୩ତମ ମିନିଟ୍‌ରେ ୩ଟି ଗୋଲ ସ୍କୋର କରିଥିଲେ। ଅନ୍ୟପଟେ ଓଡ଼ିଶା ତରଫରୁ ମାନୁଏଲ ଓନ୍‌ଉକ ୬୬ତମ ମିନିଟ୍‌ରେ ଦଳ ତରଫରୁ ଏକମାତ୍ର ଗୋଲ ସ୍କୋର କରି ପରାଜୟ ବ୍ୟବଧାନକୁ କମାଇଥିଲେ। ଓଡ଼ିଶା ୧୪ରେ ନର୍ଥଇଷ୍ଟ ୟୁନାଇଟେଡକୁ ହୋମ ଗ୍ରାଉଣ୍ଡ କଳିଙ୍ଗ ଷ୍ଟାଡିୟମରେ ଭେଟିବ।

# ଜାମ୍‌ସେଦଙ୍କୁ ୧୭ ମାସ ଜେଲ



**ଲଣ୍ଡନ,୮।୨:** ପୂର୍ବତନ ପାକିସ୍ତାନ ବ୍ୟାଟ୍ସମ୍ୟାନ ନାସିର ଜାମଶେଦ ସ୍ପଟ୍ ଫିକ୍ସିଂରେ ଜଡ଼ିତ ଥିଲେ। ତାଙ୍କୁ ଶୁକ୍ରବାର ୧୭ ମାସ ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଛି। ୩୦ ବର୍ଷୀୟ ଜାମଶେଦଙ୍କ ସହ ଅନ୍ୟ ଦୁଇ କ୍ରିକେଟର ୟୁସେଫ ଅନୱାର (୩୬) ଓ ମହମ୍ମଦ ଇଜାଜ (୩୪)ଙ୍କୁ ଗତ ଫେବୃୟାରୀରେ ନ୍ୟାଶନାଲ କ୍ରାଇମ ଏଜେନ୍ସି ଦ୍ୱାରା ଗିରଫ କରାଯାଇଥିଲା। ଏହି ଘଟଣାରେ ମୁଖ୍ୟ ଅନୱାରଙ୍କୁ ୩ ବର୍ଷ ଓ ୪ ମାସ ଏବଂ ଇଜାଜଙ୍କୁ ଅଢ଼େଇ ବର୍ଷ ପାଇଁ ଜେଲ ଦଣ୍ଡାଦେଶରେ ଦଣ୍ଡିତ କରାଯାଇଛି। ସେଣ୍ଟ୍ରାଲ ଇଂଲଣ୍ଡ ବାସିନ୍ଦା ଜାମଶେଦ୍ ପାକିସ୍ତାନ ପକ୍ଷରୁ ସମସ୍ତ ଫର୍ମାଟରେ ଅନ୍ତର୍ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିଛନ୍ତି। ସ୍ପଟ୍ ଫିକ୍ସିଂ ଷଡ଼ଯନ୍ତ୍ରରେ ସାମିଲ ଥିବା ଏହି ତିନି କ୍ରିକେଟର ଗତ ଶୁଣାଣିରେ ସ୍ୱୀକାର କରି ନେଇଥିଲେ। ମାଞ୍ଚେଷ୍ଟର କ୍ରାଉନ କୋର୍ଟ ଜଜ୍ ରିଚାର୍ଡ ମାନଶେଲ କହିଛନ୍ତି, ଅନୱାର ଓ ଇଜାଜ ଅପରାଧରେ ଜଡ଼ିତ ଥିଲେ। କିନ୍ତୁ ଜାମଶେଦ୍ ଅର୍ଥ ପ୍ରୋଲୋଭନର ଶିକାର ହୋଇଥିଲେ।

# ଅନ୍ତିମ ମ୍ୟାଚ୍ ଜିତିଲା ଭାରତ

**ମେଲବୋର୍ନ, ୮।୨:** ଚଳିତ ମହିଳା ତ୍ରିରାଷ୍ଟ୍ରୀୟ ଟି୨୦ ସିରିଜ୍‌ର ଅନ୍ତିମ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଛି। ଘରୋଇ ଅଷ୍ଟ୍ରେଲିଆ ଦ୍ୱାରା ଧାର୍ଯ୍ୟ ୧୭୪ ରନ୍‌ର ଟାର୍ଗେଟ୍‌କୁ ଟିମ୍ ଇଣ୍ଡିଆ ୨ ବଲ ପୂର୍ବରୁ ୭ ଉଇକେଟ ହାତରେ ରଖି ହାସଲ କରିନେଇଥିଲା। ଶତକରୁ ଅଳ୍ପକେ ବଞ୍ଚିତ ହୋଇଥିବା ଅଷ୍ଟ୍ରେଲିଆର ଆଶଲେ ଗାର୍ଡନରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

**ମହିଳା ତ୍ରିରାଷ୍ଟ୍ରୀୟ ଟି୨୦ ସିରିଜ୍**

ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ପ୍ରଥମରୁ ଦୁଇ ଓପନର ଆଶଲେ ହେଲି(୦) ଓ ବେଥ ମୁନି (୧୬)ଙ୍କ ଉଇକେଟ ହରାଇଥିଲା। ଏହାପରେ ଅଧିନାୟିକା ମେଗ ଲାନ୍ନିଂ ଓ ଗାର୍ଡନର ତୃତୀୟ ଉଇକେଟ ଲାଗି ୭୯ ରନ୍‌ର ଭାଗୀଦାରି କରିଥିଲେ। ଏହି ଯୋଡ଼ିକୁ ଭାଙ୍ଗିବା ସହ ସ୍ପିନର ଦୀପ୍ତି ଶର୍ମା ଭାରତକୁ ଗୁରୁତ୍ୱପୂର୍ଣ୍ଣ ବ୍ରେକ ଥ୍ରୁ ଦେଇଥିଲେ। ଶତକ ଆଡ଼କୁ ଅଗ୍ରସର ହେଉଥିବା ଗାର୍ଡନର ୯୩ ରନ୍‌ରେ ଆଉଟ୍ ହୋଇଥିଲେ। ଫଳରେ ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୭୩ ରନ୍ କରିଥିଲା। ଭାରତ ପକ୍ଷରୁ ଦୀପ୍ତି ଶର୍ମା ୨, ରାଜେଶ୍ୱରୀ ଗାଏକ୍ୱାଡ, ରାଧା ଯାଦବ ଓ ହର୍ଲିନ ଦେଓଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭାରତୀୟ ଓପନର ଶେଫାଳି ବର୍ମା ଓ ସ୍ମୃତି ମନ୍ଧାନା ପ୍ରଥମ ଉଇକେଟ ପାଇଁ ୮.୨ ଓଭରରେ ୮୫ ରନ୍ କରି ଦୃଢ଼ ମୂଳଦୁଆ ପକାଇଥିଲେ। ତେବେ ଶେଫାଳି (୪୯) ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ। ପରେ ମନ୍ଧାନା ୫୫, ଜେମିମା ରୋଡ୍ରିଗୁଏଜ ୩୦ ଓ ଅଧିନାୟିକା ହରମନପ୍ରୀତ କୌର(୨୦)ଙ୍କ ଯୋଗୁ ଟିମ୍ ଇଣ୍ଡିଆ ୧୯.୪ ଓଭରରେ ୩ ଉଇକେଟ ହରାଇ ୧୭୭ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ପରବର୍ତ୍ତୀ ଲିଗ୍ ମ୍ୟାଚ୍‌ରେ ଘରୋଇ ଅଷ୍ଟ୍ରେଲିଆକୁ ଇଂଲଣ୍ଡ ହରାଇ ଦେଲେ ଭାରତ ଫାଇନାଲରେ ପ୍ରବେଶ କରିବ।



ଶେଫାଳି ବର୍ମା

# ପଞ୍ଚମ ଟାଇଟଲ ଲକ୍ଷ୍ୟରେ ଭାରତ

**ପୋଚେଫ୍‌ଷ୍ଟ୍ରମ୍,୮।୨(ପି.ଟି.)**

ଦକ୍ଷିଣ ଆଫ୍ରିକାରେ ଚାଲିଥିବା ୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍ ଫାଇନାଲ ମ୍ୟାଚ୍‌ରେ ଗତଥରର ଚାମ୍ପିୟନ ଭାରତ ଓ ବାଂଲାଦେଶ ରବିବାର ପରସ୍ପରକୁ ଭେଟିବେ। ସ୍ଥାନୀୟ ସେନୱେଜ୍ ପାର୍କ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ପ୍ରିୟମ ଗର୍ଗଙ୍କ ନେତୃତ୍ୱାଧୀନ ଭାରତ ହଟ୍ ଫେଭରାଇଟ ବିବେଚିତ ହେଉଥିଲେ ମଧ ପ୍ରଥମ ଥର ପାଇଁ ଫାଇନାଲରେ ପ୍ରବେଶ କରିଥିବା ବାଂଲାଦେଶ କଡ଼ା ଟକ୍କର ଦେବ ବୋଲି ଆଶା କରାଯାଉଛି। ଟାଇଟଲ ମୁକାବିଲାରେ ଏଥର ଦକ୍ଷିଣ ଏସିଆର ଦୁଇଟି ଦଳ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ।

ଭାରତ କ୍ୱାର୍ଟର ଓ ସେମିଫାଇନାଲରେ ଯଥାକ୍ରମେ ଅଷ୍ଟ୍ରେଲିଆ ଓ ପାକିସ୍ତାନ ଭଳି ଦଳକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ପୂର୍ବରୁ ଭାରତ ସର୍ବାଧିକ ୪ଥର ଟାଇଟଲ ହାସଲ କରିସାରିଛି। ଅପରପକ୍ଷରେ ବାଂଲାଦେଶ ପ୍ରଥମଥର ପାଇଁ ଫାଇନାଲ ଖେଳିବାକୁ ଯାଉଥିଲେ ମଧ ଟାଇଟଲ ହାସଲ କରି ଇତିହାସ ସୃଷ୍ଟି କରିବା ଲକ୍ଷ୍ୟରେ ରହିଛି। ବାଂଲାଦେଶ ମଧ କ୍ୱାର୍ଟର ଓ ସେମିଫାଇନାଲରେ ଯଥାକ୍ରମେ ଆୟୋଜକ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ଭଳି ଶକ୍ତିଶାଳୀ ଦଳକୁ ପରାସ୍ତ କରି ଫାଇନାଲ ଟିକେଟ ହାସଲ କରିଛି।

ଗତ ୨୦୧୮ ସଂସ୍କରଣରେ ପୃଥ୍ୱୀ ଶ ଓ ଶୁବମନ ଗିଲଙ୍କ ଭଳି ଖେଳାଳି ଦମ୍‌ଦାର ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୃଥ୍ୱୀ ସିନିୟର ଦଳ ପାଇଁ ଖେଳିଛନ୍ତି ଓ ଶୁବମନ ଖେଳିବାର ସମ୍ଭାବନା ସୃଷ୍ଟି କରିଛନ୍ତି। ଏଥର ଓପ୍‌ନର ଯଶସ୍ୱୀ ଜୟସୁଆଲ, ସ୍ପିନର ରବି ବିଷ୍ଣୋଇ ଓ ଦ୍ରୁତ ବୋଲର କାର୍ତ୍ତିକ ତ୍ୟାଗୀ ଜବରଦସ୍ତ ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଫାଇନାଲରେ ମଧ ଏମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ। ୧୯ ବର୍ଷରୁ କମ୍ କ୍ରିକେଟରେ ଭାରତ ଏକ ଅପ୍ରତିଦ୍ୱନ୍ଦ୍ୱୀ ଦଳ ଭାବେ ଉଭା ହୋଇଛି।

ସେମିଫାଇନାଲରେ ଭାରତ ୧୦ ଉଇକେଟରେ ପାକିସ୍ତାନକୁ ହରାଇଥିଲା। ୨୦୦୦ରେ ଭାରତ ପ୍ରଥମଥର ପାଇଁ ଟାଇଟଲ ହାସଲ କରିଥିଲା। ଏହାପରେ ଭାରତ ସପ୍ତମ ଫାଇନାଲ ଖେଳିବାକୁ ଯାଉଛି।

ଅନ୍ୟପଟେ ୨୦୧୮ରେ ବାଂଲାଦେଶ ଗତ ସଂସ୍କରଣର କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଥିଲା। ଗତ ଦୁଇବର୍ଷ ହେବ ବାଂଲାଦେଶ ତାର ପ୍ରସ୍ତୁତି ନିରବଚ୍ଛିନ୍ନ ଭାବେ ଚାଲୁ ରଖିଥିଲା। ଭାରତ ଇଂଲଣ୍ଡରେ ତ୍ରିରାଷ୍ଟ୍ରୀୟ ସିରିଜ ଓ ଗତବର୍ଷ ଏସିଆ କପ୍ ଜିତିଥିଲେ ମଧ ବାଂଲାଦେଶ ଲଢୁଆ ଖେଳ ପ୍ରଦର୍ଶନ କରିଛି। ବାଂଲାଦେଶ ଏକ ଲଢୁଆ ଦଳ। ଏହି ଦଳ ପ୍ରତି ଆମର ଯଥେଷ୍ଟ ସମ୍ମାନ ରହିଛି ବୋଲି ଭାରତୀୟ ଫିଲ୍ଡିଂ କୋଚ୍ ଅଭୟ ଶର୍ମା କହିଛନ୍ତି। ତେବେ ଅବାଞ୍ଛିତ ଚାପ ନେବାକୁ ଆମେ ଚାହୁଁନାହୁଁ ବୋଲି ବାଂଲାଦେଶ ଅଧିନାୟକ ଆକବର ଅଲି କହିଛନ୍ତି।

ଟପ୍ ଅର୍ଡରରେ ଜୈସୁଆଲ, ପ୍ରିୟମ ଓ ଦିବ୍ୟାଂଶ ସାକସେନା ଦାୟିତ୍ୱରେ ରହିବେ। ସୁପର ଫର୍ମରେ ଥିବା ଜୈସୁଆଲ ଏପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟରେ ୩୧୨ ରନ ସଂଗ୍ରହ କରିସାରିଲେଣି। ୫ଟି ମ୍ୟାଚ୍ ଖେଳି ସେ ୧୫୬ ରନ ହାରରେ ରନ୍ ସଂଗ୍ରହ କରିଛନ୍ତି। ସେମିଫାଇନାଲରେ ସେ ପାକିସ୍ତାନ ବିପକ୍ଷରେ ଶତକୀୟ ପାଳି ଖେଳି ଅପରାଜିତ ରହିଥିଲେ। ଦ୍ରୁତ ବୋଲିଂରେ ସୁଶାନ୍ତ ମିଶ୍ର, କାର୍ତ୍ତିକ ତ୍ୟାଗୀ, ଆକାଶ ସିଂ ନୂଆ ବଲ୍‌ରେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଲେଗ୍ ସ୍ପିନର ରବି ବିଷ୍ଣୋଇ ମଧ ନିର୍ଣ୍ଣାୟକ ପ୍ରଦର୍ଶନ କରି ଭାରତ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛନ୍ତି। ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କା ଭାରତ ବିପକ୍ଷରେ ୨୦୭ ରନ ସଂଗ୍ରହ କରିଥିଲା। ଚଳିତ ବିଶ୍ୱକପ୍‌ରେ ଏକମାତ୍ର ଦଳ ଭାବେ ଶ୍ରୀଲଙ୍କା ଭାରତ ବିପକ୍ଷରେ ୨୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛି।



ଭାରତୀୟ ୧୯ ବର୍ଷରୁ କମ୍ ଦଳର ଖେଳାଳିମାନେ।

### ୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍ ଫାଇନାଲ ଆଜି

- **ଭାରତୀୟ ଦଳ:** ପ୍ରିୟମ ଗର୍ଗ (ଅଧିନାୟକ), ଯଶସ୍ୱୀ ଜୟସୁଆଲ, ଦିବ୍ୟାଂଶ ସାକସେନା, ତିଲକ ବର୍ମା, ଧ୍ରୁବ ଜୁରେଲ (ଉଇକେଟ କିପର), ସିଦ୍ଧେଶ ବୀର, ଅଥର୍ବ ଅଙ୍କୋଲେକର, ରବି ବିଷ୍ଣୋଇ, ସୁଶାନ୍ତ ମିଶ୍ରା, କାର୍ତ୍ତିକ ତ୍ୟାଗୀ, ଆକାଶ ସିଂ, ବିଦ୍ୟାଧର ପାଟିଲ, ଶୁଭାଙ୍ଗ ହେଗ୍‌ଡେ, ଶାଶ୍ୱତ ରାୱତ୍ ଓ କୁମାର କୁଶଗ୍ରା।
- **ବାଂଲାଦେଶ ଦଳ:** ଆକବର ଅଲି (ଅଧିନାୟକ), ଅଭିଷେକ ଦାସ, ହାସନ ମୁରାଦ, ମହମୁଦୁଲ ହାସନ ଜୟ, ଏସ୍.ଏମ. ମେହେରୋବ, ପରଭେଜ ହୋସେନ ଇମୋନ, ପ୍ରାନ୍ତିକ ନୋରୋଜ ନାବିଲ, ରାକିବୁଲ ହାସନ, ଶାହାଦତ ହୋସେନ, ଶହିନ ଆଲମ, ସାମିମ୍ ହୋସେନ, ସୋରିଫୁଲ ଇସ୍‌ଲାମ, ତାନଜିଦ୍ ହାସନ, ତାନ୍‌ଜିମ ହାସନ ସାକିବ ଓ ତୌହିଦ ହୃଦୟୋ।

**ମ୍ୟାଚ୍ ଆରମ୍ଭ ଅପରାହ୍ଣ ୧.୩୦ | ପ୍ରସାରଣ ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

# ବର୍ଷାରେ ଭିଜିଲେ, ମ୍ୟାଚ ଉପଭୋଗ କଲେ

ଭୁବନେଶ୍ୱର, ୮।୨ (କ୍ରୀଡ଼ା ପ୍ରତିନିଧି)

ଚଳିତ ଏଫଆଇଏଚ୍ ହକି ପ୍ରୋ ଲିଗ୍‌ରେ ଶନିବାର ଭାରତ ଓ ବେଲଜିୟମ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଛି। ଥଣ୍ଡାଜନିତ କୋହଲା ପାଗ ଏବଂ ଝିପିଝିପି ବର୍ଷା ସତ୍ତ୍ୱେ ହକି ପ୍ରତି ସମର୍ଥନ ଜଣାଇଛନ୍ତି ଓଡ଼ିଶା ଦର୍ଶକ। ପ୍ରତିକୂଳ ପାଗ ଯୋଗୁ ଷ୍ଟାଡିୟମ ଭରି ନ ଥିଲେ ହେଁ ଛତା ଧରି ନିଜ ପ୍ରିୟ ଖେଳାଳିଙ୍କୁ ସମର୍ଥନ ଜଣାଇବା ପାଇଁ ବେଶ୍ କିଛି ଦର୍ଶକ ଷ୍ଟାଡିୟମରେ ଉପସ୍ଥିତ ଥିଲେ। ଦର୍ଶକଙ୍କ ଉପସ୍ଥିତିରେ ଉତ୍ସାହୀ ପ୍ରଦର୍ଶନ ମଧ୍ୟ କରିଥିଲା ଭାରତ। ସମ୍ମୁଖରେ ବିଶ୍ୱ ଚାମ୍ପିୟନ ଏବଂ ବିଶ୍ୱର ନମ୍ବରୱାନ ଦଳ ଥିଲେ ହେଁ ଚାପରେ ନ ରହି କଡ଼ା ଟକ୍କର ଦେବା ସହ ୨-୧ ଗୋଲରେ ବିଜୟ ହାସଲ କରିଥିଲା ଘରୋଇ ଦଳ। ଭାରତ ପକ୍ଷରୁ ୨ୟ ମିନିଟରେ ମନଦୀପ ସିଂ ଓ ୪୬ତମ ମିନିଟରେ ରମଣଦୀପ ସିଂ ଗୋଲ ଦେଇଥିବାବେଳେ ବେଲଜିୟମ ପକ୍ଷରୁ ଗାଥିର ବୋକାର୍ଡ ଗୋଟିଏ ଗୋଲ ପରିଶୋଧ କରିଥିଲେ। ପୂରା ମ୍ୟାଚରେ ବେଲଜିୟମ ଦକ୍ଷତା ଅନୁସାରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ ହେଁ ଘରୋଇ ଗ୍ରାଉଣ୍ଡରେ ବିଶ୍ୱ ଚାମ୍ପିୟନକୁ ରୋକିବାରେ ସକ୍ଷମ ହୋଇଥିଲା ମନପ୍ରୀତ ସିଂ ବାହିନୀ।


ବର୍ଷା ଓ ଥଣ୍ଡା ପାଗ ସତ୍ତ୍ୱେ ଛତା ଧରି ମ୍ୟାଚ ଉପଭୋଗ କରୁଛନ୍ତି ହକି ପ୍ରଶଂସକ।

## ହକି ପ୍ରୋ ଲିଗ୍ ପଏଣ୍ଟ ଟେବୁଲ

| ଦଳ | ଖେଳିଛି | ଜିତିଛି | ଶୁ.ବିଜୟ | ଶୁ.ପରାଜୟ | ପରାଜୟ | ପଏଣ୍ଟ |
|---|---|---|---|---|---|---|
| ବେଲଜିୟମ | ୫ | ୩ | ୧ | ୦ | ୧ | ୧୧ |
| ଭାରତ | ୩ | ୨ | ୧ | ୦ | ୦ | ୮ |
| ନେଦରଲାଣ୍ଡ୍ସ | ୪ | ୨ | ୦ | ୧ | ୧ | ୭ |
| ଅଷ୍ଟ୍ରେଲିଆ | ୪ | ୧ | ୧ | ୧ | ୧ | ୬ |
| ଜର୍ମାନୀ | ୨ | ୧ | ୧ | ୦ | ୦ | ୫ |
| ସ୍ପେନ | ୫ | ୧ | ୦ | ୧ | ୩ | ୪ |
| ଗ୍ରେଟ ବ୍ରିଟେନ | ୩ | ୦ | ୦ | ୨ | ୧ | ୨ |
| ନ୍ୟୁଜିଲାଣ୍ଡ | ୩ | ୦ | ୧ | ୦ | ୨ | ୨ |
| ଆର୍ଜେଣ୍ଟିନା | ୧ | ୦ | ୦ | ୦ | ୧ | ୦ |

କଳିଙ୍ଗ କର୍ଣ୍ଣର

## ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ଭାରତ ୪ ନମ୍ବରକୁ ଉନ୍ନୀତ

ଭୁବନେଶ୍ୱର, ୮।୨(କ୍ରୀଡ଼ା ପ୍ରତିନିଧି): ବିଶ୍ୱର ନମ୍ବରୱାନ ବେଲଜିୟମ ବିପକ୍ଷ ମ୍ୟାଚ ଜିତିବାପରେ ଭାରତ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୪ ନମ୍ବର ସ୍ଥାନକୁ ଉନ୍ନୀତ ହୋଇଛି। ୨୦୦୩ରେ ର୍‍ୟାଙ୍କିଙ୍ଗ୍ ପ୍ରଥା ପ୍ରଚଳନ ହେବାପରେ ଭାରତ ପ୍ରଥମଥରପାଇଁ ଏହି ସଫଳତା ଅର୍ଜନ କରିଛି। ପୂର୍ବରୁ ଭାରତ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୫ ନମ୍ବର ସ୍ଥାନରେ ଥିଲା। ଏହା ପୂର୍ବରୁ ପ୍ରୋ ଲିଗ୍‌ରେ ଭାରତ ୨ଟି ମ୍ୟାଚରେ ନେଦରଲାଣ୍ଡ୍ସକୁ ହରାଇଥିଲା। ପ୍ରଥମ ମ୍ୟାଚକୁ ଦଳ ୫-୨ ଗୋଲରେ ଜିତିଥିବାବେଳେ ଦ୍ୱିତୀୟ ମ୍ୟାଚ ୩-୩ ସ୍ଥିତିରେ ଶେଷ ହେବାରୁ ଶୁଟ୍ ଆଉଟରେ ଭାରତ ୩-୧ ଗୋଲରେ ବିଜୟ ହାସଲ କରିଥିଲା। ବେଲଜିୟମ ବିପକ୍ଷରେ ଭାରତର ଏହା ୫୦ତମ ବିଜୟ ଥିଲା। ଏହା ଭାରତକୁ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୪ ନମ୍ବର ସ୍ଥାନକୁ ନେଇ ଯାଇଥିବାବେଳେ ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନା ୫ ନମ୍ବର ସ୍ଥାନକୁ ଖସିଛି।




## ରାଜ୍‌ଙ୍କ କ୍ୟାରିୟର ଆରମ୍ଭ

ଭାରତୀୟ ହକି ଦଳର ଯୁବ ପ୍ରତିଭା ମିଡ୍‌ଫିଲ୍ଡର ରାଜ କୁମାର ପାଲଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଶନିବାର ଆରମ୍ଭ ହୋଇଛି। ବେଲଜିୟମ ପରି ଶକ୍ତିଶାଳୀ ଦଳ ବିପକ୍ଷରେ କ୍ୟାରିୟର ଆରମ୍ଭ କରିଥିଲେ ହେଁ ନିଜର ପ୍ରଥମ ମ୍ୟାଚ ସ୍ମୃତି ମଧୁର ହୋଇଛି। କାରଣ ଏହି ମ୍ୟାଚରେ ବେଲଜିୟମକୁ ପରାସ୍ତ କରିଛି ଭାରତ। ଭାରତୀୟ ଯୁବ ଦଳର ସଦସ୍ୟଭାବେ ସୁଲତାନ ଜୋହର କପ୍‌ରେ ନିଜ ପ୍ରତିଭା ଦେଖାଇ ସିନିୟର ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ରାଜ। ଟୋକିଓ ଅଲିମ୍ପିକ୍ସ ପାଇଁ ଦଳ ଗଠନ ଲକ୍ଷ୍ୟରେ ଥିବା କୋଚ୍ ଗ୍ରାହାମ ରିଡ୍ ମଧ୍ୟ ରାଜଙ୍କୁ ବେଲଜିୟମ ବିପକ୍ଷରେ ଷ୍ଟାର୍ଟିଂ-୧୧ରେ ଖେଳାଇଥିଲେ। ଏଥିରେ ଉତ୍ସାହିତ ହୋଇ ରାଜ ମଧ୍ୟ ଭଲ ଖେଳିଥିଲେ। ମାଲେସିଆରେ ଅନୁଷ୍ଠିତ ସୁଲତାନ ଜୋହର କପ୍‌ରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ ରାଜ। ତାଙ୍କ ସ୍ପିଡ୍ ଓ ଦକ୍ଷତାରେ ପ୍ରଭାବିତ ହୋଇ ପୁରସ୍କାର ସ୍ୱରୂପ ରିଡ୍ ରାଜଙ୍କୁ ସିନିୟରରେ ଖେଳାଇବାକୁ ନିଷ୍ପତ୍ତି ନେଇଥିଲେ।


ବେଲଜିୟମର ପରାଜୟ ପରେ ଜଣେ ଖେଳାଳିଙ୍କ ପ୍ରତିକ୍ରିୟା।

### ସୁଯୋଗକୁ ଗୋଲ୍‌ରେ ପରିଣତ କରି ନ ପାରିବା ଦୁଃଖଦାୟକ

''ଏହା ଏକ କଷ୍ଟସାଧ୍ୟ ମ୍ୟାଚ ଥିଲା। ଘରୋଇ ପରିବେଶରେ ଭାରତ ବିପକ୍ଷରେ ଖେଳିବା ସହଜ ନୁହେଁ। ତେବେ ଆମେ ଅନେକ ସୁଯୋଗ ପାଇଥିଲେ ହେଁ ତାହାକୁ ଗୋଲରେ ପରିଣତ କରି ନ ପାରିବା ଦୁଃଖଦାୟକ ଥିଲା। ଏହି ମ୍ୟାଚରେ ଭାରତୀୟ ଗୋଲକିପର ଚମତ୍କାର ସେଭ୍ କରିଥିଲେ। ଫଳରେ ଆମେ ଅନେକ ପେନାଲ୍ଟି କର୍ଣ୍ଣର ପାଇଥିଲେ ହେଁ ମାତ୍ର ଗୋଟିଏ ଗୋଲ ଦେଇ ପାରିଥିଲୁ। ତେବେ ରବିବାର ଆମେ ପରାଜୟର ମଧୁର ପ୍ରତିଶୋଧ ନେଇପାରିବୁ ବୋଲି ଆଶା ରଖିଛୁ'' ବୋଲି ବେଲଜିୟମ ଅଧିନାୟକ ଥୋମାସ ବ୍ରିଲ୍ସ ପ୍ରକାଶ କରିଛନ୍ତି। ଶନିବାର ମ୍ୟାଚରେ ବେଲଜିୟମର ବଲ୍ ପୋଜିସନ ଚମତ୍କାର ରହିଥିଲା। ୩୮ ଥର ଏହି ଦଳ ଭାରତ ସର୍କଲରେ ପ୍ରବେଶ କରିଥିଲା। ୨୪ଟି ଶୁଟ୍ କରିଥିଲେ ହେଁ କେବଳ ଗୋଟିଏ ଗୋଲ ଦେବାକୁ ସକ୍ଷମ ହୋଇଥିଲା।



ଏଫଆଇଏଚ୍ ପ୍ରୋ ଲିଗ୍: ବେଲଜିୟମ ବିପକ୍ଷରେ ବିଜୟୀ ଭାରତୀୟ ଦଳ। (ଫଟୋ: ବିକାଶ ନାୟକ)


ଏଫଆଇଏଚ୍ ସଭାପତି ନରିନ୍ଦର ବାତ୍ରା ହକି ଇଣ୍ଡିଆର କର୍ମକର୍ତ୍ତାଙ୍କ ସହ।

## ଦ୍ୱିତୀୟ ରାଉଣ୍ଡରେ ଓଡ଼ିଶା ବିଜୟୀ


ପ୍ରତିଯୋଗୀମାନେ ଚେସ୍ ଖେଳରେ ନିମଗ୍ନ।

ଭୁବନେଶ୍ୱର, ୮।୨ (କ୍ରୀଡ଼ା ପ୍ରତିନିଧି): ଗୁଜରାଟର ଅହମ୍ମଦାବାଦଠାରେ ଚାଲିଥିବା ୪୦ତମ ଜାତୀୟ ଟିମ୍ ଚେସ୍ ଚାମ୍ପିୟନଶିପ୍‌ର ଦ୍ୱିତୀୟ ରାଉଣ୍ଡରେ ଓଡ଼ିଶା ମହିଳା ଓ ପୁରୁଷ ଦଳ ବିଜୟୀ ହୋଇଛି। ଏଥିରେ ଓଡ଼ିଶାର ଗୋଟିଏ ମହିଳା ଓ ୨ଟି ପୁରୁଷ ଦଳ ଅଂଶଗ୍ରହଣ କରିଛନ୍ତି। ନାଲ୍‌କୋରେ କାର୍ଯ୍ୟରତ ଅପରାଜିତା ଗୋଚ୍ଛିକାରଙ୍କ ନେତୃତ୍ୱାଧୀନ ମହିଳା ଦଳରେ ସ୍ମାରକୀ ମହାନ୍ତି, ନବନୀତା ପଟ୍ଟନାୟକ ଓ ଲୋପାମୁଦ୍ରା ରାଉତରାୟ ସ୍ଥାନ ପାଇଛନ୍ତି। ଓଡ଼ିଶା ପୁରୁଷ 'ଏ' ଦଳରେ ସିଦ୍ଧାନ୍ତ ମହାପାତ୍ର, ଉତ୍କଳ ରଞ୍ଜନ ସାହୁ, ବୈଭବ ମିଶ୍ର ଓ ରାଜେଶ ନାୟକ ଥିବାବେଳେ 'ବି' ଦଳରେ ଅଂଶୁମାନ ସାମଲ, ନିଲସୁ ପଟ୍ଟନାୟକ, ସୁସୋଭିତ ଦାସ ଓ ଆଶୁତୋଷ ମହାନ୍ତି ରହିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ଓଡ଼ିଶା ମହିଳା ଦଳ ଗୁଜରାଟକୁ ୩-୦ରେ, ପୁରୁଷ 'ଏ' ଦଳ ମହାରାଷ୍ଟ୍ରକୁ ୪-୦ ଓ 'ବି' ଦଳ ଗୁଜରାଟକୁ ୨.୫-୧.୫ ପଏଣ୍ଟରେ ପରାସ୍ତ କରିଛି।

## ସର୍ବଭାରତୀୟ ଟେନିସ: ଦେବାଶିଷ ରନର୍ସଅପ୍

ଭୁବନେଶ୍ୱର, ୮।୨ (କ୍ରୀଡ଼ା ପ୍ରତିନିଧି): କୋଲକାତାର ସାଉଥ୍ କ୍ଲବରେ ଶନିବାର ଶେଷ ହୋଇଥିବା ସର୍ବଭାରତୀୟ ସୁପର ସିରିଜ ଟେନିସ ଟୁର୍ଣ୍ଣାମେଣ୍ଟର ୧୪ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଓ ଡବଲ୍ସରେ ଓଡ଼ିଶାର ଦେବାଶିଷ ସାହୁ ରନର୍ସଅପ୍ ହୋଇଛନ୍ତି। ସିଙ୍ଗଲ୍ସ ଫାଇନାଲରେ ସେ ଏସିଆର ନମ୍ବରୱାନ ର୍‍ୟାଙ୍କ୍‌ପ୍ରାପ୍ତ ରୁଶିଲ ଖୋସାଲଙ୍କଠାରୁ ୪-୬, ୪-୬ ସେଟ୍‌ରେ ହାରିଛନ୍ତି। ସେହିପରି ଡବଲ୍ସରେ ଜାସନ ମାଇକେଲ ଡେଭିଡଙ୍କୁ ସାଥିକରି ଖେଳିଥିବା ଦେବାଶିଷ ୩-୬, ୫-୭ ସେଟ୍‌ରେ ରୁଶିଲ ଓ ମନନ ନାଥ ଯୋଡ଼ିଙ୍କଠାରୁ ପରାଜିତ ହୋଇଛନ୍ତି। ଫରହାନ ଟେନିସ ଏକାଡେମୀରେ ପ୍ରଶିକ୍ଷଣପ୍ରାପ୍ତ ଦେବାଶିଷ ପ୍ରଥମ ଓଡ଼ିଶା ଖେଳାଳିଭାବେ କୋଲକାତାରେ ଅନୁଷ୍ଠିତ ୱିମ୍ବେଲଡନ ଜୁନିୟର ଟେନିସ ଇଭେଣ୍ଟର ଯୋଗ୍ୟତା ପର୍ଯ୍ୟାୟ ଖେଳିବାକୁ ମନୋନୀତ ହୋଇଥିଲେ।

## ଭାଗନେଲେ ୪୨ ପ୍ରତିଯୋଗୀ

### ଭୁବନେଶ୍ୱର ମିଡିଆ ବ୍ୟାଡ୍‌ମିଣ୍ଟନ କପ୍

ଭୁବନେଶ୍ୱର, ୮।୨ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ୟୁନିଟ୍-୧ ଇନ୍‌ଡୋର ହଲ୍‌ରେ ଭୁବନେଶ୍ୱର ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ପ୍ରଥମ ମିଡିଆ କପ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲେନିନ ମଲ୍ଲିକ ଓ ଲିଙ୍ଗରାଜ ଲେଙ୍କାଙ୍କ ଯୋଡ଼ି ଚାମ୍ପିୟନ ହୋଇଛନ୍ତି। ଏହି ଯୋଡ଼ି ଫାଇନାଲରେ ୨-୦ସେଟ୍‌ରେ ସି.ଏସ୍. ବାବୁ ଓ ପି.କେ. ପାତ୍ର ଯୋଡ଼ିଙ୍କୁ ହରାଇ ଦେଇଥିଲେ। ସେମିଫାଇନାଲରେ ଲେନିନ ଓ ଲିଙ୍ଗରାଜ ଯୋଡ଼ି ବି.କେ. ସାହୁ ଓ ସି.କେ. ନାୟକଙ୍କୁ ହରାଇ ଦେଇଥିବାବେଳେ ସି.ଏସ୍. ଦାସ ଓ ନିର୍ଦ୍ଦେଶ କୁମାରଙ୍କୁ ପରାସ୍ତ କରି ସି.ଏସ୍. ବାବୁ ଓ ପି.କେ. ପାତ୍ର ଯୋଡ଼ି ଫାଇନାଲକୁ ଉନ୍ନୀତ ହୋଇଥିଲେ। ଟୁର୍ଣ୍ଣାମେଣ୍ଟରେ ଗଣମାଧ୍ୟମର ୪୨ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବରିଷ୍ଠ ଜର୍ଣ୍ଣାଲିଷ୍ଟ କେ. ରବି ଓ ମନୋରଞ୍ଜନ ମିଶ୍ର ପ୍ରତିଯୋଗିତାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟ ଶେଷରେ ଚାମ୍ପିୟନ ଓ ରନର୍ସଅପ୍ ଯୋଡ଼ିଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ମେମୋଣ୍ଟୋ ପ୍ରଦାନ କରାଯାଇଥିଲା। ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ବରିଷ୍ଠ ଜର୍ଣ୍ଣାଲିଷ୍ଟ ଭକ୍ତ ତ୍ରିପାଠୀ, ଭୁବନେଶ୍ୱର ଜିଲା ବ୍ୟାଡ୍‌ମିଣ୍ଟନ ସଂଘର ସଭାପତି ଚଣ୍ଡୀ ପ୍ରସାଦ ଦାସ, ସମ୍ପାଦକ ସନ୍ତୋଷ ଚୌଧୁରୀ, ବିବେକାନନ୍ଦ ମିଶ୍ର ଓ ବିକ୍ରମ କେଶରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମନୋଜ କୁମାର, ରଶ୍ମିକାନ୍ତ ଭୂୟାଁ, ଡି. ଶୁଭକାନ୍ତ ମହାନ୍ତି, ନଇମୁଦ୍ଦିନ ଖାନ୍, ଜ୍ଞାନ ଚାନ୍ଦ, ଅଜିତ ମହାନ୍ତି ଓ ରଶ୍ମି ମ୍ୟାଚ ପରିଚାଳନା କରିଥିଲେ। ଅନୁଷ୍ଠାନର ଉପସଭାପତି ଶକ୍ତି ରଞ୍ଜନ ସ୍ୱାଇଁ, ଯୁଗ୍ମ ସମ୍ପାଦକ ଦୀପ୍ତି ପ୍ରକାଶ ସୁବୁଦ୍ଧି, କୋଷାଧ୍ୟକ୍ଷ ଶ୍ରୀମନ୍ତ ମିଶ୍ର, ସତୀର୍ଥ ନାୟକ ଓ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ ପ୍ରମୁଖ ମିଡିଆ କପ୍ ପରିଚାଳନା କରିଥିଲେ।



ଆୟୋଜକ ଓ ଅତିଥିଙ୍କ ଗହଣରେ ପ୍ରତିଯୋଗୀ।



ଭୁବନେଶ୍ୱର ବିଜେବି ନଗରସ୍ଥିତ ମ୍ୟୁଜିୟମ କଲୋନୀରେ ଶନିବାର ଜନକଲ୍ୟାଣ ସମିତି ପକ୍ଷରୁ ଅଗ୍ନି ଉତ୍ସବ ପାଳନ।

# ମହିଳାଙ୍କୁ ବଳାତ୍କାର କରି ଓଏସ୍ଏପି ସିପାହି ଗିରଫ

ଭୁବନେଶ୍ୱର, ୮।୨(ବ୍ୟୁରୋ)

ବଳାତ୍କାର ଓ ପ୍ରତାରଣା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଶନିବାର ଆଉଜଣେ ପୋଲିସ କର୍ମଚାରୀଙ୍କୁ ଗିରଫ କରିଛି। ସେ ହେଲେ କୋରାପୁଟସ୍ଥିତ ତୃତୀୟ ଓଏସ୍ଏପି ବାଟାଲିୟନର ସିପାହି ରାଜକିଶୋର ଭୋଇ (୨୯)। ତାଙ୍କ ଘର ବଲାଙ୍ଗୀର ଜିଲା ଆମ୍ରପଲ୍ଲୀ ଗ୍ରାମରେ। ପୋଲିସ ତାଙ୍କ ବିରୋଧରେ ଆଇପିସି ଦଫା ୪୫୦, ୩୭୬, ୫୦୬ରେ କେସ୍ ନଂ.୬୪୮/୨୦୨୦ ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

ସୂଚନା ଅନୁଯାୟୀ, ମହିଳା ଜଣକ ନୟାପଲ୍ଲୀ ଥାନା ଅଞ୍ଚଳରେ ପରିବାର ସହ ରହୁଥିବାବେଳେ ତାଙ୍କର ଏକ ପିଲା ଅଛନ୍ତି। ୨୦୧୨ରେ ଇନ୍ସ୍ୟୁରାନ୍ସ କରାଇବା ପାଇଁ ସେ ଭୁବନେଶ୍ୱରସ୍ଥିତ ଓଏସ୍ଏପି ବାଟାଲିୟନକୁ ଯାଉଥିବାବେଳେ ରାଜକିଶୋରଙ୍କ ସହ ପରିଚିତ ହୋଇଥିଲା। ରାଜକିଶୋର ଉକ୍ତ ମହିଳାଙ୍କୁ ଭଲପାଇବା ସହ ଫୋନ୍ କରି କଥା ହେଉଥିଲେ। ହେଲେ ସ୍ୱାମୀଙ୍କ ତାଗିଦ୍ ପରେ ମହଳା ଜଣକ ଆଉ ରାଜକିଶୋରଙ୍କ ଫୋନ୍ ଉଠାଇ ନ ଥିଲେ। ସେହିବର୍ଷ ମାର୍ଚ୍ଚ ମାସରେ ଉକ୍ତ ମହିଳା ଇନ୍ସ୍ୟୁରାନ୍ସ କାର୍ଯ୍ୟରେ ଯାଉଥିବାବେଳେ ଶହୀଦନଗର ଥାନା ଅଞ୍ଚଳରେ ରାଜକିଶୋର ତାଙ୍କୁ ଅସଦାଚରଣ କରିଥିଲେ। ଏନେଇ ମହିଳାଙ୍କ ଅଭିଯୋଗକ୍ରମେ ଶହୀଦନଗର ଥାନା ପୋଲିସ ଅଭିଯୁକ୍ତ ରାଜକିଶୋରଙ୍କୁ ଗିରଫ

## ପୂର୍ବରୁ ମଧ୍ୟ ଗିରଫ ସହ ନିଲମ୍ବିତ ହୋଇଥିଲେ

କରିଥିଲା। ଏହାପରେ ତାଙ୍କୁ ପୋଲିସ ଚାକିରିରୁ ନିଲମ୍ବନ କରାଯାଇଥିଲା। ଜେଲରୁ ଆସିବା ପରେ ସେ ପୁଣି ଚାକିରିରେ ଯୋଗଦେଇଥିଲେ। ହେଲେ ତାଙ୍କର ରଙ୍ଗିଲା ନିଶା ଛାଡ଼ି ନ ଥିଲା। ସେ ପୁଣି ଉକ୍ତ ମହିଳାଙ୍କ ପଛରେ ଲାଗି ପଡ଼ିଥିଲେ। ଘରେ କେହି ନ ଥିବାବେଳେ ରାଜକିଶୋର ଉକ୍ତ ମହିଳାଙ୍କୁ ବଳାତ୍କାର କରିଥିଲେ। ପରେ ପୀଡିତା ମହିଳା ଗତବର୍ଷ ଡିସେମ୍ବର ୧୨ରେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରୁଥିବାବେଳେ ଗିରଫ ଭୟରେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଶୁକ୍ରବାର ରାତିରେ ସେ ନୟାପଲ୍ଲୀ ଆଇଆର୍‌ସି ଭିଲେଜ ନିକଟରେ ଥିବା ନେଇ ପୋଲିସ ଖବର ପାଇବା ପରେ ସେଠାରେ ଚଢ଼ାଉ କରି ରାଜକିଶୋରଙ୍କୁ ଗିରଫ କରିଛି।

ପ୍ରକାଶଯୋଗ୍ୟ, ଡେରାଡୁନର ଜଣେ ଯୁବତୀଙ୍କୁ ଭୁବନେଶ୍ୱରରେ ବଳାତ୍କାର କରିବା ଅଭିଯୋଗରେ ଗତ ୩ ତାରିଖରେ ନୟାପଲ୍ଲୀ ପୋଲିସ ସିଆର୍‌ପିଏଫ୍‌ର ଜଣେ ଯବାନଙ୍କୁ ଗିରଫ କରିଥିବାବେଳେ ଗତ ୪ ତାରିଖରେ ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବାରମ୍ବାର ବଳାତ୍କାର କରିବା ଘଟଣାରେ ଏସ୍ଏସ୍‌ବିର ଜଣେ କନ୍‌ଷ୍ଟେବଲ ଗିରଫ ହୋଇଥିଲେ।

# ଭଙ୍ଗା ଆମ୍ବୁଲାନ୍ସରେ ରୋଗୀ ସେବା

ଗୋପ, ୮।୨(ଡି.ଏନ୍.ଏ)




ସ୍ୱାସ୍ଥ୍ୟସେବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବାବେଳେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତା'ର ବ୍ୟତିକ୍ରମ ଘଟିଛି। ଏପରି କି ଭଙ୍ଗା ଦଦରା ୧୦୮ ଆମ୍ବୁଲାନ୍ସରେ ରୋଗୀଙ୍କୁ ନିଆଯାଉଛି। ଏଥିଯୋଗୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଖୁବ୍‌ଶୀଘ୍ର ନୂତନ ୧୦୮ ଆମ୍ବୁଲାନ୍ସ ଯୋଗାଇଦେବାକୁ ଦାବି ହେଉଛି।

ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘବର୍ଷ ହେଲା ଏକମାତ୍ର ୧୦୮ ଆମ୍ବୁଲାନ୍ସ (ନଂ. ଓଡ଼ି ୦୨ଇ-୯୩୫୧) ଦ୍ୱାରା କାର୍ଯ୍ୟ ସମ୍ପନ୍ନ ହୋଇଆସୁଛି। ତେବେ ଆମ୍ବୁଲାନ୍ସଟି ବହୁ ପୁରୁଣା ହୋଇଯାଇଥିବାବେଳେ ଏହାର ପଛ ଡୋର୍ ଭାଙ୍ଗିଯାଇଛି। ଗୋଟିଏ ମାତ୍ର ଡୋର୍ ଲାଗିଛି। ନୂତନ ଡୋର୍ ଲଗାଯାଉ ନାହିଁ କି ମରାମତି କରାଯାଉ ନାହିଁ। ଫଳରେ ରୋଗୀଙ୍କୁ ନେବା ଆଣିବା କରିବାରେ ସମସ୍ୟା ଉପୁଜୁଛି। ବିଶେଷକରି ଶୀତ ଓ ବର୍ଷାଦିନେ ରୋଗୀଙ୍କୁ ହଇରାଣ ହେବାକୁ ପଡୁଛି। ଜରୁରିକାଳୀନ ପରିସ୍ଥିତିରେ ରୋଗୀ ନେବା ଆଣିବା କରିବା ନିମନ୍ତେ ଏହି ୧୦୮ ଆମ୍ବୁଲାନ୍ସଟି କେତେ ସୁରକ୍ଷିତ ତାହା ପ୍ରଶ୍ନବାଚୀ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶିବପ୍ରସାଦ ମଙ୍ଗରାଜ କହିଛନ୍ତି, ଏ ନେଇ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇ ତୁରନ୍ତ ଆମ୍ବୁଲାନ୍ସ ମରାମତି ପାଇଁ ପଦକ୍ଷେପ ନେବେ।

# ପୁରୁଷୋତ୍ତମ ଇନ୍‌ଫ୍ରା ନିର୍ଦ୍ଦେଶକ ଗିରଫ

## ସଂସ୍ଥାର ଆକାଉଣ୍ଟରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଟଳୁ

ଭୁବନେଶ୍ୱର, ୮।୨(ବ୍ୟୁରୋ)

କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ପୁରୁଷୋତ୍ତମ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକଙ୍କୁ ଗିରଫ କରିଛି। ସେ ହେଲେ ଚନ୍ଦ୍ରଶେଖରପୁର ଥାନାଞ୍ଚଳରେ ରହୁଥିବା ଉଦୟକର ସାହୁ। କେସ୍ ନଂ.୨୬୩/୧୭ ଦଫା ୪୬୭, ୪୬୮, ୪୦୬, ୪୨୦ ଏବଂ ୩୪ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଖଣ୍ଡଗିରିରେ ଥିବା ନନ୍ଦନ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ୍ ଲିମିଟେଡ୍ ବିଲ୍ଡର ସଂସ୍ଥାର ଏମ୍‌ଡି ପ୍ରମୋଦିନୀ ସାହୁଙ୍କ ଅଭିଯୋଗ ଅନୁସାରେ, ତାଙ୍କ ସଂସ୍ଥାର ନିର୍ଦ୍ଦେଶକ ଭାବେ ଅନିତା ସ୍ୱାଇଁ କାର୍ଯ୍ୟ କରନ୍ତି। ଅନିତା ଗ୍ରାହକଙ୍କଠାରୁ ସଂଗ୍ରହ କରୁଥିବା ଟଙ୍କାକୁ ନନ୍ଦନ ଇନ୍‌ଫ୍ରା ବ୍ୟାଙ୍କ୍ ଆକାଉଣ୍ଟରେ ଜମା ନ କରି ପୁରୁଷୋତ୍ତମ ଇନ୍‌ଫ୍ରା ଆକାଉଣ୍ଟରେ ଜମା କରନ୍ତି। ପୁରୁଷୋତ୍ତମ ଇନ୍‌ଫ୍ରାର ନିର୍ଦ୍ଦେଶକ ହେଉଛନ୍ତି ଅନିତାଙ୍କ ସ୍ୱାମୀ ପୁରୁଷୋତ୍ତମ। ଉଭୟ ସ୍ୱାମୀ ଓ ସ୍ତ୍ରୀ ମିଶି ଏପରି ଠକେଇ କରିଥିବା ନେଇ ପ୍ରମୋଦିନୀ ଅଭିଯୋଗ କରିଛନ୍ତି। ଏପରି କି ବିଭିନ୍ନ ସମୟରେ ନନ୍ଦନ ସଂସ୍ଥାର ଏମ୍‌ଡି ପ୍ରମୋଦିନୀଙ୍କ ଜାଲ୍ ଦସ୍ତଖତ କରି ଆକାଉଣ୍ଟରୁ ଉଭୟ ଟଙ୍କା ଉଠାଇଛନ୍ତି। ଏହା ଜାଣିବା ପରେ ୨୦୧୭ରେ ନୟାପଲ୍ଲୀ ଥାନାରେ ପ୍ରମୋଦିନୀ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ହେଲେ ଗିରଫଦାରିରୁ ବର୍ତ୍ତିବା ପାଇଁ ଅଭିଯୁକ୍ତ ହାଇକୋର୍ଟରୁ ଷ୍ଟେ' ଅର୍ଡର ଆଣିଥିଲେ। ଏହା ବିରୋଧରେ ଅଭିଯୋଗକାରିଣୀ ପ୍ରମୋଦିନୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପରବର୍ତ୍ତୀ ସମୟରେ ହାଇକୋର୍ଟ ଉକ୍ତ ଷ୍ଟେ ଅର୍ଡରକୁ ଖାରଜ କରିଦେବା ଫଳରେ ଉଦୟକର ସୁପ୍ରିମକୋର୍ଟ ଯାଇ ନିରାଶ ହୋଇଥିଲେ। ଶେଷରେ ଶନିବାର ପୋଲିସ ଉଦୟକରଙ୍କୁ ତାଙ୍କ ନୟାପଲ୍ଲୀସ୍ଥିତ ଅଫିସରୁ ଗିରଫ କରିଥିଲା। ତେବେ ସ୍ତ୍ରୀ ଅନିତା ଫେରାର ଥିବାରୁ ତାଙ୍କୁ ଧରିବାକୁ ଚଢ଼ାଉ ଜାରି ରହିଥିବା ସୂଚନା ମିଳିଛି।

# ନିର୍ଭୟା ଦୋଷୀଙ୍କୁ ଫାଶୀ ଦାବିରେ ଶାନ୍ତିପୂର୍ଣ୍ଣ ଧାରଣା

ବଡ଼ମ୍ବା,୮।୨(ଡି.ଏନ୍.ଏ.): ନିର୍ଭୟା ଦୋଷୀଙ୍କୁ ତୁରନ୍ତ ଫାଶୀ ଦେବା ପାଇଁ ବଡ଼ମ୍ବାର ସଚେତନ ନାଗରିକଙ୍କ ପକ୍ଷରୁ ଦାବି କରାଯାଇଛି। ଏନେଇ ବଡ଼ମ୍ବା ଗାନ୍ଧୀଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପୀଠରେ ଶାନ୍ତିପୂର୍ଣ୍ଣଭାବେ ଧାରଣା ଦିଆଯାଇ ମହମବତି ଲଗାଯାଇଥିଲା। ବହୁଚର୍ଚ୍ଚିତ ନିର୍ଭୟା ଗଣବଳାତ୍କାର ମାମଲାରେ ୪ ଦୋଷୀଙ୍କୁ ତୁରନ୍ତ ଫାଶୀ ଦେବା ପାଇଁ ଦାବି କରାଯାଇଥିଲା। ଫାଶୀ ଦେବାରେ ବିଳମ୍ବ ହେଉଥିବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ।















1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯଦି ଜଣେ ତୁମଠାରୁ ଭଲ ନ ହୋଇଥାଏ, ତା' ସହିତ ବନ୍ଧୁତା ବାନ୍ଧ ନାହିଁ।

-କନ୍‌ଫୁସିୟସ



## ସଂକ୍ଷେପରେ

### ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

**ବାଙ୍କୀ,୮।୨(ସ୍ୱ.ପ୍ର.):** ବାଙ୍କୀ ବ୍ଲକ ଅନ୍ତର୍ଗତ କରଡ଼ାପଲ୍ଲୀ ଗୋପବନ୍ଧୁ ସେବା ସମବାୟ ସମିତି କାର୍ଯ୍ୟାଳୟରେ ବିଭିନ୍ନ ସମବାୟ ସମିତିମାନଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ କର୍ମଚାରୀ ସଂଘ ନିର୍ଦ୍ଦେଶକ ବିଜନ କୁମାର ସାହୁଙ୍କ ତତ୍ତ୍ୱାବଧାନ ଓ ବାଙ୍କୀ ସମବାୟ ନିବନ୍ଧକ ସରୋଜ କାନ୍ତ ଜେନାଙ୍କ ଉପସ୍ଥିତିରେ ହୋଇଥିଲା। ସମସ୍ତ ସେବା ସମବାୟ କେନ୍ଦ୍ରର ସମ୍ପାଦକ, ପୂର୍ବତନ ସମ୍ପାଦକ ଏବଂ ସମିତି ସଭ୍ୟମାନଙ୍କୁ ନେତୃତ୍ୱ , ଋଣ, ସମବାୟ ପରିଚାଳନା ଦକ୍ଷତା ଓ ବିଭିନ୍ନ ସମବାୟ କାର୍ଯ୍ୟ ସମ୍ପର୍କରେ କିପରି ଉତ୍ତମ କାର୍ଯ୍ୟ ସମ୍ପାଦନ କରିହେବ ସେ ସମ୍ପର୍କରେ କୁହାଯାଇଥିଲା। କାର୍ଯ୍ୟକ୍ରମକୁ ରାଜ୍ୟ ସମବାୟ ବ୍ୟାଙ୍କ ସଂଯୋଜିକା ଚିନ୍ମୟୀ ପ୍ରିୟଦର୍ଶିନୀ, ଡିଆରସି ଲକ୍ଷ୍ମୀଧର ସୁବୁଦ୍ଧି ମତପ୍ରକାଶ କରି ସମବାୟ ଉନ୍ନତି ସମ୍ପର୍କରେ ଆଲୋକପାତ କରିଥିଲେ।

### ଗୋରଖନାଥଙ୍କ ଜନ୍ମୋତ୍ସବ

**ରଘୁନାଥପୁର, ୮।୨ (ଡି.ଏନ.ଏ.):** ରଘୁନାଥପୁର ବ୍ଲକ ଛପଡା ପଞ୍ଚାୟତ କେରେକେରାସ୍ଥିତ ପ୍ରଭୁ ଗୋରଖନାଥଙ୍କ ଜନ୍ମୋତ୍ସବ ଶନିବାର ପାଳିତ ହୋଇଯାଇଛି। ପ୍ରତିକୂଳ ପାଗ ସତ୍ତ୍ୱେ ୨୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସବୁ ବର୍ଷ ପରି ଅଗ୍ନି ପୂର୍ଣ୍ଣିମାରେ ଟ୍ରଷ୍ଟ ବୋର୍ଡ ପକ୍ଷରୁ ପ୍ରଭୁଙ୍କ ଜନ୍ମୋତ୍ସବ ପାଳନ ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଏହି ଅବସରରେ ବୈଦିକ ବ୍ରାହ୍ମଣ ବିଭୁତି ପ୍ରସାଦ ପଣ୍ଡା ଓ ସାଥୀଙ୍କ ପକ୍ଷରୁ ଗୀତା ପାରାୟଣ ସହ ୧ ହଜାର ୮ ଘୃତାହୁତି ପ୍ରଦାନ କରାଯାଇଥିଲା। ବିଭିନ୍ନ ଅନୁଷ୍ଠାନ ତଥା ସଂକୀର୍ତ୍ତନ ମଣ୍ଡଳୀଙ୍କ ପକ୍ଷରୁ ଭଜନ କୀର୍ତ୍ତନ କରାଯାଇଥିଲା। ଟ୍ରଷ୍ଟ ବୋର୍ଡ ସଭ୍ୟ ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି, ସୁରେନ୍ଦ୍ରନାଥ ସ୍ୱାଇଁ, ପ୍ରଦୀପ ମହାନ୍ତି, କ୍ଷୀରୋଦ ମହାନ୍ତି, ବାଦଲ ଯୋଗାଣିଆ ପ୍ରମୁଖ ସହଯୋଗ କରିଥିଲେ।

### ସୁନାଦୂବ ଅନୁଷ୍ଠାନର ପ୍ରତିଷ୍ଠା ଦିବସ

**କଟକ ଅଫିସ,୮।୨:** ସାମାଜିକ ଅନୁଷ୍ଠାନ 'ସୁନାଦୂବ'ର ଚତୁର୍ଥ ପ୍ରତିଷ୍ଠା ଦିବସ ବାଖରାବାଦସ୍ଥିତ ଗାନ୍ଧୀ ଭବନଠାରେ ପାଳିତ ହୋଇଯାଇଛି। ଏହି ଅବସରରେ କବିତା ପାଠୋତ୍ସବ ଆୟୋଜନ କରାଯାଇଥିଲା। ବସନ୍ତ କୁମାରୀ ନନ୍ଦଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ କବୟିତ୍ରୀ ଓ କବିମାନେ କବିତା ପାଠ କରିଥିଲେ। ଅନୁଷ୍ଠାନର ସଭାପତି ସନ୍ନ୍ୟାସିନି ବିଦ୍ୟୁତ୍ କୁମାରୀ ଲାଲାଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡ଼ଙ୍ଗୀ, ମୁଖ୍ୟବକ୍ତା ବିଦ୍ୟା ବିକାଶ ପରିଷଦର ସଭାପତି କୈଳାସ ଚନ୍ଦ୍ର ବରାଳ ଓ ସମ୍ମାନିତ ଅତିଥି ଭାବେ ଡା. ଦୀପ୍ତିରାଣୀ ସାମନ୍ତ ଯୋଗଦେଇଥିଲେ। ଧର୍ମାନନ୍ଦ ବେହେରା ସ୍ୱାଗତ ଭାଷଣ ଓ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସୁକାନ୍ତି ମହାନ୍ତି, କୋକିଳଶ୍ୱରୀ ପାତ୍ର ଓ ପ୍ରସନ୍ନ କୁମାର ଓଝାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଅବ୍ୟବସ୍ଥାରେ ଚାଟେଶ୍ୱର ସରକାରୀ ପ୍ରାଥମିକ ବିଦ୍ୟାଳୟ

**ଚୌଦ୍ୱାର, ୮।୨(ଡି.ଏନ୍.ଏ.)**

ଚୌଦ୍ୱାର ପୌରପାଳିକା ଅଧୀନ ଚାଟେଶ୍ୱର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗତ ଫନୀ ବାତ୍ୟାଠାରୁ ଅନେକ ଅବ୍ୟବସ୍ଥା ଲାଗି ରହିଛି। ଏ ସମ୍ପର୍କରେ ଶିକ୍ଷା ବିଭାଗ ଠାରୁ ଆରମ୍ଭ କରି ପୌର ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ। ଯାହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଶେଷକରି ଶ୍ରେଣୀଗୃହ, ପାନୀୟଜଳ ଓ ବିଦ୍ୟାଳୟ ଚତୁଃପାର୍ଶ୍ୱରେ ପାଚେରି ସମସ୍ୟାକୁ ନେଇ ଛାତ୍ରୀଛାତ୍ରମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ୧୯୫୮ ମସିହାରେ ଏହି ବିଦ୍ୟାଳୟ ସ୍ଥାପିତ ହୋଇଥିଲା। ହେଲେ ଏହା ଏବେ ଚୌଦ୍ୱାର ପୌରପାଳିକା ଅଧୀନରେ ରହିଛି। ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ୮୦ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଗତ ଫନୀ ପ୍ରଭାବରେ ଏହି ବିଦ୍ୟାଳୟ ଶ୍ରେଣୀଗୃହର ଆଜବେଷ୍ଟସ ଉଡିଯାଇଥିଲା। ଏହାକୁ ମରାମତି କରାଯାଇ ନ ଥିବାରୁ ଆଜିପର୍ଯ୍ୟନ୍ତ ପିଲାମାନେ ସ୍କୁଲ ବାରଣ୍ଡାରେ ବସି ପାଠ ପଢୁଥିବା ଦେଖିବାକୁ ମିଳିଛି। ଏପରି କି ଅଫିସ ପାଇଁ ଗୃହ ନ ଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସରିତା ବେଗମ୍ କହିଛନ୍ତି। ଏକମାତ୍ର ଛାତଘରେ ସମସ୍ତ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିବା ସମ୍ଭବ ହେଉନି। ଫଳରେ ଛାତ୍ରୀଛାତ୍ରଙ୍କୁ ବାରଣ୍ଡାରେ ବସାଇ ପାଠ ପଢାଇବାକୁ ବାଧ ହେଉଛୁ ବୋଲି ଶିକ୍ଷୟିତ୍ରୀମାନେ କହିଛନ୍ତି। ସେହିପରି ବିଦ୍ୟାଳୟ ଚତୁଃପାର୍ଶ୍ୱରେ ଥିବା ପାଚେରିର ଉଚ୍ଚତା କମ୍। ଏଥିଯୋଗୁ ସନ୍ଧ୍ୟାହେଲେ ସ୍ଥାନୀୟ ଅଞ୍ଚଳର ଯୁବକମାନେ ବିଦ୍ୟାଳୟ ପରିସରରେ ଅବାଧରେ ପ୍ରବେଶକରି ଅସାମାଜିକ କାର୍ଯ୍ୟ କରୁଥିବା ତାରକ ସିଂ, ରୂପକ ସିଂ, ଧୀରେନ୍ଦ୍ର ଚୌଧୁରୀ, ଦବିକ୍ ଖାନ୍, ଧରଣୀଧର ମହାରଣା, ଏସ୍.କେ. ଜହର, ପ୍ରକାଶ ନାୟକଙ୍କ ଭଳି ଅନେକ ଅଭିଭାବକ ଅଭିଯୋଗ କରିଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଣିପାଇପ ବ୍ୟବସ୍ଥା କରାଯାଇଛି। ମାତ୍ର ଠିକ୍ ସମୟରେ ପାଣି ନ ଆସିବାରୁ ପିଲାମାନେ ପିଇବା ପାଇଁ ହଇରାଣ ହୋଇଥାନ୍ତି। ଅନ୍ୟପକ୍ଷରେ ସ୍କୁଲ ପରିସରରେ ଥିବା ନଳକୂପରୁ ଗୋଳିଆ ପାଣି ବାହାରୁଛି, ଯାହା ପିଇବା ପାଇଁ ଅନୁପଯୁକ୍ତ । ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ଉପରୋକ୍ତ ସମସ୍ୟା ସମ୍ପର୍କରେ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଥିଲେ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଇ ନ ଥିବା ପ୍ରଧାନଶିକ୍ଷୟିତ୍ରୀ ବେଗମ୍ କହିଛନ୍ତି। ଏବେ ଝିପ୍ ଝିପ୍ ବର୍ଷା ସାଙ୍ଗକୁ ଶୀତର ପ୍ରକୋପ ଜାରି ରହିଥିବାରୁ ପିଲାମାନେ ବିଦ୍ୟାଳୟ ବାରଣ୍ଡାରେ ବସି ପାଠପଢୁଥିବା ଦେଖି ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ପୌର କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ଲାଗି ସେମାନେ ଦାବି କରିଛନ୍ତି। ଏ ନେଇ ପୌରନିର୍ବାହୀ ଅଧିକାରୀ ପ୍ରଦୀପ୍ତ କୁମାର ବେହେରା କୁହନ୍ତି, ପୌରପାଳିକା ଅଧିକାରୀମାନେ ଫନୀ କ୍ଷତିଗ୍ରସ୍ତ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଥିଲେ। ଏହି ବିଦ୍ୟାଳୟ ପାଇଁ ୧୦ଲକ୍ଷ ଟଙ୍କା ଆବଶ୍ୟକତା ଥିବା ନେଇ ଶିକ୍ଷା ବିଭାଗକୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ଅର୍ଥ ଆସିଲେ କାମ ଆରମ୍ଭ ହେବ।




ସ୍କୁଲ ବାରଣ୍ଡାରେ ଛାତ୍ରୀଛାତ୍ରମାନେ ପାଠ ପଢୁଛନ୍ତି।

- **ମରାମତି ହେଉନି ଶ୍ରେଣୀଗୃହ**
- **ବାରଣ୍ଡାରେ ପଢୁଛନ୍ତି ଛାତ୍ରୀଛାତ୍ର**
- **ନଳକୂପରୁ ବାହାରୁଛି ଗୋଳିଆ ପାଣି**



ପରିତ୍ୟକ୍ତ ଅବସ୍ଥାରେ ସ୍କୁଲ ଅଫିସ ଗୃହ



ଅତିଥିମାନେ ମ୍ୟୁଜିୟମ୍ ବୁଲି ଦେଖୁଛନ୍ତି।

# ପୁଣ୍ୟକର୍ମ ପାଇଁ ବିପ୍ଲବୀ ନେତା ଶୁକ ଭୋଇ ଚିରଦିନ ଅମର

**ବାଙ୍କୀ,୮।୨ (ସ୍ୱ.ପ୍ର)**

ବାଙ୍କୀ ସମାଜବାଦୀ ଆନ୍ଦୋଳନର ଉଦ୍ୟକ୍ତା ଶୁକ ଭୋଇଙ୍କ ୨୯ତମ ଶ୍ରାଦ୍ଧୋତ୍ସବ ଶନିବାର ବାଙ୍କୀ ବ୍ଲକ ଅନ୍ତର୍ଗତ ପର୍ଶୁରାମପୁର ମ୍ୟୁଜିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ବେଗୁନିଆ ବୋଲଗଡ଼ ବିଧାୟକ ରାଜେନ୍ଦ୍ର ସାହୁ , ଉପଖଣ୍ଡ ପୋଲିସ ଅଧିକାରୀ ପ୍ରସନ୍ନ କୁମାର ବିଶ୍ୱାଳ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସଚନ୍ଦ୍ର ପାଢୀ, ବାଙ୍କୀ ପ୍ରେସ କ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, ବୈଦ୍ୟେଶ୍ୱର ଥାନା ଅଧିକାରୀ ଶୁଭ୍ରାଂନ୍ତ କୁମାର ଜେନା, ଖବରଦାତା ଗୌତମ ମିଶ୍ର ପ୍ରମୁଖ ଯୋଗଦେଇ ବିପ୍ଲବୀ ନେତା ସ୍ୱର୍ଗତ ଶୁକ ଭୋଇଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିପ୍ଲବୀ ଶୁକ ଭୋଇଙ୍କ ମାଟିର ଦେହ ମାଟିରେ ମିଶିଗଲେ ମଧ୍ୟ ପୁଣ୍ୟକର୍ମ ତଥା ପୁଣ୍ୟବ୍ରତ ପାଇଁ ସେ ଅମର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ବିଚିତ୍ରାନନ୍ଦ ପଣ୍ଡା, ଆଲୋକ ବିଶୋଇ, ସତ୍ୟବାନ ଗିରି, କୃଷ୍ଣଚନ୍ଦ୍ର ଝପଟସିଂହ, ବିଷ୍ଣୁ ଚନ୍ଦ୍ର ମାର୍ଥା, ସର୍ବେଶ୍ୱର ବେହେରା, ଭରତ ସାହୁ, ବିମ୍ବାଧର ମହାରଣାଙ୍କୁ ଫୁଲମାଳ ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରିଥିଲେ। ଅତିଥିମାନେ ସ୍ୱର୍ଗତ ଶୁକ ଭୋଇଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ଥାପିତ ହୋଇଥିବା ଏହି ସୁକର୍ଣ୍ଣିକା ମ୍ୟୁଜିୟମ୍‌କୁ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମକୁ ମ୍ୟୁଜିୟମର ସାଧାରଣ ସମ୍ପାଦକ ଡ.ଗଣେଶ୍ୱର ସ୍ୱାଇଁ ପରିଚାଳନା କରି ଶେଷରେ ଧନ୍ୟବାଦ ଦେଇଥିଲେ।

# ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଭିନ୍ନ ମାମଲାର ଫଇସଲା




ଆଠଗଡ଼ରେ ଆୟୋଜିତ ଲୋକ ଅଦାଲତରେ ବିଚାରପତିଙ୍କ ସହ ଓକିଲ ଓ କର୍ମଚାରୀ।

**ବାଙ୍କୀ,ଆଠଗଡ଼/ବଡ଼ମ୍ବା ୮।୨ (ସ୍ୱ.ପ୍ର)**

ବାଙ୍କୀ ଉପଖଣ୍ଡ ବିଚାର ବିଭାଗୀୟ କାର୍ଯ୍ୟାଳୟରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ରଶ୍ମିତା ସାହୁ ଓ ସିନିୟର ଡିଭିଜନ ସିଭିଲ ଜଜ୍ ଦୀପଙ୍କର ପଟ୍ଟନାୟକ ଏଥିରେ ଯୋଗଦେଇ ୬୭ ମାମଲାର ବିଚାର କରିଥିଲେ। ଏହି ଅବସରରେ ୧୨ ସିଭିଲ ଓ ୫୫ ପୌଜଦାରି ମାମଲା ବିଚାର କରାଯାଇଥିଲା। ଏଥିସହ ଜରିମାନା ବାବଦରେ ୨୦ହଜାର ଟଙ୍କା ଏବଂ ବ୍ୟାଙ୍କ ଋଣ ବାବଦରେ ୫ଲକ୍ଷ ୬୦ହଜାର ଟଙ୍କା ଆଦାୟ କରାଯାଇଥିଲା। ଆଠଗଡ଼ ତାଲୁକ ଆଇନ ସେବା କମିଟି ପକ୍ଷରୁ ଅନୁଷ୍ଠିତ ଲୋକ ଅଦାଲତକୁ ଅତିରିକ୍ତ ଜିଲା ଦୌରାଜଜ ଅରବିନ୍ଦ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ୭ଟି ମୋଟରଯାନ ଦୁର୍ଘଟଣାଜନିତ ମାମଲାର ବିଚାର କରି କ୍ଷତିପୂରଣ ବାବଦରେ ୧୯ ଲକ୍ଷ ୯୦ ହଜାର ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳ ଅମିୟ କୁମାର ସାହୁ ୩ ସାର୍ଟିଫିକେଟ ମାମଲାର ଫଇସଲା କରି ୫୦,୨୮୮ ଟଙ୍କା ରାଜସ୍ୱ ଆଦାୟ କରିଥିଲେ। ସେହିପରି ସିଭିଲ ଜଜ ସିନିୟର ଡିଭିଜନ ଶରତ କୁମାର ଜେନା, ଜେଏମ୍ଏଫ୍‌ସି ସୌମ୍ୟଶେଖର ମହନ୍ତ ଓ ତହସିଲଦାର ତପନ କୁମାର ଖୁଣ୍ଟିଆଙ୍କ ପକ୍ଷରୁ ମଧ୍ୟ ବିଭିନ୍ନ ମାମଲାର ଫଇସଲା କରାଯାଇଥିଲା। ବଡ଼ମ୍ବାସ୍ଥିତ ଦେୱାନୀ ଓ ଫୌଜଦାରି ଅଦାଲତ ପରିସରରେ ଆୟୋଜିତ ଲୋକ ଅଦାଲତରେ ଜେଏମ୍ଏଫସି ରେଖାରାଣୀ ପଣ୍ଡା ଯୋଗଦେଇ ବିଭିନ୍ନ ମାମଲାର ଫଇସଲା କରିଥିଲେ। ଏହି ଅବସରରେ ୬୧ ଯୁଆଇ ଓ ମୋଟରଯାନ ସମ୍ବନ୍ଧୀୟ ମାମଲାର ଫଇସଲା କରାଯାଇଥିଲା। ସେହିପରି ୪ ଦେୱାନୀ ମାମଲାର ସମାଧାନ ହୋଇଥିବା ବେଳେ ୧୩ଟି ମାମଲାର ଫାଇନାଲ ରିପୋର୍ଟ ଉପରେ ଫଇସଲା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଓକିଲ ସଂଘର ସଦସ୍ୟ ଓ କର୍ମଚାରୀମାନେ ପରିଚାଳନା କରିଥିଲେ।

# ଆଶାକର୍ମୀଙ୍କ ପ୍ରଶିକ୍ଷଣ ଶିବିର

**ବାଙ୍କୀ, ୮।୨ (ସ୍ୱ.ପ୍ର)**

ବାଙ୍କୀ ବ୍ଲକ ପରିସର ସଭାଗୃହରେ ଶନିବାର ସ୍ଥାନୀୟ ଅଞ୍ଚଳର ଆଶାକର୍ମୀମାନଙ୍କୁ ନେଇ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଆୟୋଜିତ ଏହି ଏହି କାର୍ଯ୍ୟକ୍ରମକୁ ଡାକ୍ତର କାନନବାଳା ମହାନ୍ତି ଉଦ୍‌ଘାଟନ କରି ଆଶାକର୍ମୀମାନଙ୍କୁ ସ୍ୱାସ୍ଥ୍ୟସେବା ଦୂତ ବୋଲି କହିଥିଲେ। ଏହି ଅବସରରେ ଆଶାକର୍ମୀଙ୍କୁ କୃମିନାଶକ ପ୍ରକ୍ରିୟା, କୁଷ୍ଠ ନିରାକରଣ, କରୋନା ଭାଇରସ୍ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ କୁମାର ସାହୁ ଏହାକୁ ପରିଚାଳନା କରିଥିଲେ। ଆଜିର ପ୍ରଶିକ୍ଷଣ ଶିବିର କୃମିରୋଗ ନିରାକରଣ ପାଇଁ ଉଦ୍ଦିଷ୍ଟ ଥିଲା। ଏଥିପାଇଁ ଶିବିର ଆୟୋଜନ କରାଯାଇଥିବାବେଳେ ଆଗାମୀ ୧୦ତାରିଖରୁ ଆରମ୍ଭ ହେଉଥିବା କୁଷ୍ଠ ନିରାକରଣ ଚିହ୍ନଟ ପ୍ରକ୍ରିୟା ଓ କରୋନା ଭାଇରସ୍ ସମ୍ପର୍କରେ ସଚେତନ କରିବାଲାଗି ଆଶାକର୍ମୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ସଚେତନ ଦ୍ୱାରା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ଅତିଥି ମତବ୍ୟକ୍ତ କରିଥିଲେ। ଏଥିରେ ସ୍ୱାସ୍ଥ୍ୟ ପରିଦର୍ଶକ ମାନଭଞ୍ଜନ ବେହେରା ସହଯୋଗ କରିଥିଲେ।

# ମଡେଲ ମିଳିତ ଜାତିସଂଘର ଅନ୍ତର୍ଜାତୀୟ ସଂସ୍କରଣ

**ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ**

**ନରାଜ,୮।୨(ଡି.ଏନ୍.ଏ.)**

କଟକସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଶନିବାର ମଡେଲ ମିଳିତ ଜାତିସଂଘର ଅନ୍ତର୍ଜାତୀୟ ସଂସ୍କରଣ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ ଉଚ୍ଚଶିକ୍ଷା, କୃଷି, ସଶକ୍ତୀକରଣ, ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଯୋଗଦେଇ ବିଶ୍ୱବିଦ୍ୟାଳୟ ପରିସରରେ ସୁଖମୟ ବାତାବରଣକୁ ପ୍ରଶଂସା କରିଥିଲେ। ସେ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସରଳ ବ୍ୟବହାର କରିବା, ସତ୍ୟ କହିବା ଓ ଶୁଣିବା ସହ ଶୃଙ୍ଖଳା ପରି ମାନବୀୟ ମୂଲ୍ୟବୋଧକୁ ଆଦରି ନେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ବି.ଆର ଶର୍ମା, କ୍ୟାପଟେନ୍ ପଣ୍ଡା ଓ ନରେନ୍ଦ୍ର ଲାମ୍ବା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଂସ୍କରଣରେ ୨୦ରୁ ଊର୍ଦ୍ଧ୍ୱ ଶିକ୍ଷା ଅନୁଷ୍ଠାନର ମୋଟ ୫୦୦ ଛାତ୍ରୀଛାତ୍ର ଓ ପ୍ରତିନିଧି ଯୋଗଦେଇଥିଲେ। ମିଳିତ ଜାତି ସଂଘର ସାଧାରଣ ସମ୍ପାଦକ କୁମାରୀ ପ୍ରଣତି ନାଗସାଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ କ୍ୟାପଟେନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଅରୁଣ ସାହୁଙ୍କ ସହ ଅନ୍ୟମାନେ।

# ଉତ୍କଳର ବରପୁତ୍ର ଥିଲେ ରାଧାନାଥ

**ବାଙ୍କୀ, ୮।୨ (ସ୍ୱ.ପ୍ର)**

ବାଙ୍କୀ ପ୍ରେସକ୍ଲବ ବିଦ୍ୟାରତ୍ନ ଭବନରେ ପଦ୍ମଭୂଷଣ ଡ.ରାଧାନାଥ ରଥଙ୍କ ଶ୍ରାଦ୍ଧଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଙ୍କୀ ପ୍ରେସକ୍ଲବ ସଭାପତି ବଳଭଦ୍ର ପଣ୍ଡା ଅଧକ୍ଷତା କରିଥିଲେ। ଉପଖଣ୍ଡ ପୋଲିସ ଅଧିକାରୀ ପ୍ରସନ୍ନକୁମାର ବିଶ୍ୱାଳ ମୁଖ୍ୟଅତିଥି ଏବଂ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପଦ୍ମଭୂଷଣ ଡ.ରାଧାନାଥ ରଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନେ ରାଧାନାଥଙ୍କୁ ଉତ୍କଳର ବରପୁତ୍ର ବୋଲି କହିଥିଲେ। କାର୍ଯ୍ୟକ୍ରମରେ କବି ଶରତ ଚନ୍ଦ୍ର ମହାପାତ୍ରଙ୍କୁ ଉପଢୌକନ ଓ ଫୁଲତୋଡା ଦିଆଯାଇ ଡ.ରାଧାନାଥ ରଥଙ୍କ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ବାଙ୍କୀ ଆଥଲେଟିକ୍ ଆସୋସିଏଶନ୍ ସାଧାରଣ ସମ୍ପାଦକ ଆଡ୍‌ଭୋକେଟ୍ ସନ୍ତୋଷ କୁମାର ରଣା, ସରକାରୀ ଓକିଲ ପ୍ରଦୀପ କୁମାର ପୃଷ୍ଟି, ବରିଷ୍ଠ ଓକିଲ ବକ୍ସି ସୁଧାଂଶୁ ରଞ୍ଜନ ପଟ୍ଟନାୟକ, ଧର୍ମପ୍ରସାଦ ମଙ୍ଗରାଜ, ବରିଷ୍ଠ ନାଗରିକ ସୁବାସଚନ୍ଦ୍ର ପ୍ରହରାଜ ଓ ଖବରଦାତା ଗୌତମ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମାନିତ ପ୍ରତିଭା ମହାପାତ୍ର ସ୍ୱର୍ଗତ ରାଧାନାଥ ରଥଙ୍କ ସମ୍ପର୍କରେ ସ୍ୱରଚିତ କବିତା ପାଠ କରିଥିଲେ। ସରକାରୀ ଓକିଲ ପ୍ରଦୀପ କୁମାର ପୃଷ୍ଟି ଧନ୍ୟବାଦ ଦେଇଥିଲେ।



ରାଧାନାଥଙ୍କ ଶ୍ରାଦ୍ଧୋତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ତୀର୍ଥ ପୁଷ୍କରିଣୀକୁ ଅଣଦେଖା

**ପୁରୀ ଅଫିସ, ୮।୨**

- **ଭଙ୍ଗା ପାଚେରି ମରାମତି ହେଉନି**
- **ପଶୁଛି ନଳାପାଣି, ଅଳିଆ ଆବର୍ଜନା**

ବିଶ୍ୱ ଐତିହ୍ୟ ସହର ହେବ ପୁରୀ। ବଦଳିବ ଢାଞ୍ଚା, ନିଆଯିବ ନାନା ବିକାଶମୂଳକ ପଦକ୍ଷେପ। ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଲାଗି ଶ୍ରୀକ୍ଷେତ୍ର ପ୍ରମୁଖ ଆକର୍ଷଣ ପାଲଟିବ। ପୁରୀକୁ ନେଇ ଏମିତି ଅନେକ ସ୍ୱପ୍ନ ଦେଖିଛନ୍ତି ରାଜ୍ୟ ସରକାର। ଏ ଦିଗରେ ମଧ୍ୟ ପ୍ରୟାସ ଆରମ୍ଭ କରିଛନ୍ତି। ଏଥିଲାଗି କେତେକ କାମ ଚାଲିଥିବାବେଳେ ଏକାଧିକ ମେଗା ପ୍ରକଳ୍ପର ଶିଳାନ୍ୟାସ ହୋଇଛି। କିନ୍ତୁ ଶ୍ରୀକ୍ଷେତ୍ରର ତୀର୍ଥ ପୁଷ୍କରିଣୀଗୁଡ଼ିକ ପ୍ରତି ଅଣଦେଖା କରାଯାଉଛି। ଅନେକ ତୀର୍ଥ ପୁଷ୍କରିଣୀ ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି। ବର୍ଷ ବର୍ଷ ଧରି କାହାର ପାଚେରି ଭୁଶୁଡ଼ି ପଡ଼ିଥିଲେ ବି ମରାମତି ହୋଇନାହିଁ ତ ପୁଣି କେଉଁଠି ପଶୁଛି ମଇଳା ପାଣି ଏବଂ ଆବର୍ଜନା। ଶ୍ରୀକ୍ଷେତ୍ରର ବିକାଶ ପ୍ରକଳ୍ପରେ ୪ଟି ତୀର୍ଥ ପୁଷ୍କରିଣୀ (ଶ୍ୱେତଗଙ୍ଗା, ମାର୍କଣ୍ଡେୟ, ନରେନ୍ଦ୍ର ଏବଂ ଇନ୍ଦ୍ରଦ୍ୟୁମ୍ନ)ର ପୁନରୁଦ୍ଧାର ଘୋଷଣା କରାଯାଇଛି। କିନ୍ତୁ ଏପର୍ଯ୍ୟନ୍ତ ଏସବୁର କାମ ଆରମ୍ଭ ହୋଇନାହିଁ। ଫଳରେ ଏ ନେଇ ଶ୍ରଦ୍ଧାଳୁ ଓ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ପୁରୀକୁ ପ୍ରତିଦିନ ହଜାର ହଜାର ଭକ୍ତ ଓ ପର୍ଯ୍ୟଟକ ଆସିଥାନ୍ତି। ଶ୍ରୀମନ୍ଦିର ଓ ବେଳାଭୂମି ପରେ ଅନେକ ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥ ପୁଷ୍କରିଣୀକୁ ମଧ୍ୟ ବୁଲି ଦେଖିଥାନ୍ତି। ପୁରୀ ସହରର ପ୍ରାୟ ଅଧିକାଂଶ ପରିଚିତ ପୁଷ୍କରିଣୀ ସହ ଐତିହ୍ୟ ଯୋଡ଼ି ହୋଇରହିଛି। ତେବେ ଶ୍ରୀକ୍ଷେତ୍ରର ଇନ୍ଦ୍ରଦ୍ୟୁମ୍ନ, ମାର୍କଣ୍ଡେୟ ଏବଂ ପାର୍ବତୀ ସାଗର ଆଦି ପୁଷ୍କରିଣୀର ଅବସ୍ଥା ଦୟନୀୟ ହୋଇପଡ଼ିଛି। ବର୍ଷ ବର୍ଷ ଧରି ଏହି ପୁଷ୍କରିଣୀର ପାଚେରି ଭାଙ୍ଗି ଅପରିଷ୍କାର ହୋଇପଡ଼ିଥିଲେ ବି ଏଥିପ୍ରତି କାହାର ନିଘା ନାହିଁ। ଫଳରେ ବିଭିନ୍ନ ସମୟରେ ଏହି ପୁଷ୍କରିଣୀକୁ ବୁଲି ଯାଉଥିବା ଶ୍ରଦ୍ଧାଳୁ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥ ମଧ୍ୟରୁ ଅନ୍ୟତମ ତୀର୍ଥ ହେଉଛି ଇନ୍ଦ୍ରଦ୍ୟୁମ୍ନ। ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ସ୍ମୃତିର ସ୍ମାରକୀ ବହନ କରୁଥିବା ଏହି ପୁଷ୍କରିଣୀକୁ କୁରୁମ ପୁଷ୍କରିଣୀ ବା ଯଜ୍ଞ ପୁଷ୍କରିଣୀ ବୋଲି କୁହାଯାଏ। ଏହାରି କୂଳରେ ନୀଳକଣ୍ଠେଶ୍ୱରଙ୍କ ମନ୍ଦିର ରହିଛି। ପ୍ରତ୍ୟହ ଶ୍ରଦ୍ଧାଳୁମାନେ ମନ୍ଦିରକୁ ଆସିବା ସହ ପୁଷ୍କରିଣୀ ଦର୍ଶନ କରିଥାନ୍ତି। କିନ୍ତୁ ଠିକ୍ ଭାବେ ଏହାର ରକ୍ଷଣାବେକ୍ଷଣ କରାଯାଉ ନାହିଁ। ଫଳରେ ବର୍ତ୍ତମାନ ପୁଷ୍କରିଣୀର ପୂର୍ବ, ଉତ୍ତର ଓ ଦକ୍ଷିଣ ପାର୍ଶ୍ୱ ପାଚେରି ଭୁଶୁଡ଼ି ପଡ଼ିଛି। ସବୁଠୁ ପରିତାପର ବିଷୟ ହେଉଛି ଏହି ପବିତ୍ର ପୁଷ୍କରିଣୀ ଭିତରକୁ ନଳାପାଣି ପ୍ରବେଶ କରୁଛି। ଶ୍ରୀମନ୍ଦିର ଉତ୍ତର ପାର୍ଶ୍ୱରେ ରହିଛି ଅନ୍ୟତମ ତୀର୍ଥ ପୁଷ୍କରିଣୀ ମାର୍କଣ୍ଡେୟ। ଅନ୍ୟ ତୀର୍ଥ ଅପେକ୍ଷା ଏଠାରେ ସର୍ବାଧିକ ତୀର୍ଥଯାତ୍ରୀ ସ୍ନାନ, ଦାନ, ତର୍ପଣ, ଶ୍ରାଦ୍ଧ ଓ ଦଶାହ କ୍ରିୟା କରିଥାନ୍ତି। ଭାଦ୍ର କୃଷ୍ଣ ଏକାଦଶୀରେ ଶ୍ରୀଜଗନ୍ନାଥଙ୍କ କାଳୀୟଦଳନ ନୀତି ମାର୍କଣ୍ଡେୟ ପୁଷ୍କରିଣୀରେ ଅନୁଷ୍ଠିତ ହୁଏ। ଶାରଦୀୟ ଦୁର୍ଗାପୂଜା ସମୟରେ ସେବାୟତ ପରିବାରର ନେତ ପିଲାମାନେ ଏଠାରେ ବାଲୁକା ଲିଙ୍ଗ ସ୍ଥାପନା କରି ପୂଜା କରିଥାନ୍ତି। ଏହି ପୁଷ୍କରିଣୀ କୂଳରେ ଶ୍ରୀମାର୍କଣ୍ଡେଶ୍ୱର ମନ୍ଦିର ରହିଛି। ଏତେସବୁ ଐତିହ୍ୟକୁ ଜାବୁଡ଼ି ଧରିଥିବା ଏହି ପୁଷ୍କରିଣୀର ପାଚେରି ଅଧା ମରାମତି ଅବସ୍ଥାରେ ରହିଛି। ଶ୍ରୀକ୍ଷେତ୍ରର ଅନ୍ୟତମ ତୀର୍ଥ ପୁଷ୍କରିଣୀ ହେଉଛି ପାର୍ବତୀ ସାଗର। ଏହା ପୁରୀ ସହରର ଆଉ ଏକ ବଡ଼ ପୋଖରୀ। ପ୍ରସିଦ୍ଧ ଶୈବ ପୀଠ ଶ୍ରୀଲୋକନାଥ ମନ୍ଦିର ପରିସରକୁ ଲାଗି ରହିଛି ପାର୍ବତୀ ସାଗର ପୁଷ୍କରିଣୀ। ସୁଉଚ୍ଚ ପାଚେରି ଦ୍ୱାରା ଏହା ପରିବେଷ୍ଟିତ। ଲୋକନାଥ ମନ୍ଦିରକୁ ଯିବାବେଳେ ଏବଂ ଫେରିବାବେଳେ ଶ୍ରଦ୍ଧାଳୁମାନେ ଏହି ପୁଷ୍କରିଣୀରେ ଗୋଡ଼, ହାତ ଧୋଇ ଯାଇଥାନ୍ତି। ଏତଦ୍‌ବ୍ୟତୀତ ଶ୍ରାବଣ ମାସରେ ବୋଲବମ୍ ଭକ୍ତ ଏଠାରେ ସ୍ନାନ କରିଥାନ୍ତି। ସେହିପରି ସରନ୍ତି ସୋମବାର ରାତିରେ ପୁଷ୍କରିଣୀରେ ଶ୍ରଦ୍ଧାଳୁ ଗାଧୋଇବା ସହ ଠାକୁରଙ୍କ ବାସନକୁସନ ସଫା କରାଯାଏ। ୨୦୧୭ ଅକ୍ଟୋବର ୨୦ରେ ଉତ୍ତର ପାର୍ଶ୍ୱରେ ପ୍ରାୟ ୧୦୦ ଫୁଟ ପାଚେରି ଭୁଶୁଡ଼ି ପଡ଼ିଥିଲା। ଇତିମଧ୍ୟରେ ୨ବର୍ଷରୁ ଊର୍ଦ୍ଧ୍ୱ ବିତିଗଲାଣି। ହେଲେ ଏ ପର୍ଯ୍ୟନ୍ତ ପାଚେରି ମରାମତି ହୋଇନାହିଁ। ଆସନ୍ତା ୨୧ ତାରିଖରେ ଜାଗର ଯାତ୍ରା। ଏଠାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ହେଲେ ପୋଖରୀର ଏଭଳି ଅବସ୍ଥା ନିଶ୍ଚିତ ସେମାନଙ୍କ ମନରେ ନକାରାତ୍ମକ ଭାବନା ସୃଷ୍ଟି କରିବ ବୋଲି କୁହାଯାଉଛି। ଶ୍ରୀକ୍ଷେତ୍ର ବିକାଶ ପ୍ରକଳ୍ପରେ ସ୍ଥାନ ପାଇଥିବା ୪ଟି ପୁଷ୍କରିଣୀର ପୁନରୁଦ୍ଧାର କାମ କେବେ ଆରମ୍ଭ ହେଉଛି ତାହା ଉପରେ ଏବେ ନଜର ରଖିଛନ୍ତି ସହରବାସୀ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୯ ଫେବୃୟାରୀ, ୨୦୨୦



ଯଦି ଜଣେ ତୁମଠାରୁ ଭଲ ନ ହୋଇଥାଏ, ତା' ସହିତ ବନ୍ଧୁତା ବାନ୍ଧ ନାହିଁ।
- କନ୍‌ଫୁସିୟସ



## ସଂକ୍ଷେପରେ

### ମାର୍କେଟ ବିଲ୍ଡିଂ ଆତଙ୍କ ଘଟଣାରେ ଆଉ ଜଣେ ଗିରଫ

**ଗିରଫ ସଂଖ୍ୟା ୩୨ ଛୁଇଁଲା**

**ଭୁବନେଶ୍ୱର, ୮।୨(ବ୍ୟୁରୋ):** ୟୁନିଟ-୨ ମାର୍କେଟ ବିଲ୍ଡିଂରେ ପଶି ଭଙ୍ଗାରୁଜା ଓ ଆକ୍ରମଣ କରି ଆତଙ୍କ ଘଟାଇବା ମାମଲାରେ କ୍ୟାପିଟାଲ ଥାନା ପୋଲିସ ଆଉଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଗଜପତି ଜିଲାର ଗୋପୀନାଥ ନାୟକ। କ୍ୟାପିଟାଲ ଥାନାର ଏକ ପୋଲିସ ଟିମ୍ ଗଜପତି ଯାଇ ତାଙ୍କୁ ଗିରଫ କରିଥିବା ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ତେବେ ଗୋପୀନାଥ ଧରାପଡ଼ିବା ପରେ ଗିରଫ ସଂଖ୍ୟା ୩୨ରେ ପହଞ୍ଚିଛି। ଏଥିମଧ୍ୟରେ ୧୬ ଜଣ ନାବାଳକ ଓ ୧୬ ସାବାଳକ ରହିଥିବାବେଳେ ନାରାୟଣ ପ୍ରଧାନ, ପଙ୍କଜ ରାଜ, ସ୍ମୃତି ସାଗର ମହାପାତ୍ର, ଗୋପୀନାଥ ନାୟକ, ସୁରଜ ଶାହା,ସାଇପ୍ରୀତମ ପଟ୍ଟନାୟକ, ରାକେଶ ମହାନ୍ତି ଓରଫ ଚିଣ୍ଟୁଙ୍କୁ ମିଶାଇ ମୋଟ ୯ଜଣଙ୍କୁ ପୋଲିସ ଏନ୍ଏସ୍ଏରେ ବୁକ୍ କରିଛି।ସୂଚନାଯୋଗ୍ୟ, ଜାନୁୟାରୀ ୯ ରାତି ସାଢେ ୯ଟାରେ ଜଣେ ଯୁବତୀ ଏକ ଦୋକାନରେ ଘଣ୍ଟା କିଣୁଥିବାବେଳେ ଦୋକାନୀଙ୍କ ସହ ପାଟିତୁଣ୍ଡ ହୋଇଥିଲା। ପରେ କେତେଜଣ ଦୋକାନୀ ଓ ଅନ୍ୟ କେତେଜଣ ଗୁଣ୍ଡା ଶ୍ରେଣୀ ଯୁବକ ଯୁବତୀଙ୍କ ଭାଇକୁ ଆକ୍ରମଣ କରିଥିଲେ। ଯୁବତୀ ଜଣକ ଏନେଇ ଅଭିଯୋଗ କରିଥିଲେ ମଧ ପୋଲିସ ଆପୋଷ ସମାଧାନ କରି ମାଡ ମାରିଥିବା ଦୋକାନୀଙ୍କୁ ଛାଡି ଦେଇଥିଲା। ଏହି ଖବର ପାଇ ରାକେଶ ଓରଫ ଚିଣ୍ଟୁଙ୍କ ସମେତ ଅନ୍ୟ ଅଭିଯୁକ୍ତମାନ ସଂଘବଦ୍ଧ ହୋଇ ଖଣ୍ଡା,ବନ୍ଧୁକ, ଲୁଡା ରଡ୍ ଓ ହକି ଷ୍ଟିକ୍ ଧରି ୧୦ ତାରିଖ ରାତି ୭ଟାରେ ମାର୍କେଟ ବିଲ୍ଡିଂରେ ଆତଙ୍କ ଖେଳାଇଥିଲେ। ଜନଗହଳିପୂର୍ଣ୍ଣ ସ୍ଥାନରେ ଆତଙ୍କ ଖେଳାଇବା, ଦଙ୍ଗା ସୃଷ୍ଟି କରିବା, ମାରଣାସ୍ତ୍ର ଧରି ଆକ୍ରମଣ କରିବା ଅଭିଯୋଗରେ ପୋଲିସ ସେମାନଙ୍କୁ ଗିରଫ କରିବା ସହ ଜଣକ ପରେ ଜଣଙ୍କୁ ଏନ୍ଏସ୍ଏରେ ବୁକ୍ କରି ଚାଲିଛି।

### ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପୁଷ୍ଟିକର ଖାଦ୍ୟ ଆବଶ୍ୟକ

**କଟକ ଅଫିସ,୮।୨:** ସ୍ଥାନୀୟ ବିଦ୍ୟାଧରପୁରସ୍ଥିତ କଟକ କଲେଜରେ ଗୃହବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଡ. ସନ୍ତୋଷ କୁମାର ପଟ୍ଟନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ବରପାଲି ସିଡିପିଓ ସଂଯୁକ୍ତା ଲେଙ୍କା ମୁଖ୍ୟଅତିଥିଭାବେ ଯୋଗଦେଇ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା, ପୁଷ୍ଟିହୀନତାଜନିତ ବିଭିନ୍ନ ରୋଗ ଓ ତା'ର ନିରାକରଣ ନିମନ୍ତେ ସରକାରଙ୍କ ବିଭିନ୍ନ ଯୋଜନା, ଶିକ୍ଷା ମାଧ୍ୟମରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଉପରେ ବକ୍ତବ୍ୟ ରଖିଥିଲେ। ଡ. ବିଦ୍ୟାଭୂଷଣ ମହାନ୍ତି, ପ୍ରାଧାପିକା ଶ୍ରଦ୍ଧାବତୀ ପରିଡ଼ା, ଅଧାପିକା ଶିବାନୀ ମହାପାତ୍ର, ହେଲିନା ଯତି ଏବଂ ତୃପ୍ତିମୟୀ ପାତ୍ର ପ୍ରମୁଖ ଗୋଷ୍ଠୀଗତ ଜୀବନରେ ପରିଲକ୍ଷିତ ପୁଷ୍ଟିହୀନତା ଓ ତା'ର ଶାରୀରିକ କୁପ୍ରଭାବର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରଶାସନିକ ଅଧିକାରୀ ମେଜର ପୂର୍ଣ୍ଣଚନ୍ଦ୍ର ସାହୁ, ବାଣିଜ୍ୟ ବିଭାଗ ମୁଖ୍ୟ ଡ. କେଶବ ଚନ୍ଦ୍ର ସାହୁ, ପ୍ରାଧାପିକା ରାଜଲକ୍ଷ୍ମୀ ମହାପାତ୍ରଙ୍କ ସମେତ ଗୃହବିଜ୍ଞାନ ବିଭାଗର ସମସ୍ତ ଅଧାପିକା ଓ ଛାତ୍ରୀମାନେ ଏଥିରେ ଉପସ୍ଥିତ ଥିଲେ। ଛାତ୍ରୀ ମଧୁସ୍ମିତା ପଣ୍ଡା, ରୋଜାଲିନ ଜେନା, ସୋନି ବେହେରା, ଦୀପିକା ପଟ୍ଟନାୟକ ଓ ସଂଯୋଜିକା ପ୍ରିୟା ଗରୁଡ ପ୍ରମୁଖ ନିବନ୍ଧ ପାଠ କରିଥିଲେ।

### ରାଜନୀତି ବିଜ୍ଞାନ ବିଭାଗର ପାଠଚକ୍ର

**କଟକ ଅଫିସ,୮।୨:** ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ପକ୍ଷରୁ ଏକ ପାଠଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। 'ସଂଘବାଦ-ନାଗରିକତ୍ୱ ସଂଶୋଧନ ଆଇନକୁ ସମ୍ମୁଖରେ ରଖି ବାଦାନୁବାଦ ଓ ଆହ୍ୱାନ ଶୀର୍ଷକ ଉପରେ ଆଲୋଚନା ହୋଇଥିଲା। ମହାବିଦ୍ୟାଳୟ ଅଧକ୍ଷା ଡ. ଚିନ୍ମୟୀ ମହାପାତ୍ର କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ପ୍ରଫେସର ସୂର୍ଯ୍ୟନାରାୟଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ନାଗରିକତ୍ୱ ସଂଶୋଧନ ଆଇନର ଆବଶ୍ୟକତା ଉପରେ ମତ ଦେଇଥିଲେ। ବିଭାଗୀୟ ମୁଖ୍ୟ ମୌସୁମୀ ପଟ୍ଟନାୟକ ସ୍ୱାଗତ ଭାଷଣ, ଡ. ଶ୍ରୀନିବାସ ବାରିକ ଅତିଥି ପରିଚୟ ପ୍ରଦାନ ଓ ଡ. ଗାୟତ୍ରୀ କର ଧନ୍ୟବାଦ ଦେଇଥିଲେ।

# ଅବ୍ୟବସ୍ଥାରେ ଚାଟେଶ୍ୱର ସରକାରୀ ପ୍ରାଥମିକ ବିଦ୍ୟାଳୟ

**ଚୌଦ୍ୱାର, ୮।୨(ଡି.ଏନ୍.ଏ.)**




ସ୍କୁଲ ବାରଣ୍ଡାରେ ଛାତ୍ରୀଛାତ୍ରମାନେ ପାଠ ପଢୁଛନ୍ତି।

■ମରାମତି ହେଉନି ଶ୍ରେଣୀଗୃହ
■ବାରଣ୍ଡାରେ ପଢୁଛନ୍ତି ଛାତ୍ରୀଛାତ୍ର
■ନଳକୂପରୁ ବାହାରୁଛି ଗୋଳିଆ ପାଣି

ଚୌଦ୍ୱାର ପୌରପାଳିକା ଅଧୀନ ଚାଟେଶ୍ୱର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗତ ଫନୀ ବାତ୍ୟାଠାରୁ ଅନେକ ଅବ୍ୟବସ୍ଥା ଲାଗି ରହିଛି। ଏ ସମ୍ପର୍କରେ ଶିକ୍ଷା ବିଭାଗ ଠାରୁ ଆରମ୍ଭ କରି ପୌର ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କୁ ଅବଗତ କରାଯାଇଥିଲେ ମଧ ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ। ଯାହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଶେଷକରି ଶ୍ରେଣୀଗୃହ, ପାନୀୟଜଳ ଓ ବିଦ୍ୟାଳୟ ଚତୁଃପାର୍ଶ୍ୱରେ ପାଚେରି ସମସ୍ୟାକୁ ନେଇ ଛାତ୍ରୀଛାତ୍ରମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ୧୯୫୮ ମସିହାରେ ଏହି ବିଦ୍ୟାଳୟ ସ୍ଥାପିତ ହୋଇଥିଲା। ହେଲେ ଏହା ଏବେ ଚୌଦ୍ୱାର ପୌରପାଳିକା ଅଧୀନରେ ରହିଛି। ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ୮୦ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଗତ ଫନୀ ପ୍ରଭାବରେ ଏହି ବିଦ୍ୟାଳୟ ଶ୍ରେଣୀଗୃହର ଆଜବେଷ୍ଟସ ଉଡିଯାଇଥିଲା।ଏହାକୁ ମରାମତି କରାଯାଇ ନ ଥିବାରୁ ଆଜିପର୍ଯ୍ୟନ୍ତ ପିଲାମାନେ ସ୍କୁଲ ବାରଣ୍ଡାରେ ବସି ପାଠ ପଢୁଥିବା ଦେଖିବାକୁ ମିଳିଛି। ଏପରି କି ଅଫିସ ପାଇଁ ଗୃହ ନ ଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସରିତା ବେଗମ୍ କହିଛନ୍ତି। ଏକମାତ୍ର ଛାତଘରେ ସମସ୍ତ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିବା ସମ୍ଭବ ହେଉନି। ଫଳରେ ଛାତ୍ରୀଛାତ୍ରଙ୍କୁ ବାରଣ୍ଡାରେ ବସାଇ ପାଠ ପଢାଇବାକୁ ବାଧ ହେଉଛୁ ବୋଲି ଶିକ୍ଷୟିତ୍ରୀମାନେ କହିଛନ୍ତି। ସେହିପରି ବିଦ୍ୟାଳୟ ଚତୁଃପାର୍ଶ୍ୱରେ ଥିବା ପାଚେରିର ଉଚ୍ଚତା କମ୍। ଏଥିଯୋଗୁ ସନ୍ଧ୍ୟାହେଲେ ସ୍ଥାନୀୟ ଅଞ୍ଚଳର ଯୁବକମାନେ ବିଦ୍ୟାଳୟ ପରିସରରେ ଅବାଧରେ ପ୍ରବେଶକରି ଅସାମାଜିକ କାର୍ଯ୍ୟ କରୁଥିବା ତାରକ ସିଂ, ରୂପକ ସିଂ, ଧୀରେନ୍ଦ୍ର ଚୌଧୁରୀ, ଦବିକ୍ ଖାନ୍, ଧରଣୀଧର ମହାରଣା, ଏସ୍.କେ. ଜହର, ପ୍ରକାଶ ନାୟକଙ୍କ ଭଳି ଅନେକ ଅଭିଭାବକ ଅଭିଯୋଗ କରିଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଣିପାଇପ ବ୍ୟବସ୍ଥା କରାଯାଇଛି। ମାତ୍ର ଠିକ୍ ସମୟରେ ପାଣି ନ ଆସିବାରୁ ପିଲାମାନେ ପିଇବା ପାଇଁ ହଇରାଣ ହୋଇଥାନ୍ତି। ଅନ୍ୟପକ୍ଷରେ ସ୍କୁଲ ପରିସରରେ ଥିବା ନଳକୂପରୁ ଗୋଳିଆ ପାଣି ବାହାରୁଛି, ଯାହା ପିଇବା ପାଇଁ ଅନୁପଯୁକ୍ତ । ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ଉପରୋକ୍ତ ସମସ୍ୟା ସମ୍ପର୍କରେ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଥିଲେ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଇ ନ ଥିବା ପ୍ରଧାନଶିକ୍ଷୟିତ୍ରୀ ବେଗମ୍ କହିଛନ୍ତି। ଏବେ ଝିପ୍ ଝିପ୍ ବର୍ଷା ସାଙ୍ଗକୁ ଶୀତର ପ୍ରକୋପ ଜାରି ରହିଥିବାରୁ ପିଲାମାନେ ବିଦ୍ୟାଳୟ ବାରଣ୍ଡାରେ ବସି ପାଠପଢୁଥିବା ଦେଖି ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ପୌର କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ଲାଗି ସେମାନେ ଦାବି କରିଛନ୍ତି। ଏ ନେଇ ପୌରନିର୍ବାହୀ ଅଧିକାରୀ ପ୍ରଦୀପ୍ତ କୁମାର ବେହେରା କୁହନ୍ତି, ପୌରପାଳିକା ଅଧିକାରୀମାନେ ଫନୀ କ୍ଷତିଗ୍ରସ୍ତ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଥିଲେ। ଏହି ବିଦ୍ୟାଳୟ ପାଇଁ ୧୦ଲକ୍ଷ ଟଙ୍କା ଆବଶ୍ୟକତା ଥିବା ନେଇ ଶିକ୍ଷା ବିଭାଗକୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ଅର୍ଥ ଆସିଲେ କାମ ଆରମ୍ଭ ହେବ।



ପରିତ୍ୟକ୍ତ ଅବସ୍ଥାରେ ସ୍କୁଲ ଅଫିସ ଗୃହ

### ସୁନାଦୂବ ଅନୁଷ୍ଠାନର ପ୍ରତିଷ୍ଠା ଦିବସ

**କଟକ ଅଫିସ,୮।୨**

ସାମାଜିକ ଅନୁଷ୍ଠାନ 'ସୁନାଦୂବ'ର ଚତୁର୍ଥ ପ୍ରତିଷ୍ଠା ଦିବସ ବାଖରାବାଦସ୍ଥିତ ଗାନ୍ଧୀ ଭବନଠାରେ ପାଳିତ ହୋଇଯାଇଛି। ଏହି ଅବସରରେ କବିତା ପାଠୋତ୍ସବ ଆୟୋଜନ କରାଯାଇଥିଲା। ବସନ୍ତ କୁମାରୀ ନନ୍ଦଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ କବୟିତ୍ରୀ ଓ କବିମାନେ କବିତା ପାଠ କରିଥିଲେ। ଅନୁଷ୍ଠାନର ସଭାପତି ସନ୍ନ୍ୟାସିନୀ ବିଦ୍ୟୁତ୍ କୁମାରୀ ଲାଲାଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡ଼ଙ୍ଗୀ, ମୁଖ୍ୟବକ୍ତା ବିଦ୍ୟା ବିକାଶ ପରିଷଦର ସଭାପତି କୈଳାସ ଚନ୍ଦ୍ର ବରାଳ ଓ ସମ୍ମାନିତ ଅତିଥି ଭାବେ ଡା. ଦୀପ୍ତିରାଣୀ ସାମନ୍ତ ଯୋଗଦେଇଥିଲେ। ଧର୍ମାନନ୍ଦ ବେହେରା ସ୍ୱାଗତ ଭାଷଣ ଓ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସୁକାନ୍ତି ମହାନ୍ତି, କୋକିଳେଶ୍ୱରୀ ପାତ୍ର, ସନ୍ତୋଷ ସାହୁ ଓ ପ୍ରସନ୍ନ କୁମାର ଓଝାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶୁଭ୍ରାଂଶୁ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା ଓ ମୁକ୍ତା ଜେନା ଧନ୍ୟବାଦ ଦେଇଥିଲେ।

# ପ୍ରକୃତି ବିନା ମଣିଷ ବଞ୍ଚିପାରିବ ନାହିଁ




ଅନ୍ତର୍ଜାତୀୟ ସମ୍ମିଳନୀରେ ଉପସ୍ଥିତ ଅତିଥିବୃନ୍ଦ।

**କଟକ ଅଫିସ,୮।୨**

ମଧୁସୂଦନ ଆଇନ ମହାବିଦ୍ୟାଳୟରେ '୨୦୩୦: ଏଜେଣ୍ଡା ଫର ସଷ୍ଟେନେବଲ ଡେଭଲପମେଣ୍ଟ' ଶୀର୍ଷକ ଏକ ଅନ୍ତର୍ଜାତୀୟ ସମ୍ମିଳନୀ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ହାଇକୋର୍ଟ ବିଚାରପତି ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଏହାକୁ ଉଦ୍‌ଘାଟନ କରି କହିଥିଲେ, ପ୍ରକୃତି ବିନା ମଣିଷ ବଞ୍ଚି ପାରିବ ନାହିଁ। ହେଲେ ପ୍ରକୃତି ଧ୍ୱଂସ ପାଇଁ ମଣିଷ ହିଁ ଦାୟୀ। ଏହି ସମ୍ବେଦନଶୀଳ ପ୍ରସଙ୍ଗ କେବଳ ଆଲୋଚନା ଭିତରେ ସୀମିତ ରହିଛି। ପରିବେଶ ସୁରକ୍ଷା ପାଇଁ ସମସ୍ତେ ପ୍ରୟାସ କରିବା ଉଚିତ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡ. ମୃତ୍ୟୁଞ୍ଜୟ ମିଶ୍ର କହିଥିଲେ, ଆଗାମୀ ପିଢିକୁ ବଞ୍ଚାଇ ରଖିବାକୁ ହେଲେ ଏବେଠାରୁ ସମସ୍ତେ ସଚେତନ ହେବା ଉଚିତ। ଓଡ଼ିଶାର ଜଳମାନବ ଭାବେ ପରିଚିତ ରଞ୍ଜନ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଳ ଉତ୍କଟ ସମସ୍ୟା ପାଇଁ ମାନବ ସମାଜକୁ ଦାୟୀ କରିବା ସହ ସମସ୍ୟାର ଦୂରୀକରଣ ପାଇଁ ଆଇନ ଛାତ୍ରୀଛାତ୍ରମାନେ ଆଗଭର ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବାଂଲାଦେଶର ପୂର୍ବତନ ଡେପୁଟି ଗଭର୍ଣ୍ଣର ଜେନେରାଲ ଡ. ମହମ୍ମଦ ସହିଦୁଲ ଇସଲାମ ଯୋଗଦେଇ ପାଣିପାଗ ପରିବର୍ତ୍ତନ ଓ ଏଥିରେ ମଣିଷର ଭୂମିକା ସମ୍ପର୍କରେ କହିଥିଲେ। ଅଧକ୍ଷ ଡ. ସୁକାନ୍ତ କୁମାର ନନ୍ଦ ସ୍ୱାଗତ ଭାଷଣ, ଡ. ସୌମେନ୍ଦ୍ର ଚାଟାର୍ଜୀ ସମ୍ମିଳନୀ ପରିଚାଳନା ଓ ଡ. ସତ୍ୟନାରାୟଣ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

### ନିରୁଦ୍ଦିଷ୍ଟ ମହିଳା କୋର୍ଟରେ ହାଜର

**କଟକ ସଦର,୮।୨(ଡି.ଏନ୍.ଏ.)**

କନ୍ଦରପୁର ଥାନା ପୋଲିସ ୬ବର୍ଷ ଧରି ନିରୁଦ୍ଦିଷ୍ଟ ଥିବା ଜଣେ ମହିଳାଙ୍କୁ ଶୁକ୍ରବାର ବିଚାର ବିଭାଗୀୟ ମ୍ୟାଜିଷ୍ଟ୍ରେଟ(ଗ୍ରାମାଞ୍ଚଳ)ଙ୍କ କୋର୍ଟରେ ହାଜର କରିଥିଲେ। ତାଙ୍କ ସ୍ୱାମୀ ତାଙ୍କୁ ମାଡ଼ ମାରିବା ସହ ନିର୍ଯାତନା ଦେଉଥିଲେ ବୋଲି ସେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ବୟାନ ରଖିଥିଲେ। ସମ୍ପୃକ୍ତ ମହିଳା ତାଙ୍କ ସ୍ୱାମୀଙ୍କ ପାଖକୁ ଫେରିବାକୁ ଚାହୁଁ ନ ଥିବାରୁ ତାଙ୍କୁ ଅଭିଭାବକଙ୍କ ଜିମା ଦିଆଯାଇଥିଲା। ସୂଚନା ଅନୁଯାୟୀ, କନ୍ଦରପୁର ଥାନା ଅନ୍ତର୍ଗତ ପରମହଂସ ଗ୍ରାମରେ ମହିଳା ଜଣକ ବିବାହ କରିଥିଲେ। ୨୦୧୫ ମସିହାରେ ମହିଳା ଜଣକ କେଉଁଆଡେ ପଳାଇଯାଇଥିବା ତାଙ୍କ ସ୍ୱାମୀ ଥାନାରେ ଏତଲା ଦେଇଥିଲେ। ଏହା ସହ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ଅପହରଣ କରି ନେଇଥିବା ସେ ତାଙ୍କ ଅଭିଯୋଗପର୍ତ୍ତରେ ଦର୍ଶାଇଥିଲେ। ପରେ ମହିଳା ଜଣକ ହାଇଦ୍ରାବାଦରେ ଥିବା ଜଣାପଡ଼ିଥିଲା। ପୋଲିସର ତନାଘନା ପରେ ମହିଳାଜଣକ ପରିବାର ସଦସ୍ୟଙ୍କ ପରାମର୍ଶକ୍ରମେ ଶୁକ୍ରବାର କୋର୍ଟରେ ହାଜର ହୋଇଥିଲେ। ଅନ୍ୟପକ୍ଷରେ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ କୋର୍ଟରେ ଶୁଣାଣି ଦିନ ଉପସ୍ଥିତ ନ ଥିବା ଜଣାପଡିଛି।

### ରାଧାନାଥଙ୍କ ବକ୍ତବ୍ୟ ଗ୍ରନ୍ଥ ଆକାରରେ ପ୍ରକାଶ କରାଯିବ



ସ୍ମୃତିସଭାରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଓ ଅନ୍ୟ ଅତିଥିମାନେ।

**କଟକ ଅଫିସ/ଚୌଦ୍ୱାର, (ଡି.ଏନ୍.ଏ.) ୮।୨**

କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶନିବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଯୋଗଦେଇ କହିଥିଲେ, ରାଧାନାଥ ରଥ ବକ୍ତବ୍ୟକୁ ଗ୍ରନ୍ଥ ଆକାରରେ ପ୍ରକାଶ କରାଯିବ। ଏହା ବ୍ୟତୀତ ବିଧାନସଭାର ପାଠାଗାରକୁ ଉପଯୋଗ କରିବା ପାଇଁ ଗବେଷକ ଓ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ମଧ ସୁଯୋଗ ଦିଆଯିବ ବୋଲି ସେ କହିଥିଲେ। ଏହି ସଭାରେ ପୂର୍ବତନ ଏମ୍‌ପି ପ୍ରସନ୍ନ କୁମାର ପାଟ୍ଟଶାଣୀ, ଡ. ସଞ୍ଜିତା ମିଶ୍ର, ପ୍ରଫେସର ସୂର୍ଯ୍ୟ ମିଶ୍ର, ମନୋରମା ମହାପାତ୍ର ପ୍ରମୁଖ ସ୍ୱର୍ଗତ ରଥଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଅବସରରେ ଖବରଦାତା ଶରତ ମିଶ୍ରଙ୍କୁ 'ସମ୍ପାଦକ ଗୌରବ' ଓ ଖବରଦାତା କମଳାକାନ୍ତ ଦାଶଙ୍କୁ 'ସାମ୍ବାଦିକ ଗୌରବ' ସମ୍ମାନ ପ୍ରଦାନ କରାଯାଇଥିଲା। ଡ. ରାଧାନାଥ ରଥ ଫାଉଣ୍ଡେଶନ ଟ୍ରଷ୍ଟ ଓ ସାମ୍ବାଦିକ କଲ୍ୟାଣ ପାଣ୍ଠିର ଅଧକ୍ଷ ଜଷ୍ଟିସ ଅନନ୍ତ ସୂର୍ଯ୍ୟନାରାୟଣ ନାଇଡୁ ଏଥିରେ ଅଧକ୍ଷତା କରିଥିଲେ । ଉପସଭାପତି ଡ. ସତ୍ୟ ରାୟ ସ୍ୱାଗତ ଭାଷଣ ଓ ସମ୍ପାଦକ ଦ୍ୱିପାୟନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

ସେହିପରି ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ଶ୍ରାଦ୍ଧୋତ୍ସବ ଚୌଦ୍ୱାର ପ୍ରେସ୍ କ୍ଲବରେ ପାଳିତ ହୋଇଥିଲା। କ୍ଲବ ସମ୍ପାଦକ ରମେଶ ଚନ୍ଦ୍ର ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ କୈଳାସ ଚନ୍ଦ୍ର ବରାଳ, ଗଙ୍ଗାଧର ସାହୁ, ସୌରେନ୍ଦ୍ର ପଣ୍ଡା, କେ.ସି. ପ୍ରତାପ ସିଂହ, ଅଜୟ କୁମାର କାଳିଆ, ନଗେନ୍ଦ୍ର ନାଥ ପରିଡ଼ା, ସନାତନ ମିଶ୍ର, ଶିବ ପ୍ରସାଦ ପତି, ସହଦେବ ବରାଳ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆଶୁତୋଷ ଦାସ ଧନ୍ୟବାଦ ଦେଇଥିଲେ।

# କୁନ୍ତଳା କୁମାରୀ ସାବତ, ପବିତ୍ର ମୋହନ ପ୍ରଧାନଙ୍କ ଜୟନ୍ତୀ

**କଟକ ଅଫିସ,୮।୨**

ସାମାଜିକ ଅନୁଷ୍ଠାନ 'ସମୀଚୀନ' ଆନୁକୂଲ୍ୟରେ ମର୍କତନଗରଠାରେ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ ଓ ଗଡ଼ଜାତ ଆନ୍ଦୋଳନର ଅନ୍ୟତମ ସାରଥି ପବିତ୍ର ମୋହନ ପ୍ରଧାନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସାମାଜିକ କର୍ମୀ ଗୋବିନ୍ଦ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, କୁନ୍ତଳା ଏକାଧାରରେ ଜଣେ ଅଦ୍ୱିତୀୟା କବି, ଔପନ୍ୟାସିକା ଓ ସମ୍ପାଦିକା ଥିଲେ। ସେହିପରି ସ୍ୱାଧୀନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନ ତତ୍କାଳୀନ ରାଜାଙ୍କ କୁଶାସନ ଓ ଅତ୍ୟାଚାର ବିରୋଧରେ ସଂଗ୍ରାମ କରିବା ସହ ରାଜାମାନଙ୍କୁ ହଟାଇ ପ୍ରଜାମାନଙ୍କୁ କିପରି ରକ୍ଷା କରାଯାଇପାରିବ ସେଥି ନିମନ୍ତେ ସର୍ବଦା କାର୍ଯ୍ୟ କରୁଥିଲେ। ଏଥିପାଇଁ ଚାକିରି ଛାଡ଼ି ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ପରାମର୍ଶରେ ଗଠନ କରିଥିଲେ ତାଳଚେର ପ୍ରଜାମଣ୍ଡଳ। ଅନ୍ୟତମ ଅତିଥି ଡ. ପରିଣିତା ଦାସ କହିଥିଲେ, କୁନ୍ତଳା କୁମାରୀ ସାବତଙ୍କ ଓଡ଼ିଆ ସାହିତ୍ୟକୁ ଦାନ ଅତୁଳନୀୟ। ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ସମାଜବାଦୀ ଆନ୍ଦୋଳନର ପ୍ରବକ୍ତା ଜୟପ୍ରକାଶଙ୍କ ସଂସ୍ପର୍ଶରେ ଆସି ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନ କଟକରେ ଗରିଲା ବାହିନୀ ଗଢ଼ିଥିଲେ। ଡ. ଲୋପାମୁଦ୍ରା ପାତ୍ର, ସଂଯୁକ୍ତା ବେହେରା, ଅଶୋକ ପ୍ରଧାନ ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ। ସୋନାଲି ମହାରଣା ଧନ୍ୟବାଦ ଦେଇଥିଲେ।

### ମଙ୍ଗଳାବାଗ ପୂଜା କମିଟି ଉପଦେଷ୍ଟା ଅଲେଖ ପାତ୍ରଙ୍କ ପରଲୋକ

**କଟକ ଅଫିସ,୮।୨**

ମଙ୍ଗଳାବାଗ ପୂଜା କମିଟି ଉପଦେଷ୍ଟା ତଥା ଇଣ୍ଟରନ୍ୟାଶନାଲ କ୍ଲବର ପୂର୍ବତନ ସଭାପତି ଅଲେଖ ଚନ୍ଦ୍ର ପାତ୍ର(୮୧)ଙ୍କ ଶୁକ୍ରବାର ରାତି ପ୍ରାୟ ୧୧ଟାରେ ମଙ୍ଗଳାବାଗ ମେଡିକାଲ ରୋଡସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ତାଙ୍କର ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବିଭିନ୍ନ ପୂଜା କମିଟି ଓ କ୍ଲବର କର୍ମକର୍ତ୍ତାମାନେ ମଙ୍ଗଳାବାଗସ୍ଥିତ ବାସଭବନରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶର୍ଯ୍ୟା ନିକଟରେ ସମସ୍ତ ପରିବାରବର୍ଗ ଉପସ୍ଥିତ ଥିଲେ। କାଳିଆବୋଦା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜ୍ୟେଷ୍ଠପୁତ୍ର ରଞ୍ଜନ ପାତ୍ର ମୁଖାଗ୍ନି ଦେଇଥିଲେ।

# ରାଧାନାଥ ରଥଙ୍କ ଶ୍ରାଦ୍ଧଦିବସ ପାଳିତ



**କଟକ ଅଫିସ, ୮।୨**

ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ଶ୍ରାଦ୍ଧଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ସଂଘର କର୍ମକର୍ତ୍ତାମାନେ ବକ୍ସିବଜାରସ୍ଥିତ ରାଧାନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘ ସଭାପତି ବିଜୟ କୁମାର ପଢିହାରୀ, ଉପସଭାପତି ଶ୍ରୀନିବାସ ରେଡ୍ଡୀ, ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ଛାଟୋଇ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧକ୍ଷ ଅକ୍ଷୟ କୁମାର ମହାନ୍ତି, ମନୋଜ ପାଲ, ହିମାଂଶୁ ମହାପାତ୍ର, ପ୍ରଶାନ୍ତ ସାହୁ, ସନ୍ତୋଷ ମହାନ୍ତି, ଗୋବିନ୍ଦ ଚନ୍ଦ୍ର ଦାଶ, ପ୍ରଭାସ ପ୍ରଧାନ, ହାଡିବନ୍ଧୁ ବେହେରା ଓ ମହନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଜେକେବିକେ କଲେଜରେ ତାଲିମ ଶିବିର

**କଟକ ଅଫିସ,୮।୨**

ଜାତୀୟକବି ବୀର କିଶୋର କଲେଜରେ ଯୁବ ରେଡକ୍ରସ ସମାଜ ପକ୍ଷରୁ ତାଲିମ ଶିବିର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷା ଡ. ମଧୁସ୍ମିତା ମିଶ୍ର ଏହାକୁ ଉଦ୍‌ଘାଟନ କରି କହିଥିଲେ, ଦେଶର ବିପର୍ଯ୍ୟୟ ସମୟରେ ରେଡକ୍ରସ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏଥିରେ ଛାତ୍ରୀଛାତ୍ରଙ୍କୁ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ। ରେଡକ୍ରସ ସଦସ୍ୟ ସୁଶାନ୍ତ ସାହୁ ରେଡକ୍ରସର କାର୍ଯ୍ୟାବଳୀ ଉପରେ ଆଲୋକପାତ କରିଥିଲେ। ସଙ୍ଗଠନ ସଂଯୋଜିକା ଡ. ଜୟଶ୍ରୀ ମଲ୍ଲିକ ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଜ୍ଞା ଦାସ, ଅଜିତ୍ କୁମାର ଷଡ଼ଙ୍ଗୀ, ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଡ. ଶିବ ପ୍ରସାଦ ଦଳେଇ ଧନ୍ୟବାଦ ଦେଇଥିଲେ।




କଟକ ସାତ ସାହି ତୈଳିକ ବୈଶ ସମାଜ ପସରା ପୂଜା ଅଗ୍ନି ଉତ୍ସବରେ ଶନିବାର ବାରବାଟୀ କଟକ ବିଧାୟକ ଇଂ. ମହମ୍ମଦ ମୋକିମଙ୍କୁ ପସରା ସମ୍ମାନ ପ୍ରଦାନ କରାଯାଉଛି।



କଟକ କିଲାଖାଇ ସ୍ଥିତ ବୁଖାରିବାବାଙ୍କ ବାର୍ଷିକ ଉର୍ସ ଉତ୍ସବରେ ସମବେତ ଶ୍ରଦ୍ଧାଳୁ।



ଯଦି ଜଣେ ତୁମଠାରୁ ଭଲ ନ ହୋଇଥାଏ, ତା' ସହିତ ବନ୍ଧୁତା ବାନ୍ଧ ନାହିଁ।

-କନ୍‌ଫୁସିୟସ



## ସଂକ୍ଷେପରେ

### ଭାଇ ଆକ୍ରମଣରେ ଭଉଣୀ ଗୁରୁତର



ଜଟଣୀ,୮।୨(ଡି.ଏନ.ଏ.): ଭାଇର ଧାରୁଆ ଅସ୍ତ୍ର ଆକ୍ରମଣରେ ଭଉଣୀ ଆହତ ହୋଇଛନ୍ତି। ଆହତ କେ. ଦୀପା ଏ ନେଇ ଜଟଣୀ ଥାନାରେ ଅଭିଯୋଗ କରିଛନ୍ତି। ଏହି ଥାନା ଅନ୍ତର୍ଗତ ଲୋକ କଲୋନୀ ଅଞ୍ଚଳରେ ତାଙ୍କ ଘର। ଆକ୍ରମଣକାରୀ ଏମ୍‌. ରବି କୁମାରଙ୍କୁ ପୋଲିସ ଅଟକ ରଖିଛି। ସ୍ୱାମୀ କୌଣସି କାର୍ଯ୍ୟରେ ବଜାରକୁ ଯାଇଥିବା ବେଳେ ଶନିବାର ସକାଳ ପ୍ରାୟ ୭ଟାରେ ଏହା ଘଟିଥିଲା। ଘର ମଧ୍ୟରେ ରବି କୁମାର ପ୍ରବେଶ କରି ଅସଭ୍ୟ ଭାଷାରେ ଗାଳି ଦେବା ସହ ଭଉଣୀ ଦୀପାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଦୀପାଙ୍କ ବାମହାତରେ ଗଭୀର କ୍ଷତ ହୋଇଛି। ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ସେ ଚିକିତ୍ସିତ ହୋଇଥିଲେ। ପୂର୍ବରୁ ଏହିପରି ଘର ମଧ୍ୟରେ ବିଶୃଙ୍ଖଳା କରିବା ସହ ଅଧିକ ଟଙ୍କା ନେଇ ଅଯଥା ଖର୍ଚ୍ଚ କରୁଥିବାରୁ ଏହାର ବିରୋଧ କରିବାରୁ ରବି କୁମାର ଏପରି କାଣ୍ଡ କରିଥିବା ଅଭିଯୋଗକାରୀ କହିଛନ୍ତି। ପୋଲିସ ଏ ନେଇ ତଦନ୍ତ କରୁଛି।

### ଅଦିନିଆ ବର୍ଷା: ରବି ଫସଲରେ ରୋଗପୋକ ଆଶଙ୍କା

ବୋଲଗଡ଼,୮।୨(ଡି.ଏନ.ଏ.): ସମ୍ପ୍ରତି ଅଦିନିଆ ବର୍ଷା ସାଙ୍ଗକୁ ମେଘୁଆ ପାଗ ଜାରି ରହିଛି। ଏଥିଯୋଗୁ ବୋଲଗଡ଼ ବ୍ଲକରେ ରବି ଫସଲରେ ରୋଗପୋକ ଆଶଙ୍କା କରି ଚାଷୀମାନେ ଚିନ୍ତା ପ୍ରକଟ କରିଛନ୍ତି। ବୋଲଗଡ଼ ବ୍ଲକରେ ଚଳିତବର୍ଷ ପ୍ରାୟ ୭ହଜାର ହେକ୍ଟର ଜମିରେ ଡାଲି ଜାତୀୟ ଫସଲ ହୋଇଛି। ଏଥିରେ ମୁଗ, ବିରି, ଚଣା, ହରଡ ଆଦି ରହିଛି। ସୂର୍ଯ୍ୟ କିରଣ ନ ପାଇଲେ ଏହି ଫସଲରେ ପୋକ ଆକ୍ରମଣ କରିବା ସମ୍ଭାବନା ରହିଛି। ପ୍ରାୟ ୩ଦିନ ଧରି ପାଗ ମେଘୁଆ ରହିଥିବା ବେଳେ ଶନିବାର ଦିନସାରା ଝିପି ଝିପି ବର୍ଷା ଲାଗିରହିଛି। ମାଟି ସନ୍ତସନ୍ତିଆ ହେଲେ ଫସଲ କିଆରିରେ ଘାସ ଉଠିବା ସହ ପୋକ ଆକ୍ରମଣ ବଢ଼ିବ। ଏଭଳି ପାଗରେ ମୁଗ ଗଛର ପତ୍ର ପାଉଁସିଆ ପଡିବା ସହିତ ରୋଗାକ୍ରାନ୍ତ ହୋଇଯିବ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ଏହାଛଡା ବ୍ଲକରେ ୫୦ ହେକ୍ଟର ଜମିରେ ସୂର୍ଯ୍ୟମୁଖି ଓ ପ୍ରାୟ ଦେଢ଼ଶହ ହେକ୍ଟର ଜମିରେ ପନିପରିବା ଫସଲ ହୋଇଥିବା ଆକଳନ କରାଯାଇଛି। ଅଧିକ ବର୍ଷା ହେଲେ ସୂର୍ଯ୍ୟମୁଖି ଫସଲ ପ୍ରଭାବିତ ହେବା ଆଶଙ୍କା ରହିଛି। ସେହିପରି ମେଘୁଆ ପାଗ ଓ ବର୍ଷା ଲାଗିରହିଲେ ପନିପରିବା ଫସଲରେ ପୋକ ଲାଗିବ। ଏପରି ସମୟରେ କୀଟନାଶକ ଓ ଔଷଧ ସିଞ୍ଚନ ପାଇଁ ଚାଷୀଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡିବ। ଏହି ପରିପ୍ରେକ୍ଷୀରେ ସେମାନଙ୍କୁ ସରକାରଙ୍କ ପକ୍ଷରୁ ମାଗଣାରେ ଔଷଧ ଓ କୀଟନାଶକ ଯୋଗାଇଦେବାକୁ ଚାଷୀମାନେ ଦାବି କରିଛନ୍ତି।

# ଜିଲାପାଳଙ୍କ ନିର୍ଦ୍ଦେଶକୁ ବ୍ଲକ ପ୍ରଶାସନର ଅମାନ୍ୟ

- ଭାଗବତ ଟୁଙ୍ଗି ପୁନରୁଦ୍ଧାର ଯୋଜନା ପ୍ରହସନ
- ୧୩ ଟୁଙ୍ଗିର ଅନୁଦାନ ପଡ଼ିଛି ଜିଲାପାଳଙ୍କ ବ୍ୟାଙ୍କ ଖାତାରେ

ବେଗୁନିଆ,୮।୨ (ଡି.ଏନ.ଏ.)

ସରକାରଙ୍କ ପକ୍ଷରୁ ଲୋକଙ୍କ ହିତରେ ବହୁ ଯୋଜନା କାର୍ଯ୍ୟକାରୀ ହେଉଛି। ସେଥିମଧ୍ୟରୁ ଭାଗବତ ଟୁଙ୍ଗି ପୁନରୁଦ୍ଧାର ଯୋଜନା ଅନ୍ୟତମ। ମାତ୍ର ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକରେ ୧୩ ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପ୍ରହସନ ପାଲଟିଛି। ଜିଲାପାଳଙ୍କ ନିର୍ଦ୍ଦେଶକୁ ବ୍ଲକ ପ୍ରଶାସନ ଅମାନ୍ୟ କରୁଛି। ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଦିଆଯାଇଥିବା ଅର୍ଥ ଜିଲାପାଳଙ୍କ ବ୍ୟାଙ୍କ ଖାତାରେ ପଡିରହିଛି। ସେହିପରି ଭାଗବତ ଟୁଙ୍ଗିର ପୁନରୁଦ୍ଧାର ଲାଗି ଲୋକେ ବାରମ୍ବାର ବ୍ଲକ ପ୍ରଶାସନ ନିକଟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ହେଲେ କେହି ସେମାନଙ୍କ କଥାକୁ ଖାତିର କରୁ ନ ଥିବା ଅଭିଯୋଗ ହେଉଛି। ଫଳରେ ଶ୍ରଦ୍ଧାଳୁଙ୍କ ବ୍ଲକ ପ୍ରଶାସନ ଉପରେ ଆସ୍ଥା ତୁଟିବାକୁ ଲାଗିଲାଣି।

ଗାଁ ଗହଳିରେ ଲୋକେ ଦିନରେ ନିଜର ପରିଶ୍ରମଜନିତ କ୍ଲାନ୍ତି ମେଣ୍ଟାଇବା ପାଇଁ ସନ୍ଧ୍ୟାରେ ଭାଗବତ ଟୁଙ୍ଗିରେ ବସି ଜଗନ୍ନାଥ ଦାସ କୃତ ଓଡ଼ିଆ ଶ୍ରୀମଦ୍‌ ଭାଗବତ ଶୁଣିବା ସହ ଏହା ଉପରେ ଚର୍ଚ୍ଚା କରି ଶାନ୍ତି ପାଇଥାନ୍ତି। ସେଠାରେ ଦିନକର ଭଲମନ୍ଦ କାମ, ଲୋକଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଥାନ୍ତି। ଗାଁରେ ପରସ୍ପର ମଧ୍ୟରେ ଥିବା ବିଭେଦ ଏଠାରେ ଦୂର ହୋଇଥାଏ। ଏଥିସହ ଶାନ୍ତି, ଭାଇଚାରା, ପରମ୍ପରା, ଐତିହ୍ୟ ପ୍ରତି ଲୋକଙ୍କ ସମ୍ପୃକ୍ତି ଲକ୍ଷ୍ୟରେ ରାଜ୍ୟ ସରକାର ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପାଇଁ ଉଦ୍ୟମ କରିଥିଲେ। ଭାଗବତର ପ୍ରସାର ଓ ପ୍ରଚାର ଲାଗି ୨୦୧୫-୧୬ ଆର୍ଥିକ ବର୍ଷରେ ସରକାରଙ୍କ ପକ୍ଷରୁ ପ୍ରତି ବ୍ଲକରେ ୭ଟି ଜରାଜୀର୍ଣ୍ଣ ଟୁଙ୍ଗିର ମରାମତି ପାଇଁ ପ୍ରଥମ ପର୍ଯ୍ୟାୟରେ ୨୫ ହଜାର ଟଙ୍କା ଲେଖାଏ ଅନୁଦାନ ମିଳିବ ବୋଲି ବିଜ୍ଞପ୍ତି ପ୍ରକାଶ କଲେ। ପୁଣି ଏହାକୁ ଦ୍ୱିତୀୟ ପର୍ଯ୍ୟାୟରେ ଅନୁଦାନ ବୃଦ୍ଧି କରାଇ ୫୦ ହଜାର ଟଙ୍କା ଲେଖାଏ ରାଶି ମିଳିବ ବୋଲି ଘୋଷଣା କରିଛନ୍ତି। ମାତ୍ର ବେଗୁନିଆ ବ୍ଲକ ପ୍ରଶାସନର ଭେଳିକି ଯୋଗୁ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ମିଳିଥିବା ସହାୟତା ଅର୍ଥ ଏବେ ଜିଲାପାଳ ସଞ୍ଚୟ ଖାତାରେ ପଡିରହିଛି। ଗାଁରେ ଥିବା ଭାଗବତ ଟୁଙ୍ଗିର ସଦସ୍ୟ ଏବଂ ବିଡିଓଙ୍କ ଜଏଣ୍ଟ ପାସ୍‌ ବହି ଖୋଲିବାରେ ଆନ୍ତରିକତା ଦେଖାଉନି ବ୍ଲକ ପ୍ରଶାସନ। ଏପରି କି ପ୍ରଥମ ପର୍ଯ୍ୟାୟରେ ୭ଟି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୬ଟିକୁ ମିଶାଇ ମୋଟ ୧୩ଟି ଭାଗବତ ଟୁଙ୍ଗିର ମରାମତି ପାଇଁ ଅନୁଦାନ ମିଳିବା ପରେ ଫାଇଲରେ ଡୋରି ବନ୍ଧା ହୋଇ ରହିଛି। ଏଯାଏ ତାହା କାର୍ଯ୍ୟକାରୀ ନ ହେବା ଯୋଗୁ ଟୁଙ୍ଗିଗୁଡିକର ସ୍ଥିତି ଦିନକୁ ଦିନ ବିଗିଡିବାରେ ଲାଗିଛି। ଏ ନେଇ ମଧ୍ୟ ଛତ୍ରପଡା ଗାଁରେ ଥିବା ଜରାଜୀର୍ଣ୍ଣ ଟୁଙ୍ଗିକୁ ଅନୁଦାନ ଦାବିରେ ଗ୍ରାମବାସୀ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଦୌଡୁଥିଲେ। ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ମଧ୍ୟ ଦୁଇଥର ଅଭିଯୋଗ କରିଥିଲେ। ବିଡିଓଙ୍କ ପକ୍ଷରୁ ତଦାରଖ କରି ଅନୁଦାନ ଦେବା ପାଇଁ ଜିଲାପାଳଙ୍କ ପକ୍ଷରୁ ଆଦେଶ ନାମା ଦିଆଯାଇଥିଲା। ତାହା ମଧ୍ୟ ଏଯାଏ କାର୍ଯ୍ୟକାରୀ ହୋଇନାହିଁ। ସେହିପରି ତଳଗଡ଼ ବିଶ୍ୱାଳସାହିରେ ଭାଗବତପ୍ରେମୀମାନେ ଟୁଙ୍ଗି ପୁନରୁଦ୍ଧାର ପାଇଁ ଲଗାତର ଦୁଇ ବର୍ଷ ହେଲା ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହେଲେ। ଶେଷରେ ଗ୍ରାମବାସୀ ନିଜ ଉଦ୍ୟମରେ ଟୁଙ୍ଗିର ମରାମତି କାର୍ଯ୍ୟ ଜାରି ରଖିଛନ୍ତି। ସେହିପରି କୋହ୍ଲୁଆପାଟଣା ଗାଁର ଶ୍ରଦ୍ଧାଳୁ ସଦାଶିବ ପଣ୍ଡା କୁହନ୍ତି, ଆମ ଗାଁରେ ଜରାଜୀର୍ଣ୍ଣ ଟୁଙ୍ଗି ମରାମତି ପାଇଁ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ଅନୁଦାନ ନ ପାଇବାରୁ ଆସ୍ଥା ତୁଟିଲାଣି। ତେବେ ସମାଜରେ ଶାନ୍ତି, ସଂସ୍କୃତି, ପରମ୍ପରା ଓ ଭାଇଚାରା ସୃଷ୍ଟି ପାଇଁ ସରକାରଙ୍କ ମହତ କାର୍ଯ୍ୟ ଭାଗବତ ଟୁଙ୍ଗିର ପୁନରୁଦ୍ଧାର ଯୋଜନାକୁ ଅଣଦେଖା କରିବା ଠିକ୍‌ ନୁହେଁ ବୋଲି ବହୁ ଭାଗବତପ୍ରେମୀଙ୍କ ମହଲରେ କ୍ଷୋଭ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ବିଡିଓ ଓ ତହସିଲଦାର ଦାୟିତ୍ୱରେ ଥିବା ବିବେକାନନ୍ଦ ପରିଡାଙ୍କୁ ପଚାରିବାରେ ଜରାଜୀର୍ଣ୍ଣ ଟୁଙ୍ଗିର ତଦାରଖ ପାଇଁ ପ୍ରକ୍ରିୟା ଜାରି ରହିଛି ବୋଲି ସେ କହିଥିଲେ।



ଛତ୍ରପଡା ଗ୍ରାମସ୍ଥିତ ଜରାଜୀର୍ଣ୍ଣ ଭାଗବତ ଟୁଙ୍ଗିରେ ଶ୍ରଦ୍ଧାଳୁମାନେ ସଂକୀର୍ତ୍ତନ କରୁଛନ୍ତି।

# ମହିଳା କଲେଜରେ ମନୋବିଜ୍ଞାନ ବିଭାଗର ପାଠଚକ୍ର



ପାଠଚକ୍ରରେ ଯୋଗ ଦେଇଥିବା ଅତିଥିମାନେ ।

ବେଗୁନିଆ,୮।୨ (ଡି.ଏନ.ଏ.)

ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟରେ ମନୋବିଜ୍ଞାନ ବିଭାଗ ଆନୁକୂଲ୍ୟରେ ପାଠଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭାଗୃହ ପରିସରରେ ଶନିବାର ଆୟୋଜିତ ପାଠଚକ୍ରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁବାସ ଚନ୍ଦ୍ର ହୋତା ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ. ନମିତା ମହାନ୍ତି ଯୋଗଦେଇଥିଲେ। ଛାତ୍ରୀମାନଙ୍କର ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ପିଲାମାନେ ସମସ୍ତେ ଅଯଥା ମାନସିକ ଭାରାକ୍ରାନ୍ତ ନ ହୋଇ ସର୍ବଦା ଚିନ୍ତାମୁକ୍ତ ରୁହନ୍ତୁ। ଏହାସହ ଚିତ୍ତ ବା ପ୍ରଫୁଲ୍ଲ ମନରେ ପାଠଶାଳାକୁ ପ୍ରବେଶ କରନ୍ତୁ। ତାହା ହେଲେ ଯାଇ ତୁମର ଉଜ୍ଜ୍ୱଳ ଭବିଷ୍ୟତ ପ୍ରସ୍ଫୁଟିତ ହେବ ବୋଲି ଉପସ୍ଥିତ ଅତିଥିମାନେ ମତ ଦେଇଥିଲେ। ବିଭାଗୀୟ ମୁଖ୍ୟ ଡ. ସୋହାନୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ସୋନାଲି ହୋତା ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଶିକ୍ଷା ସହିତ କ୍ରୀଡ଼ା ଅପରିହାର୍ଯ୍ୟ



ବାର୍ଷିକ କ୍ରୀଡା ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

ଟାଙ୍ଗୀ (ଖୋର୍ଦ୍ଧା), ୮।୨ (ଡି.ଏନ.ଏ.

ଟାଙ୍ଗୀ ବ୍ଲକ୍‌ର ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ ନୂଆପଡାସ୍ଥିତ ପଦ୍ମକୁମୁଦ ବିଦ୍ୟାନିକେତନର ୩୮ ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଓଷ୍ଟାର ପ୍ରାକ୍ତନ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଟାଙ୍ଗୀ ବ୍ଲକ୍‌ ଅଧ୍ୟକ୍ଷ ବିଜୟ କୁମାର ଜେନା ମୁଖ୍ୟଅତିଥି, ପରିବେଶବିତ୍‌ ସନ୍ତୋଷ ଚନ୍ଦ୍ର କର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଜିଲାପରିଷଦ ସଦସ୍ୟ ସ୍ୱଦେଶ କୁମାର ରାଉତରାୟ, ପ୍ରାକ୍ତନ ସେନା କର୍ମଚାରୀ ବିଜୟ କୁମାର ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସାନନ୍ଦ କୁମାର ଜେନା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଶିକ୍ଷକ ମହେଶ୍ୱର ସେନାପତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ସୁନୀଲ କୁମାର ଜେନା ବିଦ୍ୟାଳୟର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଅତିଥିମାନେ ସାମ୍ପ୍ରତିକ ସମାଜରେ କ୍ରୀଡା କସରତର ପ୍ରସାର ଘଟୁଥିବାରୁ ଏଥିରେ ଅଂଶଗ୍ରହଣ କରି ସୁସ୍ଥ ଜୀବନଯାପନ ଉପରେ ଗୁରୁତ୍ୱାରୋପ କରିଥିଲେ। କ୍ରୀଡା ଶିକ୍ଷୟିତ୍ରୀ ରଞ୍ଜୁଲତା ଚମ୍ପତିରାୟଙ୍କ ସହ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଓଡ଼ିଶାକୁ ଏକତ୍ରୀକରଣ କରିଥିଲା କ୍ରିୟାଶୀଳ ଲେଖନୀ

## ଖୋର୍ଦ୍ଧାର ବିଭିନ୍ନ ସ୍ଥାନରେ କୁନ୍ତଳା କୁମାରୀ ସାବତଙ୍କ ଜୟନ୍ତୀ

ଜଟଣୀ,୮।୨(ଡି.ଏନ.ଏ.):

ଓଡ଼ିଶାର ପ୍ରସିଦ୍ଧ କବି, ଔପନ୍ୟାସିକା ତଥା ଉତ୍କଳ ଭାରତୀ ନାମରେ ଖ୍ୟାତ କୁନ୍ତଳା କୁମାରୀ ସାବତଙ୍କ ଜୟନ୍ତୀ ଖୋର୍ଦ୍ଧାର ବିଭିନ୍ନ ସ୍ଥାନରେ ଶନିବାର ପାଳିତ ହୋଇଥିଲା। ଉତ୍କଳ ସାହିତ୍ୟ ସମାଜ ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ଆର୍ଯ୍ୟାବର୍ତ୍ତ ଆନସିଏଣ୍ଟ ଏକାଡେମିକ୍‌ କନଫରେନ୍ସ ହଲ୍‌ରେ ଏହି ଜୟନ୍ତୀ ପାଳିତ ହୋଇଥିଲା। ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଅନେକ କବି ଓ କବୟିତ୍ରୀ ଏଥିରେ ଯୋଗ ଦେଇଥିଲେ। ବିଶିଷ୍ଟ କବୟିତ୍ରୀ ଡ. ଆରତୀ କର, ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ସୁବୁଦ୍ଧି, ଗାଳ୍ପିକା ଆନନ୍ଦିକା ସାମନ୍ତରାୟ, ସାହିତ୍ୟିକ ବୈକୁଣ୍ଠନାଥ ରାଜଗୁରୁ, ଶ୍ରୀଜଗନ୍ନାଥ ସାହିତ୍ୟ ପରିଷଦର ସଭାପତି ଶିବସୁନ୍ଦର ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କୁନ୍ତଳା କୁମାରୀଙ୍କ ପାଇଁ ଖୋର୍ଦ୍ଧା ମାଟି ଧନ୍ୟ ହେବା ସହ ତାଙ୍କର ଅନେକ କବିତା ଗ୍ରନ୍ଥ ଓଡ଼ିଶା ସାହିତ୍ୟକୁ ସମୃଦ୍ଧ କରିଛି ବୋଲି ବକ୍ତାମାନେ କହିଥିଲେ। ତାଙ୍କ ଲିଖିତ ଉପନ୍ୟାସର ତୁଳନାତ୍ମକ ଦିଗ ଉପରେ ଆଲୋକପାତ କରି ସମାଜ ଉପରେ ଏହାର ଗଭୀର ପ୍ରତିଫଳନ କିପରି ହୋଇଥିଲା ସେ ସମ୍ପର୍କରେ ଅତିଥିମାନେ କହିଥିଲେ। ଉତ୍କଳର ଏକତ୍ରିକରଣରେ ତାଙ୍କର କ୍ରିୟାଶୀଳ ଲେଖନୀ ଉପରେ ବକ୍ତାମାନେ ସୂଚନା ଦେଇଥିଲେ। ଏଥିରେ ଲେଖିକା ତଥା ଜଟଣୀ କନ୍ତିଆ ଡିଗ୍ରୀ ମହିଳା କଲେଜର ଅଧ୍ୟକ୍ଷା ସୁକାନ୍ତି ମହାପାତ୍ରଙ୍କୁ କୁନ୍ତଳା କୁମାରୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ସାହିତ୍ୟ ସମାଜର ଆବାହକ ଜ୍ଞାନରଞ୍ଜନ ଦାସ ସ୍ୱାଗତ ଭାଷଣ ଦେଇଥିଲେ। କବି ଗୋବିନ୍ଦ ଚନ୍ଦ୍ର ମହାପାତ୍ର ଅତିଥି ପରିଚୟ ଦେଇଥିବା ବେଳେ ବେଗୁନିଆ ସାହିତ୍ୟ ସଂସଦର ସଭାପତି ରାଜକିଶୋର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଏଥିରେ ଅନେକ କବି, କବୟିତ୍ରୀ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ବିପ୍ଳବୀ କବି ରବି ସିଂ ଓ ଡାକ୍ତର ବିମଳ ରଥଙ୍କ ପରଲୋକରେ ନୀରବ ପ୍ରାର୍ଥନା କରାଯାଇ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା।

ଖୋର୍ଦ୍ଧା ସଂସ୍କୃତି ଭବନରେ କୁନ୍ତଳା କୁମାରୀଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀ, ଖୋର୍ଦ୍ଧା ସାହିତ୍ୟ ସଂସଦ, ଓଡ଼ିଶା ଲେଖିକା ସଂସଦ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ଶିକ୍ଷାବିତ୍‌ ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜୟନ୍ତୀ କାର୍ଯ୍ୟକ୍ରମରେ ସାହିତ୍ୟିକା ଡକ୍ଟର ଶକୁନ୍ତଳା ବଳିଆରସିଂହ, ଅଧ୍ୟାପିକା ଡ. ସଂଘମିତ୍ରା ଭଞ୍ଜ ଅତିଥି ଭାବେ ଯୋଗ ଦେଇଥିଲେ। କୁନ୍ତଳା କୁମାରୀଙ୍କ ଜୀବନ ଓ ସାରସ୍ୱତ ସାଧନା ଉପରେ ବକ୍ତାମାନେ ଆଲୋକପାତ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ ବକ୍ତବ୍ୟ ରଖି କୁନ୍ତଳାକୁମାରୀଙ୍କ ଲେଖା କିପରି ସମସ୍ତଙ୍କୁ ଅନୁପ୍ରାଣୀତ କରିଥାଏ ସେ ସମ୍ପର୍କରେ କହିଥିଲେ। ସାହିତ୍ୟ ସଂସଦର ସମ୍ପାଦକ ଡ. ଧୀରେନ୍ଦ୍ର ନନ୍ଦ ସ୍ୱାଗତ ଭାଷଣ ଦେବା ସହ ସଂଯୋଜନା କରିଥିଲେ । ଏହି ପରିପ୍ରେକ୍ଷୀରେ କବିତା ପାଠ ଆୟୋଜିତ ହୋଇଥିଲା। ଏହାକୁ ପ୍ରିୟଦର୍ଶିନୀ ମହାରଣା ସଂଯୋଜନା କରିଥିଲେ ।




ଖୋର୍ଦ୍ଧା ସଂସ୍କୃତି ଭବନରେ କୁନ୍ତଳା କୁମାରୀଙ୍କ ଜୟନ୍ତୀରେ ଉପସ୍ଥିତ ଅତିଥିମାନେ ।

## ବାସନ୍ଦ ପରିବାରଙ୍କ ଧାରଣା ୩ୟ ଦିନରେ ନ୍ୟାୟ ନ ମିଳିଲେ ଜିଲାପାଳଙ୍କ କାର୍ଯ୍ୟାଳୟରେ ବସିବାକୁ ଚେତାବନୀ

କୃଷ୍ଣପ୍ରସାଦ,୮।୨ (ଡି.ଏନ.ଏ.):

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ କୁରୁପାଳ ଗାଁରେ ନିର୍ବାଚନକୁ କେନ୍ଦ୍ରକରି ବିବାଦ ଲାଗିରହିଛି। ୧୦ମାସ ଧରି ଗ୍ରାମର ୧୯ ପରିବାର ବାସନ୍ଦ ଅଛନ୍ତି। ନ୍ୟାୟ ପାଇଁ ଏହି ପରିବାର ସଦସ୍ୟ କୃଷ୍ଣପ୍ରସାଦ ତହସିଲ ଆଗରେ ଦେଇଥିବା ଧାରଣା ଶନିବାର ୩ୟ ଦିନରେ ପହଞ୍ଚିଛି। ବର୍ଷା, ପବନ, କୋହଲା ପାଗ ସତ୍ତ୍ୱେ ସେମାନେ ବସିରହିଛନ୍ତି। ସେମାନଙ୍କ କହିବା କଥା ଗ୍ରାମରେ ନିଆଁ, ପାଣି, ମନ୍ଦିର ବାରଣ କରାଯାଇଛି। ଏହାର ସମାଧାନ ପାଇଁ ସେମାନେ ପ୍ରଶାସନକୁ ଅବଗତ କରାଇଥିଲେ। ସୁଫଳ ନ ମିଳିବାରୁ ଧାରଣାରେ ବସିବାକୁ ବାଧ ହୋଇଛନ୍ତି। ଆନ୍ଦୋଳନରେ ସାମିଲ ହୋଇଥିବା ସୁବାସ ଚନ୍ଦ୍ର ଜେନା କହିଛନ୍ତି, ଆମେ ସୋମବାର ପର୍ଯ୍ୟନ୍ତ ଅପେକ୍ଷା କରିବୁ। ଯଦି କିଛି ସମାଧାନ ନ ହୁଏ ତେବେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିରହିବ। ଯେତେଦିନ ଯାଏ ଆମ ସମସ୍ୟା ସମାଧାନ ନ ହୋଇଛି ଧାରଣା ଚାଲୁରହିବ।

# ଜବରଦଖଲ ମୁକ୍ତ ଦାବିରେ ଜିଲାପାଳଙ୍କୁ ପତ୍ର

## ବୁଖାରୀବାବାଙ୍କ ପୀଠ

ବେଗୁନିଆ,୮।୨ (ଡି.ଏନ.ଏ.)-

ଖୋର୍ଦ୍ଧା ଜିଲା କାଇପଦରସ୍ଥିତ ବୁଖାରୀବାବାଙ୍କ ପୀଠ ସାମ୍ନା ଅଞ୍ଚଳକୁ କେତେଜଣ ଲୋକ ଜବରଦଖଲ କରିଛନ୍ତି। ଏହାକୁ ଉଚ୍ଛେଦ ଲାଗି ଗାଁର ଲୋକେ ଜିଲାପାଳଙ୍କୁ ଶୁକ୍ରବାର ଅଭିଯୋଗ କରିଛନ୍ତି। ବ୍ୟବସାୟୀମାନେ କ୍ୟାବିନ୍‌ ପକାଇ ବ୍ୟବସାୟ କରୁଥିବାରୁ ସମ୍ମୁଖ ଭାଗ ରାସ୍ତା ସଙ୍କୁଚିତ ହୋଇଯାଉଛି। ଫଳରେ ଗାଡିମୋଟର ଯିବା ଆସିବା କରିବାରେ ସମସ୍ୟା ଉପୁଜୁଛି। ଏପରି କି ଗାଡି ପାର୍କିଂ କରିବାକୁ କୌଣସି ସ୍ଥାନ ନାହିଁ। ଦୋକାନ କରିଥିବା ବ୍ୟବସାୟୀମାନେ ଅଳିଆ ଆବର୍ଜନା ସେଠାରେ ପକାଉଥିବାରୁ ପରିବେଶ ଦୂଷିତ ହେବାରେ ଲାଗିଛି। ଏଠାକୁ ରାଜ୍ୟ ଓ ବାହାରରୁ ଆସୁଥିବା ବହୁ ପର୍ଯ୍ୟଟକ ବିପର୍ଯ୍ୟସ୍ତ ପରିବେଶ ଦେଖି ଅସନ୍ତୋଷ ପ୍ରକାଶ କରୁଛନ୍ତି। ଅନ୍ୟପକ୍ଷରେ ଆଉ ଦିନ କେଇଟାରେ ବୁଖାରୀବାବାଙ୍କ ଉତ୍ସ ପାଳନ ହେବ। ପୀଠ ପରିସରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେବ। ତେବେ ଉତ୍ସ ପାଳନ ପୂର୍ବରୁ ପ୍ରଶାସନ ପକ୍ଷରୁ ବିଧିବଦ୍ଧ ଭାବେ ଜବରଦଖଲ ଉଚ୍ଛେଦ କରାଯାଇ ଉଠାଦୋକାନୀମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ନେଇ କାଇପଦର ଗ୍ରାମବାସୀଙ୍କ ପକ୍ଷରୁ ଜବରଦଖଲ ଉଚ୍ଛେଦ ଦାବିରେ ୫ ଶହ ବୁଦ୍ଧିଜୀବୀ ଦସ୍ତଖତ ଥାଇ ଏକ ଦାବିପତ୍ର ଖୋର୍ଦ୍ଧା ଜିଲାପାଳଙ୍କୁ ଶୁକ୍ରବାର ପ୍ରଦାନ କରାଯାଇଛି।

# ଅହମ୍ମଦୀୟା ଏଫସି କେରଙ୍ଗ ଦଳ ବିଜୟୀ

## କେରଙ୍ଗ ଖୁଦାମୁଲ ଅହମ୍ମଦୀୟା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ



ଅତିଥିଙ୍କ ଗହଣରେ ଖେଳାଳିମାନେ ।

ବେଗୁନିଆ,୮।୨ (ଡି.ଏନ.ଏ.)

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମରେ ଆରମ୍ଭ ହୋଇଛି ଖୁଦାମୁଲ ଅହମ୍ମଦୀୟା ଫୁଟବଲ ଟୁର୍ଣ୍ଣାମେଣ୍ଟ। ଏଥିରେ ୮ଟି ଦଳ ଭାଗ ନେଇଛନ୍ତି। ଶନିବାର ପ୍ରଥମ ମ୍ୟାଚ ଅହମ୍ମଦୀୟା ଏଫସି କେରଙ୍ଗ ସହ ଗୋଲଡ଼େନ କ୍ଲବ ଅରଗୁଳ ସହ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ ଅହମ୍ମଦୀୟା ଏଫସି କେରଙ୍ଗ ଦଳର ସେକ ରଫିକ ଏକ ଗୋଲ ମାରି ଦଳକୁ ମଜଭୁତ ସ୍ଥିତିରେ ପହଞ୍ଚାଇଥିଲେ। ଅପରପକ୍ଷେ ଗୋଲଡେନ କ୍ଲବ ଦଳ ଯେତେ ଚେଷ୍ଟା କରିଥିଲେ ମଧ୍ୟ ଖେଳ ଶେଷପର୍ଯ୍ୟନ୍ତ କୌଣସି ଗୋଲ କରିପାରି ନ ଥିଲା। ଶେଷରେ ଆୟୋଜକ ଦଳ ଅହମ୍ମଦୀୟା ଏଫସି କେରଙ୍ଗ ଦଳ ବିଜୟୀ ହୋଇଥିଲା। ଖେଳକୁ ମୁଖ୍ୟ ରେଫରି ଭାବେ ସଖାଓ୍ୱତ ଖାଁ, ସହଯୋଗୀ ଭାବେ ବିଦେଶୀ ନାୟକ, ଗିରିଶ ଗନି ଏବଂ ଅମଜାଦ ଖାଁ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ଖୋର୍ଦ୍ଧା ଓ ନୟାଗଡ଼ ଅହମ୍ମଦୀୟା ମୁସଲିମ ସଙ୍ଗଠନର ସଭାପତି ମୁହମ୍ମଦ ନୁରୁଦ୍ଦିନ ଅମିନ, ସମ୍ମାନିତ ଅତିଥି ଭାବେ କେରଙ୍ଗ ସଭାପତି ମୁନୱର ଅହମ୍ମଦ, ଜିଲା ଅହମ୍ମଦୀୟା ଯୁବ ସଙ୍ଗଠନ ସଭାପତି ସେକ୍‌ ହବିବ ଏବଂ କେରଙ୍ଗ ପୂର୍ବତନ ସରପଞ୍ଚ ମୁନିରୁଦ୍ଦିନ ଖାଁ ଯୋଗଦେଇଥିଲେ। ରବିବାର ବଜରଙ୍ଗୀ କ୍ଲବ ଘଟିକିଆ ଦଳ ସହ ଯୁବଜ୍ୟୋତି କ୍ଲବ ପଙ୍କାଳ ମଧ୍ୟରେ ଖେଳ ହେବ ବୋଲି କମିଟିର ସଦସ୍ୟ ମୁବଶିର ଖାଁ, ନାସର ଖାଁ, ଫଜଲ ହକ ଏବଂ ବସନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

# ରାସ୍ତା ଅବରୋଧକାରୀଙ୍କ ବିରୋଧରେ ଅଭିଯାନ

## ପାର୍କିଂ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି

ଜଟଣୀ,୮।୨(ଡି.ଏନ.ଏ.)

ଜଟଣୀର ବିଭିନ୍ନ ରାସ୍ତା ଉପରେ ଯାନବାହନ ରଖି ଅବରୋଧ କରିବା ଦ୍ୱାରା ଦୀର୍ଘଦିନ ହେବ ଟ୍ରାଫିକ୍‌ ସମସ୍ୟା ସୃଷ୍ଟି ହେଉଛି। ଏ ନେଇ ପୂର୍ବରୁ ଧରିତ୍ରୀରେ ଖବର ପ୍ରସାରଣ ହୋଇଥିଲା। ଟ୍ରାଫିକ୍‌ ସମସ୍ୟା ଯୋଗୁ ଅନେକ ସମୟରେ ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ୍‌ ରହୁଛି। ବେଳେ ବେଳେ ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସ ଏହା ମଧ୍ୟରେ ଫସି ରହିବା ନଜିର ରହିଛି। ଅପରାଧୀଙ୍କୁ ପିଛା କରୁଥିବା ପୋଲିସ ଗାଡ଼ି ମଧ୍ୟ ଜାମ୍‌ରେ ଫସି ରହିବାକୁ ପଡୁଛି। ଏହି ସୁଯୋଗରେ ଅପରାଧୀ ଖସିଯିବାରେ ସକ୍ଷମ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି କମିଶନରେଟ୍‌ ପୋଲିସ ଅଧୀନରେ ଥିବା ଜଟଣୀ ଥାନା ରାସ୍ତା ଅବରୋଧକାରୀଙ୍କ ବିରୋଧରେ କିଛିଦିନ ହେବ ଅଭିଯାନ ଆରମ୍ଭ ହୋଇଛି। ସହରର ବିଭିନ୍ନ ସ୍ଥାନରେ ହେଉଥିବା ଅବରୋଧ ସ୍ଥାନ ଚିହ୍ନଟ କରି ଜରିମାନା ଆଦାୟ ଆରମ୍ଭ ହୋଇଛି । ଦୋକାନୀ ଓ ମାର୍କେଟ କମିଟି କର୍ମକର୍ତ୍ତାଙ୍କୁ ପୋଲିସ ପକ୍ଷରୁ ଏ ନେଇ ସଚେତନ କରାଯାଉଛି। ଦୋକାନ ଆଗରେ ଯାନବାହନ ରଖି ଅବରୋଧ କରୁଥିବା ଲୋକଙ୍କୁ ଏ ନେଇ ସୂଚିତ କରିବା ପାଇଁ ଦୋକାନୀମାନଙ୍କୁ ତାଗିଦ ମଧ୍ୟ କରାଯାଇଛି। ଅବରୋଧ କରି ଯାନବାହନ ନ ରଖିବା ପାଇଁ ଦୋକାନ ଆଗରେ ନୋପାର୍କିଂ ବୋର୍ଡ ମାରିବାକୁ ପରାମର୍ଶ ଦିଆଯାଇଛି। ଫଳରେ କିଛିଦିନ ହେବ କେତେକ ଦୋକାନ ଆଗରେ ଏପରି ଲେଖାଥିବା ବୋର୍ଡ ଦେଖିବାକୁ ମିଳୁଛି। ତେବେ ଅନେକ ଏପରି ବଜାର ଓ ସ୍ଥାନ ରହିଛି ଯେଉଁଠି ପୋଲିସର ଏହି ଅଭିଯାନ ଉପରେ ପ୍ରଭାବ ପଡୁ ନ ଥିବା ରାସ୍ତା ଅବରୋଧରୁ ପ୍ରତୀୟମାନ ହେଉଛି। ସହରର ନୀଳଚକ୍ର ମାର୍କେଟ, ରାଜାବଜାର, ସୀତାରାମ ଛକ, ହରିଭାଇନା ଛକ, ରାସ୍ତାପାର୍ଶ୍ୱରେ କେତେଗୋଟି ବ୍ୟାଙ୍କ, ଶୋରୁମ୍‌, ଶପିଂ ମଲ୍‌ ସମ୍ମୁଖରେ ଏବେ ବି ରାସ୍ତା ଅବରୋଧ କରି ଯାନବାହନ ରଖାଯାଉଛି। ଏଣୁ ଏପରି ଅଭିଯାନକୁ ପୋଲିସ ଅଧିକ କଡ଼ାକଡ଼ି କରିବା ଦିଗରେ ଧ୍ୟାନ ଦେବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି।




ଦୋକାନ ସମ୍ମୁଖରେ ନୋ ପାର୍କିଂ ବୋଲି ଲେଖା ରହିଛି ।

### ଏମାନେ ଯାହା କୁହନ୍ତି..

"ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କିପରି ରାସ୍ତା ଅବରୋଧ କରି ଯାନବାହନ ରହିବ ନାହିଁ ସେଥିପାଇଁ ପୋଲିସ ପକ୍ଷରୁ ଏହି ପଦକ୍ଷେପ ଆରମ୍ଭ ହୋଇଛି। ଏ ନେଇ ରାସ୍ତା ଅବରୋଧକାରୀ, ଦୋକାନୀ, ମାର୍କେଟ୍‌ କର୍ମକର୍ତ୍ତା ସମସ୍ତେ ସଚେତନ ରହିବା ସହ ସହଯୋଗ କଲେ ଏପରି ସମସ୍ୟା ଦୂର ହୋଇପାରିବ।

**-ବିଶ୍ୱ ରଞ୍ଜନ ସାହୁ, ଆଇଆଇସି, ଜଟଣୀ ଥାନା**



"ଏ ନେଇ ଜଟଣୀ ମ୍ୟୁନିସିପାଲିଟିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହାଛଡ଼ା ରାସ୍ତା ପାର୍ଶ୍ୱରେ ଥିବା ବିଭିନ୍ନ ସରକାରୀ ଓ ଘରୋଇ କାର୍ଯ୍ୟାଳୟ ନିଜସ୍ୱ ପାର୍କିଂ ବ୍ୟବସ୍ଥା କରିବା ଆବଶ୍ୟକ। ବଡ଼ ଶୋରୁମ୍‌ ଓ ଶପିଂ ମଲ୍‌ ମଧ୍ୟ ନିଜସ୍ୱ ପାର୍କିଂ ବ୍ୟବସ୍ଥା ଉପରେ ଧ୍ୟାନ ଦେବା ଦରକାର। ପୋଲିସର ଏପରି ଅଭିଯାନ ସ୍ୱାଗତଯୋଗ୍ୟ ହୋଇଥିଲେ ମଧ୍ୟ ଏହାକୁ ସଫଳ କରିବାକୁ ହେଲେ ସମସ୍ତଙ୍କ ସହଯୋଗ ଆବଶ୍ୟକ।

**-ବିଷ୍ଣୁ ସାହୁ, ପୂର୍ବତନ କାଉନ୍‌ସିଲର**



"ପାର୍କିଂ ବ୍ୟବସ୍ଥା ନ ଥିବାରୁ ଲୋକେ ବାଧ ହୋଇ ରାସ୍ତା ଉପରେ ଯାନବାହନ ରଖୁଛନ୍ତି। ମ୍ୟୁନିସିପାଲିଟି ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ପାର୍କିଂ ବ୍ୟବସ୍ଥା କଲେ ଏହି ସମସ୍ୟା ଦୂର ହୋଇପାରନ୍ତା। ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ନିହାତି ଜରୁରୀ।

**ସୁଦର୍ଶନ ସୁନ୍ଦରାୟ, ସଭାପତି, ଜଟଣୀ ବ୍ୟବସାୟୀ ସଂଘ**



ଯଦି ଜଣେ ତୁମଠାରୁ ଭଲ ନ ହୋଇଥାଏ,
ତା' ସହିତ ବନ୍ଧୁତା ବାନ୍ଧ ନାହିଁ।
– କନ୍‌ଫୁସିୟସ



## ସଂକ୍ଷେପରେ

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଗିରଫ

ନିମାପଡ଼ା,୮।୨(ଡି.ଏନ୍.ଏ.): ମଦ ପିଇବାକୁ ଟଙ୍କା ନ ଦେବାରୁ ଶୁକ୍ରବାର ରାତିରେ ଚାରିଛକ ଫାଣ୍ଡି ଅନ୍ତର୍ଗତ ବାଲୁଙ୍କ ଗ୍ରାମର ବିନୋଦ ପ୍ରଧାନଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏହି ଘଟଣାରେ ନିମାପଡ଼ା ପୋଲିସ ଶନିବାର ନିଆଳି ଥାନା ଅଧୀନ ବାଘସାହି ଗ୍ରାମର ଶିବ ପ୍ରସାଦ ଭୋଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଚାରିଛକ ବଜାରରେ ଥିବା ଏକ ମଦ ଦୋକାନ ପାଖରେ ବିନୋଦଙ୍କୁ ବାଘସାହି ଗ୍ରାମର ଶିବପ୍ରସାଦ ଓ ତାଙ୍କର କେତେଜଣ ସହଯୋଗୀ ମଦ ପିଇବାକୁ ୫ ଶହ ଟଙ୍କା ମାଗିଥିଲେ। ବିନୋଦ ଟଙ୍କା ନ ଦେବାରୁ ଶିବପ୍ରସାଦ ଓ ତାଙ୍କର ସହଯୋଗୀମାନେ ତାଙ୍କୁ ମାଡ଼ ମାରିବା ସହ ଏକ ବୋତଲକୁ ତାଙ୍କ ମୁଣ୍ଡରେ ପିଟିଦେଇଥିଲେ। ସ୍ଥାନୀୟ ଲୋକେ ବିନୋଦଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଚାରିଛକ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଆକ୍ରମଣକାରୀମାନେ ବିନୋଦଙ୍କ ଠାରୁ ୧୫ଶହ ଟଙ୍କା ଓ ଏକ ରୁପା ବ୍ରେସଲେଟ ଛଡ଼ାଇ ନେଇଛନ୍ତି। ଏ ନେଇ ବିନୋଦଙ୍କ ଭାଇ ପ୍ରମୋଦ କୁମାର ପ୍ରଧାନ ଚାରିଛକ ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ନିମାପଡ଼ା ପୋଲିସ ଏକ ମାମଲା(ନଂ.୩୫/୨୦)ରୁଜୁକରି ଶିବପ୍ରସାଦଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ସହଯୋଗୀ ଫେରାର ଅଛନ୍ତି।

### ବିପ୍ଳବୀ କବି ରବି ସିଂଙ୍କ ସ୍ମୃତି ସଭା

ନିମାପଡ଼ା,୮।୨(ଡି.ଏନ୍.ଏ.): ନିମାପଡ଼ା ସାହିତ୍ୟ ସଂସଦ ପକ୍ଷରୁ ବିପ୍ଳବୀ କବି ରବି ସିଂଙ୍କ ସ୍ମୃତି ସଭା ଶନିବାର ତହସିଲ ଅଫିସ ଓକିଲ ସଂଘ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟ ସଂସଦ ସଭାପତି ଆଇନଜୀବୀ ଶୁଭେନ୍ଦୁ ରାଉତରାୟ ଅଧକ୍ଷତା କରିଥିଲେ। ଅତିଥିଭାବେ ସାହିତ୍ୟିକ ନୀଳକଣ୍ଠ ସାହୁ, ସିପିଆଇ ନେତା ଦେବେନ୍ଦ୍ରନାଥ ସାହୁ, ଆଇନଜୀବୀ ଦିଲ୍ଲୀପ ପଟ୍ଟନାୟକ, ପ୍ରତାପ ମହାନ୍ତି, କବି ସସ୍ମିତା ମହାନ୍ତି, ଗୁଣନିଧି ଭୋଇ, ମୋହରିର ସଂଘ ସଭାପତି ବଟକୃଷ୍ଣ ମହାନ୍ତି,କବି ସରୋଜ ମହାନ୍ତି, ସାମାଜିକ କର୍ମୀ ଜୟଦେବ ମିଶ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ କବି ସିଂଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ। କବି ଓ ସାହିତ୍ୟିକମାନେ ସ୍ୱରଚିତ କବିତା ଓ କବି ସିଂଙ୍କ କବିତା ଆବୃତ୍ତି କରିଥିଲେ। ଏହି ଅବସରରେ ପୂର୍ବତନ ବିଚାର ବିଭାଗୀୟ ଅଧିକାରୀ ତଥା ସୁସାହିତ୍ୟିକ ଲକ୍ଷ୍ମୀଧର ମହାନ୍ତିଙ୍କର ମଧ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇନଜୀବୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ।

### ଶଗଡ଼ାରେ ଜାଗର ଯାତ୍ରା ପ୍ରସ୍ତୁତି ବୈଠକ

ନିମାପଡ଼ା, ୮।୨ (ଡି.ଏନ୍.ଏ.) ନିମାପଡ଼ା ନିକଟବର୍ତ୍ତୀ ଶଗଡ଼ା ଗ୍ରାମର ଶ୍ରୀ ଶ୍ରୀ ଜଟେଶ୍ୱର ମହାଦେବଙ୍କ ପୀଠରେ ଜାଗର ଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନୋଜ ପ୍ରଧାନ ସଭାପତିତ୍ୱ କରିଥିଲେ। ଆସନ୍ତା ୨୧ ତାରିଖରେ ହେବାକୁ ଥିବା ଜାଗର ଯାତ୍ରାକୁ କିଭଳି ଶାନ୍ତିଶୃଙ୍ଖଳାର ସହିତ ମହାସମାରୋହରେ ପାଳନ କରାଯିବ, ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜାଗର ଉପଲକ୍ଷେ ୧୯ ରୁ ୨୧ ତାରିଖ ପର୍ଯ୍ୟନ୍ତ ଶିବାନୀ ଗଣନାଟ୍ୟ ପକ୍ଷରୁ ଯାତ୍ରା ପରିବେଷଣ କରାଯିବ। ଜାଗର ଦିନ ସନ୍ଧ୍ୟା ୭ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ପୁରୁଷୋତ୍ତମ ମହାରାଜଜୀ ପ୍ରବଚନ ଦେବାର କାର୍ଯ୍ୟକ୍ରମ ରହିଛି। ରାତି ସାଢ଼େ ୧୦ଟାରେ ମହାଦୀପ ଉଠିବା ପରେ ଭକ୍ତମାନଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଏସବୁ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ସ୍ୱେଚ୍ଛାସେବୀମାନଙ୍କୁ ଦାୟିତ୍ୱ ବଣ୍ଟନ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଏହି ଜାଗର ଯାତ୍ରାରେ ଯୋଗଦେଇ ସହଯୋଗ କରିବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଜାଗର କମିଟି ତରଫରୁ ନିବେଦନ କରାଯାଇଛି।

# ତୀର୍ଥ ପୁଷ୍କରିଣୀକୁ ଅଣଦେଖା

ପୁରୀ ଅଫିସ, ୮।୨

■ ଭଙ୍ଗା ପାଚେରି ମରାମତି ହେଉନି

■ ପଶୁଛି ନଳାପାଣି, ଅଳିଆ ଆବର୍ଜନା



ପାର୍ବତୀ ସାଗର ପାଚେରି ଭୁଶୁଡ଼ି ପଡିଛି।

ବିଶ୍ୱ ଐତିହ୍ୟ ସହର ହେବ ପୁରୀ। ବଦଳିବ ଢାଞ୍ଚା, ନିଆଯିବ ନାନା ବିକାଶମୂଳକ ପଦକ୍ଷେପ। ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଲାଗି ଶ୍ରୀକ୍ଷେତ୍ର ପ୍ରମୁଖ ଆକର୍ଷଣ ପାଲଟିବ। ପୁରୀକୁ ନେଇ ଏମିତି ଅନେକ ସ୍ୱପ୍ନ ଦେଖିଛନ୍ତି ରାଜ୍ୟ ସରକାର। ଏ ଦିଗରେ ମଧ ପ୍ରୟାସ ଆରମ୍ଭ କରିଛନ୍ତି। ଏଥିଲାଗି କେତେକ କାମ ଚାଲିଥିବାବେଳେ ଏକାଧିକ ମେଗା ପ୍ରକଳ୍ପର ଶିଳାନ୍ୟାସ ହୋଇଛି। କିନ୍ତୁ ଶ୍ରୀକ୍ଷେତ୍ରର ତୀର୍ଥ ପୁଷ୍କରିଣୀଗୁଡ଼ିକ ପ୍ରତି ଅଣଦେଖା କରାଯାଉଛି। ଅନେକ ତୀର୍ଥ ପୁଷ୍କରିଣୀ ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି। ବର୍ଷ ବର୍ଷ ଧରି କାହାର ପାଚେରି ଭୁଶୁଡ଼ି ପଡ଼ିଥିଲେ ବି ମରାମତି ହୋଇନାହିଁ ତ ପୁଣି କେଉଁଠି ପଶୁଛି ମଇଳା ପାଣି ଏବଂ ଆବର୍ଜନା। ଶ୍ରୀକ୍ଷେତ୍ରର ବିକାଶ ପ୍ରକଳ୍ପରେ ୪ଟି ତୀର୍ଥ ପୁଷ୍କରିଣୀ (ଶ୍ୱେତଗଙ୍ଗା, ମାର୍କଣ୍ଡେୟ, ନରେନ୍ଦ୍ର ଏବଂ ଇନ୍ଦ୍ରଦ୍ୟୁମ୍ନ)ର ପୁନରୁଦ୍ଧାର ଘୋଷଣା କରାଯାଇଛି। କିନ୍ତୁ ଏପର୍ଯ୍ୟନ୍ତ ଏସବୁର କାମ ଆରମ୍ଭ ହୋଇନାହିଁ। ଫଳରେ ଏ ନେଇ ଶ୍ରଦ୍ଧାଳୁ ଓ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ପୁରୀକୁ ପ୍ରତିଦିନ ହଜାର ହଜାର ଭକ୍ତ ଓ ପର୍ଯ୍ୟଟକ ଆସିଥାନ୍ତି। ଶ୍ରୀମନ୍ଦିର ଓ ବେଳାଭୂମି ପରେ ଅନେକ ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥ ପୁଷ୍କରିଣୀକୁ ମଧ ବୁଲି ଦେଖିଥାନ୍ତି। ପୁରୀ ସହରର ପ୍ରାୟ ଅଧିକାଂଶ ପରିଚିତ ପୁଷ୍କରିଣୀ ସହ ଐତିହ୍ୟ ଯୋଡ଼ି ହୋଇରହିଛି। ତେବେ ଶ୍ରୀକ୍ଷେତ୍ରର ଇନ୍ଦ୍ରଦ୍ୟୁମ୍ନ, ମାର୍କଣ୍ଡେୟ ଏବଂ ପାର୍ବତୀ ସାଗର ଆଦି ପୁଷ୍କରିଣୀର ଅବସ୍ଥା ଦୟନୀୟ ହୋଇପଡ଼ିଛି। ବର୍ଷ ବର୍ଷ ଧରି ଏହି ପୁଷ୍କରିଣୀର ପାଚେରି ଭାଙ୍ଗି ଅପରିଷ୍କାର ହୋଇପଡ଼ିଥିଲେ ବି ଏଥିପ୍ରତି କାହାର ନିଘା ନାହିଁ। ଫଳରେ ବିଭିନ୍ନ ସମୟରେ ଏହି ପୁଷ୍କରିଣୀକୁ ବୁଲି ଯାଉଥିବା ଶ୍ରଦ୍ଧାଳୁ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥ ମଧ୍ୟରୁ ଅନ୍ୟତମ ତୀର୍ଥ ହେଉଛି ଇନ୍ଦ୍ରଦ୍ୟୁମ୍ନ। ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ସ୍ମୃତିର ସ୍ମାରକୀ ବହନ କରୁଥିବା ଏହି ପୁଷ୍କରିଣୀକୁ କୁରୁମ ପୁଷ୍କରିଣୀ ବା ଯଜ୍ଞ ପୁଷ୍କରିଣୀ ବୋଲି କୁହାଯାଏ। ଏହାରି କୂଳରେ ନୀଳକଣ୍ଠେଶ୍ୱରଙ୍କ ମନ୍ଦିର ରହିଛି। ପ୍ରତ୍ୟହ ଶ୍ରଦ୍ଧାଳୁମାନେ ମନ୍ଦିରକୁ ଆସିବା ସହ ପୁଷ୍କରିଣୀ ଦର୍ଶନ କରିଥାନ୍ତି। କିନ୍ତୁ ଠିକ୍ ଭାବେ ଏହାର ରକ୍ଷଣାବେକ୍ଷଣ କରାଯାଉ ନାହିଁ। ଫଳରେ ବର୍ତ୍ତମାନ ପୁଷ୍କରିଣୀର ପୂର୍ବ, ଉତ୍ତର ଓ ଦକ୍ଷିଣ ପାର୍ଶ୍ୱ ପାଚେରି ଭୁଶୁଡ଼ି ପଡ଼ିଛି। ସବୁଠୁ ପରିତାପର ବିଷୟ ହେଉଛି ଏହି ପବିତ୍ର ପୁଷ୍କରିଣୀ ଭିତରକୁ ନଳାପାଣି ପ୍ରବେଶ କରୁଛି। ଶ୍ରୀମନ୍ଦିର ଉତ୍ତର ପାର୍ଶ୍ୱରେ ରହିଛି ଅନ୍ୟତମ ତୀର୍ଥ ପୁଷ୍କରିଣୀ ମାର୍କଣ୍ଡେୟ। ଅନ୍ୟ ତୀର୍ଥ ଅପେକ୍ଷା ଏଠାରେ ସର୍ବାଧିକ ତୀର୍ଥଯାତ୍ରୀ ସ୍ନାନ, ଦାନ, ତର୍ପଣ, ଶ୍ରାଦ୍ଧ ଓ ଦଶାହ କ୍ରିୟା କରିଥାନ୍ତି। ଭାଦ୍ର କୃଷ୍ଣ ଏକାଦଶୀରେ ଶ୍ରୀଜଗନ୍ନାଥଙ୍କ କାଳୀୟଦଳନ ନୀତି ମାର୍କଣ୍ଡେୟ ପୁଷ୍କରିଣୀରେ ଅନୁଷ୍ଠିତ ହୁଏ। ଶାରଦୀୟ ଦୁର୍ଗାପୂଜା ସମୟରେ ସେବାୟତ ପରିବାରର ନେତ ପିଲାମାନେ ଏଠାରେ ବାଲୁକା ଲିଙ୍ଗ ସ୍ଥାପନା କରି ପୂଜା କରିଥାନ୍ତି। ଏହି ପୁଷ୍କରିଣୀ କୂଳରେ ଶ୍ରୀମାର୍କଣ୍ଡେଶ୍ୱର ମନ୍ଦିର ରହିଛି। ଏତେସବୁ ଐତିହ୍ୟକୁ ଜାବୁଡ଼ି ଧରିଥିବା ଏହି ପୁଷ୍କରିଣୀର ପାଚେରି ଅଧା ମରାମତି ଅବସ୍ଥାରେ ରହିଛି। ଶ୍ରୀକ୍ଷେତ୍ରର ଅନ୍ୟତମ ତୀର୍ଥ ପୁଷ୍କରିଣୀ ହେଉଛି ପାର୍ବତୀ ସାଗର। ଏହା ପୁରୀ ସହରର ଆଉ ଏକ ବଡ଼ ପୋଖରୀ। ପ୍ରସିଦ୍ଧ ଶୈବ ପୀଠ ଶ୍ରୀଲୋକନାଥ ମନ୍ଦିର ପରିସରକୁ ଲାଗି ରହିଛି ପାର୍ବତୀ ସାଗର ପୁଷ୍କରିଣୀ। ସୁଉଚ୍ଚ ପାଚେରି ଦ୍ୱାରା ଏହା ପରିବେଷ୍ଟିତ। ଲୋକନାଥ ମନ୍ଦିରକୁ ଯିବାବେଳେ ଏବଂ ଫେରିବାବେଳେ ଶ୍ରଦ୍ଧାଳୁମାନେ ଏହି ପୁଷ୍କରିଣୀରେ ଗୋଡ଼, ହାତ ଧୋଇ ଯାଇଥାନ୍ତି। ଏତଦ୍‌ବ୍ୟତୀତ ଶ୍ରାବଣ ମାସରେ ବୋଲବମ୍ ଭକ୍ତ ଏଠାରେ ସ୍ନାନ କରିଥାନ୍ତି। ସେହିପରି ସରନ୍ତି ସୋମବାର ରାତିରେ ପୁଷ୍କରିଣୀରେ ଶ୍ରଦ୍ଧାଳୁ ଗାଧୋଇବା ସହ ଠାକୁରଙ୍କ ବାସନକୁସନ ସଫା କରାଯାଏ। ୨୦୧୭ ଅକ୍ଟୋବର ୨୦ରେ ଉତ୍ତର ପାର୍ଶ୍ୱରେ ପ୍ରାୟ ୧୦୦ ଫୁଟ ପାଚେରି ଭୁଶୁଡ଼ି ପଡ଼ିଥିଲା। ଇତିମଧରେ ୨ବର୍ଷରୁ ଊର୍ଦ୍ଧ୍ୱ ବିତିଗଲାଣି। ହେଲେ ଏ ପର୍ଯ୍ୟନ୍ତ ପାଚେରି ମରାମତି ହୋଇନାହିଁ। ଆସନ୍ତା ୨୧ ତାରିଖରେ ଜାଗର ଯାତ୍ରା। ଏଠାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ହେଲେ ପୋଖରୀର ଏଭଳି ଅବସ୍ଥା ନିଶ୍ଚିତ ସେମାନଙ୍କ ମନରେ ନକାରାତ୍ମକ ଭାବନା ସୃଷ୍ଟି କରିବ ବୋଲି କୁହାଯାଉଛି। ଶ୍ରୀକ୍ଷେତ୍ର ବିକାଶ ପ୍ରକଳ୍ପରେ ସ୍ଥାନ ପାଇଥିବା ୪ଟି ପୁଷ୍କରିଣୀର ପୁନରୁଦ୍ଧାର କାମ କେବେ ଆରମ୍ଭ ହେଉଛି ତାହା ଉପରେ ଏବେ ନଜର ରଖିଛନ୍ତି ସହରବାସୀ।



କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

## ସାଂସ୍କୃତିକ ଉତ୍ସବ ଏକତା ଓ ଭାଇଚାରା ସମ୍ପର୍କ ଦୃଢ଼ କରେ

ସାକ୍ଷୀଗୋପାଳ, ୮।୨ (ଡି.ଏନ୍.ଏ./ସ୍ୱ.ପ୍ର.)

ବକୁଳବନ ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚରେ ଚାଲିଥିବା ସତ୍ୟବାଦୀ ମହୋତ୍ସବର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ସାଂସ୍କୃତିକ ଉତ୍ସବ ଏକତା ଓ ଭାଇଚାରା ସମ୍ପର୍କକୁ ଅଧିକ ସୁଦୃଢ଼ କରିଥାଏ ବୋଲି ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା କହିଛନ୍ତି। ସମ୍ମାନିତ ଅତିଥିଭାବେ ମହୋତ୍ସବ କମିଟି ଉପଦେଷ୍ଟା ତଥା ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୁରୀ ସଦର ବ୍ଲକ ଶିକ୍ଷା ଅଧିକାରୀ ମମତା ମିଶ୍ର, ସତ୍ୟବାଦୀ ବ୍ଲକ ଏବିଇଓ ଆର୍ତ୍ତତ୍ରାଣ ମିଶ୍ର ଓ ତ୍ରିଲୋଚନ ପ୍ରଧାନ, ଭାରତ ବିକାଶ ପରିଷଦ ସ୍ଥାନୀୟ ଶାଖା ସଭାପତି ସତ୍ୟବାଦୀ ଦାସ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଓଡ଼ିଶୀ ମେଳ ନୃତ୍ୟ 'ନବ ଦୁର୍ଗା' ଓ 'କୃଷ୍ଣାୟ ତୁଭ୍ୟମ୍ ନମଃ' ପରିବେଷଣ କରିଥିଲେ। ସେହିପରି ପାଟିଆଲା କଳାମଞ୍ଚ ଅନୁଷ୍ଠାନର ନୃତ୍ୟଶିଳ୍ପୀମାନେ ଢ଼ୋଲ ନିଶାନ ବାଦ୍ୟର ତାଳେତାଳେ ପଞ୍ଜାବୀ ଲୋକନୃତ୍ୟ ଜିଲୁଆ ଏବଂ ଧାଙ୍ଗଡା ପରିବେଷଣ କରିଥିଲେ। ଆସାମ ନୃତ୍ୟଶିଳ୍ପୀମାନେ ବିହୁ, ମଣିପୁର ନୃତ୍ୟ ଶିଳ୍ପୀମାନେ ମାର୍ଶାଲ ଆର୍ଟ, ମହାରାଷ୍ଟ୍ର କଳାକାରମାନେ ଦେଶାତ୍ମବୋଧ, ଅଭିନୟନା ଡ୍ୟାନ୍ସ ଏକାଡେମୀର ଶିଳ୍ପୀମାନେ ନୃତ୍ୟାଭିନୟ ରାମାୟଣ ପରିବେଷଣ କରିଥିଲେ। କଣ୍ଠଶିଳ୍ପୀ ଦୀପ୍ତିରେଖା, ନାଭିୟା, ଅଭିଜିତ୍ ଓ ସାଥୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ଆଇନଜୀବୀ ଅଞ୍ଜନ ହୋତା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।



ନୃତ୍ୟଶିଳ୍ପୀମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରୁଛନ୍ତି।

## ସମ୍ବଲପୁରୀ ନୃତ୍ୟ, ସଙ୍ଗୀତରେ ଝୁମିଲେ ଦର୍ଶକ

### ସାଂସ୍କୃତିକ କାର୍ଯ୍ୟକ୍ରମ 'ରଙ୍ଗବତୀ' ଉଦ୍‌ଯାପିତ

ପୁରୀ ଅଫିସ, ୮।୨

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ପୁରୀ ଜିଲା ପ୍ରଶାସନ ଏବଂ ଜିଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ମୁକ୍ତାକାଶ ରଙ୍ଗମଞ୍ଚରେ ଚାଲିଥିବା ଦୁଇଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ 'ରଙ୍ଗବତୀ' ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଡ. ରାମକୃଷ୍ଣ ସାହୁ ପୌରୋହିତ୍ୟ କରିଥିଲେ। ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟଅତିଥି, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପ୍ରବୋଧ ରଥ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଂସ୍କୃତିକ ଅନୁଷ୍ଠାନ ରଙ୍ଗଶାଳାର ନିର୍ଦ୍ଦେଶକ ବିକ୍ରମ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟାରେ ସୋନପୁରର ଶତ୍ରୁଘ୍ନ ଲୋହା ଓ ସାଥୀ ସମ୍ବଲପୁରୀ ଲୋକସଙ୍ଗୀତ ପରିବେଷଣ କରି ପରିବେଶକୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଭବାନୀପାଟଣାର ନୃତ୍ୟାଙ୍ଗନା ଅନୁଷ୍ଠାନ ଏବଂ ବଲାଙ୍ଗୀର ଲୋଇସିଂହାର ସୁରସଙ୍ଗମ ଅନୁଷ୍ଠାନର ନୃତ୍ୟଶିଳ୍ପୀମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ।



ପୁରୀ ବିଶ୍ୱମ୍ଭର ବିଦ୍ୟାପୀଠରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ପୁରସ୍କୃତ ପ୍ରତିଯୋଗୀମାନେ।



ପୁରୀ ଜଜ୍‌କୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ଲୋକ ଅଦାଲତରେ ବିଚାରପତିମାନେ ମାମଲା ଫଇସଲା କରୁଛନ୍ତି।

## ଦୁଇ ପରିବାର ମଧ୍ୟରେ ମାରପିଟ୍, ୨ ମହିଳା ଆହତ

ନିମାପଡ଼ା,୮।୨(ଡି.ଏନ୍.ଏ.)

ନିମାପଡ଼ା ଥାନା ଅନ୍ତର୍ଗତ ଗଡ଼ତୋରିହଁ ଗ୍ରାମରେ ଜାଗାବାଡି ବିବାଦକୁ କେନ୍ଦ୍ରକରି ଶୁକ୍ରବାର ଦୁଇ ପରିବାର ମଧ୍ୟରେ ମାରପିଟ୍ ହୋଇଛି। ଏଥିରେ ଉଭୟ ପରିବାରର ପ୍ରତିପ୍ରଭା ବାରିକ ଓ ସତ୍ୟଭାମା ବାରିକ ଆହତ ହୋଇଛନ୍ତି। ଏମାନଙ୍କୁ ଚିକିତ୍ସା ପାଇଁ ନିମାପଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଗଡ଼ତୋରିହଁ ଗ୍ରାମର ଦିଲ୍ଲୀପ ବାରିକ ଶୁକ୍ରବାର ପ୍ରତିପ୍ରଭାଙ୍କ ବାରିରୁ ବାଉଁଶ ହାଣି ନେଉଥିଲେ। ଏହାକୁ ପ୍ରତିପ୍ରଭା ବିରୋଧ କରିବାରୁ ଦିଲ୍ଲୀପ ଓ ତାଙ୍କ ସ୍ତ୍ରୀ ସତ୍ୟଭାମା କ୍ରୋଧାନ୍ୱିତ ହୋଇ ପ୍ରତିପ୍ରଭାଙ୍କ ଉପରକୁ ଗରମ ପାଣି ଫୋପାଡ଼ିବା ସହ ଗାଳିଗୁଲଜ କରିଥିଲେ। ଏ ନେଇ ପ୍ରତିପ୍ରଭାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲାରୁଜୁ କରିଛି। ଅନ୍ୟପକ୍ଷରେ ସତ୍ୟଭାମା ତାଙ୍କ ଜାଗାରେ ପାଇଖାନା ଟାଙ୍କି ପାଇଁ ମୂଲିଆ ଲଗାଇ କାମ କରୁଥିବା ବେଳେ ପ୍ରତିପ୍ରଭା ଓ ତାଙ୍କ ସ୍ୱାମୀ ରାଜକିଶୋର ପ୍ରତିବାଦ କରିବା ସହ କାମ ବନ୍ଦ କରିଥିଲେ। ଏହା ସହିତ ସତ୍ୟଭାମାଙ୍କୁ ଏକ ବାଉଁଶରେ ମାଡ଼ ମାରିବା ସହ ଗାଳିଗୁଲଜ କରିଥିବା ସତ୍ୟଭାମା ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ପୋଲିସ ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାକୁ ନେଇ ଉଭୟ ପରିବାର ମଧ୍ୟରେ ଚାପା ଉତ୍ତେଜନା ଦେଖାଦେଇଛି। ସୂଚନାଥାଉ କି, ଉଭୟ ପରିବାର ମଧ୍ୟରେ ଦୀର୍ଘଦିନ ହେବ ବିବାଦ ଲାଗି ରହିବା ସହ ଗଣ୍ଡଗୋଳ ହେଉଥିବା ଜଣାପଡିଛି।

## ହିଙ୍ଗୁଳା ପୀଠରେ ମାଘ ପୂଜା

ବ୍ରହ୍ମଗିରି,୮।୨(ଡି.ଏନ୍.ଏ.)

ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ମାତଲାପୁର ସ୍ଥିତ ମା' ହିଙ୍ଗୁଳା ପୀଠରେ ମାଘ ପୂଜା ଆରମ୍ଭ ହୋଇଛି। ଶ୍ରଦ୍ଧାଳୁମାନେ ମା'ଙ୍କ ପାଖରେ ଚୁଡ଼ାଘଷା ଭୋଗ କରିବା ସହିତ ମାନସିକ ପାଇଁ ପୂଜାର୍ଚ୍ଚନା କରୁଛନ୍ତି। ହିଙ୍ଗୁଳା ଉକ୍ତ ଅଞ୍ଚଳରେ ଶାକମ୍ଭରୀ ଅନ୍ନପୂର୍ଣ୍ଣା ଭାବେ ପୂଜିତ। ଏହି ଅଞ୍ଚଳ ଏକ କୃଷି ପ୍ରଧାନ ଅଞ୍ଚଳ ହୋଇଥିବାରୁ ଏଠାକାର ଚାଷୀମାନେ ଚାଷ କରିବା ପୂର୍ବରୁ ମା' ଙ୍କ ପାଖରେ ଭଲ ଅମଳ ପାଇଁ ମାନସିକ କରିଥାନ୍ତି। ଫସଲ ଅମଳ ପରେ ପ୍ରଥମେ ମା'ଙ୍କୁ ସମର୍ପଣ କରିଥାନ୍ତି। ଏହି ପରମ୍ପରା ପୁରୁଷ ପୁରୁଷ ଧରି ଚାଲି ଆସୁଥିବା ଲୋକେ କହିଛନ୍ତି।

## ଥାନାର ଦ୍ୱାରସ୍ଥ ହେଲେ ବାପଘର ଲୋକେ

### ଶ୍ୱଶୁରଙ୍କ ଦଶାହରେ ବୋହୂର ଅନୁପସ୍ଥିତି ନେଇ ଚିନ୍ତା

କଣାସ,୮।୨(ସ୍ୱ.ପ୍ର.)

କଣାସ ବ୍ଲକ ସାହୁପଡ଼ା ପଞ୍ଚାୟତ ମୈତ୍ର ତ୍ରିଲୋଚନପୁର ଗ୍ରାମର ବିଶ୍ୱଜିତ୍ ସାହୁ ୮ବର୍ଷ ତଳେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ଗୋଳବାଇ ନିକଟ କାୟା ଗ୍ରାମର ସ୍ୱର୍ଗତ ବିପିନ ବିହାରୀ ଚମ୍ପତିଙ୍କ ଝିଅ ଯାଜ୍ଞସେନୀଙ୍କୁ ପ୍ରେମ ବିବାହ କରିଥିଲେ। ବିଶ୍ୱଜିତ୍ କେରଳରେ ଏକ କମ୍ପାନୀରେ କାମ କରୁଥିବାରୁ ସ୍ତ୍ରୀ ଯାଜ୍ଞସେନୀ ଓ ପୁଅକୁ ନେଇ ସେଠାରେ ରହୁଥିଲେ। ସମ୍ପ୍ରତି ବାପାଙ୍କ ମୃତ୍ୟୁ ଖବର ପାଇ ବିଶ୍ୱଜିତ୍ ଏକା ଗାଁକୁ ଆସିଥିବାରୁ ତାଙ୍କ ଶ୍ୱଶୁର ଘର ଲୋକଙ୍କ ମନରେ ନାନା ପ୍ରଶ୍ନ ଉଙ୍କି ମାରିଥିଲା। ସେମାନେ ମୈତ୍ର ତ୍ରିଲୋଚନପୁର ଗ୍ରାମକୁ ଆସି ଏ ସଂକ୍ରାନ୍ତରେ ବିଶ୍ୱଜିତ୍‌ଙ୍କୁ ପଚାରିଥିଲେ ମଧ ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ। ଫଳରେ ସେମାନଙ୍କ ମନରେ ସନ୍ଦେହ ବଢ଼ିଯାଇଥିଲା। ସେମାନେ ଗଡ଼ିଶାଗୋଦା ଥାନାରେ ଯାଜ୍ଞସେନୀ ଓ ପୁଅ ନିଖୋଜ ସମ୍ପର୍କରେ ଖବର ଦେଇଥିଲେ। ମାତ୍ର ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ଯାଜ୍ଞସେନୀଙ୍କ ବାପଘର ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ଲୋକ ଶୁକ୍ରବାର ଗଡ଼ିଶାଗୋଦା ଥାନା ଆଗରେ ଜମାହୋଇ ଯାଜ୍ଞସେନୀ ଓ ପୁଅକୁ ଫେରାଇ ଆଣିବା ପାଇଁ ଦାବି କରିଥିଲେ। ଯାଜ୍ଞସେନୀଙ୍କ ଭାଉଜ ପଲ୍ଲୀପୁଷ୍ପା ରାୟ ଏବଂ ମାଉସୀ ଗୀତାଞ୍ଜଳି ପ୍ରଧାନ ଯାଜ୍ଞସେନୀ ଓ ତାଙ୍କ ପୁଅ ନିଖୋଜ ସମ୍ପର୍କରେ ୨ଟି ପୃଥକ ଏତଲା ଦେଇଛନ୍ତି। ପ୍ରକାଶ ଥାଉ କି, କିଛି ଦିନ ତଳେ ବିଶ୍ୱଜିତ୍ ଓ ଯାଜ୍ଞସେନୀଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିଥିଲା। ଏହି ଘଟଣା ଥାନାରେ ପହଞ୍ଚିଥିଲା। ଥାନାଧିକାରୀ ଏହି ଦମ୍ପତିଙ୍କୁ ଡାକି ମିଳାମିଶା କରିଥିଲେ। ପରେ ଯାଜ୍ଞସେନୀ ଓ ପୁଅକୁ ନେଇ ବିଶ୍ୱଜିତ୍ ୨ମାସ ହେଲା କେରଳ ଯାଇଥିଲେ। ମାତ୍ର ବର୍ତ୍ତମାନ ବିଶ୍ୱଜିତ୍ ଏକୁଟିଆ ଗାଁକୁ ଆସିଛନ୍ତି। ଏ ନେଇ ଥାନାର ଏଏସ୍‌ଆଇ ବସନ୍ତ ଜେନାଙ୍କୁ ପଚାରିବାରେ କହିଛନ୍ତି ଯେ, ଏତଲା ପାଇବା ପରେ ଆମେ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛୁ।

## ପୁରୀ ବେଳାଭୂମି, ସୂର୍ଯ୍ୟମନ୍ଦିର ପରିସରରେ ଓଲି

କୋଣାର୍କ/ପୁରୀ ଅଫିସ, ୮।୨(ଡି.ଏନ୍.ଏ.)



କୋଣାର୍କ ସୂର୍ଯ୍ୟମନ୍ଦିର ପରିସରରେ ଶନିବାର ପୂର୍ବାହ୍ନ ୧୦ଟାରେ ହକି ଇଣ୍ଡିଆର ପ୍ରୋ ଲିଗ ଟ୍ରଫି ଏବଂ ଓଲି ପ୍ରଦର୍ଶିତ ହୋଇଥିଲା। ହକି ଇଣ୍ଡିଆର ଏଫଆଇଏଚ ପ୍ରୋ ଲିଗ ଟ୍ରଫି ଓ ଓଲି କୋଣାର୍କ ସୂର୍ଯ୍ୟମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ପହଞ୍ଚିବା ପରେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ସେମାନଙ୍କୁ ସ୍ୱାଗତ କରିଥିଲେ। ହକି ଇଣ୍ଡିଆର ଓଲି ଓ ଟ୍ରଫିକୁ ସୂର୍ଯ୍ୟମନ୍ଦିର ପରିସରରେ ବୁଲାଯାଇଥିଲା। ଏହି ଅବସରରେ କୋଣାର୍କ ଏଏସଆଇ ଅଧିକାରୀ ନିରୋଜ ସିଂ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କୋଣାର୍କ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଥିଲେ।

ସେହିପରି ପୁରୀ ବେଳାଭୂମିରେ ଏହି ଲିଗ୍‌ର ଟ୍ରଫି ଏବଂ ମାସ୍କଟ ଓଲିକୁ ପ୍ରଦର୍ଶନ କରାଯାଇଥିଲା। ଓଲିକୁ ଦେଖିବା ପାଇଁ ପର୍ଯ୍ୟଟକଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା। ବିଶେଷକରି ଲାଇଫ୍‌ଗାର୍ଡମାନେ ଏହା ସହିତ ହାତ ମିଳାଇଥିଲେ। ଭିକ୍ଟୋରିଆ ହୋଟେଲ ସମ୍ମୁଖ ବେଳାଭୂମିରେ ଓଲି ପହଞ୍ଚିଥିଲା। ହାତରେ ବେଲୁନ ଧରି ବୁଲିବା ସହ ଓଟ ଉପରେ ଟ୍ରଫି ଧରି ବସି ମଜା ନେଇଥିଲା ଓଲି। ଏହି ଅବସରରେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## କ୍ରୀଡ଼ା ପ୍ରତିଯୋଗିତାରେ କମ୍ପିଲା କ୍ୟାମ୍ପସ

ପୁରୀ ଅଫିସ, ୮।୨

### ଅନ୍ତଃପରିସରୀୟ ଏକାଦଶ ଯୁବ ମହୋତ୍ସବର ୩ୟ ଦିନ



ଛାତ୍ରମାନଙ୍କ ମଧ୍ୟରେ କବାଡ଼ି ପ୍ରତିଯୋଗିତା ଚାଲିଛି।

ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ ପକ୍ଷରୁ ପୁରୀସ୍ଥିତ ସଦାଶିବ କ୍ୟାମ୍ପସରେ ଆୟୋଜିତ ଅନ୍ତଃପରିସରୀୟ ଏକାଦଶ ଯୁବ ମହୋତ୍ସବର ୩ୟ ଦିନରେ ଶନିବାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୁଭାଷିତ କଣ୍ଠପାଠ (ବାଳକ) ପ୍ରତିଯୋଗିତାରେ ଗଣେଶ ବିଶ୍ୱେଶ୍ୱର ଭଟ୍ଟ, ଅନ୍ତରୀକ୍ଷ ଅଗ୍ରୱାଲ, ଭାସ୍କର ବାନାର୍ଜୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଏକକ ଶାସ୍ତ୍ରୀୟ ସଙ୍ଗୀତ ପ୍ରତିଯୋଗିତାରେ ଭଗବତୀ ପାଣିଗ୍ରାହୀ, ଏଚ୍.ବି. ସତ୍ୟ ପ୍ରମୋଦ, ରେଶ୍ମା କେ.ଏସ୍, ସଂସ୍କୃତମ୍ ପ୍ରତିଯୋଗିତାରେ ସୁଦର୍ଶନ ଏମ୍.ଏସ୍, ରାଜେନ୍ଦ୍ର କୁଲକର୍ଣ୍ଣୀ, ଆକାଶ ଗୌରୋଲା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସମୂହ ନୃତ୍ୟ ପ୍ରତିଯୋଗିତାରେ କେରଳ ପ୍ରଥମ, ସଦାଶିବ ପରିସର ଦ୍ୱିତୀୟ, ହିମାଚଳ ପ୍ରଦେଶ କ୍ୟାମ୍ପସ ତୃତୀୟ ହୋଇଛି। ବିଚାରକ ଭାବେ ଗୁରୁ ରାମହରି ଦାସ, ଡ. ମଣିକଣ୍ଠମ ବିଦ୍ୱାନ ଶଙ୍କର ଭଟ୍ଟ, ବିଶ୍ୱନାଥ ପଣ୍ଡା, ଡ. ପ୍ରିୟବ୍ରତ ମିଶ୍ର, ସଞ୍ଜୟ ମଲ୍ଲିକ, ଡ. ଭାର୍ଗବ ଠକ୍କର, ବିଜୟକୃଷ୍ଣ ଜେନା, ଡାଲିଭାର୍ଗବୀ ଏବଂ ରୋଜାଲିନ୍ ମହାନ୍ତି ଯୋଗ ଦେଇଥିଲେ। ସେହିପରି କବାଡ଼ି ପ୍ରତିଯୋଗିତାରେ ଭୋପାଳ, ଜୟପୁର, ଲକ୍ଷ୍ନୌ ଓ ପୁରୀ ସଦାଶିବ କ୍ୟାମ୍ପସ ବିଜୟ ଲାଭ କରିଛି। ବ୍ୟାଡମିଣ୍ଟନ(ମହିଳା)ରେ ରାଜୀବ ଗାନ୍ଧୀ ପରିସର, ଜମ୍ମୁ, ଜୟପୁର ବିଜୟଲାଭ କରିଛି। ଚେସ୍ (ବାଳକ)ରେ ଜୟପୁରର ଅମନ ଜୈନ, ସଦାଶିବର ପ୍ରଦୋଷ ଓ ଶୃଙ୍ଗେରୀର ଶ୍ରୀପାଠୀ ଏସ୍.ପି ଏବଂ ଚେସ୍ (ବାଳିକା)ରେ ଭୋପାଳର ପ୍ରଜ୍ଞା, ଶୃଙ୍ଗେରୀର ମଥାମି. କେ. ଏନ୍ ଏବଂ ଲକ୍ଷ୍ନୌର ମଧୁସ୍ମିତା ବାରିକ୍ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସନ୍ଧ୍ୟାରେ ବିଭିନ୍ନ ପ୍ରାନ୍ତର ଛାତ୍ରୀଛାତ୍ରମାନେ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ଲୋକନୃତ୍ୟ ପରିବେଷଣ କରିଥିଲେ। ରବିବାର ଚିତ୍ରକଳା ସାଂସ୍କୃତିକ ପ୍ରତିଯୋଗିତା, ଆଶୁଚିତ୍ର, ଆଶୁଭାଷଣ, ସଂସ୍କୃତ ଗୀତ, ଗଦ୍ୟ ରଚନା, ଏକକ ଅଭିନୟ, ଶୈକ୍ଷିକ ଲଘୁ ଚଳଚ୍ଚିତ୍ର, ମଲ୍ଲଯୁଦ୍ଧ, ଦୌଡ଼, ଉଚ୍ଚଡିଆଁ, ଡିସ୍କସ୍ ଥ୍ରୋ, ୨ଶହ, ୪ ଶହ ଓ ୮ଶହ ମିଟର ଦୌଡ, ବ୍ୟାଡମିଣ୍ଟନ(ପୁରୁଷ ଓ ମହିଳା) ଭଲିବଲ, ଖୋ ଖୋ(ମହିଳା), କବାଡ଼ି (ପୁରୁଷ) ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସଦାଶିବ ପରିସର ଅଧକ୍ଷ ପ୍ରଫେସର ହରେକୃଷ୍ଣ ମହାପାତ୍ର ସୂଚନା ଦେଇଛନ୍ତି।